

ରାଘବ ହେଲେ ରାଜ୍ୟସଭା ଯାଚିକା ସମିତି ଅଧ୍ୟକ୍ଷ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 62 ଭାଗ ୩୪ | ସଂଖ୍ୟା ୬୨ | Sunday 24 May 2026 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୨୪ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ରୋଜଗାର ମେଳାରେ ୫୧ ହଜାର ଯୁବକଯୁବତୀଙ୍କୁ ମିଳିଲା ନିଯୁକ୍ତିପତ୍ର

# ବିକଶିତ ଭାରତ ଯାତ୍ରାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

- ଓଡ଼ିଶାର ୧୮୬ ପ୍ରାର୍ଥୀଙ୍କୁ ମିଳିଲା ସରକାରୀ ପଦବୀ
- ଯୁବଶକ୍ତିକୁ ସୁଯୋଗ ସହ ସଶକ୍ତ ପାଇଁ ସରକାର ଅଙ୍ଗୀକାରବଦ୍ଧ
- ଭାରତର ଯୁବ ଜନସଂଖ୍ୟା ଓ ବୈଷୟିକ ପ୍ରଗତି ନେଇ ବିଶ୍ୱ ଉତ୍ସାହିତ
- ଏସବୁ କ୍ଷେତ୍ରରେ ସହଭାଗିତା ନୂଆ ଅର୍ଥନୀତି ଓ ନୂଆ ସୁଯୋଗ ଖୋଲିଛି
- ଯୁବକଙ୍କ ଉର୍ଜା ଓ ଉତ୍ସାହ ଜନସେବାରେ ପ୍ରତିଫଳିତ ହେଉ: ମୋଦି



ନୂଆଦିଲ୍ଲୀ/ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ୧୯ତମ ରୋଜଗାର ମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ପ୍ରତିଷ୍ଠାନରେ ନୂଆକରି ନିଯୁକ୍ତି ପାଇଥିବା ୫୧,୦୦୦ରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି ସେ ଏହି ଅବସରକୁ ସାରା ଦେଶର ହଜାର ହଜାର ଯୁବକଯୁବତୀଙ୍କ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ ବୋଲି କହିଥିଲେ। ସରକାରୀ ସେବାରେ ନୂତନ ପ୍ରବେଶକାରୀଙ୍କୁ ସ୍ୱାଗତ କରି, ସେ ରେଳ, ବ୍ୟାଙ୍କିଙ୍ଗ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସମେତ ଭାରତର ବିକାଶରେ ସେମାନଙ୍କର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। 'ଆଗାମୀ ବର୍ଷଗୁଡ଼ିକରେ, ଆପଣମାନେ ସମସ୍ତେ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ' ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ଭୁବନେଶ୍ୱରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସାଧୁତା ଓ ନିଷ୍ଠା ବଜାୟ ରଖି ନିଜ ନିଜ ସଂଗଠନ ମଧ୍ୟରେ ➪ପୃଷ୍ଠା-୬



# ଛୁଟି ଦିନରେ ଅଫିସ୍ କଲେ ମୁଖ୍ୟମନ୍ତ୍ରୀ

- ବିକାଶ ପାଇଁ ଶାନ୍ତି ଆବଶ୍ୟକ
- ପୁଲିସ ଦକ୍ଷତା ଓ ସତର୍କତାର ସହ କାମ କରିବା ଜରୁରୀ
- ଶିଳ୍ପାୟନ ପ୍ରକ୍ରିୟାର ଅଗ୍ରଗତି ନେଇ ଆଲୋଚନା

ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚତୁର୍ଥ ଶନିବାର ଛୁଟି ଦିନରେ ସ୍ଥାନୀୟ ଖାରବେଳ ଭବନରେ ଅଫିସ କାର୍ଯ୍ୟ କରିବା ସହ ଉଚ୍ଚ ପଦାଧିକାରୀମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ସରକାରଙ୍କ ପ୍ରତିଶ୍ରୁତି ପାଳନ, ଯୋଜନାର କ୍ରିୟାନ୍ୱୟନ, ଶିଳ୍ପାୟନ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।

ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକରେ ପୁଲିସ ପ୍ରଶାସନକୁ କେତେକ ବାସ୍ତବବାଦୀ ପରାମର୍ଶ ଦେଇଥିଲେ। ଆଜି ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ସେହି ନିର୍ଦ୍ଦେଶଗୁଡ଼ିକର ଅନୁପାଳନ ସମ୍ପର୍କରେ ଆଲୋଚନା ମଧ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ➪ପୃଷ୍ଠା-୬

■ ବିଷାକ୍ତ ରସାୟନ ଟାଙ୍କି ଓଭରହିଟ୍

## ସ୍ଥାନାନ୍ତର ହେବେ ୪୦ ହଜାର

କାଲିଫର୍ଣ୍ଣିଆ,୨୩।୫:ମିଥାଇଲ୍ ମିଥାକ୍ରାଇଲେଟ୍ ରସାୟନ ଭରା ଏକ ଟାଙ୍କି ଓଭରହିଟ୍ ହେବା କାରଣରୁ କାଲିଫର୍ଣ୍ଣିଆର ଅରେଞ୍ଜ କାଉଣ୍ଟିରେ ଆତଙ୍କ ସୃଷ୍ଟି ହୋଇଛି। ଟାଙ୍କି କେତେବେଳେ ବି ଫାଟିପାରେ କିମ୍ବା ଲିକ୍ ହୋଇପାରେ ବୋଲି ଆଶଙ୍କା କରି ସ୍ଥାନୀୟ କର୍ତ୍ତୃପକ୍ଷ ଆଖପାଖ ୯ ବର୍ଗ ମାଇଲ ଅଞ୍ଚଳରୁ ପ୍ରାୟ ୪୦ ହଜାର ଲୋକଙ୍କୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀମାନେ ଦୁଇଦିନ ଧରି ଏହି ଟାଙ୍କିକୁ ଲିକ୍ ହେବାରୁ କିମ୍ବା ବିସ୍ଫୋରଣ ହେବାରୁ ରୋକିବା ଲାଗି ଚେଷ୍ଟା କରୁଛନ୍ତି। ମିଥାଇଲ ମିଥାକ୍ରାଇଲେଟ୍ ରସାୟନ ମୁଖ୍ୟତଃ ପ୍ଲାଷ୍ଟିକ୍ ଉତ୍ପାଦନ ଲାଗି ବ୍ୟବହୃତ ହୋଇଥାଏ। ଏହି ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସିଲେ ଭୟଙ୍କର ଶ୍ୱାସକ୍ରିୟା ଜନିତ ସମସ୍ୟା ସୃଷ୍ଟି ହେବ ବୋଲି ପରିବେଶ ସୁରକ୍ଷା ସଂସ୍ଥାଗୁଡ଼ିକ ସତର୍କ କରାଇଦେଇଛନ୍ତି। ଅଗ୍ନିଶମ ସଂସ୍ଥାଗୁଡ଼ିକ ଦୁଇଦିନ ଧରି ପାଣି ପକାଇ ଟାଙ୍କିର ଉତ୍ତାପକୁ କମ୍ କରିବାକୁ ପ୍ରୟାସ ଜାରି ରଖିଛି।

## ୟୁକ୍ରେନ୍ ଡ୍ରୋନ ମାଡ଼ରେ ୧୮ ଛାତ୍ର ମୃତ

ମସ୍କୋ,୨୩।୫:ରୁଷ୍ ଅଧିକୃତ ଏକ କଲେଜର ଛାତ୍ରାବାସ ଉପରେ ୟୁକ୍ରେନର ଘାତକ ଆକ୍ରମଣରେ ୧୮ ଜଣଙ୍କର ମୃତ୍ୟୁ ଘଟିବା ପରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କ୍ଷୁବ୍ଧ ହେବା ସହିତ ୟୁକ୍ରେନ୍ ଉପରେ ପାଲଟା ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଲୁହାନସ୍କ ସହରରେ ଥିବା ଷ୍ଟାରୋବିଲସ୍କ ଛାତ୍ରାବାସ ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣକୁ ପୁଟିନ୍ ଆତଙ୍କବାଦୀ କାର୍ଯ୍ୟ ସହ ତୁଳନା କରିଛନ୍ତି। ତେବେ ୟୁକ୍ରେନ୍ ସେନା ପକ୍ଷରୁ ଏହାକୁ ପ୍ରତ୍ୟାଖ୍ୟାନ୍ କରାଯାଇଛି। ଏଥିସହ ରୁଷ୍ ମିଡ଼ିଆ ୟୁକ୍ରେନକୁ ବଦନାମ କରିବା ପାଇଁ କପୋଳକଳ୍ପିତ କାହାଣୀ ପ୍ରଚାର କରୁଛି ବୋଲି ୟୁକ୍ରେନ ସେନା ଅଭିଯୋଗ କରିଛି।

# ୫ ସ୍ଥାନରେ ୪୫° ଡେଇଁଲା ପାରଦ

- ୪୫.୨ ଡିଗ୍ରୀ ସହ ତତଲା ସହର ଝାରସୁଗୁଡ଼ା
- ୨୬ ପରେ ଉପକୂଳ ଓଡ଼ିଶାରେ ଆଶ୍ୱସ୍ତି ସମ୍ଭାବନା
- ପଶ୍ଚିମକୁ ତ୍ରାହି ମିଳିବା ସମ୍ଭାବନା ଯଥେଷ୍ଟ କମ୍



ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ) : ଓଡ଼ିଶାରେ ଆଜି ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ଜାରି ରହିଛି। ଖରାତାତି ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ରାଜ୍ୟର ୩ ଜିଲ୍ଲାକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। କୋରାପୁଟ, ସୁନ୍ଦରଗଡ଼, ମୟୂରଭଞ୍ଜ ଜିଲ୍ଲାକୁ ୩ ଘଣ୍ଟା ପାଇଁ ଘଡ଼ଘଡ଼ି ସହ ବର୍ଷା ସତର୍କତା ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ତେବେ ଦିନକୁ ଦିନ ଜନସାଧାରଣଙ୍କ ଜ୍ୱାଳା ବଢ଼ିଚାଲିଛି। ଏପରିକି ଆଜି ପଶ୍ଚିମ ଓଡ଼ିଶାର ୫ଟି ସ୍ଥାନର ପାରଦ ୪୫ ଡିଗ୍ରୀ ପାର୍ କରିଛି। ଏମାନଙ୍କ ମଧ୍ୟରେ ଝାରସୁଗୁଡ଼ାରେ ପୂର୍ବପରି ସର୍ବାଧିକ ତାପମାତ୍ରା ରହିଛି। ଏଠାରେ ଆଜିର ତାପମାତ୍ରା ୪୫.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର, ହୀରାକୁଦ, ଟିଟିଲାଗଡ଼ ଓ ବୌଦ୍ଧରେ ୪୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅଧିକନ୍ତୁ ଆସନ୍ତା ୨୫ ତାରିଖ ଯାଏଁ ଏଭଳି ସ୍ଥିତି ଲାଗି ରହିବ। ରାଜ୍ୟରେ ଆସନ୍ତା ୨୫ ତାରିଖ ➪ପୃଷ୍ଠା-୬

### ନିୟନ୍ତ୍ରଣରେ ନାହିଁ ପେଟ୍ରୋଲ, ଡିଜେଲ ଦର

# ୧୦ ଦିନରେ ୩ ଥର ବଢ଼ିଲାଣି



- ପେଟ୍ରୋଲ ୧୧୮ ଛୁଇଁବା ଆଶଙ୍କା
- ତେଲ ସହ ମହଙ୍ଗା ହେଉଛି ବଜାର
- ଭାଟ୍ କମାଇବାକୁ ଦାବି

ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ): ମଧ୍ୟପ୍ରାଚ୍ୟରେ ସ୍ଥିତି ସ୍ୱାଭାବିକ ହେଉ ନ ଥିବାରୁ ଭାରତର ତେଲ ବଜାରରେ ନିଆଁ ଲାଗିଛି। ଗତ ୧୦ ଦିନ ମଧ୍ୟରେ ତିନି ଥର ବଢ଼ିଲାଣି ଦର। ଆଜି ପୁଣି ମହଙ୍ଗା ହୋଇଛି ପେଟ୍ରୋଲ ଓ ଡିଜେଲ୍। ଲିଟର ପିଛା ପ୍ରାୟ ଟଙ୍କାଏ ଲେଖାଏଁ ବୃଦ୍ଧି ଘଟିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁଁ ଅଶୋଧିତ ତୈଳ ଦରରେ ବୃଦ୍ଧି ଘଟୁଛି ଏବଂ ତୈଳ କମ୍ପାନୀ କ୍ଷତି ସହୁଥିବା କଥା କହୁଛନ୍ତି। ଏପରିକି ଆଗକୁ ବି ଦର ବୃଦ୍ଧି ଟ୍ରେଣ୍ଡ ଜାରି ରହିବ। ଏଭଳି ସ୍ଥିତିରେ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ ହ୍ରାସ କରି ଖାଉଟିଙ୍କ ବୋଝ ହାଲକା କରିବାକୁ ଦାବି କରିଛନ୍ତି ବିରୋଧୀ।

ଗତ ୧୫ ତାରିଖରେ ଲିଟର ପିଛା ପେଟ୍ରୋଲ ୩ ଟଙ୍କା ୨୨ ପଇସା ଓ ଡିଜେଲ ୩ ଟଙ୍କା ୧୯ ପଇସା ବଢ଼ିଥିଲା। ସେହିପରି ଗତ ୧୯ରେ ପେଟ୍ରୋଲ ଦର ୯୩ ପଇସା ଓ ଡିଜେଲ ଦର ୯୬ ପଇସା ବଢ଼ିଲା। ଏହାଛଡ଼ା ଆଜି ୨୩ ତାରିଖରେ ପୁଣି ପେଟ୍ରୋଲ ଦର ଲିଟର ପିଛା ୯୨ ପଇସା ଓ ଡିଜେଲ ୯୬ ପଇସା ବଢ଼ିଛି। ୩ ଥରରେ ବଢ଼ିଲାଣି ୫ରୁ ଅଧିକ ଟଙ୍କା। ସକାଳୁ ସକାଳୁ ଗାଡ଼ି ଟାଙ୍କିରେ ଲଗାଇବା ବେଳକୁ ବଦଳିଯାଉଛି ଦର। ଆଜି ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପମ୍ପରେ ପେଟ୍ରୋଲ ଲିଟର ପିଛା ଦର ରହିଛି ୧୦୬ ଟଙ୍କା ୩୩ ପଇସା। ସେହିପରି ଡିଜେଲ ଲିଟରକୁ ୯୭ ଟଙ୍କା ୯୨ ପଇସା। ଏହାଛଡ଼ା ସ୍ପିଡ୍ ପେଟ୍ରୋଲ ୧୧୫ ଟଙ୍କା ୪୭ ପଇସାରେ ପହଞ୍ଚିଛି। ପଶ୍ଚିମ ଏସିଆ ସଂକଟ ଯୋଗୁ ଅଶୋଧିତ ତୈଳ ଦରରେ ମଧ୍ୟ ନିୟମିତ ବୃଦ୍ଧି ହେଉଛି। ଅନ୍ତର୍ଜାତୀୟ ବଜାରରେ କ୍ରୁଡ ଅଏଲ ଦର ବ୍ୟାରେଲ ପିଛା ୧୧୩ ଡଲାରରେ ପହଞ୍ଚିସାରିଲାଣି। ଯାହାର ପ୍ରଭାବ ଭାରତୀୟ ବଜାର ଉପରେ ପଡ଼ୁଛି। ➪ପୃଷ୍ଠା-୬

### ଉମରକୋଟ ଟ୍ରିପଲ ମର୍ଡର ଘଟଣା

# ୧୯ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ




ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ବାଉଁଶବେଡ଼ା ଗାଁରେ ଗତ ୨୦୧୬ରେ ଘଟିଥିବା ଏକ ଟ୍ରିପଲ ହତ୍ୟା ଓ ଘରପୋଡ଼ି ଘଟଣାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଏକ ଐତିହାସିକ ରାୟ ଦେଇ ୧୯ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଡାୟନ ଭତ୍ରା, ଯୋଗେନ୍ଦ୍ର ଭତ୍ରା, ଦେବନାଥ କୁମ୍ଭାର, ସୋମନାଥ ଭତ୍ରା, ଦେବୀ ସିଂ ମାଝୀ, ପର୍ଶୁରାମ ଭତ୍ରା, ମାଟୁ ଭତ୍ରା, ବୁଦୁରାମ ଭତ୍ରା, ବୁଦୁ ଭତ୍ରା, ଦୈତାରି ଗୌଡ଼, ରଘୁ ଭତ୍ରା, ଘାସିରାମ ଓରଫ୍ ଗଞ୍ଜା ହରିଜନ, ସମାରୁ ଓରଫ ବୁଟି ଭତ୍ରା, ମଦନ ଗୌଡ଼, କମଳଲୋଚନ ଭତ୍ରା, ନନ୍ଦ ଭତ୍ରା, ଉଦ୍ଧବ ଭତ୍ରା, ରମେଶ ଭତ୍ରା ଓ ରବି ଭତ୍ରା।

ଏଥିସହ କୋର୍ଟ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ଆଦେଶ ଦେଇଥିବା ବେଳେ କେବଳ ଜଣଙ୍କ ଉପରେ ୫ ହଜାର ଟଙ୍କାର ଡଣ୍ଡ ଲଗାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଉମରକୋଟ ବ୍ଲକ୍ର ପୂର୍ବତନ ବିଜେଡି ଅଧ୍ୟକ୍ଷା ଦେବୀ ସିଂହ ମାଝୀ ସ୍ୱାସ୍ଥ୍ୟଗତ କାରଣରୁ ରାୟ ଘୋଷଣା ସମୟରେ ଅନୁପସ୍ଥିତ ଥିଲେ। କୋର୍ଟରେ ଉପସ୍ଥିତ ଥିବା ଅବଶିଷ୍ଟ ଅଭିଯୁକ୍ତଙ୍କୁ କୋର୍ଟରୁ ସିଧାସଳଖ ଜେଲକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଦୀର୍ଘଦିନରୁ ଥିବା ଏକ ଜମି ବିବାଦକୁ କେନ୍ଦ୍ରକରି ଗତ ୨୦୧୬ ଜୁଲାଇରେ ଦୁଇଗୋଷ୍ଠୀ ➪ପୃଷ୍ଠା-୬

### ଆଇପିଏସ ସ୍ତରରେ ବଡ଼ ଅଦଳବଦଳ

# ବଦଳିଲେ ରାଜ୍ୟପାଳଙ୍କ ଏଡିସି



୮ ଜିଲ୍ଲାରେ ନୂଆ ଏସପିଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ରାଜ୍ୟରେ ସୃଷ୍ଟି ହୋଇଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇପିଏସ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟପାଳଙ୍କ ଏଡିସିଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ତାଙ୍କୁ ରାଜଭବନରୁ ହଟେଇ ଦିଆଯାଇଛି। ୮ ଜିଲ୍ଲାର ଏସପି ସମେତ ଦୁଇ ଜଣ ଏଡିଶନାଲ ଏସପିଙ୍କୁ ଏପି ଭାବେ ପଦୋନ୍ନତି ଦିଆଯାଇ ନୂଆ ନିଯୁକ୍ତି ମିଳିଛି। ନବରଙ୍ଗପୁର ଏସପି ଦାୟିତ୍ୱରେ ଥିବା ଡିଆଇଜି ମଡକର ସନ୍ଦୀପ ସମ୍ପତଙ୍କୁ କ୍ରାଇମବ୍ରାଞ୍ଚ ଡିଆଇଜି ଭାବେ ବଦଳି କରାଯାଇଛି। କ୍ରାଇମବ୍ରାଞ୍ଚ ଏସପି ପରମାର ସ୍ମିତଙ୍କୁ ନୟାଗଡ ଏସପି ଭାବେ ବଦଳି କରାଯାଇଛି। ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମାଙ୍କୁ କ୍ରାଇମବ୍ରାଞ୍ଚ କଟକ ଏସପି ଭାବେ ବଦଳି କରାଯାଇଛି। ସେହିଭଳି ରାୟଗଡ଼ା ଏସପି ସ୍ୱାତୀ ଏସ. କୁମରାଙ୍କୁ ଏସଟିଏଫ ଭୁବନେଶ୍ୱର ଏସପି ଭାବେ ବଦଳି କରାଯାଇଥିବା ବେଳେ ବରଗଡ଼ ଏସପି ପ୍ରହ୍ଲାଦ ସହାୟ ମୀନାଙ୍କୁ ➪ପୃଷ୍ଠା-୬

### ପୁଣି ବିବାଦରେ ପିସିସି ସଭାପତି

# ହାଇକମାଣ୍ଡଙ୍କୁ ଅଭିଯୋଗ କଲେ ରାଜ୍ୟ ପ୍ରଭାରୀ!



- ୧୦ ପୃଷ୍ଠାର ଅଭିଯୋଗପତ୍ର ନେଇ ଜାତୀୟ ସ୍ତରରେ ଚର୍ଚ୍ଚା
- ଟ୍ୱିଟ କରିଥିବା ସାମ୍ବାଦିକଙ୍କୁ ଲିଗାଲ ନୋଟିସ ପଠାଇଲେ ଭକ୍ତ

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ଭକ୍ତ ଚରଣ ଦାସ ପିସିସି ସଭାପତି ଦାୟିତ୍ୱ ନେବାର କିଛି ମାସ ପରଠାରୁ ଆରମ୍ଭ ହୋଇଯାଇଛି ବିବାଦ। ସବୁଠୁ ବଡ଼ ବିବାଦ ଏବେ ସାମ୍ନାକୁ ଆସିଛି। ଭକ୍ତଙ୍କ ନାଁରେ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ ହାଇକମାଣ୍ଡଙ୍କୁ ଲିଖିତ ଭାବେ ଜଣାଇଥିବା ଚର୍ଚ୍ଚା ହେଉଛି। ଜଣେ ଜାତୀୟ ସ୍ତରର ସାମ୍ବାଦିକ ଏନେଇ 'ଏକ୍ସ'ରେ ପୋଷ୍ଟ କରିବା ପରେ ଏହି ବିବାଦ ସୃଷ୍ଟି ହୋଇଛି।

ସମ୍ପୃକ୍ତ ସାମ୍ବାଦିକ ଜଣଭଖି 'ଏକ୍ସ'ରେ କରିଥିବା ପୋଷ୍ଟ ଅନୁଯାୟୀ, ଭକ୍ତ ଓ ଅଜୟ ଲଲ୍ଲୁଙ୍କ ମଧ୍ୟରେ ପଟୁନାହିଁ। ଗତ ମାସେ ହେବ ଏହି ଦୁଇ ମଙ୍ଗୁଆଳଙ୍କ ମଧ୍ୟରେ କଥାବାର୍ତ୍ତା ନାହିଁ। ଭକ୍ତଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ନେଇ ଅଜୟ ଲଲ୍ଲୁ ହାଇକମାଣ୍ଡଙ୍କୁ ଏକ ➪ପୃଷ୍ଠା-୬

## ଜୟଦେବଙ୍କ ପରେ ନିରଞ୍ଜନ



ପିସିସି ସଭାପତିଙ୍କ ବିରୋଧରେ ଜୟଦେବ ଜେନାଙ୍କ ପରୋକ୍ଷ ବାଣ ପରେ ଆଜି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଟି-ଟ୍ୱେଣ୍ଟି ଉପାଖ୍ୟାନ ସହ ନିଶାଣ କରିଛନ୍ତି। ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିବାକୁ ହେଲେ ଟି-ଟ୍ୱେଣ୍ଟି କ୍ରିକେଟ ପରି ମ୍ୟାଚ ଖେଳିବାକୁ ପଡ଼ିବ ବୋଲି ନିରଞ୍ଜନ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଚାଲିଛି ଟି-ଟ୍ୱେଣ୍ଟି ରାଜନୀତି ମ୍ୟାଚ୍। ୨୦୨୪ ➪ପୃଷ୍ଠା-୬

### କୋଇଲା ଖଣିରେ ବିସ୍ଫୋରଣ

# ୯୦ ଜୀବନ ସ୍ୱାହା



ବେଜିଂ,୨୩।୫:ଚୀନ୍‌ର ଶାଂକ୍ସି ପ୍ରଦେଶରେ ଥିବା ଗୋଟିଏ କୋଇଲା ଖଣିରେ ଗ୍ୟାସ ବିସ୍ଫୋରଣ ଘଟି ଅତି କମରେ ୯୦ ଜଣଙ୍କ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଗତ ଦଶ ବର୍ଷ ମଧ୍ୟରେ ଚୀନରେ ଏହା ହେଉଛି ସବୁଠାରୁ ଭୟଙ୍କର ଖଣି ବିପର୍ଯ୍ୟୟ। ଚୀନର ସରକାରୀ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁସାରେ, କ୍ୱିନ୍ୟୁଆନ୍ କାଉଣ୍ଟିସ୍ଥିତ ଲିଉଶେନ୍ୟୁ କୋଇଲା ଖଣିରେ ବିସ୍ଫୋରଣ ଘଟିଛି। ବିସ୍ଫୋରଣ ବେଳେ ମାଟି ତଳେ ୨୪୭ ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ। ଜରୁରୀକାଳୀନ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଜୀବିତ ଥିବା ଶ୍ରମିକମାନଙ୍କ ତଲାସୀ ଆରମ୍ଭ କରିଛନ୍ତି। ଖଣି ଭିତରର ଗ୍ୟାସ୍‌ର ସ୍ତର ସୁରକ୍ଷା ସୀମା (ସେଫ୍ଟି ଲିମିଟ୍)ଠାରୁ ଅଧିକ ଥିବା ବେଳେ କାର୍ବନ ମନୋକ୍ସାଇଡ୍ ଆଲର୍ଟ ଜାରି ହେବାର କିଛି ସମୟ ପରେ ଏହି ବିସ୍ଫୋରଣ ହୋଇଥିବା ଅଧିକାରୀମାନେ କହିଛନ୍ତି। ଖଣି ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଗିରଫ କରାଯିବା ସହ ଖଣି ବିସ୍ଫୋରଣ କାରଣ ସଂକ୍ରାନ୍ତରେ ତଦନ୍ତ ଆରମ୍ଭ କରାଯାଇଥିବା ଚୀନର ସରକାରୀ ପ୍ରସାରଣକାରୀ ସିଜିଟିଏନ୍ ରିପୋର୍ଟ କରିଛି।



## କାନ ଡେରିଥା

ପୁଲିସକୁ ଏଠି ସ୍ୱାଧୀନତା
ଦେଲେ
ଅପରାଧ ହେବ ନାହିଁ
ରାଜନୀତି ପ୍ରେମେ ପୁଲିସ
ପଡନ୍ତି
ସଭିଏଁ ଜାଣନ୍ତି ଭାଇ
ଆଲୋଚନା କାହିଁପାଇଁ...
ସ୍ୱାଧୀନ ଭାରତେ ସ୍ୱାଧୀନତା
ଦେଇ
କଥାକୁ ଦିଅ ଏଡାଇ
ଅପରାଧ ହେବ ନାହିଁ ।

■ ଦେବାଶିଷ

# ପିକ୍ ଆୱାରରେ ଖସୁଛନ୍ତି ଘରୋଇ କମ୍ପାନୀ

### ✪ ସାହାରା ପାଲଟିଛି ସରକାରୀ ସଂସ୍ଥା ✪ ଚାହିଦା ଟପିଲାଣି ୭ ହଜାର ମେଗାୱାଟ୍



ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ): ରାଜ୍ୟରେ ଏବେ ଘନ ଘନ ବିଜୁଳି କାଟ୍‌କୁ ନେଇ ଯେଉଁ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି, ତାହା ହେଉଛି ଚୁକ୍ତି ମୁତାବକ ଓଡ଼ିଶାକୁ ବିଜୁଳି ଯୋଗାଉଥିବା ଘରୋଇ କମ୍ପାନୀ ବେଦାନ୍ତ ଓ ଜିନ୍ଦଲ ଏବେ ଆବଶ୍ୟକ ସମୟରେ ଖସିବାରେ ଲାଗିଛନ୍ତି। ବେଦାନ୍ତ ଅଧା ବିଜୁଳି ଦେଉଥିବା ବେଳେ ଜିନ୍ଦଲ ଆଦୌ ବିଜୁଳି ଦେଉନାହିଁ।

ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ସହ ରାଜ୍ୟରେ ବିଜୁଳି ଚାହିଦା ବୃଦ୍ଧି ପାଇଛି। ଗତ ପାଞ୍ଚ ଦିନ ହେଲା ପିକ୍ ସମୟରେ ୭ ହଜାର ମେଗାୱାଟରୁ ଅଧିକ ବିଜୁଳି ଆବଶ୍ୟକ ହେଉଛି। ପରେ ଅବଶ୍ୟ ଏହା ୬ ହଜାର ମେଗାୱାଟରୁ ସାଢ଼େ ୬ ହଜାର ମେଗାୱାଟ ମଧ୍ୟରେ ରହୁଛି। ହିତାଧିକାରୀମାନଙ୍କ ଚାହିଦା ପୂରଣ ପାଇଁ ବିତରଣ କମ୍ପାନୀ ଯେତିକି ମାଗୁଛି, ରାଜ୍ୟ ସରକାର ତା'ଠାରୁ ୧୫୦ରୁ ୨୦୦ ମେଗାୱାଟ୍ କମ୍ ବିଜୁଳି ଯୋଗାଣ କରୁଛନ୍ତି।

ତେବେ ବିଭିନ୍ନ ସୂତ୍ରରୁ ମିଳୁଥିବା ବିଜୁଳି ମଧ୍ୟରେ ରହିଛି ଚୁକ୍ତି ମୁତାବକ ବେଦାନ୍ତ କମ୍ପାନୀ ଓଡ଼ିଶା ସରକାରଙ୍କୁ ୬୦୦ ମେଗାୱାଟ ଓ ଜିନ୍ଦଲ କମ୍ପାନୀ ୨୦୦ ମେଗାୱାଟ ବିଜୁଳି ଦେବା କଥା। ହେଲେ ବେଦାନ୍ତ ଏବେ ୩୫୦ ମେଗାୱାଟ ବିଜୁଳି ଦେଉଥିବା ବେଳେ ଜିନ୍ଦଲ କମ୍ପାନୀ ଆଦୌ ବିଜୁଳି ଦେଉନାହିଁ। ଫଳରେ ରାଜ୍ୟ ସରକାର ଚାହିଦା ମୁତାବକ ବିଜୁଳି ଯୋଗାଇ ପାରୁନାହାନ୍ତି। ସ୍ଥିତି ସମ୍ଭାଳିବାକୁ ଯାଇ ବିତରଣ କମ୍ପାନୀଗୁଡ଼ିକ ପିକ୍ ସମୟରେ ବାରମ୍ବାର ଅଘୋଷିତ ବିଜୁଳି କାଟ୍ କରିବାକୁ ବାଧ୍ୟ ହେଉଛନ୍ତି।

ତେବେ ଏଭଳି ସମୟରେ ସାହାରା ପାଲଟିଛି ସରକାରୀ ସଂସ୍ଥା ଓପିଜିସି। ଓପିଜିସି ତା'ର କ୍ଷମତାର ପ୍ରାୟ ୯୮ ପ୍ରତିଶତ ଶକ୍ତି ଉତ୍ପାଦନ କରି ୧୭୦୦ ମେଗାୱାଟ ବିଜୁଳି ଯୋଗାଣ କରୁଛି। ଜଳବିଦ୍ୟୁତ୍ ଉତ୍ପାଦନ ମଧ୍ୟ ଜୋରଦାର ହେଉଛି। ଏହି ସୂତ୍ରରୁ ପାଖାପାଖି ୧୦୦୦ ମେଗାୱାଟ ବିଜୁଳି ମିଳୁଛି। ଏଥିସହ କେନ୍ଦ୍ରୀୟ ସଂସ୍ଥା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଚୁକ୍ତି ମୁତାବକ ଓଡ଼ିଶାକୁ ସେମାନଙ୍କର ଅଂଶ ପ୍ରଦାନ କରୁଥିବାରୁ କୌଣସି ପ୍ରକାରେ ସ୍ଥିତିକୁ ସମ୍ଭାଳି ନିଆଯାଉଛି।

ହେଲେ ଦୁଇ ଘରୋଇ କମ୍ପାନୀ ଡିରୋଟ ସମୟରେ କାହିଁକି ଚୁକ୍ତି ମୁତାବକ ବିଜୁଳି ଯୋଗାଣ କରୁନାହାନ୍ତି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଉଭୟ ସଂସ୍ଥା ସେମାନଙ୍କର ତାପଜ କେନ୍ଦ୍ର ପାଇଁ ଓଡ଼ିଶା ସରକାରଙ୍କଠାରୁ କୋଇଲା ଖଣି ପାଇଛନ୍ତି। ତଦନୁଯାୟୀ ଓଡ଼ିଶାକୁ ସେମାନେ ଚୁକ୍ତି ମୁତାବକ ବିଜୁଳି ଯୋଗାଇବା କଥା। ହେଲେ ଡିରୋଟ ସମୟରେ ନିଜ ନିଜର ବେପାର ପାଇଁ ସରକାରଙ୍କ ସହ କରିଥିବା ଚୁକ୍ତିକୁ ଅଣଦେଖା କରୁଥିବା ବେଳେ ସରକାର ବି ଆଶ୍ଚର୍ଯ୍ୟଜନକ ନୀରବତା ଅବଲମ୍ବନ କରୁଛନ୍ତି।

## ମହେଶ କର ଫାଉଣ୍ଡେସନ ପକ୍ଷରୁ ପଥଚାରୀଙ୍କୁ ଦହି ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ



ଗରଦପୁର, ୨୩।୫ (ସଂଚାର ବ୍ୟୁରୋ): ଅସହ୍ୟ ଗରମ ଗୁଳୁଗୁଳି ଲାଗି ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଥିବା ମହେଶ କର ଫାଉଣ୍ଡେସନ ଲଗାତାର ଜଳ ସେବା ଯୋଗାଇଆସୁଛି । ଦୀର୍ଘ ଦେଢ଼ ମାସରୁ ଊର୍ଦ୍ଧ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଥଚାରୀ ଙ୍କୁ ଶୋଷ ମେଣ୍ଟାଇବା ନିମନ୍ତେ ଦହି ସରବତ ଏବଂ ଗ୍ଲୁକୋଜ ପାଣି ବଣ୍ଟନ କାର୍ଯ୍ୟକ୍ରମ କରୁଛନ୍ତି । ଶୁକ୍ରବାର ଏହି କାର୍ଯ୍ୟକ୍ରମ ଗରଦପୁର ବଜାର ମଧ୍ୟରେ ଫାଉଣ୍ଡେସନ ପକ୍ଷରୁ ଆୟୋଜନ ହୋଇଥିଲା । ଏଥିରେ ଫାଉଣ୍ଡେସନ ର ଉପଦେଷ୍ଟା ପ୍ରଦୀପ ମହାନ୍ତି,ସମାଜସେବୀ ଭାଗିରଥି ଜେନା, ଗୋଲେଖ ଚନ୍ଦ୍ର ପଢ଼ିହାରି,ସାମ୍ବାଦିକ ଦେବଦତ୍ତ ଦାଶ,ଦେବେନ୍ଦ୍ର କୁମାର ଦାସ,ରାକେଶ ମହାନ୍ତି,ମୁକ୍ତେଶ୍ୱର ସ୍ୱାଇଁ,ପବିତ୍ର ପାଣି,ସ୍ମୃତି ରଞ୍ଜନ ଦାସ,ଗୋପାଳ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ଭାଳି ଥିଲେ। ଏହି କାର୍ଯ୍ୟକ୍ରମକୁ ଆଭାଷି ଜରିଆରେ ସ୍ୱର୍ଗତ କରଙ୍କ ସୁପୁତ୍ର ତଥା ଫାଉଣ୍ଡେସନ ର ପୃଷ୍ଟପୋଷକ ହିମାଂଶୁ ଭୂଷଣ କର(ହାପୀ) ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ୮୦୦ରୁ ଊର୍ଦ୍ଧ୍ୱ ପଥଚାରୀ ଦହି ସରବତ ଏବଂ ଗ୍ଲୁକୋଜ ପାଣି ପିଇକି ଅତ୍ୟଧିକ ତାତିରୁ ରକ୍ଷା ପାଇବା ପାଇଁ ଶୋଷ ମେଣ୍ଟାଇଥିଲେ ।

## ଆଲଫା ବେଷ୍ଟର ଶତାଧିକ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




କେନ୍ଦ୍ରାପଡ଼ା, ୨୩।୫ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲାର ସର୍ବପ୍ରଥମ +୨ ବିଜ୍ଞାନ କଲେଜ ତଥା ଜିଲାର ବେଷ୍ଟ କଲେଜ 'ଆଲଫା ବେଷ୍ଟ' ଆନୁକୂଲ୍ୟରେ ଚେୟାରମ୍ୟାନ ଡ. ଗନ୍ଧର୍ବ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ +୨ ବିଜ୍ଞାନ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନର ଛାତ୍ର ମନୀଷା ପାଇଟାଲ ସର୍ବାଧିକ ୫୮୧ ନମ୍ବର ରଖିଥିବା ବେଳେ ଶୁଭ୍ରାଂଶୁ ଶେଖର ଜେନା ୫୬୪ ନମ୍ବର, ବିଦ୍ୟୁତ ପ୍ରଭା ସେଠୀ ୫୫୮, ଅର୍ପିତା ସାହୁ ୫୫୦, ଶ୍ରେୟାଶ୍ରୀ ସ୍ୱାଇଁ ୫୪୩ ନମ୍ବର ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ଅତିଥିମାନେ ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ କ୍ଷୀରୋଦ ପ୍ରସାଦ ସାହୁ ଅତିଥି ମାନଙ୍କୁ ସ୍ୱାଗତ ଜଣାଇ କହିଲେ ଛାତ୍ରଛାତ୍ରୀମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କ ହାତରେ ଦେଶର ଭବିଷ୍ୟତ ନିର୍ଭର କରେ । ତେଣୁ ସେମାନେ ସୁନାଗରିକ ହେବା ଉଚିତ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ସମ୍ମାନିତ ଅତିଥି ମହାକାଳପଡା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡା ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ପଦ୍ମାଳୟା ପ୍ରଧାନ, ସମ୍ମାନିତ ବକ୍ତା ଭାବେ ଏଲ୍. ବି. ହାଇସ୍କୁଲର ଶିକ୍ଷକ ସଞ୍ଜୟ ଦାସ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଦେବା ସହ ଭବିଷ୍ୟତରେ ସୁନାଗରିକ ହୋଇ ଦେଶ ସେବା କରିବା ପାଇଁ ମାର୍ଗଦର୍ଶନ କରିଥିଲେ । ଅଧ୍ୟାପକ ଗୋପବନ୍ଧୁ ବେହେରା ଛାତ୍ରଛାତ୍ରୀମାନେ ସେମାନଙ୍କ ଭବିଷ୍ୟତରେ କିପରି ସଫଳ ବ୍ୟକ୍ତିଭାବେ ନିଜକୁ ଗଢ଼ି ତୋଳି ପାରିବେ ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡ. ସ୍ୱର୍ଣ୍ଣଲତା ରାଉତ ପାଠ ପଢ଼ା ସହ ସଂସ୍କାରବାଦୀ ହେବା ନିମନ୍ତେ ପିଲାମାନଙ୍କୁ ଉପଦେଶ ଦେଇଥିଲା ବେଳେ ଗୋବିନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ନକଲି ଅବକାରୀ ଅଧିକାରୀ ସାଜି ଚଢ଼ାଉ, ମଦ ଓ ଟଙ୍କା ନେଇ ଫେରାର

### ସିସିଟିଭିରେ ଧରାପଡ଼ିଲା କାରନାମା, କେନ୍ଦ୍ରାପଡ଼ାରେ ଚର୍ଚ୍ଚା

କେନ୍ଦ୍ରାପଡା,୨୩।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ସଦର ଥାନା ଏବଂ କୁଦାନଗରୀ ଥାନା ଅଞ୍ଚଳରେ ନକଲି ଅବକାରୀ ଅଧିକାରୀ ସାଜି କିଛି ଯୁବକ ଚଢ଼ାଉ କରିଥିବା ଘଟଣା ସାମ୍ନାକୁ ଆସିଛି । ରାତି ପ୍ରାୟ ୭ଟାରୁ ୮ଟା ୩୦ ମଧ୍ୟରେ ଗୋଟିଏ ଚାରି ଚକିଆ ଗାଡ଼ି ଓ ଗୋଟିଏ ବାଇକ୍‌ରେ ଆସିଥିବା ଯୁବକମାନେ ଚାରିଟି ସ୍ଥାନରେ ଚଢ଼ାଉ କରିଥିବା ଅଭିଯୋଗ ହୋଇଛି । ସେମାନେ କେବେ ନିଜକୁ ଅବକାରୀ ଅଧିକାରୀ, କେବେ ପୋଲିସ ଅଧିକାରୀ ଏବଂ କେବେ ସାମ୍ବାଦିକ ପରିଚୟ ଦେଇ ଚୋରା ମଦ ବେପାରୀଙ୍କୁ ଧମକ ଦେଇଥିବା ଚର୍ଚ୍ଚା ହେଉଛି । ଚଢ଼ାଉ ସମୟରେ ପ୍ରାୟ ୭୦ ବୋତଲ ମଦ ସହ ୧୦ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି । ଘଟଣାରେ ସଦର ଥାନା ଅଞ୍ଚଳର ଓସ୍ତପୁର ଗ୍ରାମର ବାଦଲ କୁମାର ଲେଙ୍କାଙ୍କ ନାମ ସାମ୍ନାକୁ ଆସିଛି । ସେ କିଛି ସାଥୀଙ୍କ ସହ ଏହି କାର୍ଯ୍ୟରେ ସାମିଲ ଥିବା କୁହାଯାଉଛି । ପରେ ମଦ ବ୍ୟବସାୟୀମାନେ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅନ୍ୟ ଲୋକଙ୍କୁ ପଚାରିବାରୁ ଜଣାପଡ଼ିଥିଲା ଯେ ଚଢ଼ାଉ କରିଥିବା ବ୍ୟକ୍ତିମାନେ ପ୍ରକୃତ ଅବକାରୀ ଅଧିକାରୀ ନୁହଁନ୍ତି । ପରେ କିଛି ଲୋକ ଅଭିଯୁକ୍ତଙ୍କ ଘରକୁ ଯାଇ ମଦ ଓ ଟଙ୍କା ଫେରାଇ ଆଣିଥିବା ସୂଚନା ମିଳିଛି । ଭୁଲ ମାଗିବା ପରେ ମାମଲାକୁ ସେଠାରେ ସମାଧାନ କରାଯାଇଥିବା ଚର୍ଚ୍ଚା ହେଉଛି ।

ଏହି ଘଟଣା ପରେ ଜିଲ୍ଲାରେ "ନକଲି ମଦକୁ ଧରୁଛି ନକଲି ଅଧିକାରୀ" ବୋଲି ଆଲୋଚନା ଜୋର ଧରିଛି । ଚୋରା ମଦ କାରବାର ବଢ଼ୁଥିବା ବେଳେ ପ୍ରକୃତ ଅବକାରୀ ବିଭାଗର କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି ।

# ତହସିଲ ପ୍ରଶାସନ ଉପରେ ଭାରୀ ପଡ଼ିଲେ ମହିଳା ସରପଞ୍ଚ

### ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିଲେ, ଲୋକଙ୍କ ବିରୋଧ ଯୋଗୁଁ ଫେରିଲେ



ମହାକାଳପଡ଼ା,୨୩।୫ (ସଂଚାର ବ୍ୟୁରୋ): ୧୨୬ ଜଣଙ୍କ ନାମରେ ଜବର ଦଖଲ ଉଚ୍ଛେଦ ପାଇଁ ନୋଟିସ ହୋଇଥିଲା। ହେଲେ ତହସିଲ ପ୍ରଶାସନ ଆକ୍ରୋଶମୂଳକ ଭାବରେ କେବଳ ଜଣଙ୍କ ଜବର ଦଖଲ ଉଚ୍ଛେଦ ପାଇଁ ଯାଇଥିବା ବେଳେ ସରପଞ୍ଚ ଓ ଲୋକଙ୍କ ଦ୍ୱାରା ହଟହଟା ହୋଇଥିବା ଦେଖିବାକୁ ମିଳିଛି। ଲୋକଙ୍କ ପ୍ରବଳ ବିରୋଧ ଯୋଗୁଁ ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିବା ପ୍ରଶାସନ ସଦଳବଳେ ଫେରିଆସିଛି। ଏହି ଘଟଣା ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଥିବା ବେଳେ ମହିଳା ସରପଞ୍ଚଙ୍କ ସାହାସି ପ୍ରୟାସକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ୍ ତିଖିରି ପଞ୍ଚାୟତର ତିଖିରେ ଗ୍ରାମରେ ୧୨୬ ଜଣ ସରକାରୀ ଜମି ଜବରଦଖଲ କରିଛନ୍ତି। ସେଥିପାଇଁ ଜବର ଦଖଲ ଉଚ୍ଛେଦ ନିମନ୍ତେ ସମସ୍ତଙ୍କୁ ସରକାରୀ ନୋଟିସ୍ ମଧ୍ୟ ଜାରି ହୋଇଥିଲା। ଶୁକ୍ରବାର ମହାକାଳପଡ଼ାର ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ରଙ୍କ ପ୍ରତିନିଧିତ୍ୱରେ ସ୍ଥାନୀୟ ପୁଲିସ ଓ ରାଜସ୍ୱ ନୀରିକ୍ଷକ ସଦଳବଳେ ତିଖିରିରେ ପହଞ୍ଚି କେବଳ ଜଣଙ୍କର ଜବର ଦଖଲ ଉଚ୍ଛେଦ ପାଇଁ ପହଞ୍ଚିଥିଲେ। ଯାହାକୁ ପ୍ରବଳ ବିରୋଧ କରିଥିଲେ ପଞ୍ଚାୟତର ମହିଳା ସରପଞ୍ଚ ଚାମେଲି ଓଝାଙ୍କ ସମେତ ଗ୍ରାମବାସୀ। ଗ୍ରାମର ୧୨୬ ଜଣଙ୍କର ଜବର ଦଖଲ ଉଚ୍ଛେଦ ପାଇଁ ନୋଟିସ କରାଯାଇଥିଲା ବେଳେ ଆକ୍ରୋଶମୂଳକ ଭାବରେ ଜଣଙ୍କର କାହିଁକି ଉଛେଦ କରାଯିବ ବୋଲି ସେମାନେ ପ୍ରଶ୍ନ କରିଥିଲେ। ପ୍ରଶାସନ କ୍ରମିକ ଭାବେ ଗୋଟିଏ ପରେ ଗୋଟିଏ ଜବର ଦଖଲ ଉଚ୍ଛେଦ କରିଲା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜବର ଦଖଲ ଉଚ୍ଛେଦ କରିବାକୁ ସେମାନେ ଅଡ଼ି ବସିଥିଲେ।

କେବଳ ସେତିକି ନୁହେଁ ପ୍ରବଳ ଖରା ଗରମରେ ପଞ୍ଚାୟତର ଲୋକେ ଛଟପଟ ହେଉଥିଲା ବେଳେ ଶହଶହ ସଂଖ୍ୟାରେ ବେଆଇନ୍ ଇଟା ଭାଟି ମାଲିକଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନେଇ ଇଟା ଭାଟି ପୋଡ଼ିବାକୁ ପ୍ରଶାସନ ପ୍ରଶ୍ରୟ ଦେଉଥିବା ମଧ୍ୟ ନିଶାନା କରିଥିଲେ ଚାମେଲି। ନଦୀପଠାରୁ ଶହଶହ ଟ୍ରିପ ମାଟି ତାଡ଼ି ନେଉଥିବା ଅଭିଯୋଗ ହୋଇଥିଲା ହେଲେ ସେତେବେଳେ ତହସିଲ ପ୍ରଶାସନ କେଉଁଠି ଶୋଇଥିଲା ବୋଲି ସେ ଜବାବ ମାଗିଥିଲେ। ସରପଞ୍ଚଙ୍କ ସମେତ ଗ୍ରାମବାସୀଙ୍କ ପ୍ରବଳ ବିରୋଧରେ ଉଚ୍ଛେଦ ପାଇଁ ଯାଇଥିବା ପ୍ରଶାସନ ଉଚ୍ଛେଦ ନକରି ଶେଷରେ କାନମୁଣ୍ଡ ଆଉଁସି ଫେରିଆସିଥିବା ଜଣାପଡିଛି।

ଏହି ଘଟଣାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ମହିଳା ସରପଞ୍ଚଙ୍କ ସାହାସିକତା ନେତୃତ୍ୱକୁ ସାଧାରଣ ଲୋକେ ବେଶ୍ ପ୍ରଶଂସା କରିଛନ୍ତି।

### ତେର ଗାଁ ପଞ୍ଚାୟତରେ ଉତ୍କଟ ପାନୀୟ ଜଳ ସମସ୍ୟା

## ଗରା, ମାଠିଆ ଧରି ଲୋକଙ୍କ ପ୍ରତିବାଦ



ମହାକାଳପଡ଼ା, ୨୩।୫ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତ ଅନ୍ତର୍ଗତ ବେଲାରନୁଆଗାଁ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ମେଗା ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନ ତରଫରୁ ଅସ୍ଥାୟୀ ଭାବେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେଉନାହିଁ। ଟ୍ୟାଙ୍କର ଚାରିପାଖରେ ଲୋକେ ପିମ୍ପୁଡ଼ି ଭଳି ଘେରି ପାଣି ଟୋପାଏ ପାଇଁ ଡହଳବିକଳ ହେଉଥିବା ଦେଖିବାକୁ ମିଳିଛି। ଲୋକଙ୍କ ପାଖରେ ଆବଶ୍ୟକତା ଅନୁଯାୟୀ ପାଣି ଯୋଗାଣ କରିବାରେ ପ୍ରଶାସନ ଫେଲ୍ ମାରିଛି ବୋଲି ଅଭିଯୋଗ ହୋଇଛି।

ଆଜି ଦିନ ପାଖାପାଖି ୧୧ ଘଟିକା ସମୟରେ ପାଣି ଗାଡ଼ି ପାଣି ଦେଉଥିଲା। ଲୋକେ ଗରା,ବାଲଟି ଧରି ପାଣି ନେବାକୁ ଲାଇନ୍ ଲଗାଇଥିଲେ ହେଲେ ଅଧା ଲୋକ ପାଣି ନେବାପରେ ପାଣି ଶେଷ ହୋଇଯାଇଥିଲା। ଯେଉଁଥିପାଇଁ ତାତି ଥିଲେ ଲୋକେ। ରାସ୍ତା ଉପରେ ଗରା ମାଠିଆ ଥୋଇ ରାସ୍ତା ଅବରୋଧ କରି ହୋହାଲ୍ଲା କରିଥିଲେ। ଖବର ପାଇ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଏନେଇ ଆମେ ମହାକାଳପଡ଼ା ବ୍ଲକ୍ ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ ସୁବ୍ରତ ସାହୁଙ୍କୁ ପଚାରିବାରୁ ମେଗା ପାନୀୟ ଜଳ ଯୋଗାଣରେ ସମସ୍ୟା ଥିବାରୁ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଛି। ଆଉ ତିନି ଦିନ ପରେ ମେଗା ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି।

## ରାସନ ସାମଗ୍ରୀ ପ୍ରଦାନରେ ଅନିୟମିତତା ଅଭିଯୋଗ




### ଜିଲ୍ଲାପାଳଙ୍କୁ ଗୁହାରୀ କଲେ ହିତାଧିକାରୀ

ଡେରାବିଶ,୨୩।୫ (ସଂଚାର ବ୍ୟୁରୋ): ଗରିବ ଲୋକଙ୍କୁ ରାସନ ସାମଗ୍ରୀ ସଠିକ ଭାବେ ଦେବାକୁ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି। ତେବେ ଏହାର ବ୍ୟତିକ୍ରମ ଡେରାବିଶ ବ୍ଲକ୍ ବାରିମୂଳ ପଞ୍ଚାୟତରେ ଦେଖୁବାକୁ ମିଳିଛି। ଏହି ପଞ୍ଚାୟତର ଖଣ୍ଡସାହି ଗ୍ରାମର ଭଗବତୀ ମଲିକ, ତୁଳସୀ ନାୟକ, ମାନସୀ ମଲିକ ରାସନ ସାମଗ୍ରୀରୁ ବଞ୍ଚିତ ହେଉଥିବା ନେଇ ପୃଥକ୍ ଭାବେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଖଣ୍ଡସାହି ଗ୍ରାମର ଭଗବତୀ ମଲିକଙ୍କ ଅଭିଯୋଗ ଅନୁଯାୟୀ ବାରିମୂଳ ପଞ୍ଚାୟତର ଶ୍ରୀଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଯୋଗାଣ ବିଭାଗ ପକ୍ଷରୁ ଡିଲର ଭାବେ ନିଯୁକ୍ତ କରାଯାଇଛି। ଦାୟିତ୍ୱରେ ଥିବା ସୁଦ୍ଧଦେବ ବେହେରା ନାମକ ଜଣେ ବ୍ୟକ୍ତି ରହିଛନ୍ତି। ରାସନ ସାମଗ୍ରୀରେ ଆସୁଥିବା ଚାଉଳ ଦେବା ପାଇଁ ହଇରାଣ କରୁଥିବା ଭଗବତୀ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି | ତାଙ୍କ ପାଖିକୁ ଚାଉଳ ନେବାକୁ ଆସିବା ସମୟରେ ଆଙ୍ଗୁଠି ଛାପ ପାଇଁ କହିଲେ ନେଟ୍ ନାହିଁ, ପରେ ଆସ କହି ଫେରାଇ ଦେଉଛନ୍ତି | ଜଣେ ଦିନମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଥିବା ଭଗବତୀଙ୍କୁ ବହୁ କଷ୍ଟରେ ଦୁଇ/ଚାରି ମାସରେ ଥରେ ଦାୟିତ୍ୱରେ ଥିବା ସୁଦ୍ଧଦେବ ଚାଉଳ ଦେଇ ଅବଶିଷ୍ଟ ଚାଉଳ ମାଗିଲେ ମୋତେ ଅପମାନ ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି ।

ସେହିପରି ଖଣ୍ଡସାହି ଗ୍ରାମର ତୁଳସୀ ନାୟକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ସେ ଜଣେ ବିଧବା ଓ ଦିନମଜୁରିଆ | ଜଣେ ଯୋଗ୍ୟ ମହିଳା ହିତାଧିକାରୀ ଭାବେ ତାଙ୍କୁ ଅନ୍ତୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରପଞ୍ଚଙ୍କୁ ବାରମ୍ବାର ନିବେଦନ କରିଆସୁଛନ୍ତି। ସରପଞ୍ଚଙ୍କ ପ୍ରତିନିଧି ଦାୟିତ୍ୱରେ ଥିବା ସୁଦ୍ଧଦେବ ବେହେରା ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେଲେ ଅନ୍ତୋଦୟ ଯୋଜନାରେ ବାସଗୃହ ମିଳିବ ବୋଲି କହି ମୋତେ ଏହି ଯୋଜନାରେ ସାମିଲ କରୁନାହାଁନ୍ତି । ଏତେ ଟଙ୍କା କେଉଁଠୁ ଆଣିବି ବୋଲି ତୁଳସୀ ଜିଲ୍ଲାପାଳଙ୍କ ନିକଟରେ କହିଛନ୍ତି। ଏହାଛଡ଼ା ରାସନ ସାମଗ୍ରୀ ଦାୟିତ୍ୱରେ ଥିବା ସୁଦ୍ଧଦେବ ତାଙ୍କୁ ଚାଉଳ ଥରେ ଦେଲେ ଅନ୍ୟ ଦୁଇ ମାସର ଚାଉଳ ଦେଉ ନ ଥିବା ତୁଳସୀ କହିଛନ୍ତି । ଅନ୍ୟପକ୍ଷରେ ସେହି ଖଣ୍ଡସାହି ଗ୍ରାମର ମାନସୀ ମଲିକ ମଧ୍ୟ ଜିଲ୍ଲାପାଳଙ୍କୁ ଭେଟି ସୁଦ୍ଧଦେବଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି । ସେ ଜଣେ ଦରିଦ୍ର ଓ ଦିନମଜୁରିଆ ଶ୍ରେଣୀର ମହିଳା । ଗତ ୧୦ ବର୍ଷ ହେଲା ମୋର ବିବାହ ହୋଇ ସାରିଥିଲେ ମଧ୍ୟ ସରପଞ୍ଚ ଓ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ସମସ୍ତ କାଗଜପତ୍ର ପ୍ରଦାନ କରିବା ପରେ ମଧ୍ୟ ମୋ ପରିବାରର ରାସନ କାର୍ଡରେ ମୋ' ନାମକୁ ସଂଯୋଗ କରାଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି। ସେ ବାରମ୍ବାର ଅନୁରୋଧ କଲାପରେ ସୁଦ୍ଧଦେବ ତାଙ୍କୁ ୩୦୦୦ ଟଙ୍କା ଦେଲେ ତାଙ୍କ ନାମ ରାସନ କାର୍ଡରେ ଯୋଡ଼ା ହେବ ବୋଲି ମାନସୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ନିରପେକ୍ଷ ତଦନ୍ତ କରାଯାଇ ସମ୍ପୃକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ହିତାଧିକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି । ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଡେରାବିଶ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଜଣା ରୋଗରେ ୫୦ରୁ ଊର୍ଦ୍ଧ୍ୱ ଗାଈ ମୃତ

### ପଶୁ ଚିକିତ୍ସା ଅଧିକାରୀଙ୍କ ଅବହେଳା ଅଭିଯୋଗ



କେନ୍ଦ୍ରାପଡ଼ା,୨୩।୫(ସଂଚାର ବ୍ୟୁରୋ): ଅଜଣା ରୋଗରେ ୫୦ ରୁ ଊର୍ଦ୍ଧ ଗାଈ ମଡ଼କ । ଅଜଣା ରୋଗ ଖାଲି କରି ଦେଇଛି ଗାଈ ଗୋଠ । ଦୁଇ ମାସ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଗାଈ ମୃତ୍ୟୁ ଘଟଣା ସାମ୍ନାକୁ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସହିରା ପଞ୍ଚାୟତ ଅଙ୍ଗାରଖିଅ ଗ୍ରାମରେ। ଗାଈ ପାଳନ କରି ଜୀବିକା ନିର୍ବାହ କରୁଥିବା ଲୋକେ ଅଭିଯୋଗ କହିଛନ୍ତି। ସେମାନଙ୍କ କହିବା ଅନୁସାରେ କାହାର ଗୋଟେ ଗାଈ ତ କାହାର ସମ୍ପୂର୍ଣ୍ଣ ଗୋଠ ଖାଲି ହୋଇଯାଇଛି । ଏକାଧିକ ଗାଈ ମୃତ ପରେ ଗାଈ ପାଳକଙ୍କ ମଧ୍ୟରେ କୋକୁଆ ଭୟ ଦେଖା ଦେଇଛି । ଗତ ଦୁଇ ଦିନରେ ଦୁଇଟି ଗାଈ ମୃତ୍ୟୁବରଣ କରିଛନ୍ତି । ଦୁଇ ମାସ ମଧ୍ୟରେ ସୁଶାନ୍ତ ପରିଡାଙ୍କ ୧୧ଟି, ସନାତନ ବେହେରାଙ୍କ ୬ଟି, ବିଷ୍ଣୁ ଦାସଙ୍କ ୧ଟି, ଶରତ ପରିଡାଙ୍କ ୬ଟି, ବିଶ୍ୱନାଥ ବେହେରାଙ୍କ ୩ଟି ଏଭଳି ଅନେକ ଗାଈ ମରିଥିବା ନେଇ ଅଭିଯୋଗ କରିଛନ୍ତି ଗାଈ ପାଳକ । ଗୋଟେ ପରେ ଗୋଟେ ଗାଈ ମୃତ୍ୟୁବରଣ କରିବା ପରେ ସେମାନେ ପ୍ରାଣୀ ଚିକିତ୍ସାକୁ ଅବଗତ କରିଥିଲେ ସୁଦ୍ଧା ସେମାନଙ୍କୁ ବିଭାଗ ତରଫରୁ କୌଣସି ସୁବିଧା ମିଳିନି । ଓଲଟା ପ୍ରାଣୀ ଚିକିତ୍ସକ ଗାଈକୁ ସେବା ଯୋଗାଇ ଦେବା ପରିବର୍ତ୍ତେ ସେମାନଙ୍କୁ ଟଙ୍କା ମାଗିଥିବା ନେଇ ଗାଈ ପାଳକ ଅଭିଯୋଗ କରିଛନ୍ତି । ଗୋଟେପଟେ ଗାଈ ମୃତ୍ୟୁବରଣ, ସେପଟେ ଗାଈ କିଣିବା ପାଇଁ କରିଥିବା କରଜ ଚାଷୀ ଏପର୍ଯ୍ୟନ୍ତ ସୁଝିନି। ସେମାନେ ଏବେ କରିବେ କଣ ପରିବାର କେମିତି ଚଳିବେ କେମିତି ସୁଝିବେ କରଜ ଯାହାକୁ ନେଇ ଚାଷୀ ଚିନ୍ତାରେ ଭାଙ୍ଗି ପଡିଛନ୍ତି ।

## ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫରମର



ମାହାଙ୍ଗା,୨୩।୫(ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ବିଭାଗ ଏବଂ କଂପାନୀ ପକ୍ଷରୁ ବିଦ୍ୟୁତ୍ ବିତରଣ ନିମନ୍ତେ ରାସ୍ତାକଡରେ ବିଭିନ୍ନ ଜାଗାରେ ଟ୍ରାନ୍ସଫରମର ଗୁଡିକ ବସିଅଛି। ଏହି ଟ୍ରାନ୍ସଫରମର ଗୁଡିକ ଖୋଲାମେଲାରେ ଏବଂ ବିପଦଶଙ୍କୁଳ ଅବସ୍ଥାରେ ରହିଅଛି। ଯାହା ଫଳରେ ପଥଚାରୀ, ବୁଲା ଗାଇଗୋରୁ, କୁକୁର ଆଦିଙ୍କ ପ୍ରତି ବିପଦ ରହିଛି। ବିଶେଷ କରି ହଂସଦିଆ ଗ୍ରାମ୍ୟ ରାସ୍ତା ଶ୍ମଶାନ ଗଡ଼ିଆ ନିକଟରେ ଥିବା ଦୁଇଟି ଟ୍ରାନ୍ସଫରମର ଗୁଡିକ ବିପଦଶଙ୍କୁଳ ଅବସ୍ଥାରେ ରହିଅଛି। ଏହାର ଚତୁପାର୍ଶ୍ୱରେ ବଣଜଙ୍ଗଲ ରହିଥିବାବେଳେ ସୁରକ୍ଷା ବାଡ ନଥିବା ଦେଖିବାକୁ ମିଳିଛି। ତେଣୁ କେତେବେଳେ ଏହି ସ୍ଥାନମାନଙ୍କରେ ଅଘଟଣ ନ ଘଟିବ ତାହା କହିହେବ ନାହିଁ। ତେଣୁ ଏହି ଖୋଲାମେଲାରେ ରହିଥିବା ଟ୍ରାନ୍ସଫରମର ଗୁଡିକର ଚତୁପାର୍ଶ୍ୱରେ ସୁରକ୍ଷା ବାଡ ସହ ସଫେଇ କରିବାକୁ ସାଧାରଣରେ ଦାବୀ ହୋଇଛି।

## ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ

### ବିଦ୍ୟୁତ କାଟ୍ ଓ ପାନୀୟ ଜଳ ସଙ୍କଟ ଯୋଗୁଁ ଅବସ୍ଥା ସଙ୍ଗିନ

ପଟ୍ଟାମୁଣ୍ଡାଇ,୨୩।୫ (ସଂଚାର ବ୍ୟୁରୋ): ଉତ୍ତର ଭାରତରୁ ଗରମ ହାୱାଲୁ ପ୍ରବାହିତ ଯୋଗୁଁ ପ୍ରବଳ ଗୁଳୁଗୁଳି ଦେଖା ଦେଇଛି । ଯାହା ସହ୍ୟ କରିବା କଷ୍ଟକର ହୋଇପଡିଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜନଜୀବନ ଅତିଷ୍ଠ ହୋଇପଡିଛି । ମଣିଷ ଠାରୁ ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତେ ଡହଳ ବିକଳ ହେଉଛନ୍ତି। ସଦାସର୍ବଦା ଅଂଶୁଘାତ ଭୟ ଲାଗି ରହୁଛି । କୌଣସି ଜରୁରୀ କାମ ନଥିଲେ ବାହାରକୁ ବାହାରିବା ପାଇଁ ଭୟ ଲାଗୁଛି । ସତେ ଯେମିତି ନିଆଁ ପିଣ୍ଡୁଳା ଆକାଶରୁ ଖସି ପଡୁଛି। ଅଂଶୁଘାତ ରୋକିବା ପାଇଁ ସରକାର ପ୍ରତିକାର ବ୍ୟବସ୍ଥା ସ୍ୱରୂପ ବାରମ୍ବାର ସରକାରୀ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। କିନ୍ତୁ ଏହାର ପ୍ରଭାବ କୃଷିଜୀବି ଓ ଶ୍ରମଜୀବି ଭାଇ ଭଉଣୀ ଉପରେ ପଡୁନାହିଁ । ଶ୍ରମିକମାନେ କାମକୁ ଯାଇ ପ୍ରଚଣ୍ଡ ଖରାରେ ଫେରିବା ବେଳକୁ ଅଂଶୁଘାତର ଶିକାର ହେଉଛନ୍ତି। ପ୍ରଚଣ୍ଡ ଖରାକୁ ଡରି କାମକୁ ନଗଲେ ପରିବାରରେ ଚୁଲି ଜଳୁ ନାହିଁ।

ପ୍ରଚଣ୍ଡ ରୌଦ୍ରତାପରେ ଡହଳ ବିକଳ ହେଉଥିବା ଲୋକମାନେ ଏଥିରୁ ମୁକ୍ତି ପାଇଁ ଏସି ଫ୍ୟାନ ବ୍ୟବହାର କରୁଥିବାବେଳେ ବିଦ୍ୟୁତ କାଟ ସମସ୍ୟା ପରିସ୍ଥିତିକୁ ଗମ୍ଭୀର କରିଛି। ରୌଦ୍ରତାପରେ ଜନସାଧାରଣ ଅତିଷ୍ଠ ହୋଇପଡୁଥିବା ଯୋଗୁଁ କୌଣସି ପରିସ୍ଥିତିରେ ବିଦ୍ୟୁତ କାଟ ନକରିବା ସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ଚିରାଚରିତ ଭାବେ ବିଦ୍ୟୁତ କାଟ କରିବା ଦେଖାଯାଉଛି । ଖରା ଦିନେ ଅଂଶୁଘାତ ରୋକିବା ପାଇଁ ବ୍ୟାପକ ସଚେତନତା ଓ ସତର୍କତା ଅବଲମ୍ବନ କରିବା ସହିତ ପୌର ପରିଷଦ ଓ ବ୍ଲକ ଅଂଚଳରେ ଜଳ ଛତ୍ର ଖୋଲିବା ଉପରେ ସରକାର ଗୁରୁତ୍ୱାରୋପ କରିଛନ୍ତି । ମାତ୍ର ପଟ୍ଟାମୁଣ୍ଡାଇ ବ୍ଲକ ଓ ମୁନିସିପାଲିଟି ଅଂଚଳରେ ଜଳଛତ୍ର ଖୋଲିବା ପର ଦିନ ଛତ୍ର ଥିବାବେଳେ ଜଳ ନଥିବା ପ୍ରତୀୟମାନ ହେଉଛି ।

ସରକାରୀ ଭାବେ କେବଳ କାଗଜକଲମରେ ଜଳଛତ୍ର ଖୋଲା ଯାଇଛି। ପାଣି ଟୋପାଏ ପାଇଁ ଲୋକମାନେ ଡହଳ ବିକଳ ହେଉଥିବା ବେଳେ ପିଇବା ପାଣି ମିଳୁନାହିଁ । ତେବେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର କେତେକ ସ୍ଥାନରେ ବେସରକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦହିପାଣି ବଣ୍ଟନ କରାଯାଇଛି । ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ଜଳଛତ୍ର ଠିକଣା ଭାବେ କାର୍ଯ୍ୟ କରୁନଥିବା ଓ ଲୋକଙ୍କ କାମରେ ଆସୁନଥିବା ଅଭିଯୋଗ ହୋଇଛି ।

ପ୍ରଚଣ୍ଡ ରୌଦ୍ର ତାପରେ ଛଟପଟ ଲୋକମାନେ ବିଶୁଦ୍ଧ ପିଇବା ପାଣି ପାଇବା କଷ୍ଟକର ହୋଇଛି । ପଟ୍ଟାମୁଣ୍ଡାଇ ବ୍ଲକର ଲୋକମାନଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବର୍ଷ ବର୍ଷ ଧରି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରୁନାହିଁ। ଏପଟେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଥିବା ନଳକୂପ ଗୁଡିକ ଅଚଳ ହୋଇପଡିଥିବାରୁ ଲୋକମାନେ ବହୁ ଦୂରରୁ ପାଣି ଆଣିବା ପାଇଁ ଧାଡିବାନ୍ଧି ଠିଆ ହେବା ଦେଖାଯାଉଛି । ମେଗା ପାନୀୟ ଜଳ ପ୍ରକଳ୍ପ ଯୋଗୁଁ ପାଇପ ବିଛା ଯାଇ ବ୍ଲକର ବିଭିନ୍ନ ଅଂଚଳରେ ରାସ୍ତା ଖରାପ ହେବାର ଅଭିଯୋଗ ହୋଇଛି । ଠିକାଦାର ଓ ଯନ୍ତ୍ରୀ ଏଥି ପ୍ରତି ଦୃଷ୍ଟି ଦେଉନଥିବାରୁ ଜନଅସନ୍ତୋଷ ସୃଷ୍ଟି ହୋଇଛି । ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ସହର ବଜାର ଶୂନଶାନ ହୋଇ ପଡୁଛି । ଏପରିକି ଦିନ ୧୧ଟା ପରେ ଓଡିଶା ପ୍ରସିଦ୍ଧ ବାଣିଜ୍ୟକ ପେଣ୍ଠ ପଟ୍ଟାମୁଣ୍ଡାଇ ବଜାର ଖାଁ ଖାଁ ଲାଗୁଛି ।

## ଟ୍ରଷ୍ଟ ପକ୍ଷରୁ ବାଳିକା ଉଚ୍ଚ ବିଦ୍ୟାଳୟକୁ ଇଲେକଟ୍ରୋନିକ୍ସ ଷ୍ଟେରିଓ ପ୍ରଦାନ

କେନ୍ଦ୍ରାପଡ଼ା,୨୩।୫(ସଂଚାର ବ୍ୟୁରୋ): ଶ୍ରୀମତୀ ଦେବୀ ବାଞ୍ଛାନିଧି ଦାସ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟକୁ ଛାତ୍ରୀମାନଙ୍କ ଆବଶ୍ୟକତା ନିମନ୍ତେ ଏକ ମାଇକସେଟ୍ (ଇଲେକ୍‌ଟ୍ରୋନିକ୍ସ ଷ୍ଟେରିଓ) ପ୍ରଦାନ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ସୁଦୂର ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ



ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟି ଭୁବନମୋହନ ଦାସ ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନାରାୟଣ ପଣ୍ଡାଙ୍କୁ ଏହି ଇଲେକ୍‌ଟ୍ରୋନିକ୍ସ ଷ୍ଟେରିଓ ପ୍ରଦାନ କରିଛନ୍ତି । ପ୍ରଫେସର ଡ. ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଛାତ୍ରୀମାନେ ସେମାନଙ୍କର ଏହି ଆବଶ୍ୟକତା ସମ୍ପର୍କରେ ତାଙ୍କୁ ନିବେଦନ କରିଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଓ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଗରିବ ଓ ଅସହାୟ ଲୋକମାନଙ୍କୁ ସହାୟତା ଯୋଗାଇ ଦିଆଯାଇଥାଏ ।

### ସୋସିଆଲ ମିଡ଼ିଆ ପ୍ରେମରୁ ବ୍ଲାକମେଲିଂ

## ଭିଡିଓ ଭାଇରାଲ ଧମକ ଦେଇ ଶାରୀରିକ ସମ୍ପର୍କ ପାଇଁ ଚାପ

କେନ୍ଦ୍ରାପଡା, ୨୩।୫ (ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ହୋଇଥିବା ପରିଚୟ ପରେ ଜଣେ ବିବାହିତା ମହିଳାଙ୍କୁ ବ୍ଲାକମେଲିଂ କରାଯାଇଥିବା ଘଟଣା କେନ୍ଦ୍ରାପଡା ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଛି । ଶାରୀରିକ ସମ୍ପର୍କ ନରଖିଲେ ଫୋଟୋ ଓ ଭିଡିଓ ଭାଇରାଲ କରିବା ସହ ପରିବାରକୁ ବଦନାମ କରିବାର ଧମକ ଦେଇଥିବା ନେଇ ଜଣେ ଯୁବକଙ୍କ ବିରୋଧରେ କେନ୍ଦ୍ରାପଡା ସାଇବର ଥାନାରେ ଅଭିଯୋଗ ହୋଇଛି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ ସେ ସ୍ୱାମୀ ପରିତ୍ୟକ୍ତା ହୋଇଥିବାରୁ ନିଜ ୧୦ ବର୍ଷର ପୁଅ ସହ ବାପଘରେ ରହୁଥିଲେ । ପରିବାର ଚଳାଇବା ପାଇଁ କଟକର ଏକ ଘରୋଇ ସଂସ୍ଥାରେ କାମ କରୁଥିବା ସମୟରେ ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ସାଇଜାଫର ଅଞ୍ଚଳର ଦୀପକ ମଲ୍ଲିକ ନାମକ ଯୁବକଙ୍କ ସହ ସୋସିଆଲ ମିଡିଆରେ ପରିଚୟ ହୋଇଥିଲା ।

ଧୀରେ ଧୀରେ ସମ୍ପର୍କ ଘନିଷ୍ଠ ହେବା ପରେ ଯୁବକ ଜଣକ ମହିଳାଙ୍କୁ ଶାରୀରିକ ସମ୍ପର୍କ ପାଇଁ ବାଧ୍ୟ କରିଥିବା ଅଭିଯୋଗ ହୋଇଛି । ମହିଳା ଏଥିରେ ଅସ୍ୱୀକାର କରିବାରୁ ତାଙ୍କ ସହ ଥିବା ଫୋଟୋ ଓ ଭିଡିଓକୁ ଅଶ୍ଳୀଳ ଭାବରେ ଏଡିଟ୍ କରି ସୋସିଆଲ ମିଡିଆରେ ଭାଇରାଲ କରିଥିବା ମହିଳା କହିଛନ୍ତି । ଏପରିକି ମହିଳାଙ୍କ ପରିବାର ଓ ସମ୍ପର୍କୀୟଙ୍କ ଫୋଟୋ ମଧ୍ୟ ଫେସବୁକରେ ପୋଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି । ଏଥିସହ ମହିଳାଙ୍କୁ ଟଙ୍କା ଦାବି କରାଯାଇଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି । ଦୀର୍ଘ ଦିନ ଧରି ମାନସିକ ନିର୍ଯାତନା ଓ ବ୍ଲାକମେଲିଂ ସହିବା ପରେ ପୀଡିତା ଶେଷରେ କେନ୍ଦ୍ରାପଡା ସାଇବର ଥାନାର ଶରଣାପନ୍ନ ହୋଇଛନ୍ତି । ଘଟଣାକୁ ନେଇ ସାଇବର ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ସୋସିଆଲ ମିଡିଆରେ ଅଜଣା ବ୍ୟକ୍ତିଙ୍କ ସହ ସମ୍ପର୍କ ଗଢ଼ିବା ନେଇ ସଚେତନ ରହିବାକୁ ସାଧାରଣରେ ଆଲୋଚନା ହେଉଛି ।



# ୨୬ରୁ ଯୁକ୍ତ ଦୁଇ ନାମଲେଖା ଆବେଦନ

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ)ଃ ଚଳିତ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଯୁକ୍ତ ଦୁଇ (ଏକାଦଶ ଶ୍ରେଣୀ) ନାମଲେଖା ସକାଶେ ଆସନ୍ତା ୨୬ ତାରିଖରୁ ଆବେଦନ ଆରମ୍ଭ ହେବ। ଆସନ୍ତା ଜୁନ୍ ୩୦ ତାରିଖ ରାତି ୧୧ଟା ୪୫ ମିନିଟ୍ ମଧ୍ୟରେ ଛାତ୍ରଛାତ୍ରୀମାନେ ସାମ୍ସ ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ। ଆସନ୍ତା ଜୁଲାଇ ୮ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ ଏବଂ ଜୁଲାଇ ୯ରୁ ୧୫ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ। ସେହିପରି ଆସନ୍ତା ଅଗଷ୍ଟ ୧୨ ତାରିଖ ସୁଦ୍ଧା ସମସ୍ତ ପର୍ଯ୍ୟାୟ ନାମଲେଖା ଶେଷ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଏହି ବିଜ୍ଞପ୍ତି ଅନୁଯାୟୀ, ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆସନ୍ତା ଜୁଲାଇ ୨୩ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଜୁଲାଇ ୨୪ରୁ ୨୮ ତାରିଖ ମଧ୍ୟରେ ନାମ ଲେଖାଇବେ। ଏହାପରେ ଜୁଲାଇ ୩୦ ତାରିଖରେ ସ୍ପଟ୍ ନାମଲେଖା ପାଇଁ ଚଏସ୍ ଲକିଂ ସୁବିଧା ଉପଲବ୍ଧ ହେବ। ଅଗଷ୍ଟ ୨ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ପାଇଁ ଛାତ୍ରଛାତ୍ରୀମାନେ ଚଏସ୍ ଲକିଂ କରିପାରିବେ। ସ୍ପଟ୍ ନାମଲେଖା ପାଇଁ ଅଗଷ୍ଟ ୬ ତାରିଖ ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇବା ସହ ସହ ଇଣ୍ଟିମେସନ୍ ଲେଟର ପ୍ରଦାନ କରାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସେହିପରି ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଅଗଷ୍ଟ ୭ ତାରିଖ ମଧ୍ୟାହ୍ନ ୧୨ଟାରୁ ୧୨ ତାରିଖ ରାତି ୯ଟା ମଧ୍ୟରେ କଲେଜରେ ରିପୋର୍ଟ କରିବେ। କିନ୍ତୁ ଏହା ପୂର୍ବରୁ ଅର୍ଥାତ୍ ଜୁଲାଇ ୨୩ରୁ ପାଠପଢ଼ା ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇଛି। ସାଧାରଣ ବର୍ଗ, ଏସ୍‌ଇବିସି, ଓବିସି ବର୍ଗର ଛାତ୍ରଛାତ୍ରୀମାନେ ଆବେଦନ ଫି' ବାବଦରେ ୨୦୦ ଟଙ୍କା ଦାଖଲ କରିବେ। କିନ୍ତୁ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରଛାତ୍ରୀମାନେ ମାତ୍ର ୧୦୦ ଟଙ୍କା ଆବେଦନ ଫି' ବାବଦରେ ପଇଠ କରିବେ। ମାତ୍ର ଭିନ୍ନକ୍ଷମ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଆବେଦନ ଫି' ଛାଡ଼ କରାଯାଇଛି। ଏନେଇ ସମସ୍ତ ସୂଚନା ସାମ୍ସ ୱେବ୍‌ସାଇଟ୍ https://hss.samsodisha.gov.in/newHSS/index.aspxରେ ଉପଲବ୍ଧ ରହିଛି। ଆବେଦନ ସମୟରେ କୌଣସି ସମସ୍ୟାର ସମାଧାନ ପାଇଁ ଛାତ୍ରଛାତ୍ରୀମାନେ ସଂଯୋଗ ସହାୟତା ନମ୍ବର ୧୫୫୩୩୫, ୧୮୦୦୩୪୫୬୭୭୦ରେ କିମ୍ବା ଇ-ମେଲ୍ ଆଇଡି sams.dhse@gov.inରେ ଯୋଗାଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଆଜିଠୁ ସ୍ଥଗିତ ରହିବ ରତ୍ନଭଣ୍ଡାର ଗଣତି

ପୁରୀ,୨୩।୫(ସଂଚାର ବ୍ୟୁରୋ)ଃ ଆସନ୍ତାକାଲିଠୁ ରତ୍ନଭଣ୍ଡାର ଗଣତିମଣତି ସ୍ଥଗିତ ରହିବ। ଏହି ପ୍ରକ୍ରିୟାର ଗଣତିମଣତି ସ୍ଥଗିତ ରହିବା ନେଇ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ଆସନ୍ତା ମାସରେ ପୁନର୍ବାର ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ସ୍ଥିର କରାଯାଇଛି। ଆସନ୍ତା ସପ୍ତାହରୁ ଛତିଶା ନିଯୋଗ ଓ ପରିଚାଳନା କମିଟିର ବୈଠକଗୁଡ଼ିକ କ୍ରମାଗତ ଭାବେ ଆୟୋଜିତ ହେବ। ସେଥିପାଇଁ ଗଣତି ମଣତି ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି। ବର୍ତ୍ତମାନର ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଏବଂ ମହାପ୍ରଭୁଙ୍କ ଆଗାମୀ ପର୍ବପର୍ବାଣୀ, ବିଶେଷକରି ସ୍ନାନ ପୂର୍ଣ୍ଣିମା ଓ ଘୋଷଯାତ୍ରାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ହୋଇଥିବା ଡ. ପାଢ଼ୀ କହିଛନ୍ତି।ସେ କହିଛନ୍ତି ଯେ ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟା ସମସ୍ତଙ୍କ ପାଇଁ ଏକ ଦିବ୍ୟ ଅନୁଭୂତି। ସମଗ୍ର ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସୁଚାରୁ ରୂପେ ତଥା ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଆଗେଇ ଚାଲିଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ମାର୍ଗଦର୍ଶନ, ଉଚ୍ଚସ୍ତରୀୟ ଓ ପରିଚାଳନା କମିଟିର ପରାମର୍ଶ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ସାଥୀ ଅଧିକାରୀ ଓ ବିଶେଷକରି ସେବକ ବନ୍ଧୁଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ଏହା ସମ୍ଭବ ବୋଲି ସେ କହିଛନ୍ତି।

## ରାଜା ସ୍ୱାଇଁଙ୍କ ଉପରେ ଆକ୍ରମଣ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲେ ନବୀନ



ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଆଠଗଡ଼ରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଗାଡ଼ି ଉପରକୁ ହୋଇଥିବା ଆକ୍ରମଣ ନେଇ ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖିଛନ୍ତି। ତିଗିରିଆ ପଞ୍ଚାୟତ ସମିତି ବୈଠକରେ ଯୋଗଦେବାକୁ ଯିବା ସମୟରେ କିଛି ବିଜେପି ଗୁଣ୍ଡା ତାଙ୍କୁ ବଳପୂର୍ବକ ଅଟକାଇବାକୁ ଚେଷ୍ଟା କରିଥିଲେ। ଗଣମାଧ୍ୟମରୁ ମିଳିଥିବା ଏହି ଖବର ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ନବୀନ କହିଛନ୍ତି ଯେ ଏହି ଘଟଣା କୌଣସି ଆଞ୍ଚଳିକ ରାଜନୈତିକ ଆକ୍ରମଣ ନୁହେଁ। ଏହା ଆମ ସାମ୍ବିଧାନିକ ପ୍ରକ୍ରିୟା ଉପରେ ଉଦ୍ଦେଶ୍ୟମୂଳକ ଆକ୍ରମଣ। ଲୋକଙ୍କ ଦ୍ୱାରା ନିର୍ବାଚିତ ଜଣେ ଜନପ୍ରତିନିଧିଙ୍କୁ ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇବା ସମୟରେ ଦଳୀୟ ଭିତ୍ତିରେ ଆକ୍ରମଣ କରାଯାଉଛି। ଏଭଳି ସ୍ଥିତିରେ ସାଧାରଣ ଲୋକଙ୍କ ସୁରକ୍ଷା ଅତ୍ୟନ୍ତ ଦୟନୀୟ ସ୍ଥିତିରେ ପହଞ୍ଚିଯାଇଛି। ତେଣୁ ମୁଖ୍ୟମନ୍ତ୍ରୀ ନିଜେ ଏହି ଘଟଣାରେ ହସ୍ତକ୍ଷେପ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି।

**ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଉଦବେଗ**

## ବିଏଡ୍, ବିଏଚଏଡ୍ ଓ ଏମଏଡ୍ ପ୍ରବେଶିକା ପରୀକ୍ଷା ସୂଚୀ ପ୍ରକାଶିତ

# ୨୭ରୁ ଏସଏସବି ୱେବ୍‌ସାଇଟ୍‌ରେ ମିଳିବ ଆଡ୍‌ମିଟ କାର୍ଡ

ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ)ଃ ଆସନ୍ତା ୩୧ରେ ଦୁଇବର୍ଷିଆ ବି.ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ହେବ। ଜୁନ୍ ୩ରେ ବିଏଚଏଡ୍ (ହିନ୍ଦୀ) ଓ ଏମଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଆଜି ଷ୍ଟେଟ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି)ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୧ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବିଏଡ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଜୁନ୍ ୩ରେ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବିଏଚ୍‌ଏଡ୍ (ହିନ୍ଦୀ) ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଏମ୍‌ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ହେବ। ଆସନ୍ତା ୨୭ ପୂର୍ବାହ୍ନ ୧୧ଟାରୁ ବିଏଡ୍, ବିଏଚ୍‌ଏଡ୍ ଓ ଏମ୍‌ଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ଆଡ୍‌ମିଟ କାର୍ଡ ଉପଲବ୍ଧ ହେବ। ଛାତ୍ରଛାତ୍ରୀ ଏସଏସବିର ୱେବ୍‌ସାଇଟକୁ ଯାଇ ଆଡ୍‌ମିଟ କାର୍ଡ ଡାଉନଲୋଡ୍ କରିପାରିବେ। ଜୁନ୍ ୪ରେ ଏସଏସବି ୱେବ୍‌ସାଇଟରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି' ପ୍ରକାଶିତ ହେବ। ପ୍ରୋଭିଜନାଲ ଆନ୍ସର କି'କୁ ନେଇ ଆଶଙ୍କା ଥିଲେ ପରୀକ୍ଷାର୍ଥୀ ଜୁନ୍ ୫ରୁ ୭ ମଧ୍ୟରେ ଆନ୍ସର କି' ଚ୍ୟାଲେଞ୍ଜ ପାଇଁ ଆବେଦନ କରିପାରିବେ।

# ପିଏଫ୍ ଓ ଇଏସ୍‌ଆଇ ଜମା କରୁନି କମ୍ପାନୀ



କଟକ,୨୩।୫(ସଂଚାର ବ୍ୟୁରୋ)ଃକଟକ ଜିଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବାଣୀପଦା ପଞ୍ଚାୟତରେ ଥିବା ଇଷ୍ଟେଟ ଟେକନୋଲୋଜୀ ବିରୋଧରେ ଶ୍ରମିକ ଶୋଷଣ ଅଭିଯୋଗ ହୋଇଛି। ଗତ ପନ୍ଦରବର୍ଷ ଧରି ଶ୍ରମିକମାନଙ୍କର ପିଏଫ, ଇଏସଆଇ ଅର୍ଥ କମ୍ପାନୀ ତରଫରୁ ଜମା କରାଯାଉନାହିଁ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ବରିଷ୍ଠ ଅଧିକାରୀଙ୍କୁ ଏ ବିଷୟରେ ପଚାରିଲେ କେବଳ ମିଥ୍ୟା ପ୍ରତିଶ୍ରୁତି ମିଳୁଛି। ପିଏଫ କାର୍ଯ୍ୟାଳୟ ଓ ଶ୍ରମିକ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏସବୁକୁ ଭିତ୍ତିକରି ଶନିବାର ସାମୂହିକ ଭାବେ ଶ୍ରମିକମାନେ ଲେବର ଅଫିସ ଘେରାଉ କରିବା ସହିତ ମାଲିକଙ୍କୁ ଅଧିକାରୀଙ୍କ ସହ କଥା ହେବା ପାଇଁ ବାଧ୍ୟ କରିଥିଲେ। ଅପରପକ୍ଷରେ ଏଏଲଓଙ୍କ ଉପସ୍ଥିତିରେ ଖୁବଶୀଘ୍ର ସମସ୍ତ ବକେୟା, ପିଏଫ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ଏକ ଲିଖିତନାମାରେ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।

## ● ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା

# ଏଆଇଏସ୍‌ଏଫର ବିକ୍ଷୋଭ

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ)ଃ ଚଳିତ ବର୍ଷ ନିଟ୍ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ଘଟଣାରେ ୨୨ ଲକ୍ଷ ପରୀକ୍ଷାର୍ଥୀଙ୍କ ଦିନରାତିର ଅଧ୍ୟବସାୟ ପ୍ରତି କୁଠାରାଘାତ ହୋଇଥିବା ବେଳେ ଏହା ପ୍ରତିବାଦରେ ଆଜି ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପକ୍ଷରୁ ପରୀକ୍ଷା ପରିଚାଳନା କରୁଥିବା ରାଷ୍ଟ୍ରୀୟ ପରୀକ୍ଷଣ ସଂସ୍ଥା (ଏନଟିଏ) ଓ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ବିରୋଧରେ ଉତ୍ତର




ଭୁବନେଶ୍ୱର ଗାଡ଼କଣ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଓ କେନ୍ଦ୍ରୀୟକରଣ ପ୍ରକ୍ରିୟାରେ ୨୦୧୭ରୁ ଏନଟିଏ ପ୍ରତିଷ୍ଠା କରାଯାଇଛି। ଏହା ନିଜସ୍ୱ ଭାବେ ବୈଷୟିକ ଦକ୍ଷତା ନ ଥାଇ ବିଭିନ୍ନ ଲାଭଖୋର ବ୍ୟାବସାୟିକ ଠିକାଦାରୀ ସଂସ୍ଥାଙ୍କ ଦ୍ୱାରା ପରୀକ୍ଷା ପରିଚାଳନା କରାଉଛି। ଫଳରେ ଏହି ବ୍ୟାବସାୟିକ ସଂସ୍ଥାର ଲାଭ ଓ ଲୋଭକୁ ଚରିତାର୍ଥ କରିବାକୁ ଯାଇ ପରୀକ୍ଷା ପୂର୍ବରୁ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ପ୍ରଶ୍ନପତ୍ର ଲିକ୍ ହେଉଛି ଏବଂ ଅସାଧୁ ଅଧିକାରୀମାନେ ବିଜେପି ନେତାଙ୍କ ମାଧ୍ୟମରେ ପ୍ରଶ୍ନପତ୍ର ବିକ୍ରିରେ କୋଟି କୋଟି ଟଙ୍କା ହାତେଇଥିବା ତଦନ୍ତରୁ ଜଣାପଡ଼ିଛି। ୨୦୧୭ରୁ ଇତିମଧ୍ୟରେ ଏନଟିଏ ଦ୍ୱାରା ପରିଚାଳିତ ୭୦ଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣା ଘଟିଛି। ଏହି ସମସ୍ତ ଘଟଣାରେ ବିଜେପି ନେତାଙ୍କ ଭୂମିକା ଲୋକଲୋଚନକୁ ଆସିଛି। ସେହିପରି ସଦ୍ୟ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ନେତା ଓ ଅଧିକାରୀମାନଙ୍କର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଘନିଷ୍ଠତା ଥିବା ସାମ୍ନାକୁ ଆସିଛି। ତେଣୁ ଏହି ତଦନ୍ତର ନିରପେକ୍ଷତା ସୁନିଶ୍ଚିତ କରିବା ସକାଶେ ଶ୍ରୀ ପ୍ରଧାନ ଅବିଳମ୍ବେ ଇସ୍ତଫା ଦେବା ସହ ପରୀକ୍ଷା ପରିଚାଳନାର ବୈଷୟିକ ଦକ୍ଷତା ନ ଥିବା 'ଏନଟିଏ'କୁ ଅବିଳମ୍ବେ ବନ୍ଦ କରି ପରୀକ୍ଷା ପରିଚାଳନାର ବିକେନ୍ଦ୍ରୀକରଣ କରାଇବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

## ● ତାପଜ ବିଦ୍ୟୁତ ପ୍ରକଳ୍ପ ନୀତିରେ ସଂଶୋଧନ ବିବାଦ

# ଗ୍ରାହକ କି ସରକାର ପ୍ରଭାବିତ ହେବେନି



ବିଭାଗ ଦେଲା ସ୍ପଷ୍ଟୀକରଣ

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ଦ୍ୱାରା ଆଗାମୀ ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ପାଇଁ ପ୍ରସ୍ତାବିତ କିଛି ନୀତିଗତ ସଂଶୋଧନକୁ ନେଇ କେତେକ ମହଲରେ ଭ୍ରାନ୍ତଧାରଣା ସୃଷ୍ଟି କରାଯାଉଥିବା ସହ ଜନସାଧାରଣଙ୍କ ମଧ୍ୟରେ ଅନାବଶ୍ୟକ ଭୟ ଓ ସନ୍ଦେହ ସୃଷ୍ଟି କରିବା ପାଇଁ ଭୁଲ ବ୍ୟାଖ୍ୟା ଓ ଅପପ୍ରଚାର କରାଯାଉଥିବା ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସ୍ପଷ୍ଟ କରିଦେଇଛନ୍ତି ଯେ ପ୍ରସ୍ତାବିତ ସଂଶୋଧନ ଫଳରେ ସାଧାରଣ ଗ୍ରାହକଙ୍କ ଉପରେ କୌଣସି ଅତିରିକ୍ତ ବିଦ୍ୟୁତ ଶୁଳ୍କର ବୋଝ ପଡ଼ିବନାହିଁ କିମ୍ବା ଏହାଦ୍ୱାରା ବର୍ତ୍ତମାନର ବିଦ୍ୟୁତ ଦର ଉପରେ କୌଣସି ନକାରାତ୍ମକ ପ୍ରଭାବ ସୃଷ୍ଟି ହେବ ନାହିଁ।

ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ପ୍ରସ୍ତାବିତ ସଂଶୋଧନ କେବଳ ଭବିଷ୍ୟତରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ। ପୂର୍ବରୁ ସ୍ୱାକ୍ଷରିତ ବିଦ୍ୟୁତ କ୍ରୟ ଚୁକ୍ତିନାମା (ପିପିଏ) ଅଧୀନରେ ବର୍ତ୍ତମାନ ରାଜ୍ୟକୁ ବିଦ୍ୟୁତ ଯୋଗାଣ କରୁଥିବା ସ୍ୱାଧୀନ ବିଦ୍ୟୁତ ଉତ୍ପାଦନକାରୀ (ଆଇପିପି)ମାନଙ୍କ ଉପରେ ଏହି ସଂଶୋଧନର କୌଣସି ପ୍ରଭାବ ପଡ଼ିବ ନାହିଁ। ତେଣୁ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ପରିବର୍ତ୍ତନଶୀଳ ମୂଲ୍ୟ ଆଧାରରେ ରାଜ୍ୟ ପାଇଁ ଉପଲବ୍ଧ ହେଉଥିବା ବିଦ୍ୟୁତ ସେବା ପୂର୍ବପରି ଅବ୍ୟାହତ ରହିବ। ଏଥିସହ ବର୍ତ୍ତମାନର ବଲ୍କ ସପ୍ଲାଇ ପ୍ରାଇସ୍ (ବିଏସପି) ଓ ଖାଉଟିମାନେ ପ୍ରଦାନ କରୁଥିବା ରିଟେଲ୍ ସପ୍ଲାଇ ଟାରିଫ୍ (ଆରଏସଟି) ଉପରେ ଏହି ସଂଶୋଧନ ଦ୍ୱାରା କୌଣସି ଅତିରିକ୍ତ ପ୍ରଭାବ ପଡ଼ିବାର ପ୍ରଶ୍ନ ଉଠୁନାହିଁ।

ରାଜ୍ୟର ବର୍ତ୍ତମାନ ଶିଳ୍ପ ଓ ଅର୍ଥନୈତିକ ପରିସ୍ଥିତିକୁ ସମୀକ୍ଷା କରିବା ପରେ ବିଦ୍ୟୁତ କ୍ଷେତ୍ରରେ ନୂତନ ପୁଞ୍ଜିନିବେଶକୁ ଆକର୍ଷିତ କରିବା ଏବଂ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ନୀତିଗତ ସଂଶୋଧନ ପ୍ରସ୍ତାବିତ କରାଯାଇଛି। ଏହି ସଂଶୋଧିତ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟରେ ଏକ ନିବେଶ ଅନୁକୂଳ ପରିବେଶ ସୃଷ୍ଟି ହେବା ସହ ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଏବଂ ଶିଳ୍ପାୟନ ପ୍ରକ୍ରିୟା ଅଧିକ ସୁଗମ ହେବ ବୋଲି ସରକାର ମତ ପ୍ରକାଶ କରିଛନ୍ତି।

# ଟେଟ୍ରାହେଡ୍ରନ୍‌ର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

## ● ଶତପ୍ରତିଶତ ସଫଳତା ପାଇଛନ୍ତି ବିଦ୍ୟାର୍ଥୀ



କଟକ,୨୩।୫(ସଂଚାର ବ୍ୟୁରୋ)ଃ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ, କଳା, ବାଣିଜ୍ୟ ପରୀକ୍ଷା ଫଳ ନିକଟରେ ପ୍ରକାଶ ପାଇଥିବା ବେଳେ ସ୍ଥାନୀୟ ଟାଙ୍ଗୀସ୍ଥିତ ଘରୋଇ ବିଜ୍ଞାନ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ପାଇଛନ୍ତି। ସମୁଦାୟ ୧୧୬୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୪୪ ଜଣ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩ ଜଣ ୯୮ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଅନୁଷ୍ଠାନର ଗୌରବ ବଢ଼ାଇଛନ୍ତି। ବର୍ଷା ପ୍ରିୟଦର୍ଶିନୀ ବରାଳ ସମୁଦାୟ ୫୯୪ ନମ୍ବର ରଖି ଟେଟ୍ରାହେଡ୍ରନ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଟପ୍ପର୍ ହୋଇଥିବା ବେଳେ ଶୁଭଶ୍ରୀ ଦାସ ୫୯୩ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ କୁମ୍‌କୁମ୍ ପତି, ସାଇ ସୁରୂପା ତ୍ରିପାଠୀ, ପ୍ରଜ୍ଞା ପ୍ରଧାନ ସମାନ ୫୯୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟେଟ୍ରାହେଡ୍ରନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କମଲ କିରନ୍ ବାରିକ, ନିର୍ମଳ ପ୍ରଭାତ ଜେନା ଓ ରାଜେଶ କୁମାର ସାହୁ ୫୮୮ ନମ୍ବର ରଖି ୫୮୮ ନମ୍ବର ରଖି ଟପ୍ପର୍ ହୋଇଛନ୍ତି। ସେମାନେ ଭବିଷ୍ୟତରେ ଡାକ୍ତର ହେବାକୁ ଇଚ୍ଛା କରିଛନ୍ତି। ସେହିପରି ଅନୁଷ୍ଠାନର ୯୫ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତ, ୪୧୨ ଜଣ ୮୮, ୫୫୮ ଜଣ ୮୫, ୭୭୧ ଜଣ ୮୦, ୯୪୮ ଜଣ ୭୫ ଓ ୧୦୬୬ ଜଣ ୭୦, ୧୧୪୪ ଜଣ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହି ଉପଲକ୍ଷେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ନିର୍ମାଣ'କୁ ୧୩ଶ ଆର୍ଥ କେୟାର ସମ୍ମାନ




ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ)ଃ ଓଡ଼ିଶାର ବନ ଉପରେ ନିର୍ଭରଶୀଳ ସମୁଦାୟଙ୍କ ବିକାଶ ଓ ଜୈବବିବିଧତାର ସୁରକ୍ଷା ନିମନ୍ତେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ 'ନିର୍ମାଣ'କୁ ସମୁଦାୟ ନେତୃତ୍ୱାଧୀନ ଜଳବାୟୁ କାର୍ଯ୍ୟ ଶ୍ରେଣୀରେ ସମ୍ମାନିତ କରାଯାଇଛି। ଉକ୍ତ ପୁରସ୍କାର ବିତରଣ ଜେଏସ୍‌ଡବ୍ଲ୍ୟୁ ଓ ଟାଇମ୍ସ ଅଫ ଇଣ୍ଡିଆ ପକ୍ଷରୁ ନୂଆଦିଲ୍ଲୀର ଟାଟା ଥିଏଟର୍‌ଠାରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଜୁରୀ ସଦସ୍ୟ ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍ ଅଧ୍ୟକ୍ଷା ଡଃ ସୌମ୍ୟ ସ୍ୱାମୀନାଥନ, ଜେଏସ୍‌ଡବ୍ଲ୍ୟୁ ଅଧ୍ୟକ୍ଷା ସଙ୍ଗୀତା ଜିନ୍ଦଲଙ୍କଠାରୁ 'ନିର୍ମାଣ'ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଶାନ୍ତ ମହାନ୍ତି ଉକ୍ତ ସମ୍ମାନପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ନିର୍ମାଣ କିପରି ନୟାଗଡ଼ ଓ ରାୟଗଡ଼ା ଜିଲ୍ଲାର ଆଦିବାସୀ ଓ ବନ ନିର୍ଭରଶୀଳ ସମୁଦାୟଙ୍କୁ ବନଅଧିକାର ଆଇନ ୨୦୦୬ ଅଧୀନରେ ସେମାନଙ୍କର ବନ ଉପରେ ଅଧିକାର ସ୍ଥାପନରେ ସହଯୋଗ କରିଆସିଛି। ଦୁଇଟି ଜିଲ୍ଲାର ୨୧୦ ଗ୍ରାମର ୧୩୫୭ରୁ ୧୭୫୦ ପରିବାର ଏହି ସମୁଦାୟ ଆଧାରିତ ପ୍ରୟାସ ସହ ଜଡ଼ିତ। ସେମାନେ ନିଜ ଆଖପାଖର ବନକୁ ସୁରକ୍ଷା ଓ ସଂରକ୍ଷଣ କରିବା ସହ ୧୬ ହଜାର ହେକ୍ଟର ଅବନତ ପାହାଡ଼ିଆ ବନର ପୁନରୁଦ୍ଧାର ମଧ୍ୟ କରିପାରିଛନ୍ତି। ଏହି ବନାଞ୍ଚଳରେ ପ୍ରତି ହେକ୍ଟରରେ ହାରାହାରି ୮ ଟନ୍ କାର୍ବନ ପ୍ରତିବର୍ଷ ସଂଗୃହୀତ ହେଉଛି। ଯଦି ୧୬ ହଜାର ହେକ୍ଟର ସୁରକ୍ଷିତ ବନାଞ୍ଚଳର କେବଳ ୩୦ ପ୍ରତିଶତକୁ ବି ସୁରକ୍ଷା ଦିଆଯାଇପାର, ତା'ହେଲେ ପ୍ରତିବର୍ଷ ୩୮.୪ ମେଟ୍ରିକ ଟନ୍ କାର୍ବନ ସଂଗ୍ରହୀତ ହୋଇପାରିବ। ଅବଶିଷ୍ଟ ବନାଞ୍ଚଳରେ ପ୍ରତି ହେକ୍ଟରରେ ୪ ଟନ୍ କାର୍ବନ ହିସାବରେ ପ୍ରତିବର୍ଷ ୪୪.୮ ମେଟ୍ରିକ୍ ଟନ୍ କାର୍ବନ ସଂଗ୍ରହ ସମ୍ଭାବନା ଥିବା ଶ୍ରୀ ମହାନ୍ତି ଉଲ୍ଲେଖ କରିଥିଲେ।

# ସୁଙ୍ଗେରରେ ବେଦାନ୍ତ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ରର ନବୀକରଣ




ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ)ଃ ଓଡ଼ିଶାର ଦୂରଦୂରାନ୍ତ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ସୁବିଧାକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଲୁମିନିୟମ ଏହାର ସିଜିମାଲି ବକ୍ସାଇଟ୍ ଖଣିର ସିଏସଆର ପଦକ୍ଷେପ ଅଧୀନରେ ଦକ୍ଷ ଡାକ୍ତରୀ ମାନବ ଶକ୍ତି ଓ ଅତ୍ୟାବଶ୍ୟକ ଜରୁରୀକାଳୀନ ସେବା ନିୟୋଜନ ମାଧ୍ୟମରେ ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)ରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ବିସ୍ତାର କରିଛି। ଏହା ଉକ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁବିଧାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ, ରାୟଗଡ଼ା ସହ ମିଳିତ ଭାବେ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପ ସୁଙ୍ଗେର ପିଏଚସିରେ ସ୍ଥାୟୀ ସ୍ୱାସ୍ଥ୍ୟସେବା ମାନବ ଶକ୍ତି ଅଭାବକୁ ପୂରଣ କରିଛି। ଏହା ଭାରତୀୟ ଜନସ୍ୱାସ୍ଥ୍ୟ ମାନଦଣ୍ଡ (ଆଇପିଏଚଏସ) ଅନୁଯାୟୀ ପାହାଡ଼ିଆ ଓ ଆଦିବାସୀ ଅଞ୍ଚଳରେ ପ୍ରାୟ ୨୦ ହଜାର ଲୋକଙ୍କୁ ସେବା ଯୋଗାଇଆସିଛି। ବେଦାନ୍ତ ଆଲୁମିନିୟମ ପିଏଚସିରେ ସମସ୍ତ ୧୧ଟି କର୍ମଚାରୀ ପଦବୀରେ ନିୟୋଜନକୁ ସମର୍ଥନ କରିଛି, ଯେଉଁଥିରେ ଜଣେ ଏମବିବିଏସ ଡାକ୍ତର, ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ନର୍ସିଂ କର୍ମଚାରୀ, ଆମ୍ବୁଲାନ୍ସ ସହାୟତା ଅନ୍ତର୍ଭୁକ୍ତ। ଅଞ୍ଚଳରେ ଗତ ସ୍ୱାସ୍ଥ୍ୟ ଶିବିର ସମୟରେ ସମ୍ପ୍ରଦାୟର ସଦସ୍ୟମାନେ ନିର୍ଦ୍ଦିଷ୍ଟ ଭାବେ ସ୍ଥାୟୀ ଡାକ୍ତର ଓ ନର୍ସିଂ କର୍ମଚାରୀ ନିଯୁକ୍ତି ପାଇଁ ଦାବି କରିଥିଲେ, ଯାହା ଏବେ ପୂରଣ ହୋଇଛି।

**ଅନୁନ୍ନତ ଗ୍ରାମରେ ଲୋକଙ୍କ ଦୁଆରେ ପହଞ୍ଚୁଛି ସ୍ୱାସ୍ଥ୍ୟସେବା**

ସେହିପରି ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ସହାୟତାକୁ ଆନୁଷ୍ଠାନିକ ଭାବେ ଗତକାଲି ଉଦଘାଟନ କରାଯାଇଛି। ଏହା ସିଜିମାଲି ଅଞ୍ଚଳର ସମ୍ପ୍ରଦାୟ ପାଇଁ ସମୟୋଚିତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସୁଦୃଢ଼ ଚିକିତ୍ସା ସେବା ଦ୍ୱାରା ଗ୍ରାମବାସୀଙ୍କୁ ମୌଳିକ ଚିକିତ୍ସା ଓ ଜରୁରୀକାଳୀନ ସେବା ପାଇଁ ଆଉ ପୂର୍ବ ପରି ଯଥେଷ୍ଟ ଦୂରକୁ ଯିବାକୁ ପଡ଼ିବ ନାହିଁ। ଏଥିସହ ଏହା ଗର୍ଭବତୀ, ଶିଶୁ, ବୃଦ୍ଧ ଓ ଦୂରବର୍ତ୍ତୀ ଗ୍ରାମଗୁଡ଼ିକରେ ଗୁରୁତର ରୋଗୀଙ୍କ ପାଇଁ ତ୍ୱରିତ ଚିକିତ୍ସା ସୁବିଧା ଯୋଗାଇଦେବ।



# ଜିଲ୍ଲା ପ୍ରଶାସନର ବିରୋଧ ସତ୍ତ୍ୱେ ଯୁବ କଂଗ୍ରେସର ପଦଯାତ୍ରା

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ)ଃ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଗତକାଲିଠାରୁ ଆରମ୍ଭ ହୋଇଥିବା ପଦଯାତ୍ରା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସିଜିମାଲି ପାଇଁ ରାୟଗଡ଼ା ଜିଲ୍ଲାର ସିଜିମାଲିରେ ପ୍ରଶାସନ ବିନାନୁମତିରେ ମଧ୍ୟ ପଦଯାତ୍ରା ଚାଲୁ ରହିଛି। ଆଜିର ପଦଯାତ୍ରା ସିଜିମାଲିର ଗାଁକୁ ଗାଁ ବୁଲି ଗ୍ରାମବାସୀଙ୍କ ସହ ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ମହେଶ ଦେଶମୁଖୀ, ଖୁସି ଟିଗା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ସୂରଜ ବେହେରା, ଲକ୍ଷ୍ମୀପ୍ରିୟା ନାୟକ, ସ୍ମୃତିରଞ୍ଜନ ଲେଙ୍କା, ଆଲୋକ ଦାସ, ରଞ୍ଜନ ଦାସ ପ୍ରମୁଖ ଅଞ୍ଚଳବାସୀ, ବିସ୍ଥାପିତ ଓ ପ୍ରଭାବିତଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମସ୍ୟା ଜାଣିବା ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସବୁବେଳେ ସବୁ ସମୟରେ ଆଦିବାସୀମାନଙ୍କର ଲଢ଼େଇ ଓ ଅଧିକାର ପାଇଁ ଯୁବ କଂଗ୍ରେସ ସଦାସର୍ବଦା ସ୍ଥାନୀୟ ବାସିନ୍ଦାଙ୍କ ସହ ରହିଛି ଓ ଆଗାମୀ ଦିନରେ ରହିବ ମଧ୍ୟ। ଏହି ଲଢ଼େଇ ଆଦିବାସୀମାନଙ୍କୁ ସେମାନଙ୍କ ଅଧିକାର ମିଳିବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ପାତ୍ର ବାସିନ୍ଦାମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଦାରା ସିଂର କାରାମୁକ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି

ଭୁବନେଶ୍ୱର,୨୩।୫ଃ ଏକଦା ଆନ୍ତର୍ଜାତିକ ସ୍ତରରେ ହଇଚଇ ସୃଷ୍ଟି କରିଥିବା ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ୍ ଷ୍ଟେନସ୍ ଏବଂ ତାଙ୍କ ଦୁଇ ଶିଶୁ ପୁତ୍ର ଟିମୋଥି ଓ ଫିଲିପ୍‌ଙ୍କୁ ଜୀଅନ୍ତା ପୋଡ଼ି ମାରିବା ଘଟଣାରେ କାରାରୁଦ୍ଧ ଥିବା ମୁଖ୍ୟ ଆସାମୀ ରବୀନ୍ଦ୍ର କୁମାର ପାଲ୍ ଓରଫ୍ ଦାରା ସିଂ କାରାମୁକ୍ତ ହେବେ ନା କାରାଗାରର କାଳକୋଠରୀ ଭିତରେ ଜୀବନର ଅବଶିଷ୍ଟ ସମୟ କଟାଇବେ ତାହା ନିର୍ଭର କରୁଛି ରାଜ୍ୟ ସରକାରଙ୍କ ଉପରେ।

ଏଠାରେ ଉଲ୍ଲେଖନୀୟ ଯେ ୧୯୯୯ ମସିହାରେ କେନ୍ଦୁଝର ଜିଲ୍ଲାରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଷ୍ଟେନସ୍ ଓ ତାଙ୍କ ଦୁଇ ଶିଶୁପୁତ୍ର ମନୋହରପୁର ଗାଁରେ ଗାଡ଼ିରେ ରାତିରେ ଶୋଇଥିବାବେଳେ ସେମାନଙ୍କୁ ଗାଡ଼ି ସହ ଜାଳିଦିଆଯାଇଥିଲା। ଏହି ଅଭାବନୀୟ ହତ୍ୟାକାଣ୍ଡ ଘେନି ସେତେବେଳେ ଓଡ଼ିଶା ସମେତ ସାରା ଦେଶରେ ଏବଂ ବିଦେଶର ବହୁ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବ୍ୟାପକ ଚଢ଼ାଉ ପରେ ମୁଖ୍ୟ ଅଭିଯୁକ୍ତ ଦାରା ସିଂକୁ ଗିରଫ କରାଯାଇଥିଲା। ଏହି ଘଟଣାର ତଦନ୍ତ ଓ ପରିଚାଳନା ଦାୟିତ୍ୱ ସିବିଆଇ ନେଇଥିଲା।

ଏହି ସ୍ପର୍ଶକାତର ମାମଲାରେ ସିବିଆଇ ଅଦାଲତ ଯେଉଁମାନଙ୍କ ପ୍ରତି ଦଣ୍ଡବିଧାନ କରିଥିଲା ସେମାନେ ପରବର୍ତ୍ତୀ ସମୟରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଦାରା ସିଂ ଓ ତା'ର ଅନ୍ୟତମ ସହଅଭିଯୁକ୍ତ ମହେନ୍ଦ୍ର ହେମ୍ବ୍ରମଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିଥିଲା। ଅନ୍ୟମାନେ ଇତିମଧ୍ୟରେ କାରାମୁକ୍ତ ହୋଇସାରିଥିବାବେଳେ ସହ ଅପରାଧୀ ମହେନ୍ଦ୍ର ହେମ୍ବ୍ରମଙ୍କୁ ରାଜ୍ୟ ସରକାର



ରାଜକ୍ଷମା ପ୍ରଦାନ କରି କାରମୁକ୍ତ କରିଛନ୍ତି। ଏହାପରଠାରୁ କେନ୍ଦୁଝର ଜେଲ୍‌ରେ ସଜା କାଟୁଥିବା ଦାରା ସିଂଙ୍କ କାରାମୁକ୍ତି ଘେନି ଚର୍ଚ୍ଚା ଚାଲିଛି।

ଦାରା ସିଂଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯିବା ସହିତ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ଚାଲିଛି। ୨୦୨୪ରୁ ଏହି ମାମଲାରେ ରାଜ୍ୟ ସରକାର ବାରମ୍ବାର ସମୟ ଗଡ଼ାଇ ଚାଲିଛନ୍ତି। ଚଳିତ ମାସ ୧୩ ତାରିଖରେ ସୁପ୍ରିମକୋର୍ଟର ଏକ ଖଣ୍ଡପୀଠରେ ଏହି ମାମଲା ଶୁଣାଣି ପାଇଁ ଆସିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଦଣ୍ଡ ପୁନଃ ସମୀକ୍ଷା ବୋର୍ଡ ବୈଠକ ଚଳିତମାସ ୨୬ ତାରିଖରେ ଅନୁଷ୍ଠିତ ହୋଇ ଏ ସଂକ୍ରାନ୍ତରେ ପଦକ୍ଷେପ ନିଆଯିବ ବୋଲି। ତଦନୁଯାୟୀ ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ଗ୍ରୀଷ୍ମାବକାଶ ପରେ ଜୁଲାଇ ୧୪ରେ କରାଯିବ ବୋଲି ସ୍ଥିର କରିଛନ୍ତି।

ପୂର୍ବରୁ ବିଲ୍‌କିସ୍ ବାନୋ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ଜଣ ଅପରାଧୀଙ୍କୁ ଗୁଜରାଟ ସରକାର ଦଣ୍ଡ ପୁନଃ ସମୀକ୍ଷା ବୋର୍ଡର ସୁପାରିସ ଆଧାରରେ ରାଜକ୍ଷମା ପ୍ରଦାନ କରି କାରାମୁକ୍ତ କରିଥିଲେ। ଏହି ଘଟଣାରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୁଣି ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ଏବଂ ଅଦାଲତଙ୍କ ହସ୍ତକ୍ଷେପ ପରେ ଅଭିଯୁକ୍ତମାନଙ୍କୁ ପୁଣି କାରାଗାରକୁ ଫେରାଇ ନିଆଯାଇଥିଲା।

ଦାରା ସିଂ ପ୍ରାୟ ୨୬ ବର୍ଷ ଧରି କାରାଗାରରେ ବନ୍ଦୀ ରହିଛନ୍ତି। ଆଜୀବନ କାରାଦଣ୍ଡ ପାଇଥିବା ବହୁ ଅପରାଧୀଙ୍କୁ ଜେଲ୍‌ରେ ସେମାନଙ୍କ ସଂସ୍କାରିତ ଜୀବନ ଆଧାରରେ କାରାମୁକ୍ତ କରାଯାଇଥିବାବେଳେ ଦାରା କିନ୍ତୁ ଅଟକ ଅଛନ୍ତି। ଯୁବକ ଅବସ୍ଥାରେ ସେ ଅପରାଧ ଘଟାଇଥିବାବେଳେ ବାର୍ଦ୍ଧକ୍ୟରେ ଏବେ ଉପନୀତ। ଏହି ସ୍ପର୍ଶକାତର ପ୍ରସଂଗ ଉପରେ ବିଭିନ୍ନ ମହଲ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦଣ୍ଡ ପୁନଃ ସମୀକ୍ଷା ବୋର୍ଡ କ'ଣ ନିଷ୍ପତ୍ତି ନେଉଛନ୍ତି ଏବଂ ତାହା ଉପରେ ରାଜ୍ୟ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରିବେ ତାହା ସମ୍ଭବତଃ ଜୁଲାଇ ୧୩ ପୂର୍ବରୁ ସ୍ପଷ୍ଟ ହୋଇପାରେ ବୋଲି ଅନୁମାନ କରାଯାଉଛି। (ତଥ୍ୟ)

## ରାଜ୍ୟବ୍ୟାପୀ ବିଦ୍ୟୁତକାଟ, ଖାଉଟି ହନ୍ତସନ୍ତ

# ସରକାରଙ୍କ ଅପରିଣାମଦର୍ଶୀତାର ଫଳ

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ଦେଖାଦେଇଥିବା ଭୟଙ୍କର ବିଦ୍ୟୁତ ସଂକଟ ଓ ଏହାକୁ ନେଇ ସାରା ରାଜ୍ୟବାସୀ ହେଉଥିବା ଅକଥନୀୟ ଦୁର୍ଦ୍ଦଶା ଉପରେ ଆଜି ସ୍ଥାନୀୟ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ କହିଛନ୍ତି ଯେ ସରକାରଙ୍କ ଅପରିଣାମଦର୍ଶିତା ଓ




ଦୂରଦର୍ଶୀତା ଅଭାବ ଯୋଗୁଁ ମେ'ର ପ୍ରଚଣ୍ଡ ଗରମରେ ରାଜ୍ୟ ବାସୀଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଯଦି ସରକାର ପୂର୍ବରୁ ବିଜୁଳି ଉତ୍ପାଦନ ଓ ବଣ୍ଟନର ସମୀକ୍ଷା କରି ଆଗୁଆ ପଦକ୍ଷେପ ନେଇଥାନ୍ତେ, ତା'ହେଲେ ଆଜି ଭୟଙ୍କର ପରିସ୍ଥିତି ଉପୁଜିନଥାନ୍ତା। ବିଜୁଳି ବିଭାଗ ଆଇନର ପରିଚ୍ଛେଦ ୪୨(ଏସ) ଅନୁସାରେ ପ୍ରତ୍ୟେକ ବିଜୁଳି ବଣ୍ଟନ କମ୍ପାନୀ ଗ୍ରାହକ ଅଭିଯୋଗ କେନ୍ଦ୍ର ସ୍ଥାପନ କରିବ। ଫଲ୍ଟି ମିଟର ବିଲିଂ କନ୍ଦଳ, ବିଜୁଳି କାଟ ଆଦି ବିଷୟରେ ଗ୍ରାହକ ଅଭିଯୋଗ କରିପାରିବେ। ରାଜ୍ୟରେ କ୍ରମାଗତ ଭାବେ ବିଜୁଳି ବିଭ୍ରାଟର କାରଣ ହେଉଛି ଅତିରିକ୍ତ ବିଜୁଳି ଲୋଡ୍। ବିଭ୍ରାଟର ସମାଧାନ ପାଇଁ ବିଜୁଳି ବିଭାଗ ଅଡିଟ୍ କରିବା ଜରୁରୀ। ପ୍ରତି ଟ୍ରାନ୍ସଫର୍ମର ପଏଣ୍ଟରେ ଯୋଗାଣ ଅଡିଟ୍ ବ୍ୟବସ୍ଥା କରାଯାଇ କେଉଁ ଘଣ୍ଟାରେ କମ୍ ବିଦ୍ୟୁତ ସରବରାହ ହୋଇଛି ଓ ତା'ର କାରଣ କ'ଣ ତା' ଜଣାପଡ଼ିବ' ସେହିପରି ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ କହିଛନ୍ତି ଯେ ବିଜେପି ସରକାର ଆସିବା ପରଠାରୁ ଘୋର ବିଜୁଳି ସଙ୍କଟ ଦେଖାଯାଉଛି।

# ଶାନ୍ତି ପାଇଁ ଶକ୍ତି ରଣନୀତି

ମଧ୍ୟପ୍ରାଚ୍ୟର ରାଜନୈତିକ ଓ ସୁରକ୍ଷା ପରିସ୍ଥିତି ଏବେ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ। ୨୦୨୬ ଫେବ୍ରୁଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍ ମିଳିତ ଆକ୍ରମଣ ଆରମ୍ଭ କରିଥିଲେ ଯାହାକୁ 'ଅପରେସନ୍ ଏପିକ୍ ଫ୍ୟୁରି' ନାମ ଦିଆଯାଇଥିଲା। ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ଆଲି ଖାମେନେଇଙ୍କ ସମେତ ଅନେକ ଶ୍ରେଷ୍ଠ ଅଧିକାରୀ ନିହତ ହୋଇଥିଲେ। ଏହା ପରେ ଇରାନ ପ୍ରତିଶୋଧ ନେଇଥିଲା କିନ୍ତୁ ଏପ୍ରିଲ୍ ମାସରେ ପାକିସ୍ତାନ୍ ମଧ୍ୟସ୍ଥତାରେ ଏକ ଅସ୍ଥାୟୀ ଯୁଦ୍ଧବିରତି ହୋଇଥିଲା। ଏବେ ମେ ମାସର ଶେଷ ଭାଗରେ ପରିସ୍ଥିତି ଆଉ ଥରେ ଉତ୍ତେଜନାପୂର୍ଣ୍ଣ ହୋଇଛି। ବିଭିନ୍ନ ଘଟଣାବଳୀଙ୍କୁ ଦେଖିଲେ ଆମେରିକା ଇରାନ୍ ଉପରେ ଆଉ ଏକ ବଡ଼ ଆକ୍ରମଣର ପ୍ରସ୍ତୁତି କରୁଥିବା ଅନୁମାନ କରାଯାଉଛି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକାଧିକ ଥର ସ୍ପଷ୍ଟ କରିଛନ୍ତି ଯେ ସେମାନେ ଆକ୍ରମଣ ପାଇଁ ପ୍ରସ୍ତୁତ ଅଛନ୍ତି। ମେ ମାସ ମଧ୍ୟ ଭାଗରେ ଟ୍ରମ୍ପ ଏକ ନିର୍ଦ୍ଧାରିତ ଆକ୍ରମଣକୁ ସ୍ଥଗିତ ରଖିବାର ଘୋଷଣା କରିଥିଲେ କିନ୍ତୁ ସେଥିରେ ସ୍ପଷ୍ଟ କରିଛନ୍ତି ଯେ ଯଦି ଚୁକ୍ତି ନ ହୁଏ ତେବେ ପୂର୍ଣ୍ଣ ସ୍କେଲ୍ ଆକ୍ରମଣ କରିବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକା ମଧ୍ୟପ୍ରାଚ୍ୟରେ ୨୦୦୩ ଇରାକ୍ ଯୁଦ୍ଧ ପରେ ସର୍ବବୃହତ୍ତମ ସୈନ୍ୟ ସମାବେଶ କରିଛି – ଏୟାରକ୍ରାଫ୍ଟ କ୍ୟାରିଅର ଗ୍ରୁପ, ଯୁଦ୍ଧ ବିମାନ ଓ ନୌସେନା ଶକ୍ତି ସହ ପ୍ରସ୍ତୁତି ଚାଲିଛି। ଏହା କେବଳ ଧମକ ନୁହେଁ, ପ୍ରକୃତ ଯୋଜନାର ଅଂଶ ବୋଲି ମନେ ହୁଏ।

ଆମେରିକାର ମୂଖ୍ୟ ଲକ୍ଷ୍ୟ ହେଉଛି ଇରାନର ପାରମାଣବିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବା, କ୍ଷେପଣାସ୍ତ୍ର ଓ ଡ୍ରୋନ ଶକ୍ତିକୁ ଧ୍ୱଂସ କରିବା ଏବଂ ହର୍ମୁଜ ପ୍ରଣାଳୀରେ ସ୍ୱାଧୀନ ନୌଚଳାଚଳ ନିଶ୍ଚିତ କରିବା। ଯୁଦ୍ଧ ପରେ ହର୍ମୁଜ ବନ୍ଦ ହେବାରୁ ବିଶ୍ୱ ତୈଳ ବଜାର ପ୍ରଭାବିତ ହୋଇଛି। ଆମେରିକା



ଏହାକୁ ଇରାନର ଆଧିପତ୍ୟରୁ ମୁକ୍ତ କରିବାକୁ ଚାହୁଁଛି। ଇରାନ ମଧ୍ୟ ପ୍ରତିଶୋଧର ଧମକ ଦେଉଛି ଏବଂ କହୁଛି ଯେ ଆକ୍ରମଣ ହେଲେ ଯୁଦ୍ଧ ଅଞ୍ଚଳ ବାହାରକୁ ବିସ୍ତାର ହେବ।

କିନ୍ତୁ ଏହି ପରିସ୍ଥିତିର ଅନ୍ୟ ଏକ ପାର୍ଶ୍ୱ ମଧ୍ୟ ଅଛି। କତାର୍, ସୌଦି ଆରବ୍ ଓ ୟୁଏଇ ପରି ଦେଶଗୁଡ଼ିକ ଆମେରିକାକୁ ଆକ୍ରମଣ ସ୍ଥଗିତ ରଖିବାକୁ ଅନୁରୋଧ କରୁଛନ୍ତି। ସେମାନେ ଚାହୁଁଛନ୍ତି କୂଟନୀତିକ ସମାଧାନ। ପାକିସ୍ତାନ ଓ କତାର୍ ମଧ୍ୟସ୍ଥତାରେ ଆଲୋଚନା ଚାଲିଛି। ଇରାନ କହୁଛି ଯେ ନୂତନ ପ୍ରସ୍ତାବରେ କିଛି ଅଗ୍ରଗତି ହୋଇଛି। ଟ୍ରମ୍ପ ମଧ୍ୟ କହୁଛନ୍ତି ଯେ ଇରାନ ଏକ ଚୁକ୍ତି ପାଇଁ ଉଦ୍ୟତ ଅଛି। ତେଣୁ ଆକ୍ରମଣ ନିଶ୍ଚିତ ନୁହେଁ, ବରଂ ଏକ ରଣନୀତିକ ଚାପ ଅଟେ।

ଯଦି ଆଉ ଏକ ବଡ଼ ଆକ୍ରମଣ ହୁଏ ତେବେ ଇରାନର ଅର୍ଥନୀତି ଓ ସୈନ୍ୟ ଶକ୍ତି ଆହତ ହେବ, କିନ୍ତୁ ଏହା ଆଞ୍ଚଳିକ ଅସ୍ଥିରତା ବଢ଼ାଇବ। ତୈଳ ମୂଲ୍ୟ ବୃଦ୍ଧି, ଶରଣାର୍ଥୀ ସଙ୍କଟ ଓ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିପାରେ। ବିଶ୍ୱ ଅର୍ଥନୀତି ପ୍ରଭାବିତ ହେବ। ଅନ୍ୟପକ୍ଷରେ ଯଦି କୂଟନୀତି ସଫଳ ହୁଏ ତେବେ ଇରାନର ପାରମାଣବିକ କାର୍ଯ୍ୟକ୍ରମ ସୀମିତ ହୋଇପାରେ ଏବଂ ଅଞ୍ଚଳରେ ଶାନ୍ତି ଫେରିପାରେ। ଆମେରିକାର ଏହି ରଣନୀତି 'ଶାନ୍ତି ପାଇଁ ଶକ୍ତି' ଉପରେ ଆଧାରିତ। ସେମାନେ ବିଶ୍ୱାସ କରନ୍ତି ଯେ ସୈନ୍ୟ ଚାପ ବିନା ଇରାନ ଆଲୋଚନା ଟେବୁଲକୁ ଆସିବ ନାହିଁ। କିନ୍ତୁ ଇତିହାସ ଦେଖାଏ ଯେ ମଧ୍ୟପ୍ରାଚ୍ୟରେ ବଳ ପ୍ରୟୋଗ ପ୍ରାୟତଃ ଅପ୍ରତ୍ୟାଶିତ ପରିଣାମ ଆଣେ। ଇରାନର ଜନସାଧାରଣ ଓ ଆଞ୍ଚଳିକ ଶକ୍ତିଗୁଡ଼ିକର ପ୍ରତିକ୍ରିୟା ଏହି ସଙ୍କଟର ଗତି ନିର୍ଦ୍ଧାରଣ କରିବ।

ଶେଷରେ କହିବାକୁ ହେଲେ, ଆମେରିକା ନିଶ୍ଚୟ ଏକ ବଡ଼ ଆକ୍ରମଣର ବିକଳ୍ପ ଖୋଲା ରଖିଛି କିନ୍ତୁ ଏହା ଏକ ଆଲୋଚନାର ହାତିଆର ମଧ୍ୟ ଅଟେ। ଆଗାମୀ ଦିନଗୁଡ଼ିକରେ କୂଟନୀତି ଜୟୀ ହେବ ନା ଯୁଦ୍ଧ ଆଉ ଥରେ ଜଳିବ –ତାହା ସମୟ କହିବ। ବିଶ୍ୱ ଆଶା କରୁଛି ଯେ ବୁଦ୍ଧିମତ୍ତା ଓ ସଂଯମର ବିଜୟ ହେବ, କାରଣ ଆଉ ଏକ ଯୁଦ୍ଧ କେବଳ ଇରାନ ଓ ଆମେରିକାକୁ ନୁହେଁ, ସମଗ୍ର ବିଶ୍ୱକୁ କ୍ଷତି ପହଞ୍ଚାଇବ।

# ବିଚାରପତି ପଦବୀ ପୂରଣ ହେଉ



## ସୌଭାଗ୍ୟ ରଞ୍ଜନ ମହାନ୍ତି

ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବିତ ବିଲ୍‌କୁ କେନ୍ଦ୍ର କ୍ୟାବିନେଟ ନିଶ୍ଚିତ ଭାବରେ ଏକ ସମୟରେ ସମୟୋଚିତ ପଦକ୍ଷେପ। ଯାହାଦ୍ୱାରା ସୁପ୍ରିମକୋର୍ଟରେ ପଡ଼ି ରହିଥିବା ମାମଲାଗୁଡିକର ତ୍ୱରିତ ଫଇସଲାକୁ ସହଜ କରିପାରିବ। କେନ୍ଦ୍ର କ୍ୟାବିନେଟର ନିଷ୍ପତିକୁ ରାଷ୍ଟ୍ରପତି ଅନୁମୋଦନ କରିବା ସହ ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ଆଇନ ୧୯୫୬ର ସଂଶୋଧନ ପାଇଁ ଏକ ଅଧ୍ୟାଦେଶ ଜାରି କରିଛନ୍ତି। ଫଳରେ ଦେଶରେ ଆଇନ ତତକ୍ଷଣାତ୍ ଲାଗୁ ହୋଇଛି। ସଂସଦର ଆଗାମୀ ଅଧିବେଶନରେ ଏନେଇ ଏକ ବିଲ୍ କେନ୍ଦ୍ର ସରକାର ଆଗତ କରିବେ। ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମକୋର୍ଟ ଆଇନ ୧୯୫୬ ଅନୁଯାୟୀ ସୁପ୍ରିମକୋର୍ଟରେ ସେତେବେଳେ ପ୍ରଧାନ ବିଚାରପତିଙ୍କୁ ମିଶାଇ ମୋଟ ୧୧ଜଣ ବିଚାରପତି ଥିଲେ। ମାମଲାର ଭାର ଏବଂ ସମୟର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସମୟରେ ଆଇନର ସଂଶୋଧନ କରାଯାଇ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରାଯାଇ ଆସୁଛି। ଜତୀୟ ଜୁଡିସିଆଲ ଡାଟା ଗ୍ରୀଡ (ଏନଜେଡିଜି) ତଥ୍ୟ ଅନୁଯାୟୀ ଗତ ୭ ତାରିଖ ସୁଦ୍ଧା ସୁପ୍ରିମକୋର୍ଟରେ ୯୩ ହଜାରରୁ ଅଧିକ ମାମଲା ବିଚାରାଧୀନ ରହିଛି। ଯାହାକି ୨୦୧୯ରେ ଶେଷଥର ପାଇଁ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ସମୟ ପରଠାରୁ ୫୦ପ୍ରତିଶତରୁ ଅଧିକ ବିଚାରଧୀନ ମାମଲା ସଂଖ୍ୟା ବୃଦ୍ଧି ପାଇଥିବା କୁହାଯାଇଛି। ସେହିପରି ଦେଶରେ ତଳକୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମୋଟ ୫୫ ନିୟୁତ ମାମଲା ବିଚାର ଅପେକ୍ଷାରେ ପଡ଼ି ରହିଥିବାବେଳେ ସେଥିମଧ୍ୟରୁ ତଳ କୋର୍ଟରେ ୪୯ ନିୟୁତ ଏବଂ ହାଇକୋର୍ଟ ଗୁଡିକରେ ୬.୩ ନିୟୁତ ମାମଲା ପଡ଼ିରହିଛି। ଉଲ୍ଲେଖଯୋଗ୍ୟ ଯେ ଦେଶବ୍ୟାପୀ ବିଚାର ଅପେକ୍ଷାରେ ବର୍ଷ ବର୍ଷ ଧରି ପଡ଼ିରହିଥିବା ମାମଲାଗୁଡିକ ମଧ୍ୟରୁ ମାତ୍ର ୦.୧୪ ପ୍ରତିଶତ ସୁପ୍ରିମକୋର୍ଟରେ ପଡ଼ିରହିଛି। ସେହିପରି ମୋଟ ବିଚାରାଧୀନ ମାମଲାଗୁଡିକ ମଧ୍ୟରୁ ହାଇକୋର୍ଟ ଗୁଡିକରେ ୧୨ପ୍ରତିଶତ ମାମଲା ରହିଛି। ତେବେ ସୁପ୍ରିମକୋର୍ଟରେ ପ୍ରତିବର୍ଷ ୯୦ ପ୍ରତିଶତ ମାମଲାର ଫଇସଲା ହେଉଥିବା ଏନଜେଡିଜି ରିପୋର୍ଟ କହେ। କହିବା ବାହୁଲ୍ୟ ଯେ, ଦେଶରେ ବିଚାରପତି ଏବଂ ବିଚାର ବିଭାଗୀୟ ଅଫିସର ପଦବୀ ଖାଲି ପଡ଼ିଥିବା ମଧ୍ୟ କମ ନୁହେଁ। ସୁପ୍ରିମକୋର୍ଟରେ ମଞ୍ଜୁରୀ ପ୍ରାପ୍ତ ୩୪ ବିଚାରପତି ପ୍ରାୟତଃ ପୁରଣ ହୋଇଥିବାବେଳେ ଏବେ ଆଉ ୪ଜଣ ନୂତନ ବିଚାରପତି ନିଯୁକ୍ତି ପାଇବା ଆସନ୍ନ ହୋଇପଡ଼ିଛି। ଦେଶର ୨୫ଟି ହାଇକୋର୍ଟରେ ମୋଟ ମଞ୍ଜୁରୀପ୍ରାପ୍ତ ୧୧୨୨ ବିଚାରପତି ପଦବୀ ଥିବାବେଳେ ଏହାର ୨୮ପ୍ରତିଶତ ଅର୍ଥାତ ୩୧୨ଟି ପଦବୀ ଖାଲି ପଡ଼ିଛି। ପ୍ରତିବର୍ଷ ସୁପ୍ରିମକୋର୍ଟ କଲେଜିୟମର ସୁପାରିଶ ଅନୁଯାୟୀ ନୂତନ ବିଚାରପତି ନିଯୁକ୍ତି ହେଉଥିଲେ ମଧ୍ୟ ଅବସର ଗ୍ରହଣ ଯୋଗୁଁ ଖାଲି ପଡୁଛି। କହିବା ବାହୁଲ୍ୟ ଦେଶର ସର୍ବବୃହତ ତଥା ମର୍ଯ୍ୟଦା ସମ୍ପନ୍ନ ଆଲାହାବାଦ ହାଇକୋର୍ଟରେ ମଞ୍ଜୁରୀ ପ୍ରାପ୍ତ ବିଚାରପତିଙ୍କ ସଂଖ୍ୟା ୧୬୦ ହୋଇଥିବାବେଳେ ୫୦ପ୍ରତିଶତରୁ ଅଧିକ ଅର୍ଥାତ ୮୧ଟି ପଦବୀ ଖାଲି ପଡ଼ିଛି। ଏନଜେଡିଜି ତଥ୍ୟ ଅନୁଯାୟୀ ଦେଶର ଜିଲ୍ଲା ଓ ନିମ୍ନ ଅଦାଲତଗୁଡିକରେ ୪୮୫୫ ବିଚାର ବିଭାଗୀୟ ଅଫିସର ପଦବୀ ଖାଲି ପଡ଼ିଛି। ଆମ ରାଜ୍ୟରେ ୨୦୦ ପଦବୀ ଖାଲି ବିଚାର ବିଭାଗୀୟ ପଦବୀ ଖାଲି ପଡ଼ିଛି। ବିଚାରପତି ପଦବୀ ଖାଲି ଯୋଗୁଁ ଦେଶରେ ବିଚାରାଧୀନ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ବକେୟା ମାମଲା ସଂଖ୍ୟା ହ୍ରାସ ପାଇଁ ବିଚାରପତି ସଂଖ୍ୟା ବୃଦ୍ଧି ଏବେ ଅନିବାର୍ଯ୍ୟ ହୋଇପଡ଼ିଛି।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୯୪୩୭୯୯୪୩୭୯**




# ନମ୍ର, ନିରହଂକାରୀ ନୀଳମଣି



## ଅମର ପ୍ରସାଦ ଶତପଥୀ

ଆଜିର ସ୍ଥିତିରେ ରାଜନେତାବୃନ୍ଦ, ଉଚ୍ଚ ଦ ପଦବୀ ମଣ୍ଡନ କଳାପରେ ନମ୍ରତା, ଭଦ୍ରତା, ଶାଳୀନତା ଶବ୍ଦଗୁଡ଼ିକ ସେମାନଙ୍କ ଅଭିଧାନରୁ ଅପସରି ଯାଏ। ବିଶେଷ କରି ରାଜ୍ୟ ଅଥବା କେନ୍ଦ୍ରଶାସନରେ ଶୀର୍ଷସ୍ଥାନରେ ଆସୀନ ବ୍ୟକ୍ତି ଅହମିକା ଓ ତୋଷାମୋଦିର ବଳୟ ମଧ୍ୟରେ ଆବଦ୍ଧ ହୋଇ ନମ୍ରତା ପ୍ରକାଶ କରିବାରେ କୁଣ୍ଠାବୋଧ କରନ୍ତି। ଅପରପକ୍ଷରେ ନିଜର କ୍ଷମତା ଓ ପ୍ରଭୂତ୍ୱ ଜାହିର କରିବା ଗଣତାନ୍ତ୍ରିକ ବ୍ୟବସ୍ଥାର ପରିପନ୍ଥି ବୋଲି ଭୁଲିଯାଆନ୍ତି। ଏହି ଧାରାର ବ୍ୟତିକ୍ରମ କତିପୟ ରାଜନେତାଙ୍କ ମଧ୍ୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ନୀଳମଣି ରାଉତରାୟ। ସ୍ୱାଧୀନତା ସଂଗ୍ରାମୀ, ସଫଳ ରାଜନେତା ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ସମ୍ପର୍କରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗାନ୍ଧୀବାଦୀ ବିଶ୍ୱନାଥ ଦାସଙ୍କ "ଜୀବନରେ ନିଜ ସାଧନାବଳରେ ସଂଗଠନ ଓ ପ୍ରଶାସନ କ୍ଷେତ୍ରରେ ବିଭିନ୍ନ ସମୟରେ ଉଚ୍ଚପଦାଧିକାର ଓ ସମ୍ମାନ ଲାଭ କରିଥିଲେ ମଧ୍ୟ ନୀଳମଣିଙ୍କ ବ୍ୟକ୍ତିଗତ ଜୀବନ ସର୍ବଦା ନମ୍ରତା, ସମ୍ଭ୍ରମ ତଥା ଦଳମତ-ବିଭେଦକୁ ଅତିକ୍ରାନ୍ତ କରି ଅନ୍ୟମାନଙ୍କ ପ୍ରତି ପ୍ରଗାଢ଼ ସମ୍ମାନ ଓ ସହୃଦୟତା ପ୍ରକାଶ ପାଇଥାଏ। ଏହା ତାଙ୍କ ପରିବାରର ସହଜାତ ଗୁଣ" ଉକ୍ତି ପ୍ରଣିଧାନ ଯୋଗ୍ୟ।

ସ୍କୁଲ ଛାତ୍ର ଜୀବନରୁ ଦେଶଭକ୍ତି ମନ୍ତ୍ରରେ ଦୀକ୍ଷିତ। ସ୍ୱାଧୀନ ଭାରତର ମୁକ୍ତ ବାୟୁ ଆସ୍ୱାଦନ ପାଇଁ ଅଦମନୀୟ ଜିଜ୍ଞାସା। ମହାତ୍ମା ଗାନ୍ଧୀଙ୍କ ମୁଠାଏ ଲୁଣ ମାରିବା ଆହ୍ୱାନରେ ଲବଣ ସତ୍ୟାଗ୍ରହ ଏକ ଦୁର୍ବାର ଆନ୍ଦୋଳନରେ ପରିଣତ ହେଲା। ନିଶାବର୍ଜନ ନିଷ୍ପତ୍ତିରେ ଗ୍ରାମ ହାଟର ଅବକାରୀ ଦୋକାନ ଆଗରେ ଧାରଣା ଆଦି କାର୍ଯ୍ୟକ୍ରମ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପନ୍ଥା ହେଲା। ସତ୍ୟାଗ୍ରହ, ଆଇନ ଅମାନ୍ୟ ଆନ୍ଦୋଳନ ସାଧାରଣ ଲୋକଙ୍କ ମନକୁ ଛୁଇଁ ଗଣ ଆନ୍ଦୋଳନରେ ପରିଣତ ହେଲା। ସ୍ୱାଧୀନଚେତା ନୀଳମଣି ଏହି ଧାରାର ପଥିକ ହୋଇ ବିଦ୍ୟା ଅଧ୍ୟୟନ ଅପେକ୍ଷା ଏହି କାର୍ଯ୍ୟକ୍ରମରେ ସାରଥି ସାଜିଲେ।

୧୯୩୨ ମସିହା ଗାନ୍ଧୀଙ୍କ ନିଶା ନିବାରଣ ଅଭିଯାନରେ ମଦଦୋକାନ, ଅିମ, ଗଞ୍ଜେଇ ଓ ତାଡ଼ି ଦୋକାନ ଆଗରେ କଂଗ୍ରେସ ଦଳ ପିକେଟିଂ କରୁଥିବାବେଳେ ବ୍ରିଟିଶ୍ ପୋଲିସ୍ ସେହି ସତ୍ୟାଗ୍ରହୀମାନଙ୍କ ଉପରେ ବଳପ୍ରୟୋଗ କରି ଗିରଫ କରିଥିଲେ। ଏହାକୁ ସଂଗ୍ରାମୀ ନୀଳମଣି ବିରୋଧ କରି ମହାତ୍ମା ଗାନ୍ଧୀଙ୍କ ଜୟଧ୍ୱନି କରି ନିଜେ ଗିରଫ ହୋଇ ଭଦ୍ରକ ଜେଲରେ ବାଳବନ୍ଦୀ ହୋଇଥିଲେ। ଏହାହିଁ ସଂଗ୍ରାମୀ ନୀଳମଣି ରାଉତରାୟଙ୍କ ସଂଗାମୀ ଜୀବନର ପ୍ରଥମ ସଂଘର୍ଷ ପର୍ବ।

୧୯୩୪ ମସିହାରେ ମହାତ୍ମା ଗାନ୍ଧୀଙ୍କ ଭଦ୍ରକ ଆସିଲାବେଳେ ଡିଆଁମାରି ରେଳଡବାରେ ଗାନ୍ଧୀଙ୍କ ପାଖରେ ପହଞ୍ଚିବାରୁ ଗାନ୍ଧୀ ସ୍ନେହରେ ଥାପୁଡ଼ା ମାରି ତଳକୁ ଓହ୍ଲାଇ ଦେଇଥିଲେ। ସେହି ଶ୍ରଦ୍ଧାଯୁକ୍ତ ଥାପଡ଼ ଛାତ୍ର ନୀଳମଣିଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ଏପରିକି ସେହି ସମୟରେ ବିହାରର ପ୍ରଳୟଙ୍କର ଭୂମିକମ୍ପରେ ଦୁର୍ଦ୍ଦଶାର କରୁଣ କାହାଣୀ ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ଛାତ୍ର ଜୀବନରେ ପାଣ୍ଠି ସଂଗ୍ରହ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପଠାଇଥିଲେ। ବହୁ ଲୋକ ଏହି ଭୂକମ୍ପ ପ୍ରଭାବରେ ମୃତ୍ୟୁବରଣ କରିଥିଲେ ହେଁ ବିଦେଶୀ ବ୍ରିଟିଶ ସରକାର ଏଥି ପାଇଁ ଉଦାସୀନ ଥିଲେ। ପରାଧୀନତା ଦାସତ୍ୱ ମୁକ୍ତି ପାଇବା ଓ ଦେଶର ସ୍ୱାଧୀନତା ହିଁ ଏହାର ଏକମାତ୍ର ସମାଧାନ ବୋଲି ସେ ଦୃଢ଼ନିଶ୍ଚିତ ହେଲେ।



୧୯୪୨ ଭାରତଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରି କାରାବରଣ କରିଥିଲେ। ଜେଲ ଯିବାରେ ଅନୁସୂଚନା ନଥିଲା। ଦେଶର ସ୍ୱାଧୀନତା ପାଇଁ ଜେଲଜୀବନ ବିତାଇବାରେ ଆନନ୍ଦ ଅନୁଭବ କରିଥିଲେ। ୧୯୭୫-୭୭ ମସିହାରେ ଜୟପ୍ରକାଶଙ୍କ ନେତୃତ୍ୱରେ ହୋଇଥିବା ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମରେ କାରାବନ୍ଦୀଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ସାହାଯ୍ୟ କରିଥିଲେ। ଜରୁରୀ ପରିସ୍ଥିତି ସମୟରେ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ସମୟରେ ମୁଁ ମଧ୍ୟ ଦୀର୍ଘ ୧୭ ମାସ ଧରି ଜେଲରେ ଅଟକବନ୍ଦୀ ଭାବରେ ଥିଲି। ମୋତେ ମଧ୍ୟ ସରକାରୀ ଅର୍ଥରାଶି ମଞ୍ଜୁର କରି କ୍ରାନ୍ତିକାରୀ ଭାବରେ ସ୍ୱୀକୃତି ପ୍ରଦାନ କରିଥିଲେ।

୧୯୩୦ ପୂର୍ଣ୍ଣ ସ୍ୱାଧୀନତା ଜାତୀୟ କଂଗ୍ରେସର ନିଷ୍ପତ୍ତି ଅନୁଯାୟୀ ପରାଧୀନ ଭାରତବର୍ଷରେ ଜାନୁଆରୀ ୨୬ରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଉଥିଲା। ସେହି ସମୟରେ ଭଦ୍ରକ ହାଇସ୍କୁଲ ହତାକୁ ଲାଗିଥିବା ମୁନସଫ୍ କୋର୍ଟର ପତାକା ସ୍ତମ୍ଭରେ ବ୍ରିଟିଶ ସରକାରଙ୍କ ୟୁନିୟନ ଜ୍ୟାକ୍ ପରିବର୍ତ୍ତେ ତ୍ରିରଙ୍ଗା ପତାକା ଉଡ଼ାଯାଇଥିଲା। ଏହି କାର୍ଯ୍ୟ ପାଇଁ ବିଦ୍ରୋହୀ ନୀଳମଣିଙ୍କୁ ସନ୍ଦେହ କରାଯାଇଥିଲା। କିନ୍ତୁ ସେ ଏହି କାର୍ଯ୍ୟ କରିପାରିନଥିଲେ ବୋଲି ତାଙ୍କର ଅନୁଶୋଚନା ଥିଲା ଓ ୧୯୪୩ ମସିହାରେ ନୀଳମଣି ରାଉତରାୟ ରେଭେନ୍ସା କଲେଜରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରି କଲେଜରୁ ବହିସ୍କୃତ ହୋଇଥିଲେ। ଏହା ତାଙ୍କୁ ପୂର୍ବ ଅନୁସୂଚନାରୁ ମୁକ୍ତି ଓ ଅପାର ଆନନ୍ଦ ଆଣିଦେଇଥିଲା। ଏହାହିଁ ନୀଳମଣି ରାଉତରାୟଙ୍କ ସଂଗ୍ରାମୀ ଜୀବନର ଅନାଲୋଚିତ ପ୍ରସଙ୍ଗ।

ଦିବଂଗତ ନୀଳମଣି ରାଉତରାୟଙ୍କ ରାଜନୈତିକ ଜୀବନ ବେଶ ଲମ୍ବା ଓ ଘଟଣାବହୁଳ। ପ୍ରାକ୍ ସ୍ୱାଧୀନତା କାଳରେ ୧୯୪୬ ମସିହାରେ ଦକ୍ଷିଣ ବାଲେଶ୍ୱର ସଦରରୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥା ୧୯୫୨ ମସିହା ବିଧାୟକ ହୋଇ ପ୍ରଥମେ ନବକୃଷ୍ଣ ଚୌଧୁରୀଙ୍କ ମୁଖମନ୍ତ୍ରୀ ମନ୍ତ୍ରୀ ପରିଷଦର ସ୍ୱରାଷ୍ଟ୍ର ବିଭାଗ ଉପମନ୍ତ୍ରୀ ଓ ସମୟକ୍ରମେ ସର୍ବାଧିକ ସମୟ ସ୍ୱରାଷ୍ଟ୍ର ଓ ଯୋଗାଣ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି।

ପରାଧୀନ ଭାରତବର୍ଷରେ ବ୍ରିଟଶ ପୋଲିସର ଅତ୍ୟାଚାରୀ ଶାସନରେ ଉତ୍ପୀଡିତ ହୋଇ ସଂଗ୍ରାମୀ ନୀଳମଣି ବିଚାର ଥିଲା ସ୍ୱରାଜ ଆସିଲେ ପୋଲିସ ରହିବେ ନାହିଁ। ବିଧିର ବିଡ଼ମ୍ବନା ସ୍ୱାଧୀନତା ପରେ ଗୃହମନ୍ତ୍ରୀ ଭାବେ ତାଙ୍କୁ ଦାୟିତ୍ୱ ତୁଲାଇବାକୁ ପଡ଼ିଛି। ସର୍ବାଧିକ ସମୟ ପୋଲିସ ବିଭାଗର ଦାୟିତ୍ୱ ନେଇ ପ୍ରଶାସନକୁ ଶୃଙ୍ଖଳିତ କରି ଲୋକାଭିମୁଖୀ କରିବାରେ ତାଙ୍କ ପାରଦର୍ଶିତା ପ୍ରଶଂସନୀୟ।

୧୯୭୭-୧୯୮୦ମସିହା ପର୍ଯ୍ୟନ୍ତ ୩ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଓ ୧୯୮୯ ମସିହାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓ ପରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ତତ୍‌କାଳୀନ କେନ୍ଦ୍ରମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦାମନଯୋଡ଼ିଠାରେ ନାଲକୋର ପ୍ରତିଷ୍ଠାରେ ତାଙ୍କ ଭୂମିକା ଉଲ୍ଲେଖନୀୟ। କ୍ଷମତାର ଶୀର୍ଷ ସ୍ଥାନରେ ଥାଇ ଗର୍ବ, ଅହଂକାର ତାଙ୍କୁ ଛୁଇଁ ପାରିନଥିଲା। ଅତ୍ୟନ୍ତ ନମ୍ର ଓ ଭଦ୍ର ଆଚରଣ ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇଅଛନ୍ତି।

ସଂଗ୍ରାମୀ ଦେଶଭକ୍ତ, ସଫଳ ରାଜନେତା ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ଶୁଭ ଜୟନ୍ତୀ ଅବସରରେ ତାଙ୍କ କୀର୍ତ୍ତି ଓ କୃତିକୁ ସ୍ମରଣ କରିବା। ଭବିଷ୍ୟତ ବଂଶଧରଙ୍କ ପାଇଁ ଏହି ଅମୂଲ୍ୟ ସ୍ମୃତିକୁ ସାଇତି ରଖିବା।


ପୂର୍ବତନ ମନ୍ତ୍ରୀ, ଓଡ଼ିଶା


# ସ୍ମାର୍ଟ ଓ ସମାବେଶୀ ସହର-ଓଡ଼ିଶାର ନୂଆ ପରିଚୟ



## ପ୍ରଭାକର ସାହୁ

ମାନବ ସଭ୍ୟତାର ଅଗ୍ରଗତି ସହରମୁଖୀ ହେଉଥିବା ବେଳେ ଓଡ଼ିଶା ମଧ୍ୟ ଏକ ନୂତନ ସହରୀ ପରିବର୍ତ୍ତନର ଦ୍ୱାରପ୍ରାନ୍ତରେ ଦଣ୍ଡାୟମାନ। ଦ୍ରୁତ ଅର୍ଥନୈତିକ ଉନ୍ନତି ଓ ସାମାଜିକ ଗତିଶୀଳତାର ପରିପ୍ରେକ୍ଷିତରେ ସହରୀକରଣ ଆଉ କେବଳ ଜନସଂଖ୍ୟା ବୃଦ୍ଧିର ଏକ ସାଧାରଣ ପ୍ରକ୍ରିୟା ହୋଇ ରହିନାହିଁ; ବରଂ ଏହା ରାଜ୍ୟର ସାମଗ୍ରିକ ବିକାଶର ମୂଳ ଚାଳକ ଶକ୍ତିରେ ପରିଣତ ହୋଇଛି। ଦୂରଦର୍ଶୀ "ଓଡ଼ିଶା ଭିଜନ ୨୦୩୬-୨୦୪୭" ରେ ରାଜ୍ୟକୁ ୨୦୩୬ ସୁଦ୍ଧା ଅର୍ଦ୍ଧ ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ତାହାର କେନ୍ଦ୍ରବିନ୍ଦୁରେ ରହିଛି ଯୋଜନାବଦ୍ଧ ସହରୀକରଣ। ବର୍ତ୍ତମାନର ପ୍ରାୟ ୧୭ ପ୍ରତିଶତ ସହରୀ ପରିସରକୁ ୨୦୩୬ ସୁଦ୍ଧା ୪୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୬୦ ପ୍ରତିଶତକୁ ବିସ୍ତାର କରିବାର ଆକାଂକ୍ଷୀ ଲକ୍ଷ୍ୟ ଏହି ଦୃଷ୍ଟିପତ୍ରରେ ସ୍ପଷ୍ଟ ଭାବେ ପ୍ରତିଫଳିତ।

ଏହି ଲକ୍ଷ୍ୟକୁ ବାସ୍ତବ ରୂପ ଦେବା ପାଇଁ ଓଡ଼ିଶା ସରକାର "ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ" ନାମକ ଏକ ବ୍ୟାପକ ଓ ସମନ୍ୱିତ କାର୍ଯ୍ୟକ୍ରମକୁ ଆରମ୍ଭ କରୁଛନ୍ତି। ତିନି ବର୍ଷ ଅବଧିରେ ପ୍ରାୟ ୪୦୦ କୋଟିର ଲକ୍ଷ୍ୟଧାର୍ଯ୍ୟ ବ୍ୟୟବରାଦ, ବହୁ-ସ୍ତରୀୟ ଶାସନ ବ୍ୟବସ୍ଥା ଏବଂ ସଂଗଠିତ କାର୍ଯ୍ୟନିଷ୍ପାଦନ ଢାଞ୍ଚା ସହ ଏହି ମିଶନ ଓଡ଼ିଶାର ସହରୀ ନବୀକରଣକୁ ଏକ ନୂତନ ସ୍ତରକୁ ନେବାର ଚେଷ୍ଟା କରୁଛି। ପୂର୍ବରୁ ବିଭିନ୍ନ ବିଭାଗ ମାଧ୍ୟମରେ ଖଣ୍ଡବିଖଣ୍ଡ ଭାବେ ଚାଲୁଥିବା ଯୋଜନାଗୁଡ଼ିକୁ ଏକୀକୃତ କରି ସହରୀ ଜୀବନର ମାନଦଣ୍ଡ ଆଧାରିତ ଉନ୍ନୟନ ସୃଷ୍ଟି କରିବା ହେଉଛି ଏହାର ପ୍ରମୁଖ ଲକ୍ଷ୍ୟ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ କହିବାନୁଯାୟୀ, ସହରୀ ବିକାଶ କେବଳ ଭିତ୍ତିଭୂମି ନିର୍ମାଣରେ ସୀମିତ ରହିପାରିବ ନାହିଁ; ଏହା ସମାବେଶୀ, ମାନବୀୟ ଏବଂ ମୂଲ୍ୟବୋଧମୂଳକ ହେବା ଆବଶ୍ୟକ। ତାଙ୍କ ମତରେ, ଏହି ମିଶନ ଅଧୀନରେ ଗଢ଼ିଉଠୁଥିବା ସହରଗୁଡ଼ିକ କେବଳ ବିଶ୍ୱସ୍ତରୀୟ ଭିତ୍ତିଭୂମିର ଉଦାହରଣ ହେବେ ନାହିଁ, ବରଂ ସେଗୁଡ଼ିକ ପ୍ରତ୍ୟେକ ନାଗରିକଙ୍କ ପାଇଁ ସମ୍ମାନ, ସମାନତା ଓ ଉନ୍ନତ ଜୀବନଶୈଳୀର ନିଶ୍ଚିତତା ଦେବେ। ଆଗାମୀ ଦଶକରେ ଓଡ଼ିଶାର ସହରୀ ଜନସଂଖ୍ୟା ପ୍ରାୟ ତିନି ଗୁଣ ବୃଦ୍ଧି ପାଇ ଦୁଇ କୋଟିକୁ ଛୁଇଁବାର ଆକଳନ କରାଯାଇଛି। ବର୍ତ୍ତମାନ ରାଜ୍ୟର ସହରୀ ଜନସଂଖ୍ୟାର ଅଧିକାଂଶ ଭାଗ କେବଳ କିଛି ବଡ଼ ସହରରେ କେନ୍ଦ୍ରୀଭୂତ ଥିବାରୁ ଆଞ୍ଚଳିକ ବିଷମତା ସୃଷ୍ଟି ହେଉଛି। ଏହି ଅସମ ବିକାଶକୁ ରୋକିବା ପାଇଁ ରାଜ୍ୟ ସରକାର ଦ୍ୱିତୀୟ ସ୍ତରୀୟ ସହରଗୁଡ଼ିକୁ ଶକ୍ତିଶାଳୀ କରି ସେଗୁଡ଼ିକୁ ଆଞ୍ଚଳିକ ବିକାଶର କେନ୍ଦ୍ରରେ ପରିଣତ କରିବାର ଯୋଜନା କରିଛନ୍ତି।

ଅତୀତରେ ସହରୀ ବିକାଶ କ୍ଷେତ୍ରରେ ନିଷ୍କାସନ, ଜଳ ଯୋଗାଣ, ଗୃହ ନିର୍ମାଣ ଓ ପରିଚ୍ଛନ୍ନତା ଭଳି ବିଭିନ୍ନ ଯୋଜନା ଅଲଗା ଅଲଗା ଭାବେ କାର୍ଯ୍ୟକାରୀ ହେଉଥିଲା। ଫଳରେ ସମଗ୍ର ସହରର ରହଣିଯୋଗ୍ୟତାରେ ଆବଶ୍ୟକ ମାପର ପରିବର୍ତ୍ତନ ଆସୁନଥିଲା। "ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ" ଏହି ଅଭାବକୁ ଦୂର କରି ଏକ ଏକୀକୃତ ମଡେଲ ଆଣୁଛି, ଯେଉଁଠାରେ ଅମୃତ ୨.୦, PMAY-U, ସୁଜଳ ଏବଂ ସ୍ୱଚ୍ଛ ଓଡ଼ିଶା ଭଳି ଯୋଜନାମାନଙ୍କୁ ସମନ୍ୱୟ କରାଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏହାକୁ ଏକ "ମେଟ୍ରିକ୍ ଆଧାରିତ ସଂରଚନାଗତ ପରିବର୍ତ୍ତନ" ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ ମତରେ, ସମୁଦାୟ-ନେତୃତ୍ୱାଧୀନ ବସ୍ତି ପୁନର୍ବିକାଶ ଓ କଠୋର ଲିଭେବିଲିଟି ବେଞ୍ଚମାର୍କିଂକୁ ସମ୍ମିଳିତ କରି ପୌରପାଳିକାମାନଙ୍କ ମଧ୍ୟରେ ଉତ୍ତରଦାୟିତ୍ୱ ଓ କାର୍ଯ୍ୟଦକ୍ଷତାର ନୂତନ ସଂସ୍କୃତି ଗଢ଼ାଯାଉଛି।

ମିଶନର ପ୍ରମୁଖ ଆଧାର ହେଉଛି "ଲିଭେବିଲିଟି ଇଣ୍ଡେକ୍ସ" ବା ବାସଯୋଗ୍ୟ ସୂଚକାଙ୍କ। ପ୍ରଥମ ପର୍ଯ୍ୟାୟରେ ୨୫ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୪୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଏହାର ଅଧୀନରେ ଆଣାଯିବ। ସହରଗୁଡ଼ିକର ସଫଳତା କେବଳ ବାହ୍ୟ ସୌନ୍ଦର୍ଯ୍ୟକରଣ ନୁହେଁ, ବରଂ ପାଇପ୍ ଜଳ ଯୋଗାଣ, ସୁଲଭ ଗୃହ, ଆବର୍ଜନା ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟସେବା, ଡିଜିଟାଲ୍ ଗଭର୍ଣ୍ଣାନ୍ସ, ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ଓ ନିଯୁକ୍ତି ସୁଯୋଗ ଭଳି ପ୍ରମୁଖ ସୂଚକ ଆଧାରରେ ମାପାଯିବ।

ଏହା ସହିତ "ସହଯୋଗ ପ୍ଲସ" ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ୧୧୫ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ବସ୍ତି ପୁନର୍ବିକାଶ କାର୍ଯ୍ୟକ୍ରମ ଚାଲୁ କରାଯିବ। ଏହି ଯୋଜନାରେ ବସ୍ତିବାସୀ ସଂଘଗୁଡ଼ିକୁ ସଶକ୍ତ କରି ସେମାନଙ୍କୁ ଆଗାମୀ ଦିନରେ ଆନୁଷ୍ଠାନିକ ଆବାସିକ କଲ୍ୟାଣ ସଂଘରେ ପରିଣତ କରାଯିବ। ଏହା ମାଧ୍ୟମରେ କେବଳ ଭୌତିକ ଭିତ୍ତିଭୂମି ନୁହେଁ, ସାମାଜିକ ସୁରକ୍ଷା ଓ ସମୁଦାୟ ଅଧିକାରକୁ ମଧ୍ୟ ସୁଦୃଢ଼ କରାଯିବ।

ରାଜ୍ୟ ସରକାର ଏହି ମିଶନକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାର ରଣନୀତି ଆପଣାଇଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷରେ ରାଉରକେଲା, ବାଲେଶ୍ୱର, ଜୟପୁର, ବାରିପଦା, ଭଦ୍ରକ ଓ ଭବାନୀପାଟଣା ଭଳି ପ୍ରମୁଖ ସହର ସମେତ ୧୦ଟି ସହରରେ ପାଇଲଟ୍ ମୋଡ୍‌ରେ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ, ଅନୁଗୁଳ, ବରଗଡ଼, ଝାରସୁଗୁଡ଼ା, ବ୍ୟାସନଗର ଓ ପାରାଦୀପ ଭଳି ସହରଗୁଡ଼ିକୁ ସାମିଲ କରି ୩୦ଟି ସହରକୁ ବିସ୍ତାର କରାଯିବ। ତୃତୀୟ ପର୍ଯ୍ୟାୟରେ ଜଳେଶ୍ୱର, ସୋର ଓ ଯୋଡ଼ା ଭଳି ଛୋଟ ପୌରପାଳିକା ଓ ଏନ୍ ଏ ସି ଗୁଡ଼ିକୁ ଅନ୍ତର୍ଭୁକ୍ତ କରି ସମସ୍ତ ୪୯ଟି ସହରକୁ ମିଶନ ଅଧୀନରେ ଆଣାଯିବ।

ମିଶନର ଆର୍ଥିକ ଶୃଙ୍ଖଳା ମଧ୍ୟ ସ୍ପଷ୍ଟ ଏବଂ ସୁସଂଗଠିତ। ୪୦୦ କୋଟିର ବ୍ୟୟବରାଦକୁ ତିନି ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ବିନିଯୋଗ କରାଯିବ। ଏଥିରୁ ବଡ଼ ଅଂଶ ପ୍ରକଳ୍ପ ପୁଞ୍ଜି ସମ୍ପତ୍ତି ପାଇଁ ସଂରକ୍ଷିତ ରହିଛି, ଯାହା ଆଧୁନିକ ସାଂସ୍କୃତିକ କେନ୍ଦ୍ର, ଲର୍ଣ୍ଣିଂ ଲ୍ୟାବ୍, ସହରୀ ସବୁଜ ସ୍ଥଳୀ ଓ ଏକୀକୃତ ପରିବହନ ଟର୍ମିନାଲ ଭଳି ଦୀର୍ଘସ୍ଥାୟୀ ପ୍ରକଳ୍ପରେ ବ୍ୟୟ ହେବ। ପାଣ୍ଠି ବଣ୍ଟନରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଉପଯୋଗିତା ପ୍ରମାଣପତ୍ର ଦାଖଲକୁ ବାଧ୍ୟତାମୂଳକ କରାଯାଇଛି।

କାର୍ଯ୍ୟନିଷ୍ପାଦନରେ ଗତି ଓ ସମନ୍ୱୟ ରଖିବା ପାଇଁ ରାଜ୍ୟ ଏକ ଚାରି-ସ୍ତରୀୟ ଶାସନ ଗଠନ ତିଆରି କରିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆପେକ୍ସ କମିଟି ନୀତିଗତ ଦିଗନିର୍ଦ୍ଦେଶ ଦେବା ସହ ରଣନୀତିକ ସମସ୍ୟାର ସମାଧାନ କରିବ। ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଷ୍ଟିଅରିଂ କମିଟି ପ୍ରକଳ୍ପ ନିରୀକ୍ଷଣ ଓ କାର୍ଯ୍ୟଦକ୍ଷତା ଟ୍ରାକିଂ କରିବ। ଜିଲ୍ଲାପାଳମାନଙ୍କ ନେତୃତ୍ୱରେ ଜିଲ୍ଲା ସମନ୍ୱୟ କମିଟି ରାଜ୍ୟ ନୀତି ଓ ତୃଣମୂଳ ସ୍ତରର କାର୍ଯ୍ୟକରିତା ମଧ୍ୟରେ ସମନ୍ୱୟ ରଖିବା ସହ ସ୍ଥାନୀୟ ଅଭିଯୋଗ ନିରାକରଣରେ ସହଯୋଗ କରିବ। ପୌରପାଳିକା ସ୍ତରରେ ଗଠିତ ସ୍ମାର୍ଟ ସିଟି ମିଶନ କମିଟି ପ୍ରକଳ୍ପ ଚିହ୍ନଟ ଓ ମାସିକ ଅଗ୍ରଗତି ରିପୋର୍ଟ ପ୍ରଦାନ ପାଇଁ ଦାୟୀ ରହିବ।

ସାରକଥାରେ, "ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ" କେବଳ ଭିତ୍ତିଭୂମି ନିର୍ମାଣର ଏକ ସରକାରୀ ଯୋଜନା ନୁହେଁ; ଏହା ହେଉଛି ଓଡ଼ିଶାର ସହରୀ ଭବିଷ୍ୟତକୁ ନୂତନ ଭାବେ ପୁନର୍କଳ୍ପନା କରିବାର ଏକ ଦୂରଦର୍ଶୀ ପ୍ରୟାସ। ବାୟୁ ଗୁଣବତ୍ତା ସୂଚକାଙ୍କ ହ୍ରାସ, ଶତପ୍ରତିଶତ ପକ୍କା ଘର, ବୃଦ୍ଧିଶୀଳ ସବୁଜ ଆଚ୍ଛାଦନ ଓ ନାଗରିକ କେନ୍ଦ୍ରିକ ସେବାକୁ ଲକ୍ଷ୍ୟ କରି ଓଡ଼ିଶା ଏକ ସୁସଂଗଠିତ, ସ୍ଥାୟୀ ଏବଂ ସମାବେଶୀ ସହରୀକରଣର ନୂତନ ମଡେଲ ସୃଷ୍ଟି କରୁଛି। ଆଗାମୀ ଦିନରେ ଏହି ପ୍ରୟାସ ରାଜ୍ୟକୁ କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ବରଂ ମାନବିକ ଏବଂ ଜୀବନମାନର ଦୃଷ୍ଟିରୁ ମଧ୍ୟ ଏକ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବ ବୋଲି ଆଶା କରାଯାଉଛି।


ମୋବାଇଲ୍:୯୪୩୯୬୫୪୨୨୨




### ଆମେରିକା-ଇରାନ୍ ଚିଠା ପ୍ରସ୍ତାବ ପ୍ରସ୍ତୁତ

# ପ୍ରସ୍ତାବିତ ବୁଝାମଣାରେ ଯୁଦ୍ଧବିରାମ ଆହ୍ୱାନ



ତେହେରାନ, ୨୩।୫ଃ ଆମେରିକା ଓ ଇରାନ ମଧ୍ୟରେ ଜାରି ବାର୍ତ୍ତାରେ ଖୁବ୍ ଶୀଘ୍ର ଏକ ବଡ଼ ସଫଳତା ଘୋଷଣା ହୋଇପାରେ। ଖବର ଅନୁସାରେ ଆମେରିକା-ଇରାନ ବୁଝାମଣାର ଚୂଡ଼ାନ୍ତ ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇଗଲାଣି। ପ୍ରସ୍ତାବିତ ବୁଝାମଣାରେ ସବୁ ମୋର୍ଚ୍ଚାରେ ତତ୍କାଳ, ବ୍ୟାପକ ଓ ନିସର୍ତ୍ତ ଯୁଦ୍ଧବିରାମ ଆହ୍ୱାନ କରାଯାଇଛି। ଚିଠା ପ୍ରସ୍ତାବରେ ଉଭୟ ପକ୍ଷରୁ ସାମରିକ, ନାଗରିକ ଅଥବା ଆର୍ଥିକ ଭିତ୍ତିଭୂମି ଟାର୍ଗେଟ୍ ନ କରିବାକୁ ପ୍ରତିଜ୍ଞା ସହିତ ସାମରିକ କାର୍ଯ୍ୟାନୁଷ୍ଠାନ ଓ ଶତ୍ରୁତାପୂର୍ଣ୍ଣ ଗଣମାଧ୍ୟମ ଅଭିଯାନ ରୋକିବା ଲାଗି ପ୍ରାବଧାନ ରହିଛି।

ଅଲ ଆରବିୟାର ଏକ ରିପୋର୍ଟ ଅନୁସାରେ ପ୍ରସ୍ତାବିତ ବୁଝାମଣାରେ ସାର୍ବଭୌମତ୍ୱ, କ୍ଷେତ୍ରୀୟ ଅଖଣ୍ଡତା ଓ ଅନ୍ତରୀଣ ମାମଲାରେ ପାରସ୍ପରିକ ସମ୍ମାନ ଉପରେ ସଂକଳ୍ପ ମଧ୍ୟ ରହିଛି। ବୁଝାମଣାରେ ଉପସାଗରୀୟ ଜଳକ୍ଷେତ୍ରରେ ନୌ ପରିବହନର ସ୍ୱାଧୀନତା ଗ୍ୟାରେଣ୍ଟିର ମଧ୍ୟ ଉଲ୍ଲେଖ ରହିଛି। ରିପୋର୍ଟରେ କୁହାଯାଇଛି ଯେ ୱାଶିଂଟନ ଓ ତେହେରାନ ଦ୍ୱାରା ଘୋଷଣା ମାତ୍ରେ ଏହି ବୁଝମଣା ତୁରନ୍ତ ପ୍ରଭାବୀ ହୋଇଯିବ।

ଏହା ପୂର୍ବରୁ ୨୧ ମେ ଗୁରୁବାର ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟୋ ମଧ୍ୟ ଉଭୟ ପକ୍ଷଙ୍କ ମଧ୍ୟରେ ବାର୍ତ୍ତାକୁ ନେଇ ଆଶାବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ଏହା ଦ୍ୱାରା ଆଲୋଚନାରେ ଆହୁରି ପ୍ରଗତି ହୋଇପାରେ। ଯଦିଓ ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ଜାରି ରହିଛି ତେବେ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଇରାନର ପରମାଣୁ କ୍ଷମତାକୁ ନିଷ୍କ୍ରିୟ କରିବା ଲାଗି ଦାବି କରୁଛନ୍ତି। ଏଥିରେ ଇରାନର କହିବା କଥା ହେଉଛି ୟୁରେନିୟମ ସମୃଦ୍ଧକରଣ କରିବା ତାର ଅଧିକାର। ଏହା ପୂର୍ବରୁ ୨୧ ମେ ଗୁରୁବାର ଟ୍ରମ୍ପ ସାମ୍ବାଦିକଙ୍କୁ କହିଥିଲେ ଯେ ଆମେ ସେ ସବୁକୁ ହାସଲ କରିନେବୁ। ଆମକୁ ସେ ସବୁର ଆବଶ୍ୟକତା ନାହିଁ ହେଲେ ଆମେ ଏହା ଚାହୁଁନୁ। ହୁଏତ ହାସଲ କରିବା ପରେ ଆମେ ସମୃଦ୍ଧ ୟୁରେନିୟମକୁ ନଷ୍ଟ କରିଦେଇପାରୁ ହେଲେ ଆମେ ଇରାନକୁ ତାହା ରଖିବାକୁ ଦେବୁନି।

### ପାକ୍ ସେନାମୁଖ୍ୟଙ୍କ ତେହରାନ୍ ଗସ୍ତ



ଇସଲାମାବାଦଃ ପାକିସ୍ତାନ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନୀର ଶୁକ୍ରବାର ତେହେରାନ ଗସ୍ତ କରିଛନ୍ତି। ବୁଧବାରଠାରୁ ଇରାନରେ ଥିବା ଗୃହମନ୍ତ୍ରୀ ମୋହସିନ ନକଭିଙ୍କ ଦ୍ୱାରା ଇରାନର ଶୀର୍ଷ ନେତୃତ୍ୱଙ୍କ ସହିତ ହୋଇଥିବା ଆଲୋଚନାରେ ପ୍ରଗତି ରିପୋର୍ଟ ମିଳିବା ପରେ ମୁନୀର ତେହେରାନ ଯାଇଛନ୍ତି। ଫିଲ୍ଡ ମାର୍ଶାଲ ମୁନୀର ଇରାନର ଗୁରୁତ୍ୱପୂର୍ଣ୍ଣ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ କରିବେ ଏବଂ ଇରାନ-ଆମେରିକା ଶାନ୍ତି ପାଇଁ ପ୍ରୟାସ କରିବେ। ଇରାନର ସରକାରୀ ଟିଭି 'ଇରନା'କୁ ଉଦ୍ଧାର କରି କହିଛି ଯେ ଫିଲ୍ଡ ମାର୍ଶାଲ ମୁନୀର ଇରାନ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ତେହେରାନ ଯାଉଛନ୍ତି।

## ରାଘବ ହେଲେ ରାଜ୍ୟସଭା ଯାଚିକା ସମିତି ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୩।୫ଃ ଆପ୍ ଛାଡ଼ି ବିଜେପିରେ ଯୋଗଦେବା ଦିନଠାରୁ ସମାଲୋଚନାର ଶିକାର ହେଉଛନ୍ତି ରାଜ୍ୟସଭା ସାଂସଦ ରାଘବ ଚଡ୍ଢା। ତେବେ ଏହାରି ଭିତରେ ବିଜେପି ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଦେଇଛି। ରାଜ୍ୟସଭା ଯାଚିକା ସମିତିର ଅଧ୍ୟକ୍ଷ ଭାବେ ରାଘବଙ୍କୁ ଦାୟିତ୍ୱ ଦେଇଛନ୍ତି ମୋଦି। ଏହି ପ୍ୟାନେଲକୁ ପୁନର୍ଗଠିତ କରାଯାଇଥିବାବେଳେ ଏଥିରେ ରହିଛନ୍ତି ୧୦ ସଦସ୍ୟ। ଏହାର ଅଧ୍ୟକ୍ଷ ଭାବେ ଚଡ୍ଢାଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟସଭାରେ ଏକ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି କି, ଯାଚିକା ସମିତିର ଅଧ୍ୟକ୍ଷ ଭାବେ ରାଘବଙ୍କୁ ନିଯୁକ୍ତ କରାଯାଇଛି। ମେ ୨୦ ତାରିଖରେ ଏହି କମିଟିର ପୁନର୍ଗଠିତ କରିଛନ୍ତି ରାଜ୍ୟସଭା ଅଧ୍ୟକ୍ଷ। ତେବେ ଏହି କମିଟିରେ ରହିଥିବା ୧୦ ଜଣ ସଦସ୍ୟଙ୍କୁ ବାଛିଛନ୍ତି ସି.ପି. ରାଧାକ୍ରିଷ୍ଣ। ତେବେ ଏହି କିମଟିରେ ହର୍ଷ ମହାଜନ, ଗୁଲାମ ଅଲ୍ଲୀ, ଶମ୍ଭୁଶରଣ ପଟେଲ ଏବଂ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ରହିଛନ୍ତି।

## ୨୪୫ ଏକର ଜମିରେ ତିଆରି ହେବ ୟୁପିର ନୂଆ ବିଧାନସଭା



ଲକ୍ଷ୍ନୌ, ୨୩।୫ଃ ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଏକ ଅତ୍ୟାଧୁନିକ ତଥା ଭବ୍ୟ ବିଧାନସଭା ନିର୍ମାଣ ପାଇଁ ବାଟ ଫିଟିଛି। ଏହି ମେଗା ପ୍ରୋଜେକ୍ଟକୁ ବାସ୍ତବ ରୂପ ଦେବା ପାଇଁ ଲକ୍ଷ୍ନୌ ବିକାଶ ପ୍ରାଧିକରଣ ପକ୍ଷରୁ ଆନୁଷ୍ଠାନିକ ଭାବେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଗୋମତୀନଗରସ୍ଥିତ ପ୍ରସିଦ୍ଧ 'ସହାରା ସହର'ର ଜମିରେ ଏହି ନୂତନ ହାଇଟେକ୍ ବିଧାନଭବନ କମ୍ପ୍ଲେକ୍ସ ତିଆରି ହେବ। ଏଥିପାଇଁ ଉପଯୁକ୍ତ କନ୍ସଲଟାଣ୍ଟ (ପରାମର୍ଶଦାତା) ଏବଂ ଆର୍କିଟେକ୍ଟ (ସ୍ଥାପତ୍ୟ ଶିଳ୍ପୀ) ଚୟନ କରିବା ଲାଗି ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଯୋଗ୍ୟ ତଥା ଆଗ୍ରହୀ କମ୍ପାନୀଗୁଡ଼ିକ ୨୩ ମେ'ରୁ ୨୧ ଜୁନ୍ ମଧ୍ୟରେ ନିଜର ଆବେଦନ ଦାଖଲ କରିପାରିବେ।

କନ୍ସଲଟାଣ୍ଟ ଏବଂ ଆର୍କିଟେକ୍ଟ ଚୟନ ସରିବା ପରେ, ସେମାନଙ୍କ ତତ୍ତ୍ୱାବଧାନରେ ଏହି ପ୍ରୋଜେକ୍ଟର ଏକ ବିସ୍ତୃତ ବିବରଣୀ ବା ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି ଡିପିଆର୍ ଆଧାରରେ ହିଁ ନୂତନ ବିଧାନସଭା ନିର୍ମାଣର ଆନୁମାନିକ ଖର୍ଚ୍ଚ, କାର୍ଯ୍ୟ ଶେଷ ହେବାର ସମୟସୀମା ଏବଂ ଅନ୍ୟାନ୍ୟ ବୈଷୟିକ ଦିଗଗୁଡ଼ିକର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ।

ପ୍ରାୟ ୨୪୫ ଏକର ପରିମିତ ବିସ୍ତୀର୍ଣ୍ଣ ଜମି ଉପରେ ଏହି କମ୍ପ୍ଲେକ୍ସ ନିର୍ମାଣ କରାଯିବ । ମୋଟ ଜମି ମଧ୍ୟରୁ ପ୍ରାୟ ୧୭୦ ଏକର ଜମି ଲକ୍ଷ୍ନୌ ନଗର ନିଗମର ହୋଇଥିବା ବେଳେ ବାକି ପ୍ରାୟ ୭୫ ଏକର ଜମି ଲକ୍ଷ୍ନୌ ବିକାଶ ପ୍ରାଧିକରଣ ଅଧୀନରେ ରହିଛି । ଏହି ନୂତନ ବିଧାନସଭା କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ୍ ଓ ପରିବେଶ ଅନୁକୂଳ ଭାବରେ ନିର୍ମାଣ କରାଯିବାର ଯୋଜନା ରହିଛି । ଏହା ଭବିଷ୍ୟତର ପ୍ରଶାସନିକ ଆବଶ୍ୟକତାକୁ ସହଜରେ ପୂରଣ କରିପାରିବ ।

## ବାୟୁସେନାର ଚିତା ହେଲିକପ୍ଟର କ୍ରାସ୍



ନୂଆଦିଲ୍ଲୀ,୨୩।୫ଃ ଲଦାଖ ତାଙ୍ଗସେ ପାଖରେ ଭାରତୀୟ ସେନାର ଏକ 'ଚିତା' ହେଲିକପ୍ଟର ଦୁର୍ଘଟଣାର ଶିକାର ହୋଇଛି। ଏହି ଦୁର୍ଘଟଣାରେ ୩ ଡିଭିଜନ୍‌ର ଜେନେରାଲ ଅଫିସର କମାଣ୍ଡିଂ ମେଜର ଜେନେରାଲଙ୍କ ସହିତ ୩ ଅଧିକାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଡିଭିଜନକୁ ତ୍ରିଶୂଳ ଡିଭିଜନ୍ ଭାବରେ ଜଣାଯାଏ। ଦୁର୍ଘଟଣା ବୁଧବାର ହୋଇଥିବା ବେଳେ ଏହା ଶନିବାର ସାମନାକୁ ଆସିଛି। ସେନାର ଜଣେ ଅଧିକାରୀ କହିଛନ୍ତି, ଏହି ସିଙ୍ଗଲ ଇଞ୍ଜିନ ଥିବା ଚିତା ହେଲିକପ୍ଟରକୁ ଜଣେ ଲେଫ୍ଟନାଣ୍ଟ କର୍ନେଲ ଓ ଜଣେ ମେଜର ରାଙ୍କର ଅଧିକାରୀ ଉଡ଼ାଉଥିଲେ। ଥାର୍ଡ ଇନଫ୍ୟାନଟ୍ରି ଡିଭିଜନ୍ ଜେନେରାଲ ଅଫିସର କମାଣ୍ଡିଂ ଜେନେରାଲ ସଚିନ ମେହେତା ସେଥିରେ ଥିଲେ। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ସେନା ଦ୍ୱାରା 'କୋର୍ଟ ଅଫ୍ ଇନକ୍ୱାରୀ' ନିର୍ଦ୍ଦେଶ ଦିଆଯାଇଛି।

## ଷ୍ଟାଡିଅମ୍ ଷ୍ଟାଚ୍ୟୁ ଭାଙ୍ଗିଲା ଶୁଭେନ୍ଦୁ ସରକାର



କୋଲକାତା, ୨୩।୫ଃ ମମତା ବାନାର୍ଜୀଙ୍କୁ କ୍ଷମତାଚ୍ୟୁତ କରି ସରକାର ଗଠନ କରିଥିବା ସିଏମ୍ ଶୁଭେନ୍ଦୁ ସରକାର ଶନିବାର ମମତାଙ୍କ କାର୍ଯ୍ୟକାଳରେ ନିର୍ମିତ ଏକ ଷ୍ଟାଚ୍ୟୁକୁ ହଟେଇ ଦେଇଛି। ଏହି ଷ୍ଟାଚ୍ୟୁ ସଲ୍ଟ ଲେକ୍ ଷ୍ଟାଡିୟମ ବାହାରେ ତିଆରି କରାଯାଇଥିଲା। ପଶ୍ଚିମବଙ୍ଗର କ୍ରୀଡ଼ାମନ୍ତ୍ରୀ ନିଶୀଥ ପ୍ରମାଣିକ ଷ୍ଟାଡିୟମ ପରିସର ବଢାଇବାକୁ ଘୋଷଣା କରିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। କ୍ରୀଡ଼ାମନ୍ତ୍ରୀ ପ୍ରମାଣିକ ଏହି ଷ୍ଟାଚ୍ୟୁର ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ଏହି ଷ୍ଟାଚ୍ୟୁ ଦେଖିବାକୁ ଭଲ ଲାଗୁ ନଥିଲା। ଅଣ୍ଟା ତଳେ ଦୁଇଟି ଗୋଡ ଏବଂ ଏହା ଉପରେ ଫୁଟବଲ। ପ୍ରମାଣିକ କହିଛନ୍ତି ଯେ, ଯେବେଠାରୁ ଏହି ମୂର୍ତ୍ତି ଲାଗିଛି ଗତ ସରକାରର ଖରାପ ଦିନ ଆରମ୍ଭ ହୋଇଯାଇଛି। ୨୦୧୭ ମସିହାରେ ସଲ୍ଟ ଲେକ୍ ଷ୍ଟାଡିୟମ ବାହାରେ ଏହି ଷ୍ଟାଚ୍ୟୁ ତିଆରି କରାଯାଇଥିଲା। ସେହି ବର୍ଷ ଅଣ୍ଡର-୧୭ ଫିଫା ବିଶ୍ୱକପ୍ ପୂର୍ବରୁ ଏହାକୁ ଭିଭିଆଇପି ଗେଟ୍ ନିକଟରେ ଲଗାଯାଇଥିଲା।

## ଟ୍ରକ-କାର ଧକ୍କା, ୫ ମୃତ



ବେଙ୍ଗାଲୁରୁ, ୨୩।୫ଃ କର୍ଣ୍ଣାଟକର କାଲାବୁରାଗି ଜିଲାରେ ଭୟଙ୍କର ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଚିତ୍ତପୁର ତାଲୁକର ଲାଡଲାପୁର ଗ୍ରାମ ନିକଟରେ ଜାତୀୟ ରାଜପଥ-୧୫୦ରେ ଏକ କ୍ରୁଜର ଗାଡ଼ି ଏବଂ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଛି। ପୁଲିସ ଅନୁଯାୟୀ, ଶୁକ୍ରବାର ରାତିରେ ଜଣେ ସମ୍ପର୍କୀୟ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ନିମୋନିଆ ସମ୍ବନ୍ଧୀୟ ଜଟିଳତା ଯୋଗୁଁ ମୃତକଙ୍କ ସମ୍ପର୍କୀୟଙ୍କ ମଧ୍ୟରୁ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା। ଫଳସ୍ୱରୂପ ଆଠ ଜଣ ଲୋକ ଏକ କ୍ରୁଜର ଗାଡ଼ିରେ ସମ୍ପର୍କୀୟଙ୍କୁ ଚିକିତ୍ସା ପାଇଁ ଯାଦଗିର ସହରର ଏକ ହସ୍ପିଟାଲରେ ଭର୍ତ୍ତି କରିବାକୁ ଯାଇଥିଲେ। ସମ୍ପର୍କୀୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ପରେ, ଡ୍ରାଇଭର ସମେତ ପାଞ୍ଚ ଜଣ ଘରକୁ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଭିବିଜୀ ରାମଜୀ ଡ୍ରାଫ୍ଟ ନିୟମ ଜାରି



ନୂଆଦିଲ୍ଲୀ, ୨୩।୫ଃ କେନ୍ଦ୍ର ସରକାର ବିକଶିତ ଭାରତ ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ) ଅଧିନିୟମ, ୨୦୨୫ (ଭିବି-ଜୀ-ରାମ-ଜୀ)ର ଡ୍ରାଫ୍ଟ ନିୟମ ଜାରି କରିଛନ୍ତି। ଏହି ନିୟମ ସାର୍ବଜନୀନ ପରାମର୍ଶ ପାଇଁ ଜାରି କରାଯାଇଛି। ଏହି ଆଇନକୁ ଜୁଲାଇ ୧ରୁ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଲାଗୁ କରାଯିବ। ଏହି ଡ୍ରାଫ୍ଟ ନିୟମ ଅଧିନିୟମର ଧାରା ୩୩ ଓ ଅନ୍ୟ ସମ୍ବନ୍ଧିତ ପ୍ରାବଧାନ ଅଧିନରେ ପ୍ରସ୍ତୁତ କରାଯାଇଛି। ଏହାକୁ ଚୂଡ଼ାନ୍ତ ରୂପ ଦିଆଯିବା ପୂର୍ବରୁ ସବୁ ପକ୍ଷର ପରାମର୍ଶ ପାଇଁ ସାର୍ବଜନୀନ ଡୋମେନରେ ରଖାଯାଇଛି। ପ୍ରସ୍ତାବିତ ନିୟମରେ ସଂକ୍ରମଣକାଳୀନ ପ୍ରବଧାନ, ରାଷ୍ଟ୍ରୀୟସ୍ତରର ପରିଚାଳନା ସମିତି ଓ କେନ୍ଦ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ପରିଷଦ ସାମିଲ ଅଛି। ଏହା ବ୍ୟତିତ ପ୍ରଶାସନିକ ଖର୍ଚ୍ଚ, ଅଭିଯୋଗ ସମାଧାନ ଓ ପାରିଶ୍ରମିକ ପୈଠ ସହ ଜଡ଼ିତ ପ୍ରାବଧାନ ମଧ୍ୟ ଏଥିରେ ରହିଛି। ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଅଧିକାରୀମାନେ କହିଛନ୍ତି ଯେ ଏହି ନିୟମଗୁଡ଼ିକ ସାରା ଦେଶରେ ଆଇନ ପାଇଁ ସଂସ୍ଥାଗତ, ପ୍ରଶାସନିକ, ଆର୍ଥିକ ଏବଂ ଶାସନ ଢାଞ୍ଚା ସ୍ଥାପନ କରିବ। ଏହି ପ୍ରକ୍ରିୟାର ଲକ୍ଷ୍ୟ ହେଉଛି ରାଜ୍ୟ, ପ୍ରତିଷ୍ଠାନ, ବିଶେଷଜ୍ଞ, ନାଗରିକ ସମାଜ ସଂଗଠନ ଏବଂ ସାଧାରଣ ଜନତାଙ୍କଠାରୁ ଗଠନମୂଳକ ମତାମତ ପାଇବା।

# ମୋଦିଙ୍କୁ ଭେଟିଲେ ମାର୍କୋ ରୁବିଓ



ନୂଆଦିଲ୍ଲୀ, ୨୩।୫ଃ ଚାରିଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ଏହି ବୈଠକର ଫଟୋ ମଧ୍ୟ ସେୟାର କରିଛନ୍ତି। ବୈଠକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ମୁଁ ଶ୍ରୀ ମାର୍କୋ ରୁବିଓଙ୍କୁ ସ୍ୱାଗତ କରି ଅତ୍ୟନ୍ତ ଖୁସି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆମେ ଭାରତ-ଆମେରିକା ବ୍ୟାପକ ବିଶ୍ୱ ରଣନୈତିକ ସହଭାଗୀତାରେ ଚାଲିଥିବା ଅଗ୍ରଗତି ଏବଂ ଆଞ୍ଚଳିକ ଏବଂ ବିଶ୍ୱ ଶାନ୍ତି ଏବଂ ସୁରକ୍ଷା ସହିତ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା କରିଛୁ। ଭାରତ ଏବଂ ଆମେରିକା ବିଶ୍ୱ ମଙ୍ଗଳ ପାଇଁ ଏକାଠି କାମ କରିବା ଜାରି ରଖିବେ।

ବୈଠକ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ରୁବିଓ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ରୁବିଓ ଭାରତୀୟ ପ୍ରଧାନମନ୍ତ୍ରୀଙ୍କୁ ଆମେରିକା ଗସ୍ତ ପାଇଁ ନିମନ୍ତ୍ରଣ ମଧ୍ୟ କରିଥିଲେ। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟତୀତ, ଆମେରିକୀୟ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ଇନଷ୍ଟାଗ୍ରାମରେ ବୈଠକର ଫଟୋ ମଧ୍ୟ ସେୟାର କରିଛନ୍ତି। ଏଥିରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସାକ୍ଷାତ ପାଇଁ ମାର୍କୋ ରୁବିଓ ଯୋଗଦେବା ଏକ ଆନନ୍ଦଦାୟକ କଥା। ସୁରକ୍ଷା, ବାଣିଜ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ-ଆମେରିକା ସହଯୋଗକୁ ବିସ୍ତାର ଏବଂ ଗଭୀର କରିବା ଉପରେ ଆମର ଏକ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଛି। ଏହି କ୍ଷେତ୍ର ଗୁଡ଼ିକ ଉଭୟ ଦେଶକୁ ମଜବୁତ କରିଥାଏ। ଭାରତ ଏବଂ ଆମେରିକା ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର।

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଚାରି ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ରୁବିଓଙ୍କ ଚାରି ଦିନିଆ ଗସ୍ତର କାର୍ଯ୍ୟସୂଚୀ ପ୍ରକାଶ କରିଛି।

## ୩୫ରୁ୪୦ ପ୍ରତିଶତ ଓକିଲ ନକଲି



ନୂଆଦିଲ୍ଲୀ, ୨୩।୫ଃ ପ୍ରାୟ ୩୫-୪୦ ପ୍ରତିଶତ ଓକିଲ ନକଲି ଡିଗ୍ରୀଧାରୀ ଏବଂ ସେମାନେ ନକଲି ଡିଗ୍ରୀ ପ୍ରମାଣପତ୍ର ଆଧାରରେ କୋର୍ଟ ଗୁଡ଼ିକରେ ଓକିଲାତି କରୁଛନ୍ତି ବୋଲି ବାର୍ କାଉନ୍ସିଲର ଅଧ୍ୟକ୍ଷ କହିଛନ୍ତି। ବରିଷ୍ଠ ଓକିଲ ମନନ କୁମାର ମିଶ୍ର କହିଛନ୍ତି ବିସିଆଇ ଏହି ପ୍ରସଙ୍ଗରେ ଅବଗତ ଅଛନ୍ତି ଏବଂ ଏହି ସମ୍ବନ୍ଧରେ ପଦକ୍ଷେପ ନେବାର ପ୍ରକ୍ରିୟା କରୁଛନ୍ତି। ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ )ର ଅଧ୍ୟକ୍ଷ ନ୍ୟୁଜ୍ ଏଜେନ୍ସି ଆଇଏଏନଏସକୁ କହିଛନ୍ତି, କୋର୍ଟ ପରିସରଗୁଡ଼ିକରେ ଦେଖାଯାଉଥିବା କଳାକୋଟ୍ ଓ ପଛି ପିନ୍ଧାଧାରୀମାନେ ପ୍ରାୟ ୩୫ରୁ ୪୦ ପ୍ରତିଶତ ଓକିଲ ନକଲି ଅଛନ୍ତି। ତାଙ୍କର ଡିଗ୍ରୀ ଗୁଡ଼ିକ ସଂପୂର୍ଣ୍ଣ ଫେକ୍। ମିଶ୍ର କହିଛନ୍ତି ଯେ, ଯେତେବେଳେ ବିସିଆଇ ଡିଗ୍ରୀ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲା, ପ୍ରାୟ ୪୦ ପ୍ରତିଶତ ଓକିଲ ଯାଞ୍ଚ ଫର୍ମ ପୂରଣ କରି ନଥିଲେ। ସେ କହିଛନ୍ତି - ଏହି ୪୦ ପ୍ରତିଶତ ଓକିଲଙ୍କ ପାଖରେ ନକଲି ଡିଗ୍ରୀ ଥିବା ସନ୍ଦେହ କରାଯାଉଛି।

## ଗ୍ରୀନ୍ କାର୍ଡ ଆଶାୟୀଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ ୨୩।୫; ଟ୍ରମ୍ପ ପ୍ରଶାସନ ଆମେରିକାରେ ସ୍ଥାୟୀ ପାଇଁ ସ୍ୱପ୍ନ ଦେଖୁଥିବା ହଜାର ହଜାର ଭାରତୀୟ ନାଗରିକଙ୍କୁ ଏକ ବଡ଼ ଝଟକା ଦେଇଛି। ଆମେରିକା ସରକାର ଏକ ନୂତନ ନିୟମ ଲାଗୁ କରିଛି, ଯାହା ଅନୁଯାୟୀ ଗ୍ରୀନ କାର୍ଡ ପାଇବାକୁ ଚାହୁଁଥିବା ବିଦେଶୀ ନାଗରିକମାନଙ୍କୁ ପ୍ରଥମେ ଦେଶ ଛାଡିବାକୁ ପଡିବ। ଆମେରିକା ନାଗରିକତା ଏବଂ ପ୍ରବାସନ ସେବା ଶୁକ୍ରବାର ଏହି ନୂତନ ନିୟମ ଘୋଷଣା କରିଛି। ନୂତନ ନିୟମ ଅନୁଯାୟୀ, ସମଗ୍ର ଗ୍ରୀନ କାର୍ଡ ଆବେଦନ ପ୍ରକ୍ରିୟାରେ ବିଦେଶୀ ନାଗରିକମାନଙ୍କୁ ଆଉ ଆମେରିକାରେ ରହିବାକୁ ଅନୁମତି ଦିଆଯିବ ନାହିଁ। ପୂର୍ବରୁ ଅସ୍ଥାୟୀ ଭିସାରେ ଆମେରିକାରେ ରହୁଥିବା ବ୍ୟକ୍ତିମାନେ ସେମାନଙ୍କର ଗ୍ରୀନ କାର୍ଡ ମଞ୍ଜୁର ନହେବା ପର୍ଯ୍ୟନ୍ତ ଦେଶରେ ରହିପାରିବେ। କିନ୍ତୁ ଏହା ଆଉ ସମ୍ଭବ ନୁହେଁ। ସେମାନଙ୍କୁ ଏବେ ଆମେରିକା ଛାଡିବାକୁ ପଡିବ। ନିଜ ଦେଶକୁ ଫେରିବାକୁ ପଡିବ ଏବଂ ସେଠାରୁ ଇମିଗ୍ରେଣ୍ଟ (ପ୍ରବାସୀ) ଭିସା ପାଇଁ ଆବେଦନ କରିବାକୁ ପଡିବ।

ଆମେରିକା ସରକାରଙ୍କ ଏହି ନିଷ୍ପତ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଆନ୍ତର୍ଜାତୀୟ ଛାତ୍ର, ଏଚ-ୱାନ୍-ବି କାର୍ଯ୍ୟ ଭିସା ଧାରକ ଏବଂ ବର୍ତ୍ତମାନ ଆମେରିକାରେ ରହୁଥିବା ପର୍ଯ୍ୟଟକଙ୍କ ଉପରେ ପଡ଼ିବ ବୋଲି ଆଶା କରାଯାଉଛି। ଏହି ବ୍ୟକ୍ତିମାନେ ଦେଶ ଛାଡି ନଯାଇ ସେମାନଙ୍କର ଆଇନଗତ ସ୍ଥିତିକୁ ସ୍ଥାୟୀ ବାସସ୍ଥାନ (ଗ୍ରୀନ କାର୍ଡ) ରେ ଆଡଜଷ୍ଟ କରିବାକୁ ଆଶା କରୁଥିଲେ।

ମୁଖପାତ୍ର କହିଛନ୍ତି ଯେ, ଆମେ ଆଇନର ମୂଳ ଉଦ୍ଦେଶ୍ୟକୁ ଫେରିଯାଉଛୁ। ଆମେ ଚାହୁଁଛୁ ଯେ ବିଦେଶୀ ନାଗରିକମାନେ ଆମ ଦେଶର ଇମିଗ୍ରେସନ ବ୍ୟବସ୍ଥାକୁ ସଠିକ୍ ଭାବରେ ପାଳନ କରନ୍ତୁ।

## ପାକିସ୍ତାନରେ କକ୍ରୋଚ୍ ଟ୍ରେଣ୍ଡ୍, ଲକ୍ଷ୍ୟ ସମାନ




ଇସଲାମାବାଦ, ୨୩।୫ଃ ଭାରତରୁ ପାକିସ୍ତାନକୁ ଉଡ଼ିଲା କକ୍ରୋଚ। ଏବେ ପାକିସ୍ତାନରେ ଗଠନ ହେଲା କକ୍ରୋଚ ପାର୍ଟି। ଭାରତର ଏହି ଟ୍ରେଣ୍ଡ ଏବେ ପାକିସ୍ତାନକୁ ଡେଇଁଛି। ପାକିସ୍ତାନରେ ଦୁଇଟି କକ୍ରୋଚ ପାର୍ଟି- କକରୋଚ ଆୱାମୀ ପାର୍ଟି (ସିଏପି) ଏବଂ କକରୋଚ ଆୱାମୀ ଲିଗ (ସିଏଏଲ୍)ର ଗଠନ ହୋଇଛି।

ପ୍ରକୃତରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ମନ୍ତବ୍ୟ ପରେ ଏହି ଟ୍ରେଣ୍ଡ ଆରମ୍ଭ ହୋଇଛି। ସୂର୍ଯ୍ୟକାନ୍ତ ବିଭିନ୍ନ ଆନ୍ଦୋଳନରେ ସାମିଲ ହେଉଥିବା ଯୁବବର୍ଗଙ୍କୁ 'କୋକରୋଚ୍' ଏବଂ 'ପରଜୀବୀ' ବୋଲି କହିଥିଲେ। ଏହାକୁ ନେଇ ବିବାଦ ତେଜିବା ପରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ତାଙ୍କର ମନ୍ତବ୍ୟ ସବୁ ବେକାର ଯୁବବର୍ଗଙ୍କ ପାଇଁ ନଥିଲା। ବିଚାରପତିଙ୍କ ଏଭଳି ମନ୍ତବ୍ୟକୁ ସୋସିଆଲ୍ ମିଡିଆରେ ପ୍ରବଳ ବିରୋଧ କରାଯାଇଥିଲା।

ଏହାପରେ ଆମ ଆଦ୍‌ମୀ ପାର୍ଟିର ଜଣେ ପୂର୍ବତନ ସୋସିଆଲ୍ ମିଡିଆ କର୍ମୀ ଅଭିଜିତ ଦୀପକେ ମେ ୬ ତାରିଖରେ ସୋସିଆଲ୍ ମିଡିଆରେ କକରୋଚ ଜନତା ପାର୍ଟି ଗଠନ କରିଥିଲେ। ଚାହୁଁ ଚାହୁଁ ଏହି ଆକାଉଣ୍ଟକୁ ଏତେ ସପୋର୍ଟ ମିଳିଥିଲା ଯେ ଏହାର ଇନଷ୍ଟା ଆକାଉଣ୍ଟ ମାତ୍ର ୪ ଦିନରେ ୧୫ ମିଲିଅନ ଅତିକ୍ରମ କରିଥିଲା। ଯାହା ବିଜେପିର ଇନଷ୍ଟା ଆକାଉଣ୍ଟସର ଫଲୋଅର୍ସକୁ ଟପିଯାଇଥିଲା। ପରେ ଏହି ଆକାଉଣ୍ଟକୁ ଭାରତରେ ବନ୍ଦ କରିଦିଆଯାଇଥିଲା। କିନ୍ତୁ ଅଭିଜିତ ଆଉ ଏକ ଆକାଉଣ୍ଟ ଖୋଲି ପୁଣି ଲୋକଙ୍କୁ ଫଲୋ କରିବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଆକାଉଣ୍ଟକୁ ବି ଲୋକେ ପାଗଳ ପରି ଫଲୋ କରିଥିଲେ। ଆଉ ଏବେ ଏହି କକ୍ରୋଚ ପାର୍ଟିର ଟ୍ରେଣ୍ଡ ପାକିସ୍ତାନରେ ଦେଖା ଦେଇଛି। ଭାରତରେ ଏହାର ସଫଳତା ଦେଖି ପାକିସ୍ତାନରେ ମଧ୍ୟ ଅନଲାଇନ କକ୍ରୋଚ ପାର୍ଟି ଗଠନ କରାଯାଇଛି। ପାକିସ୍ତାନର କକରୋଚ ଆୱାମୀ ପାର୍ଟିର ଇନଷ୍ଟାଗ୍ରାମ ଆକାଉଣ୍ଟର ବାୟୋରେ ଲେଖାଯାଇଛି 'ହଁ କପି ହେଇଛି, କିନ୍ତୁ ସେଥିରେ କ'ଣ ଅଛି, ଲକ୍ଷ୍ୟ କିନ୍ତୁ ସମାନ।' ଏହି ଆକାଉଣ୍ଟଟି ସବୁଜ ଏବଂ ଧଳା ବ୍ରାଣ୍ଡିଂ ବ୍ୟବହାର କରିବା ସହ ପାକିସ୍ତାନରେ 'ପ୍ରତ୍ୟେକ ଜେନ-ଜିର ପ୍ରକୃତ ସ୍ୱର' ହେବାର ଲକ୍ଷ୍ୟ ରଖିଛି। ଏହା ନିଜକୁ ପ୍ରତିଷ୍ଠିତ ରାଜନୈତିକ ଦଳଗୁଡ଼ିକର ବିକଳ୍ପ ଭାବରେ ସ୍ଥାପିତ କରିବାକୁ ଚାହୁଁଛି।

ସୋସିଆଲ୍ ମିଡିଆରେ ଏକ୍ସରେ ଏକାଧିକ ଆକାଉଣ୍ଟ କ୍ରିଏଟ ହୋଇଛି। ସେଥିରେ ଗୋଟିଏ ପେଜ୍‌ରେ ଲେଖାଯାଇଛି 'ଜିନ୍ହେ ସିଷ୍ଟମରେ କକରୋଚ ସମଝା, ହମ ଉନ୍ହି ଆୱାମ କୀ ଆୱାଜ ହେଁ।' ସେହିଭଳି ଅନ୍ୟ ଏକ ପେଜ୍ କକ୍ରୋଚ ଆୱାମୀ ଲିଗରେ ସ୍ଲୋଗାନ ରହିଛିଃ ହର ହାଲାତ ମେଁ ଜିନ୍ଦା ହେ।

# ଚେନାବ୍ ଗତିପଥକୁ ବଦଳାଇବ ଭାରତ!



ନୂଆଦିଲ୍ଲୀ,୨୩।୫ଃ ସିନ୍ଧୁ ଜଳ ଚୁକ୍ତି ବନ୍ଦ କରିବା ପରଠାରୁ ଭାରତ ଆଉ ଏକ ପ୍ରମୁଖ ରଣନୈତିକ ଏବଂ ରାଜନୈତିକ ପଦକ୍ଷେପ ନେଇଛି। ପାକିସ୍ତାନକୁ ପ୍ରବାହିତ ଚେନାବ ନଦୀ ଉପରେ ଦୁଇଟି ପ୍ରମୁଖ ପ୍ରକଳ୍ପ ଉପରେ ଦ୍ରୁତ ଗତିରେ କାମ ଆରମ୍ଭ ହୋଇଛି। ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଚେନାବ ଜଳକୁ ପରିବର୍ତ୍ତନ କରିବା ପାଇଁ ହିମାଚଳ ପ୍ରଦେଶରେ ଏକ ବଡ଼ ସୁଡ଼ଙ୍ଗ ନିର୍ମାଣ ନିର୍ମାଣ କରାଯାଉଛି। ଦ୍ୱିତୀୟଟି ହେଉଛି ଚେନାବ ନଦୀ ଉପରେ ଥିବା ସଲାଲ ଡ୍ୟାମର ପୋଡ଼ାଜଳ ପରିଚାଳନା କ୍ଷମତାକୁ ପୁନରୁଦ୍ଧାର କରିବା। ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ, ଏହି ପ୍ରଚଣ୍ଡ ଗରମ ମଧ୍ୟରେ ପାକିସ୍ତାନ ପାଣି ପାଇଁ ତହଲବିକଳ ହେବାକୁ ଯାଉଛି।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭାରତ ଚେନାବ ନଦୀରେ ପାଣି ବଦଳାଇବା ପାଇଁ ଏକ ସୁଡ଼ଙ୍ଗ ନିର୍ମାଣ କରିବ। ଏହା ନଦୀର ପରିଚାଳନା ପ୍ରଣାଳୀକୁ ମଧ୍ୟ ପୁନରୁଦ୍ଧାର କରିଛି। ଉଭୟ ପ୍ରକଳ୍ପ ପାଇଁ ପ୍ରାୟ ୨,୬୦୦ କୋଟି ଖର୍ଚ୍ଚ ହେବ। ଜାତୀୟ ଜଳବିଦ୍ୟୁତ ବିଦ୍ୟୁତ୍ ନିଗମ ଅଧୀନରେ ଏହି ଦୁଇଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି। ଲାହୌଲ-ସ୍ପିତିରେ ୨,୩୫୨ କୋଟି ଟଙ୍କାର ଚେନାବ-ବ୍ୟାସ ଲିଙ୍କ୍ ସୁଡ଼ଙ୍ଗ ପ୍ରକଳ୍ପ ନିର୍ମାଣ କରାଯାଉଛି। ଚେନାବ ନଦୀର ଜଳକୁ ବ୍ୟାସ ନଦୀରେ ପ୍ରବାହିତ କରିବା ପାଇଁ ୮.୭ କିଲୋମିଟର ଲମ୍ବର ଏକ ସୁଡ଼ଙ୍ଗ ନିର୍ମାଣ କରାଯାଉଛି।

ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ସୁଡ଼ଙ୍ଗଟି ଭିତର ଚେନାବ ଅବବାହିକା ସହିତ ସଂଯୋଗ କରୁଛି। ଏହାର ଉଦ୍ଦେଶ୍ୟ ହେଉଛି ଚେନାବର ଶାଖା ନଦୀ ଚନ୍ଦ୍ରା ନଦୀରୁ ବ୍ୟାସ ଅବବାହିକାକୁ ପାଣି ଫେରାଇବା। ଏହି ଜଳ ହାଇଡ୍ରୋଲିକ୍ ଢାଞ୍ଚା ଏବଂ ସୁଡ଼ଙ୍ଗ ଦେଇ ଗତି କରିବ। ପ୍ରଥମ ପର୍ଯ୍ୟାୟର ଅଂଶ ଭାବରେ ଲାହୌଲ ଉପତ୍ୟକାର ଉପରମୁଣ୍ଡରେ ଏକ ୧୯ ମିଟର ବ୍ୟାରେଜ ମଧ୍ୟ ନିର୍ମାଣ ହେବାକୁ ଯାଉଛି।

### ପାକ୍‌କୁ ପାଣି ଆଟାକ୍

ହିମାଳୟରେ ଚନ୍ଦ୍ରା ଏବଂ ଭାଗା ନଦୀର ସଙ୍ଗମ ଦ୍ୱାରା ଚେନାବ ନଦୀ ଗଠିତ ହୋଇଛି।

ରିପୋର୍ଟ ଅନୁଯାୟୀ, ପ୍ରକଳ୍ପ କ୍ଷେତ୍ରଟି ଲାହୌଲ-ସ୍ପିତିର ଉଚ୍ଚ-ଉଚ୍ଚତା ହିମାଳୟ ଅଞ୍ଚଳରେ ଅବସ୍ଥିତ, ଯାହାକି ରଣନୈତିକ ଭାବରେ ବେଶ ଗୁରୁତ୍ୱପୂର୍ଣ୍ଣ। ଭାରତ ଗତ କିଛି ବର୍ଷ ମଧ୍ୟରେ ହିମାଳୟ ଅଞ୍ଚଳରେ ରାସ୍ତା, ସୁଡ଼ଙ୍ଗ ଏବଂ ଶକ୍ତି ଭିତ୍ତିଭୂମିକୁ ଦ୍ରୁତ ଗତିରେ ବିସ୍ତାର କରିଛି। ଜଳପଥ ପରିବର୍ତ୍ତନ ସ୍ଥାନଟି କୋକ୍ସର ଗ୍ରାମ ନିକଟରେ ଏବଂ ରୋହତାଙ୍ଗରେ ଅଟଳ ସୁଡ଼ଙ୍ଗର ଉତ୍ତର ପ୍ରବେଶପଥର ଉପରମୁଣ୍ଡରେ ଅବସ୍ଥିତ।

**ସାଇବର ଲୁଟ୍‌ର ନୂଆ ତରିକା**

# ଏକେପି ଫାଇଲ ଓ ଇ-ଚାଲାଣରେ ହେଉଛି ଲୁଟ୍

■ ପଶ୍ଚିମବଙ୍ଗରୁ ୨ ସାଇବର ଲୁଟେରା ଗିରଫ

ଝାରସୁଗୁଡ଼ା,୨୩।୫(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ପୁଲିସ ଆଜି ଏକ ବଡ଼ ଧରଣର ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗକୁ ଗିରଫ କରିଛି। ଏପିକେ ଫାଇଲ ଓ ଇ-ଚାଲାଣ ଜରିଆରେ ଲୋକଙ୍କୁ ଲୁଟୁଥିବା ପଶ୍ଚିମବଙ୍ଗର ଦୁଇ ଠକ ବାମଚରଣ କଟାରୀ ଓ ବିଶ୍ୱଜିତ କର୍ମକାରଙ୍କୁ ଗିରଫ କରିଛି ପୁଲିସ। ଝାରସୁଗୁଡ଼ା ସହରର ପୁରୁଣାବସ୍ତି ଅଞ୍ଚଳର ସୁଧୀର କୁମାର ମହାନ୍ତିଙ୍କ ଆକାଉଣ୍ଟରୁ ଏହି ସାଇବର ଠକମାନେ ଅନଲାଇନରେ ୬ ଲକ୍ଷ ୪୦ ହଜାର ୨୯୬ ଟଙ୍କା ଉଠାଇ ନେଇଥିବା ଅଭିଯୋଗର ଖୋଳତାଡ଼ କରି ପୁଲିସ ଏହି ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଗିରଫ କରିଛି।

ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ବୈଷୟିକ ତଥ୍ୟ ଯୋଗାଡ଼ ସହ ତଦନ୍ତ କରିଥିଲା ପୁଲିସ। ଏଥିରେ ସମ୍ପୃକ୍ତ ସାଇବର ଠକଙ୍କ ଅନେକ ରାଜ୍ୟରେ ସମ୍ପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଥିଲା। ଖୋଳତାଡ଼ରୁ ଜଣାପଡିଛି ଯେ ଏହି ସାଇବର ଠକମାନେ ଲୁଟ୍‌ର ନୂଆ ତରିକା ଆପଣାଇଥିଲେ। ଏପିକେ ଫାଇଲ ଓ ନକଲି ଇ- ଟ୍ରାଫିକ୍ ଚାଲାଣ ଲିଙ୍କ୍ ଲୋକଙ୍କ ବ୍ୟାଙ୍କ ଡାଟା ସଂଗ୍ରହ କରି ଆକାଉଣ୍ଟରୁ ଟଙ୍କା ଲୁଟ କରୁଥିଲେ।




ବିଭିନ୍ନ ସୂତ୍ରରୁ ସୂଚନା ଆଧାରରେ ପୁଲିସ ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲାରେ ଚଢ଼ାଉ କରି ବାମଚରଣ ଓ ବିଶ୍ୱଜିତକୁ ଗିରଫ କରିବାରେ ସଫଳ ହୋଇଛି। ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୁଣି ରିମାଣ୍ଡରେ ଆଣିବାକୁ ପୁଲିସ ଆବେଦନ କରିଥିବା ଏସପି ଜିଆର ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

ଏଥିସହ ପୁଲିସ ବିଭିନ୍ନ ବ୍ୟାଙ୍କ, ପେମେଣ୍ଟ ଗେଟୱେ ଓ ଅନ୍ୟ ଆର୍ଥିକ ସଂସ୍ଥା ସହ ଯୋଗାଯୋଗ କରି ଅଭିଯୁକ୍ତଙ୍କ ସମସ୍ତ ଆକାଉଣ୍ଟକୁ ଫ୍ରିଜ୍ କରିବାରେ ସଫଳ ହୋଇଛି। ଏହାଛଡ଼ା ସୁଧୀରଙ୍କ ଲୁଟ୍ ହୋଇଥିବା ଟଙ୍କାରୁ ୨ ଲକ୍ଷ ୯୬ ହଜାର ୧୯୮ ଟଙ୍କା ୭୩ ପଇସା ଉଦ୍ଧାର କରାଯାଇ ତାଙ୍କୁ ଫେରସ୍ତ କରାଯାଇଛି। ଏଥିସହ ମୋବାଇଲରେ ଅଜଣା ମେସେଜ୍ ଜରିଆରେ ଆସୁଥିବା ବିପଜ୍ଜନକ ଏପିକେ ଫାଇଲ୍ ତଥା ନକଲି ଇ- ଚାଲାଣ ଲିଙ୍କ୍ ନ ଖୋଲିବାକୁ ଏସପି ଜନସାଧାରଣଙ୍କୁ ସତର୍କ କରାଇଦେଇଛନ୍ତି।

## ଓପିଟିସିଏଲ୍ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ରାଜ୍ୟରେ ବିଦ୍ୟୁତ ଚାହିଦା ବଢ଼ିବାରୁ ଓଡ଼ିଶା ପାୱାର୍ ଥର୍ମାଲ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ପକ୍ଷରୁ ଆଜି ନିଆଯାଇଛି ଏକ କଡ଼ା ପଦକ୍ଷେପ। ଓପିଟିସିଏଲ୍ କର୍ମଚାରୀଙ୍କ ସମସ୍ତ ଛୁଟିକୁ ବାତିଲ କରାଯାଇଛି। ରାଜ୍ୟରେ ବଢୁଥିବା ବିଦ୍ୟୁତ ଚାହିଦା ଓ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓପିଟିସିଏଲ୍ ପକ୍ଷରୁ ଏପରି କଡ଼ା ପ୍ରଶାସନିକ ପଦକ୍ଷେପ ନିଆଯାଇଛି। ସଂସ୍ଥା ପକ୍ଷରୁ ଜାରି ହୋଇଥିବା ଏକ ସର୍କୁଲାର ଅନୁସାରେ, ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ କୌଣସି କର୍ମଚାରୀ ପୂର୍ବ ଅନୁମତି ବିନା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଏଥିସହ ସମସ୍ତ ପ୍ରକାର ଅନୁମୋଦିତ ଛୁଟିକୁ ବି ବାତିଲ କରାଯାଇଛି। ଓପିଟିସିଏଲର ମାନବ ସମ୍ବଳ ବିଭାଗ ପକ୍ଷରୁ ଏହି ସର୍କୁଲାର ଜାରି ହୋଇଛି। ବିଦ୍ୟୁତ ସରବରାହକୁ ନିରବଚ୍ଛିନ୍ନ ରଖିବା ଓ ସମସ୍ତ ଅପରେସନାଲ୍ ବ୍ୟବସ୍ଥାକୁ ସଚଳ ରଖିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକଶିତ ଭାରତ...

ସମ୍ମାନ ଅର୍ଜନ କରିବାକୁ ଏବଂ ନିଜର ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ଜନସାଧାରଣଙ୍କ ସହ ସମ୍ମାନଜନକ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମନୋନୀତ ୧୮୬ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହି ନବନିଯୁକ୍ତ ପ୍ରାର୍ଥୀମାନେ କେନ୍ଦ୍ର ସରକାରଙ୍କ ରେଳ, ଗୃହ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆର୍ଥିକ ସେବା ଏବଂ ଉଚ୍ଚଶିକ୍ଷା ଆଦି ବିଭାଗରେ କାର୍ଯ୍ୟ କରିବେ। ନବନିଯୁକ୍ତଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନିକଟରେ ସମାପ୍ତ ୫ଟି ଦେଶକୁ ନିଜର କୂଟନୈତିକ ଗସ୍ତର ଅଭିଜ୍ଞତା ବାଣ୍ଟିଥିଲେ। ବିଭିନ୍ନ ଦେଶର ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକ ଭାରତର ଯୁବପିଢ଼ି ଓ ଏହାର ପ୍ରଯୁକ୍ତିଗତ ଉନ୍ନତିକୁ ନେଇ ପ୍ରକୃତ ଉତ୍ସାହ ପ୍ରକାଶ କରିଛନ୍ତି। ବିଶ୍ୱ ଭାରତର ପ୍ରଗତିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ। ପ୍ରତ୍ୟେକ ଦେଶ ସହ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଚୁକ୍ତିନାମା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ, ଯେଉଁଥିରେ ନେଦରଲ୍ୟାଣ୍ଡ୍ସ ସହ ସେମିକଣ୍ଡକ୍ଟର, ଜଳ, କୃଷି ଓ ଉନ୍ନତ ଉତ୍ପାଦନ ଉପରେ ଆଲୋଚନା; ସ୍ୱିଡେନ ସହ ଏଆଇ ଏବଂ ଡିଜିଟାଲ ନବସୃଜନ କ୍ଷେତ୍ରରେ ସହଯୋଗ ଉପରେ ଆଲୋଚନା; ସବୁଜ ପ୍ରଯୁକ୍ତିବିଦ୍ୟା ଏବଂ ସାମୁଦ୍ରିକ ସହଯୋଗ ଉପରେ ନରୱେ ସହ ଆଲୋଚନା; ୟୁଏଇ ସହ ରଣନୈତିକ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସହଭାଗୀତା ଉପରେ ବୁଝାମଣା; ଏବଂ ଇଟାଲୀ ସହ ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଚୁକ୍ତିନାମା ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ଭାରତର ଅନ୍ତର୍ଜାତୀୟ ସହଭାଗୀତା ଉଦ୍ଦେଶ୍ୟମୂଳକ ଭାବରେ ଏହାର ଯୁବପିଢ଼ିଙ୍କ ସେବା ପାଇଁ ଗଢ଼ାଯାଇଛି। ଉଦ୍ଦେଶ୍ୟ ହେଉଛି, ଭାରତର ଯୁବପିଢ଼ିଙ୍କୁ ନିଯୁକ୍ତି ଓ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବା ବୋଲି ଶ୍ରୀ ମୋଦି କହିଥିଲେ। ନବନିଯୁକ୍ତ ଅଧିକାରୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ସେମାନଙ୍କୁ ସ୍ମରଣ କରାଇଥିଲେ ଯେ ଯେକୌଣସି ପ୍ରତିଷ୍ଠାନର ପ୍ରକୃତ ଶକ୍ତି ଏହାର କର୍ମଚାରୀମାନଙ୍କଠାରେ ରହିଛି ଏବଂ ସେମାନେ ଯେଉଁ ବ୍ୟବସ୍ଥାରେ ଯୋଗ ଦେଉଛନ୍ତି, ତାହା ଲକ୍ଷ ଲକ୍ଷ ନାଗରିକଙ୍କ ଜୀବନ ସହ ସିଧାସଳଖ ଜଡ଼ିତ। ଏକ ସରକାରୀ ଚାକିରି ହେଉଛି ଲୋକଙ୍କ ଜୀବନକୁ ସହଜ କରିବାର ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଆପଣ ଯେଉଁ ବିଭାଗରେ ବି ସେବା କରନ୍ତି, ଆପଣଙ୍କର ଆଚରଣ, ସହାନୁଭୂତି ଏବଂ କାର୍ଯ୍ୟ ନୀତି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେବ। ପ୍ରତ୍ୟେକ ଯୁବ 'କର୍ମଯୋଗୀ' ସେମାନଙ୍କ ପଦବୀକୁ ଏକ ଜୀବନ୍ତ ଦାୟିତ୍ୱ ଭାବରେ ଦେଖିବା, ଭାରତୀୟ ଲୋକଙ୍କ ବୃଦ୍ଧି ପାଉଥିବା ଆକାଂକ୍ଷାକୁ ବୁଝିବା ଏବଂ ସେହି ଆକାଂକ୍ଷା ସହ ସମନ୍ୱୟ ରଖି ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ।

### ଛୁଟି ଦିନରେ ଅଫିସ୍...

ବିକାଶ ପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ। ତେଣୁ ପୁଲିସ ପ୍ରଶାସନ ଦକ୍ଷତା ଓ ସତର୍କତାର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ।

### ୧୦ ଦିନରେ...

ଏହାକୁ ନେଇ ଖାଉଟିଙ୍କ ଭିତରେ ଅସନ୍ତୋଷ ମଧ୍ୟ ସମାନ ପରିମାଣରେ ବୃଦ୍ଧି ପାଉଛି। କାରଣ ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି ସହ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ମଧ୍ୟ ଚାହୁଁ ଚାହୁଁ ହୁ ହୁ ହୋଇ ବଢ଼ିଯାଉଛି। ସେପଟେ ତୈଳ କମ୍ପାନୀମାନଙ୍କ କହିବା କଥା ଯେ ବର୍ତ୍ତମାନ ସେମାନଙ୍କୁ ପେଟ୍ରୋଲ ଲିଟର ପିଛା ୩୦ ଟଙ୍କା ଆଉ ଡିଜେଲରେ ପ୍ରାୟ ୮୦ ଟଙ୍କା କ୍ଷତି ସହିବାକୁ ପଡୁଛି। ଏହାକୁ ହିସାବକୁ ନେଲେ ସେମାନେ ଦିନକୁ ପ୍ରାୟ ହଜାରେ କୋଟିର କ୍ଷତି ସହୁଛନ୍ତି। ଅନ୍ତର୍ଜାତୀୟ ବଜାରରେ ମହଙ୍ଗା ସ୍ଥିତି ଯୋଗୁଁ ଆଗକୁ ତେଲ ଦର ବୃଦ୍ଧି ଆହୁରି ଅଧିକ ହୋଇପାରେ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ରାଜ୍ୟରେ ପେଟ୍ରୋଲର ମୂଳ ଦର ରହିଛି ୬୮ ଟଙ୍କା ୩୧ ପଇସା। ସେଥିରେ ଏକ୍ସସାଇଜ୍ ଡ୍ୟୁଟି ୧୧ ଟଙ୍କା ୯୦ ପଇସା, ଭାଟ୍ ୨୨ ଟଙ୍କା ୩୮ ପଇସା ଏବଂ ଡିଲର୍ ମାର୍ଜିନ୍ ରହିଛି ୩ ଟଙ୍କା ୭୭ ପଇସା। ଏହାଛଡ଼ା ଡିଜେଲ ମୂଳ ଦର ୬୯ ଟଙ୍କା ୩୧ ପଇସା, ଏକ୍ସସାଇଜ୍ ଡ୍ୟୁଟି ୭ ଟଙ୍କା ୮୦, ଭାଟ୍ ୧୮ ଟଙ୍କା ୪୫ ଓ ୨ ଟଙ୍କା ୩୬ ପଇସାର ଡିଲର ମାର୍ଜିନ ରହିଛି। ପେଟ୍ରୋଲ ଉପରେ ୨୮ ପ୍ରତିଶତ ଓ ଡିଜେଲ ଉପରେ ୨୪ ପ୍ରତିଶତ ଭାଟ୍ ଲଗାଇଛନ୍ତି ରାଜ୍ୟ ସରକାର। ଖାଉଟି ହଇରାଣ ହେଉଥିବାରୁ ସେମାନଙ୍କ ଭାର ହାଲକା କରିବା ସକାଶେ ସରକାର ତେଲ ଉପରେ ନେଉଥିବା ଭାଟ୍‌କୁ କମାନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି ହୋଇଛି। ଏହାର ଜବାବରେ ବିଜେପି କହିଛି ଯେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦର ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭର କରେ। ସେହିପରି ଭାଟ୍ କମିବ କି ନାହିଁ, ତା' ରାଜ୍ୟ ସରକାର ଆର୍ଥିକ ଦୃଷ୍ଟିରୁ ବିଚାର କରିବେ। ସେପଟେ ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସରଭୁକ୍ତ କରିବା ସକାଶେ ମଧ୍ୟ ଦାବି ହେଉଛି।ଏହାଛଡ଼ା ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଆବାହକ ରବି ବେହେରା ମଧ୍ୟ ପେଟ୍ରୋଲ୍ ଓ ଡିଜେଲ୍ ଉପରୁ ଭାଟ୍ ହ୍ରାସ କରିବା ସକାଶେ ଦାବି କରିଛନ୍ତି।

### ୫ ସ୍ଥାନରେ...

ଯାଏଁ ଏଭଳି ଗ୍ରୀଷ୍ମ ପ୍ରବାହ ସ୍ଥିତି ସହ ୭ ଦିନ ଯାଏଁ କାଳବୈଶାଖୀର ଚେତାବନୀ ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଆସନ୍ତା ୨୮/୨୯ରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ ସୃଷ୍ଟି ହେଲେ ମାସ ଶେଷକୁ ତାତିରୁ ଆଶ୍ୱସ୍ତି ମିଳିପାରେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କୃଷି ପାଣିପାଗ ବିଶାରଦ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୨୬ ତାରିଖ ବେଳକୁ ମୌସୁମୀ କେରଳ ଉପକୂଳ ଛୁଇଁପାରେ। ଅନ୍ୟପକ୍ଷରେ ଆସନ୍ତା ୨୪/୨୫ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହାର ଗତି ବାଂଲାଦେଶ କିମ୍ବା ମିଆଁମାର ଉପକୂଳ ଆଡ଼କୁ ରହିପାରେ। ଏହା ମୌସୁମୀ ଅଗ୍ରସର ପାଇଁ ଅନୁକୂଳ ବାତବାରଣ ସୃଷ୍ଟି କରିବ। ଏହା ପ୍ରଭାବରେ ଉତ୍ତର-ପୂର୍ବ ଭାରତ ଦିଗରେ ମୌସୁମୀ ଆଗେଇପାରେ। ଓଡ଼ିଶାରେ ବର୍ତ୍ତମାନ ଲାଗି ରହିଥିବା ଗ୍ରୀଷ୍ମ ପ୍ରକୋପ ଜାରି ରହିବ। ୨୬ ତାରିଖ ପରେ ଉପକୂଳ ଓଡ଼ିଶାରେ କାଳବୈଶାଖୀ ବର୍ଷା କିଛି ମାତ୍ରାରେ ଆଶ୍ୱସ୍ତି ଆଣିପାରେ। ମାତ୍ର ପଶ୍ଚିମରେ ବିଶେଷ ତ୍ରାହି ମିଳିବା ସମ୍ଭାବନା କମ୍।

### ହାଇକମାଣ୍ଡଙ୍କୁ ଅଭିଯୋଗ...

୧୦ ପୃଷ୍ଠାର ଅଭିଯୋଗପତ୍ର ପ୍ରଦାନ କରିଥିବା ସେ ଉଲ୍ଲେଖ କରିଛନ୍ତି। ଏଥିରେ ଅଜୟ କୁଆଡ଼େ ଅଭିଯୋଗ କରିଛନ୍ତି ଯେ ସଂଗଠନ ତିଆରି ନାଁରେ ଭକ୍ତ ବଟି ଆଦାୟ କରିବା ସହ ବିଭିନ୍ନ ପ୍ରକାର ଦୁର୍ନୀତିରେ ଲିପ୍ତ ଅଛନ୍ତି। କିଛି ହୋଟେଲ ବ୍ୟବସାୟୀଙ୍କ ସହ ତାଙ୍କର ଘନିଷ୍ଠତା ରହିଛି। ଗତ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ହୋଇଥିବା ବିଭାଜନ ପାଇଁ ସେ ସିଧାସଳଖ ଭାବେ ଭକ୍ତଙ୍କୁ ଦାୟୀ କରିଥିବା କୁହାଯାଉଛି। ସମ୍ପୃକ୍ତ ସାମ୍ବାଦିକ ଏକ୍ସରେ କରିଥିବା ପୋଷ୍ଟରେ ଲଲୁଙ୍କ ଅଭିଯୋଗପତ୍ର ପ୍ରଦର୍ଶନ କରିନାହାଁନ୍ତି। ହେଲେ ଏଭଳି ପୋଷ୍ଟ ରାଜ୍ୟ କଂଗ୍ରେସରେ ହଇଚଇ ସୃଷ୍ଟି କରିଛି। ସିଧାସଳଖ ଭାବେ କିଛି ନକହିଲେ ମଧ୍ୟ ଭକ୍ତ ବିରୋଧୀ ଗୋଷ୍ଠି ଏଭଳି ଚର୍ଚ୍ଚାରେ ବେଶ ଉତ୍ସାହିତ ହୋଇପଡିଛନ୍ତି। ଖୋଲାଖୋଲି ନକହିଲେ ମଧ୍ୟ ପୋଷ୍ଟରେ ଲେଖାଯାଇଥିବା ବିଷୟବସ୍ତୁ ସେମାନେ ଏକମତ ଥିବା କହିଛନ୍ତି। ସେପଟେ ଏଭଳି ପୋଷ୍ଟର ଜବାବ ଦେଇଛନ୍ତି ପିସିସି ସଭାପତି। ସେ ସମ୍ପୃକ୍ତ ସାମ୍ବାଦିକଙ୍କ ନାଁରେ ମାନହାନି ମାମାଲା ଦାୟର କରିବେ ବୋଲି କହିବା ସହ ତାଙ୍କୁ ଓକିଲ ନୋଟିସ ପଠାଇଛନ୍ତି। କାରଣ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଏହି ତଥ୍ୟରେ କୌଣସି ସତ୍ୟତା ନାହିଁ ବୋଲି ଭକ୍ତ କହିଛନ୍ତି।

### ଜୟଦେବଙ୍କ ପରେ...

ନିର୍ବାଚନ ପରେ ମ୍ୟାଚ୍‌ର ୨୦ ଓଭରରୁ ୮ ଓଭର ଖେଳିସାରିଛି ଶାସକ ବିଜେପି। ଏଥରେ ଭଲ ପ୍ରଦର୍ଶନ କରିନାହିଁ। ଯଦି କଂଗ୍ରେସ ମ୍ୟାଚ୍ ଜିତିବାକୁ ଚାହୁଛି, ତେବେ ଭଲ ବ୍ୟାଟ୍ସମ୍ୟାନ ଚୟନ ସହ ଭଲ ଫିଲଡିଂ କରିବାକୁ ହେବ। କାରଣ ଟି-ଟ୍ୱେଣ୍ଟିରେ କେତେବେଳେ କିଏ ଜିରୋରେ ଆଉଟ ହୁଏ ତ ଆଉ କେତେବେଳେ ହିରୋ ବନିଯାଏ। ପିସିସି ସଭାପତି ଭକ୍ତଙ୍କ କଂଗ୍ରେସ ଟିମକୁ ପରିଚାଳନା ନେଇ ନିରଞ୍ଜନଙ୍କ କ୍ରିକେଟ ଉପାଖ୍ୟାନ କଂଗ୍ରେସ ରାଜନୀତିକୁ ରୋଚକ କରିଛି। ପୂର୍ବତନ ପିସିସି ସଭାପତିଙ୍କ ଟି-ଟ୍ୱେଣ୍ଟି ଉପାଖ୍ୟାନକୁ ନେଇ ପିସିସି ସଭାପତି କହିଛନ୍ତି କଂଗ୍ରେସ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ କରେ। ଆଗକୁ ଦଳର ସମୟ ଆସୁଛି।

### ୧୯ ଅଭିଯୁକ୍ତଙ୍କୁ...

ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ସଂଘର୍ଷରେ ତିନି ଜଣଙ୍କୁ ଅତି ଅମାନବୀୟ ଭାବେ ହତ୍ୟା କରାଯାଇଥିଲା। ଏଥିସହ ଅନେକ ଘରେ ନିଆଁ ବି ଲଗାଇ ଦିଆଯାଇଥିଲା। ବହୁ ବର୍ଷ ଧରି ଚାଲିଥିବା ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ଓ ଦୀର୍ଘଦିନର ଆଇନଗତ ପ୍ରକ୍ରିୟା ପରେ କୋର୍ଟ ପ୍ରମାଣଗୁଡ଼ିକୁ ଭଲ ଭାବରେ ଯାଞ୍ଚ କରିବା ସହ ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ତାଙ୍କର ରାୟ ପ୍ରଦାନ କରିଛନ୍ତି।

### ବଦଳିଲେ ରାଜ୍ୟପାଳଙ୍କ...

ଗଜପତି ଏସପି ଭାବେ, ନୟାଗଡ଼ ଏସପି ଏସ. ସୁଶ୍ରୀଙ୍କୁ ଭିଜିଲାନ୍ସ ଏସପି ଭାବେ, ସ୍ପେଶାଲ ବ୍ରାଞ୍ଚ ଏସପି ରାଜ ପ୍ରସାଦଙ୍କୁ ରାୟଗଡ଼ା ଏସପି ଭାବେ, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଖୋର୍ଦ୍ଧା ଏସପି ଭାବେ, ବୌଦ୍ଧ ଏସପି ରାହୁଲ ଗୋୟଲଙ୍କୁ ସ୍ପେଶାଲ ବ୍ରାଞ୍ଚ ଏସପି ଭାବେ, କନ୍ଧମାଳ ଏସପି ହରିଶା ବିସିଙ୍କୁ ଗଞ୍ଜାମ ଏସପି ଭାବେ, ଭଦ୍ରକର ଅତିରିକ୍ତ ଏସପି କାଶ୍ୟପ ପାର୍ଥ ଜଗଦୀଶଙ୍କୁ ନବରଙ୍ଗପୁର ଏସପି ଭାବେ ବଦଳି କରାଯାଇଛି। ସେହିଭଳି ରାଜ୍ୟପାଳଙ୍କ ଏଡିସି କୁଲଦୀପ ମୀନାଙ୍କୁ ବୌଦ୍ଧ ଏସପି ଭାବେ ବଦଳି କରାଯାଇଥିବା ବେଳେ ରାୟଗଡ଼ାର ଏତିରିକ୍ତ ଏସପି ରମେନ୍ଦ୍ର ପ୍ରସାଦଙ୍କୁ କନ୍ଧମାଳ ଏସପି ଭାବେ, କଟକ ଏସିପି ଅନନ୍ୟା ଅଶ୍ୱତିଙ୍କୁ ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତି ଦିଆଯାଇଛି। କ୍ରାଇମବ୍ରାଞ୍ଚ ଏସପି କୃଷ୍ଣପ୍ରସାଦ ପଟ୍ଟନାୟକଙ୍କୁ ସିଗ୍ନାଲ ଏସପି ଭାବେ ବଦଳି କରାଯାଇଥିବା ବେଳେ ଏସଟିଏଫ ଭୁବନେଶ୍ୱର ଏସପି ରବୀନ୍ଦ୍ରନାଥ ଶତପଥୀଙ୍କୁ ବରଗଡ଼ ଏସପି ଭାବେ, ସ୍ପେଶାଲ ବ୍ରାଞ୍ଚ ଏସପି କୃଷ୍ଣପ୍ରସାଦ ଦାସଙ୍କୁ ରାଉରକେଲା ଏସଆରପି ଏସପି ଭାବେ ଓ କମିଶନରେଟ ପୁଲିସର ଡିସିପି କିଶୋର ଚନ୍ଦ୍ର ମୁଣ୍ଡଙ୍କୁ ଦେବଗଡ଼ ଏସପି ଭାବେ ବଦଳି କରାଯାଇଛି।

## କୋଲକାତାରେ ଆମେରିକା ବୈଦେଶିକ ମନ୍ତ୍ରୀ

କୋଲକାତା,୨୩।୫(ସଂଚାର ବ୍ୟୁରୋ): ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଚାରି ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ସେ ଶନିବାର କୋଲକାତାରେ ପହଞ୍ଚିଥିଲେ। ସକାଳଠାରୁ ସହରରେ ତାଙ୍କର ଏକାଧିକ କାର୍ଯ୍ୟସୂଚୀ ରହିଥିଲା। ପ୍ରଥମେ ସେ ମାତୃଗୃହ ପରିଦର୍ଶନ କରି ସେଠାରେ ପ୍ରାର୍ଥନା କରିବା ପରେ ଭିକ୍ଟୋରିଆ ମେମୋରିଆଲକୁ ଯାଇଥିଲେ। ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତ-ଆମେରିକା ସମ୍ପର୍କକୁ ଆହୁରି ମଜବୁତ କରିବା। କୋଲକାତା ବ୍ୟତୀତ, ଆମେରିକାର ବୈଦେଶିକ ମନ୍ତ୍ରୀଙ୍କ ଯାତ୍ରା କାର୍ଯ୍ୟକ୍ରମରେ ଦିଲ୍ଲୀ, ଆଗ୍ରା ଏବଂ ଜୟପୁର ଅନ୍ତର୍ଭୁକ୍ତ। ମେ ୨୬ ତାରିଖରେ ଦିଲ୍ଲୀରେ ଚାରି-ରାଷ୍ଟ୍ରୀୟ ମେଣ୍ଟ କ୍ୱାଡ୍‌ର ବୈଦେଶିକ ମନ୍ତ୍ରୀମାନଙ୍କ ଏକ ବୈଠକ ହେବାର କାର୍ଯ୍ୟକ୍ରମ ଅଛି। ମାର୍କୋ ରୁବିଓ ଏହି ସମ୍ମିଳନୀରେ ଯୋଗଦେବେ।

## ତୃଣମୂଳ ନେତାଙ୍କ ସମେତ ୪ ଗିରଫ

କୋଲକାତା,୨୩।୫(ସଂଚାର ବ୍ୟୁରୋ): ବଟି ଆଦାୟ ଏବଂ ଆକ୍ରମଣ ଘଟଣାରେ ବରାନଗରର ତୃଣମୂଳ ନେତା ଶଙ୍କର ରାଉତଙ୍କ ସମେତ ଚାରି ଜଣଙ୍କୁ ଗିରଫ କରାଯାଇଛି। ତୃଣମୂଳ ନେତାଙ୍କ ବ୍ୟତୀତ ଅଟକ ବ୍ୟକ୍ତିମାନଙ୍କ ମଧ୍ୟରେ ଅର୍ପଣ ଦତ୍ତ ଏବଂ ବନି ନାମକ ଦୁଇଜଣ ବ୍ୟକ୍ତି ଅଛନ୍ତି। ପୁଲିସ ସୂତ୍ର ଅନୁଯାୟୀ, ଗିରଫ ବ୍ୟକ୍ତିମାନେ ଶୁକ୍ରବାର ରାତିରେ ବରାନଗରରେ ଏକ ବିବାଦରେ ଜଡିତ ହୋଇଥିଲେ। ଏହା ମଧ୍ୟ ଅଭିଯୋଗ ହୋଇଛି ଯେ, ଘଟଣା ପରେ ଶଙ୍କର ରାଉତ ପୁଲିସଷ୍ଟିକର ବହନ କରୁଥିବା ଏକ ଗାଡ଼ିରେ ବରାନଗର ରାଜ୍ୟ ସାଧାରଣ ଡାକ୍ତରଖାନାରେ ପହଞ୍ଚିଥିଲେ। ପହଞ୍ଚିବା ପରେ ତାଙ୍କ ଗାଡ଼ି ପ୍ରତିବାଦକାରୀ ସ୍ଥାନୀୟ ଲୋକଙ୍କ ସହିତ ମୁହାଁମୁହିଁ ହୋଇଥିଲା। ଶନିବାର ସକାଳେ ତୃଣମୂଳ ନେତାଙ୍କ ସମେତ ଚାରି ଜଣଙ୍କୁ ଗିରଫ କରାଯାଇଥିଲା।

## ଜୁଲାଇରୁ ରାଜ୍ୟରେ ଆୟୁଷ୍ମାନ ଭାରତ

କୋଲକାତା,୨୩।୫(ସଂଚାର ବ୍ୟୁରୋ): ରାଜ୍ୟ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ 'ଆୟୁଷ୍ମାନ ଭାରତ' ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। ଶନିବାର ସେ ନବାନ୍ନରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ବୈଠକ ସମୟରେ ସେ କହିଥିଲେ, ରାଜ୍ୟ ଏହି ଜୁଲାଇରୁ ଆୟୁଷ୍ମାନ ଭାରତ ଆରମ୍ଭ କରିବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ଛଅକୋଟିରୁ ଅଧିକ ଲୋକଙ୍କୁ ଆୟୁଷ୍ମାନ ଭାରତ ଯୋଜନାର ପରିସରକୁ ଆଣିବା ପାଇଁ ପ୍ରସ୍ତୁତି ଚାଲିଛି। ସେ ଆହୁରି ସୂଚନା ଦେଇଛନ୍ତି ଯେ ଯେଉଁମାନେ ବର୍ତ୍ତମାନ ସ୍ୱାସ୍ଥ୍ୟ ସାଥୀରେ ପଞ୍ଜିକୃତ ନୁହଁନ୍ତି ସେମାନଙ୍କୁ ମଧ୍ୟ ଧୀରେ ଧୀରେ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏହା ସହିତ ସେହି ବୈଠକରେ ସେ ଘୋଷଣା କରିଛନ୍ତି ଯେ 'ଅମୃତ ଭାରତ' ଯୋଜନା ଅଧୀନରେ, ଗୁରୁତର ରୋଗ ପାଇଁ ଔଷଧ ଉପରେ ୮୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ।

## ନିଯୁକ୍ତି ଦୁର୍ନୀତିରେ ରାଜ୍ୟ ବଦନାମ

କୋଲକାତା,୨୩।୫(ସଂଚାର ବ୍ୟୁରୋ): ଶନିବାର ଦିନ ଶିଆଲଦାରେ 'ରୋଜଗାର ମେଳା' (ନିଯୁକ୍ତି ମେଳା)ରେ ଭାଷଣ ଦେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ରାଜ୍ୟର ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଅନେକ ଘୋଷଣା କରିଥିଲେ। ସେ କହିଥିଲେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ନିଯୁକ୍ତି ସମ୍ପର୍କିତ ଏକ ନୂତନ ଆଇନ ଘୋଷଣା କରାଯିବ। ନୂତନ ପିଢ଼ିର ସ୍ୱପ୍ନ ପୂରଣ କରିବା ପାଇଁ ପ୍ରୟାସ ଚାଲିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଭିତରେ ପରୀକ୍ଷା ସ୍ଥାନ ସମ୍ପର୍କରେ ମଧ୍ୟ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ସେ ମନ୍ତବ୍ୟ ଦେଇଥିଲେ, ରାଜ୍ୟରେ ପରୀକ୍ଷା କେନ୍ଦ୍ରଗୁଡ଼ିକ ମଧ୍ୟ କଳୁଷିତ ହୋଇଗଲାଣି। ଏହି କାରଣରୁ ପଶ୍ଚିମବଙ୍ଗରେ ରେଳ ପରୀକ୍ଷା କରାଯାଉ ନଥିଲା। ଦୁର୍ନୀତି ସମ୍ପର୍କରେ ନିଜର କ୍ଷୋଭ ପ୍ରକାଶ କରି କହିଥିଲେ, ନିଯୁକ୍ତି ଦୁର୍ନୀତି ଯୋଗୁଁ ଆମ ରାଜ୍ୟ ଅତ୍ୟନ୍ତ ଅପମାନିତ ହୋଇଛି। ପଶ୍ଚିମବଙ୍ଗ ପାଇଁ ବହୁତ ଆଶା ଥିଲା। କିନ୍ତୁ ଗତ କିଛିବର୍ଷ ମଧ୍ୟରେ ସବୁକିଛି ନଷ୍ଟ ହୋଇଯାଇଛି। ଆମକୁ ପଶ୍ଚିମବଙ୍ଗକୁ ଏହି କଳଙ୍କିତ ପ୍ରତିଛବିରୁ ମୁକ୍ତ କରିବାକୁ ପଡିବ।

## ବିଜେପି କର୍ମୀଙ୍କ ଉପରେ ଆକ୍ରମଣ

କୋଲକାତା,୨୩।୫(ସଂଚାର ବ୍ୟୁରୋ):ବୀରଭୂମର ଜଣେ ବିଜେପି ନେତା ରଜତ ଚଟ୍ଟରାଜ ଓରଫ ସୋନୁ ଦୁର୍ବୃତ୍ତମାନଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ସେ ବର୍ତ୍ତମାନ ଦଳର ବୋଲପୁର ସଂଗଠନ ଜିଲ୍ଲା ପାଇଁ ମିଡିଆ ପ୍ରଭାରୀ ଭାବରେ କାର୍ଯ୍ୟ କରୁଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ବୋଲପୁରର ୨ ନମ୍ବର ପ୍ଲାଟଫର୍ମ ସଂଲଗ୍ନ ଉକିଲପଟ୍ଟି ଅଞ୍ଚଳରେ ରଜତ ଚଟ୍ଟରାଜଙ୍କ ଉପରେ ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନେ ତାଙ୍କୁ ନିର୍ମମ ଭାବରେ ମାଡ଼ ମାରିଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ବୋଲପୁର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ଜମି ବିବାଦରୁ ଆକ୍ରମଣ ହୋଇଥାଇପାରେ ବୋଲି ଅନୁମାନ କରୁଛି।

**ଜାତୀୟ କନିଷ୍ଠ ଓ ଉପକନିଷ୍ଠ ଶକ୍ତିଉତ୍ତୋଳନ ପ୍ରତିଯୋଗିତା**

## ଆକାଂକ୍ଷାଙ୍କୁ ସ୍ୱର୍ଣ୍ଣ ସହ ଦ୍ୱିତୀୟ ବେଷ୍ଟ ଲିଫ୍ଟର୍ ଆଖ୍ୟା

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ଗତ ମେ' ୧୫ରୁ ୨୦ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଅମଳାପୁରମଠାରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ କନିଷ୍ଠ ଓ ଉପକନିଷ୍ଠ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା କନିଷ୍ଠ ୮୪ କିଲୋରୁ ଅଧିକ ବର୍ଗରେ ଆକାଂକ୍ଷା ପରିଡ଼ା ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ମହିଳା ବର୍ଗରେ ଦ୍ୱିତୀୟ ବେଷ୍ଟ ଲିଫ୍ଟର ଆଖ୍ୟା ଅର୍ଜନ କରିଛନ୍ତି। ଅନନ୍ୟା ଅନିନ୍ଦିତା ଗିରି ମହିଳା କନିଷ୍ଠ ୭୬ କିଲୋ ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ସେହିଭଳି ପୁରୁଷ ବିଭାଗରେ ସୋମେନ ସେନାପତି ୬୬ କିଲୋ କନିଷ୍ଠ ବର୍ଗରେ ରୋପ୍ୟ ପଦକ, ଅଖିଲ ନାଗ କନିଷ୍ଠ ୭୪ କିଲୋ




ବର୍ଗରେ ରୌପ୍ୟ, ରୋହିତ ପାତ୍ର କନିଷ୍ଠ ୧୨୦ କିଲୋ ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଉପକନିଷ୍ଠ ପୁରୁଷ ୫୯ କିଲୋ ବର୍ଗରେ ନିଲେଶ ଗୌଡ଼ ବ୍ରୋଞ୍ଜ୍ ପଦକ ଲାଭ କରିଛନ୍ତି। ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ୍ ସହ ସହ ଓଡ଼ିଶାକୁ ମୋଟ ୬ଟି ପଦକ ମିଳିଛି।

ସେହିପରି ବ୍ୟକ୍ତିଗତ ଲିଫ୍ଟରେ ଅବିନାଶ ହିମିରିକା ଉପକନିଷ୍ଠ ପୁରୁଷ ୫୯ କିଲୋ ବର୍ଗରେ ସ୍କ୍ୱାଟ୍‌ରେ ରୌପ୍ୟ ପଦକ ଓ ବିକ୍ରମ ସିଂ ଉପକନିଷ୍ଠ ପୁରୁଷ ୬୬ କିଲୋ ବର୍ଗ ବେଞ୍ଚପ୍ରେସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳ ସହ କୋଚ ଭାବେ ବ୍ରହ୍ମପଦ ବେହେରା ଓ ଟିମ ମ୍ୟାନେଜର ଭାବେ ସୋମେନ ସେନାପତି ରହିଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ସଂଘ ସଭାପତି ଇଂ. ଚିତ୍ତ ରଞ୍ଜନ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ବାପି ଓ ଜେପିକୁ ଏନ୍ଏସ୍ଏରେ ଅଟକ ନିର୍ଦ୍ଦେଶ

କଟକ,୨୩।୫ (ସଂଚାର ବୁରୋ):ଜାତୀୟ ନିରାପତ୍ତା ଆଇନ୍ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ଜିଲା ଝାଡ଼େଶ୍ୱରପୁର ଗାଁର ସ୍ୱର୍ଗତ ଶିଶିର ପ୍ରହରାଜଙ୍କ ପୁଅ ବାପି ଓରଫ ଜ୍ୟୋତି ସମ୍ରାଟ ପ୍ରହରାଜଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବା ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାପୂର୍ବରୁ କଟକ ଆରକ୍ଷୀ ଅଧିକ୍ଷକ ବାପି ଓ ଜେପିଙ୍କୁ ୨୦୨୬ରେ ଜାତୀୟ ନିରାପତ୍ତା ଆଇନ୍ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ ଜାତୀୟ ନିରାପତା ଆଇନ୍ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ବାପି ଓ ଜେପି ୨୦୨୫ ମସିହାର ଏକ ମାମଲାରେ ଭଦ୍ରେଶ୍ୱର ଥାନାରେ କଟକ ମଣ୍ଡଳ କାରାଗାରର ନ୍ୟାୟିକ ହେପାଜତରେ ଅଛନ୍ତି। ଅନ୍ୟାଦେଶ ପର୍ଯ୍ୟନ୍ତ ତାଙ୍କୁ ମଣ୍ଡଳ କାରାଗାରରେ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସଂଭାବନାର 'ବେନହୁର ବହି ବିଶେଷ'




ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ସଂଭାବନା ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଓ ସୁବକ୍ତା ଦାଶ ବେନହୁରଙ୍କ ରଚିତ ୩ଟି ପୁସ୍ତକର ପାଠକାର୍ପଣ ଉତ୍ସବ 'ବେନହୁର ବହି ବିଶେଷ' ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଇଷ୍ଟର୍ଣ୍ଣ ମିଡ଼ିଆର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ଓ ଗାଳ୍ପିକ ତଥା ପ୍ରଶାସକ ଦେବ ପ୍ରସାଦ ଦାଶ ପ୍ରମୁଖ ଅତିଥି ବକ୍ତା ଭାବେ ସାରଗର୍ଭକ ଆଲୋଚନା ଓ ବିଶ୍ଳେଷଣ କରିଥିଲେ। 'ସମ୍ବିଧାନନାମା', ଭାରତୀୟ ସମ୍ବିଧାନର ତିଆରି, ଅତୀତ, ପ୍ରୟୋଗ ପୁଣି ଅପବ୍ୟବହାର ଆଧାରରେ ଲିଖିତ ୬୯ଟି ସ୍ତମ୍ଭର ସମାହାର। ସାଧାରଣ ଓଡ଼ିଆ ଭାରତୀୟଟିଏ ବୁଝିପାରିଲା ଭଳି ଅନ୍ତରଙ୍ଗ ଢଙ୍ଗରେ ପ୍ରତିଟି ପ୍ରବନ୍ଧ ସରଳ ଓ ସହଜ ଭାବେ ପରିବେଷିତ। ବହିଟିକୁ ଛାପିଛନ୍ତି ପେନ୍ଇନ୍ ବୁକ୍ସ। ସେହିପରି 'ଦାଶ ବେନହୁର: ସୃଷ୍ଟି ବୈଚିତ୍ର' ଲେଖକ ଦାଶ ବେନହୁରଙ୍କ ସାହିତ୍ୟ ସର୍ଜନାକୁ ବିଭିନ୍ନ ଦିଗରୁ ଆକଳନ କରିଥିବା ୨୦ଟି ପ୍ରବନ୍ଧର ଏକ ସମ୍ପାଦିତ ରୂପ। ବିଦ୍ୟାପୁରୀ ଏହି ବହିର ପ୍ରକାଶକ। ଦ୍ୱିତୀୟ ସଂସ୍କରଣର ରୂପ ନେଇଥିବା 'ବୟସ୍କର ନାନାବାୟା' ଏକ ନିଆରା ରୁଚିର କବିତା ବହି। ଏହାର ଗୋଟିଏ ଗୋଟିଏ ପଦରେ ଅଛି ଜୀବନର ନାନା ଦିଗକୁ ନେଇ ଉଚ୍ଛୁଳିପାରୁଥିବା ଗୋଟେ ବୟସ୍କ ମଣିଷର ଆଳିମାଳି ନନ୍ଦନବୋଧ। ଏହି ତିନିଗୋଟି ପୁସ୍ତକର ଲୋକାର୍ପଣ ସନ୍ଧ୍ୟାରେ ଜୟଦେବ ଭବନର ଭରପୂର ପ୍ରେକ୍ଷାଳୟରେ ସଂଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଟ୍ରଷ୍ଟି ସ୍ମୃତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାଁଥି ପୌରବୋର୍ଡ ଭାଙ୍ଗିଲା

କୋଲକାତା,୨୩।୫(ସଂଚାର ବ୍ୟୁରୋ):ରାଜ୍ୟ ସରକାର କାଁଥି ପୌରସଭାର ତୃଣମୂଳ ନେତୃତ୍ୱାଧୀନ ପୌରସଭା ବୋର୍ଡକୁ ଭାଙ୍ଗି ଦେଇଛନ୍ତି। ଏହାର କାର୍ଯ୍ୟ ତଦାରଖ କରିବା ପାଇଁ ଜଣେ ପ୍ରଶାସକଙ୍କୁ ନିଯୁକ୍ତ କରାଯାଇଛି। ନିୟମ ଅନୁଯାୟୀ, ସରକାର କାଁଥିର ଉପ-ବିଭାଗୀୟ ଅଧିକାରୀ ପ୍ରତୀକ ଅଶୋକ ଧୂମାଲଙ୍କୁ ଏହି ପଦବୀରେ ନିଯୁକ୍ତ କରିଛନ୍ତି। କାଁଥି ହେଉଛି ରାଜ୍ୟର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କର ଜନ୍ମସ୍ଥାନ। ସେ ନିଜେ ଏକ ସମୟରେ ଏହି ପୌରସଭାରେ କାଉନସିଲର ଭାବରେ କାର୍ଯ୍ୟ କରିଥିଲେ। ପରେ ସେ ରାଜ୍ୟ ରାଜନୀତିରେ ପ୍ରମୁଖ ସ୍ଥାନ ପାଇଥିଲେ। ସାମ୍ପ୍ରତିକ ପୌରସଭା ନିର୍ବାଚନରେ ଏହା ତୃଣମୂଳ କଂଗ୍ରେସ ନିୟନ୍ତ୍ରଣରେ ଥିଲା। ପୌରସଭାରେ ମୋଟ ୨୧ଟି ୱାର୍ଡ ରହିଛି। ଏଥିମଧ୍ୟରୁ ତୃଣମୂଳ ୧୭ଟିରେ ବିଜୟୀ ହୋଇଥିଲା।

## ତୃଣମୂଳ ଓ ବିଜେପି ସଂଘର୍ଷ, ୪ ଗୁରୁତର

କୋଲକାତା,୨୩।୫(ସଂଚାର ବ୍ୟୁରୋ):ପୂର୍ବ ବର୍ଦ୍ଧମାନର ମେମାରିରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ଶୁକ୍ରବାର ଦିନ ମେମାରିର ୧୦ ନମ୍ବର ୱାର୍ଡର ଚକଟିପଡା ଅଞ୍ଚଳରେ ଏକ ବିଜେପି ଦଳୀୟ ବୈଠକ ଚାଲିଥିଲା। ବୈଠକ ଚାଲିଥିବା ସମୟରେ କିଛି ଦୁର୍ବୃତ୍ତ ବିଜେପି କର୍ମୀଙ୍କ ଉପରେ ହଠାତ୍ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଚାରିଜଣ ବିଜେପି କର୍ମୀ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ବ୍ୟାପକ ଉତ୍ତେଜନା ସୃଷ୍ଟି ହୋଇଥିଲା। ମେମାରି ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

## ପୌରସଭା କାଉନସିଲରଙ୍କ ଅସ୍ୱାଭାବିକ ମୃତ୍ୟୁ

କୋଲକାତା,୨୩।୫(ସଂଚାର ବ୍ୟୁରୋ):ଦକ୍ଷିଣ ଦମ୍‌ଦମ୍ ପୌରସଭାର ଜଣେ ତୃଣମୂଳ କାଉନସିଲରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଶନିବାର ସକାଳେ ୧୮ ନମ୍ବର ୱାର୍ଡର କାଉନସିଲର ସଞ୍ଜୟ ଦାସଙ୍କ ମୃତଦେହ ତାଙ୍କ କୋଠରୀ ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ନାଗେରବଜାରର ଆଇଏଲ୍ଏସ୍ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂତ୍ର ଅନୁସାରେ, ମୃତ କାଉନସିଲର ସଞ୍ଜୟ ଦାସ ଦେବରାଜ ଚକ୍ରବର୍ତ୍ତୀଙ୍କ ଜଣେ ଘନିଷ୍ଠ ସହଯୋଗୀ ଥିଲେ। କାଉନସିଲର ଡିପ୍ରେସନରେ ପୀଡିତ ଥିବା କୁହାଯାଉଛି।

## ପୁଲିସକୁ ମାଡ଼ମାରି ଅଭିଯୁକ୍ତକୁ ଛଡ଼ାଇନେଲେ

କୋଲକାତା,୨୩।୫(ସଂଚାର ବ୍ୟୁରୋ):ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚେଷ୍ଟା କରିବା ସମୟରେ ପୁଲିସ ଉପରେ ଗାଁ ଲୋକେ ଆକ୍ରମଣ କରିଛନ୍ତି। ମୁର୍ଶିଦାବାଦରେ ଏଭଳି ଘଟଣା ଘଟିଛି। ପୁଲିସ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିବାର ମାତ୍ର ଚାରିଦିନ ପରେ ପୁଲିସ ଉପରେ ଆକ୍ରମଣ ହୋଇଛି। ଅଭିଯୋଗ ଅନୁଯାୟୀ, ଅଜମତ ମଣ୍ଡଳ ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିଲା। ତାଙ୍କ ବିରୁଦ୍ଧରେ ଅସ୍ତ୍ର ଆଇନ ଅନୁଯାୟୀ ଅଭିଯୋଗ କରାଯାଇଥିଲା। ଶୁକ୍ରବାର ରାତିରେ ଅଭିଯୁକ୍ତକୁ ଧରିବା ପାଇଁ ଏକ ପୁଲିସ ଟିମ୍ ଡୋମକଳର କୁଚିଆମୋଡରେ ଚଢ଼ାଉ କରିଥିଲା। ସେହି ସମୟରେ ସନ୍ଦିଗ୍ଧ ବ୍ୟକ୍ତି ଏକ ଚା' ଦୋକାନରେ ବସିଥିଲା। ସାଦା ପୋଷାକ ପିନ୍ଧିଥିବା ଅଧିକାରୀମାନେ ସନ୍ଦିଗ୍ଧ ବ୍ୟକ୍ତିକୁ ଧରିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକମାନେ ବଳପୂର୍ବକ ଅଭିଯୁକ୍ତକୁ ପୁଲିସଠାରୁ ଛଡ଼ାଇ ନେବା ସହିତ ପୁଲିସ ଉପରେ ଶାରୀରିକ ଆକ୍ରମଣ କରିଥିଲେ। ଘଟଣାର ଖବର ପାଇବା ପରେ, ଡୋମକଳ ଥାନାରୁ ଏକ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୁଲିସ ଉପରେ ଆକ୍ରମଣ ଘଟଣାରେ ବହୁ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି।

# ରାଜ୍ୟରେ ବଢୁଛି ବୃଦ୍ଧାଶ୍ରମ ସଂଖ୍ୟା

ଭୁବନେଶ୍ୱର,୨୩।୫: ରାଜ୍ୟରେ ବଢି ଚାଲିଛି ବୃଦ୍ଧାଶ୍ରମ ସଂଖ୍ୟା। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ୧୪୨ଟି ବୃଦ୍ଧାଶ୍ରମ ଥିବାବେଳେ ଚାହିଦାକୁ ଦୃଷ୍ଟିରେ ରଖି ଆଉ ୬ଟି ବୃଦ୍ଧାଶ୍ରମକୁ କେନ୍ଦ୍ରୀୟ ମଞ୍ଜୁରୀପାଇଁ ରାଜ୍ୟ ସରକାର ସୁପାରିସ୍ କରିଛନ୍ତି। ଗୋଟିଏ ପଟେ ରାଜ୍ୟରେ ବୁଢ଼ା ବୁଢ଼ୀମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ସେମାନଙ୍କ ସନ୍ତାନ ସନ୍ତତିମାନେ ନିଜ ପାଖରେ ସେମାନଙ୍କୁ ରଖିବାକୁ ରାଜି ହେଉନାହାନ୍ତି। କୌଣସି ପ୍ରକାରେ ସେମାନଙ୍କୁ ବୃଦ୍ଧାଶ୍ରମରେ ଛାଡି ଦାୟିତ୍ୱମୁକ୍ତ ହେଉଛନ୍ତି। ଫଳରେ ରାଜ୍ୟରେ ବୃଦ୍ଧାଶ୍ରମ ସଂଖ୍ୟା ବଢ଼ିବାରେ ଲାଗିଛି।

ସରକାରୀ ହିସାବରେ ରାଜ୍ୟରେ ଏବେ ୧୪୨ଟି ବୃଦ୍ଧାଶ୍ରମ ରହିଛି। ଏଥିରୁ ୮୮ଟି କେନ୍ଦ୍ର ସରକାରଙ୍କ ଅନୁଦାନରେ ଚାଲୁଛି। ଏହିସବୁ ବୃଦ୍ଧାଶ୍ରମକୁ କେନ୍ଦ୍ର ସରକାର ପରିଚାଳନା ବାବଦରେ କେତେ ଅର୍ଥ ପ୍ରଦାନ କରୁଛନ୍ତି ତାହାର ହିସାବ ରାଜ୍ୟ ସରକାରଙ୍କ ନିକଟରେ ନାହିଁ। ତେବେ ରାଜ୍ୟ ସରକାରଙ୍କ ଅନୁଦାନରେ ମଧ୍ୟ ଅବଶିଷ୍ଟ ବୃଦ୍ଧାଶ୍ରମ ଚାଲିଛି। ଏଥି ମଧ୍ୟରେ ଜିଲ୍ଲା ଖଣିଜ ପାଣ୍ଠି ଓ ଅନ୍ୟାନ୍ୟ ଉତ୍ସରୁ ଅର୍ଥ ଯୋଗାଇ ଦିଆଯାଉଛି। ବେସରକାରୀ ସଂସ୍ଥାମାନେ ଏହିସବୁ ବୃଦ୍ଧାଶ୍ରମକୁ ପରିଚାଳନା କରୁଛନ୍ତି।

ଗୋଟିଏ ବୃଦ୍ଧାଶ୍ରମ ଚଳାଇବାପାଇଁ ବେସରକାରୀ ସଂସ୍ଥାଗୁଡିକୁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଉଛନ୍ତି। କେତେକ ସ୍ଥାନରେ ଏହା ବାର୍ଷିକ ୧୨



ଲକ୍ଷରୁ ଅଧିକ ରହିଥିବାବେଳେ ଆଉ କେତେକ ସ୍ଥାନରେଏହା ୧୫ଲକ୍ଷ ଟଙ୍କାରୁ ଅଧିକ ରହିଛି। ଏହି ଅର୍ଥରେ ବେସରକାରୀ ସଂସ୍ଥାମାନେ ବୃଦ୍ଧାଶ୍ରମ ପରିଚାଳନା କରୁଥିବାବେଳେ ଏଥିରେ ଆଶ୍ରମର ଅନ୍ତେବାସୀମାନଙ୍କର ଖାଦ୍ୟ, ପୋଷାକ, ଚିକିତ୍ସା ଆଦି ଅର୍ନ୍ତଭୁକ୍ତ ରହିଛି।

ଇତିମଧ୍ୟରେ ରାଜ୍ୟରେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଚଳିତବର୍ଷ ପୁରୀ, ଗଞ୍ଜାମ, ସମ୍ବଲପୁର, କନ୍ଧମାଳ ଜିଲ୍ଲାରେ ସମନ୍ୱିତ ଭିତ୍ତିଭୂମି ପ୍ରକଳ୍ପରେ ୫୦ ଶଯ୍ୟା ବିଶିଷ୍ଟ ୫ଟି ବୃଦ୍ଧାଶ୍ରମ ଖୋଲିବାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସେହିଭଳି ଅନୁଗୁଳ, ବରଗଡ, ମାଲକାନଗିରି ଓ ସୁନ୍ଦରଗଡ ଜିଲ୍ଲାରେ ୬ଟି ବୃଦ୍ଧାଶ୍ରମକୁ ଅନୁଦାନ ଯୋଗାଇ ଦେବାପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ସୁପାରିଶ୍ କରିଛନ୍ତି। କେନ୍ଦ୍ର ସରକାର ସୁପାରିସ୍ ପ୍ରଦାନ କଲେ ରାଜ୍ୟରେ ବୃଦ୍ଧାଶ୍ରମ ସଂଖ୍ୟା ଆହୁରି ବୃଦ୍ଧି ପାଇବ।

ଉଲ୍ଲେଖନୀୟ ଯେ ପରିବାରର ବୟସ୍କ ସଦସ୍ୟମାନଙ୍କୁ ସେମାନଙ୍କ ପରିଣତ ବୟସରେ ନିଜ ପାଖରେ ନରଖିବାର ଧାରା ଉପକୂଳ ଓଡିଶାରୁ ଧିରେ ଧିରେ ଆଦିବାସୀ ଅଞ୍ଚଳକୁ ବ୍ୟାପିପାରେ ଲାଗିଲାଣି। ଫଳରେ ସେହିସବୁ ଜିଲ୍ଲାରେ ଗୁଡିକରେ ମଧ୍ୟ ଆଗାମୀ ଦିନରେ ବୃଦ୍ଧାଶ୍ରମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ବୟସ୍କ ଲୋକମାନଙ୍କୁ ଯଦିଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାମାଜିକ ସୁରକ୍ଷା ଯୋଜନାରେ ମାସକୁ ମାସ ଭତ୍ତା ପ୍ରଦାନ କରୁଛନ୍ତି କିନ୍ତୁ ତାହା ଜଣେ ବ୍ୟକ୍ତିଙ୍କର ଚଳିବାପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ଯେଉଁ ବୟସ୍କଙ୍କ ପିଲାମାନେ ସେମାନଙ୍କୁ ନିଜ ପାଖରେ ରଖିବାକୁ ରାଜି ହେଉନାହାନ୍ତି ସେମାନେ ବାଧ୍ୟହୋଇ ଅବଶିଷ୍ଟ ଜୀବନ ବୃଦ୍ଧାଶ୍ରମରେ କାଟିବାକୁ ବାଧ୍ୟ ହେଉଛନ୍ତି। (ତଥ୍ୟ)

## ବାଲି ମାଫିଆଙ୍କୁ ଧରିବାକୁ ଯାଇ ଫାଣ୍ଡି ଅଧିକାରୀ ଆହତ

**ନୀଳଗିରି,୨୩।୫ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ନୀଳଗିରି ତହସିଲ, ଅଯୋଧ୍ୟା ଆର, ଆଇ,ଅଯୋଧ୍ୟା ଗ୍ରାମପଞ୍ଚାୟତ ରେ ସୋନ ନଦୀର ବାଡ଼ିଆ ଘାଟରେ ବାଲି ମାଫିଆ ମାନେ ବାଲି ଚୋରି କରୁଥିବାର ଅତିରିକ୍ତ ଏସ୍‌ପି ପ୍ରମୋଦ କୁମାର ମଲ୍ଲିକ ବିଶେଷ ସୁତ୍ରରୁ ଖବର ପାଇ ଥିଲେ। ଶ୍ରୀଯୁକ୍ତ ମଲ୍ଲିକଙ୍କ ନିର୍ଦ୍ଦେଶରେ ଅଯୋଧ୍ୟ ଫାଣ୍ଡି ଅଧିକାରୀ ସୁମନ୍ତ କୁମାର ପାତ୍ର ଓକନେଷ୍ଟବଳ ରବୀନ୍ଦ୍ର କୁମାର ମଢେଇ ଏକ ମଟର ସାଇକେଲରେ ଯାଇଥିଲେ। ଫାଣ୍ଡି ଅଧିକାରୀ ଶ୍ରୀ ପାତ୍ରଙ୍କଠାରେ ବନ୍ଧୁ ଦେଖି ବାଲି ମାଫିଆ ଛୁ ମାରିଥିଲେ। ବାଲି ମାଫିଆ ମାନଙ୍କୁ ଧରିବାକୁ ଯାଇ ଫାଣ୍ଡି ଅଧିକାରୀ ଶ୍ରୀ ପାତ୍ର ଓ କନେଷ୍ଟବଳ ଆହତ ହୋଇଥିବା ଜଣାପଡିଛି।

## ଏନଟିପିସି ଆସ୍‌ପଣ୍ଡ ଯନ୍ତ୍ରଣା ନେଇ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ଗ୍ରାମବାସୀ



**ସୁନ୍ଦରଗଡ଼,୨୩।୫ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଦରଳିପାଳିରେ ଥିବା ଏନଟିପିସି ପାୱାର ପ୍ଲାଣ୍ଟର ଆସ୍‌ପଣ୍ଡକୁ ନେଇ ଦୀର୍ଘଦିନ ଧରି ଦୁଇଟି ଗ୍ରାମର ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ପ୍ଲାଣ୍ଟ ରୁ ବାହାରୁଥିବା ଆଶ, ଧୂଳି, ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟାରେ ଅତିଷ୍ଠ ହୋଇ ଗ୍ରାମବାସୀମାନେ ଆସ୍‌ପଣ୍ଡ ହଟାଇବା କିମ୍ବା ପ୍ରଭାବିତ ପରିବାରମାନଙ୍କୁ ବିସ୍ଥାପିତ କରିବା ଦାବିରେ ବର୍ଷ ବର୍ଷ ଧରି ଆନ୍ଦୋଳନ କରୁଛନ୍ତି କିନ୍ତୁ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ମିଳିନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଝାରିଙ୍କ ଏନଟିପିସି ଗସ୍ତ ସମୟରେ ପ୍ରଭାବିତ ଗ୍ରାମବାସୀମାନେ ମନ୍ତ୍ରୀଙ୍କୁ ଭେଟି ନିଜ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ପରେ ରାଜସ୍ୱ ମନ୍ତ୍ରୀ ସ୍ୱୟଂ ଆସ୍‌ପଣ୍ଡ ଅଞ୍ଚଳକୁ ଯାଇ ପରିସ୍ଥିତିର ଅନୁଧ୍ୟାନ କରିବେ ବୋଲି ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ପ୍ରଭାବିତ ଲୋକଙ୍କ ସମସ୍ୟା ସମାଧାନ ପାଇଁ ସରକାର ଗୁରୁତର ସହ କାମ କରୁଛନ୍ତି ଏବଂ ବିସ୍ଥାପନ ନୀତିରେ ପରିବର୍ତ୍ତନ ଆଣିବା ନେଇ ମଧ୍ୟ ବିଚାର ଚାଲିଛି। ମନ୍ତ୍ରୀଙ୍କ ଏହି ଆଶ୍ୱାସନ ପରେ ଗ୍ରାମବାସୀମାନେ ଶୀଘ୍ର ସ୍ଥାୟୀ ସମାଧାନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

## ବିଜ୍ଞାନ ଦ୍ୱାରା ଅନ୍ଧବିଶ୍ୱାସର ଦୂରୀକରଣ ବାର୍ତ୍ତା ବାଣ୍ଟୁଛନ୍ତି ଗୌରୀ ଶଙ୍କର



**ବୋରିଗୁମ୍ମା,୨୩।୫ (ସଂଚାର ବ୍ୟୁରୋ):** ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଏବଂ ପିଲାଙ୍କ ମନରେ ବିଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀ ଗୌରୀ ଶଙ୍କର ସାମନ୍ତରାୟ , ଗ୍ରୀଷ୍ମ ଅବକାଶରେ ବିଭିନ୍ନ ଗ୍ରାମକୁ ଯାଇ ବିଜ୍ଞାନ ଦ୍ୱାରା ଅନ୍ଧ ବିଶ୍ୱାସର ଦୂରୀକରଣ କିପରି କରାଯାଇ ପାରିବ ତାହାର ବିଭିନ୍ନ ବିଜ୍ଞାନ ପରୀକ୍ଷା ଯଥା ନଡ଼ିଆକୁ ଭାଙ୍ଗି ରକ୍ତ ବାହାର କରିବା, ସ୍ୱତଃ ପ୍ରବୃତ୍ତ ଭାବରେ ଅଗ୍ନି କୁଣ୍ଡରୁ ନିଆଁ ଜଳାଇବା, ଲେମ୍ବୁକୁ କାଟି ରକ୍ତ ବାହାର କରିବା, ପାଣି ଦ୍ୱାରା ନିଆଁ ଲଗାଇବା ଇତ୍ୟାଦି କେତେକ କୌତୁହଳ ପୂର୍ଣ୍ଣ ବିଜ୍ଞାନ ପରୀକ୍ଷା କରି ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନଙ୍କୁ ମନ ମୁଗ୍ଧ କରିବା ସହ ବିଜ୍ଞାନ ବିଷୟରେ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଉଛନ୍ତି। ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀମାନଙ୍କର ପରିବାରକୁ ବ୍ୟକ୍ତିଗତ ଭାବେ ସାକ୍ଷତ କରି ଆନନ୍ଦଦାୟକ ପାଠ୍ୟକ୍ରମ ପ୍ରସ୍ତୁତ କରି Paper QR Code ଦ୍ୱାରା ମୂଲ୍ୟାଙ୍କନ କରିବା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ବିକାଶ ପକ୍ରିୟା ସାଙ୍ଗେ ସାଙ୍ଗେ ଜଣା ପଡ଼ି ଯାଉଥିବାରୁ ଏହା ଅତ୍ୟନ୍ତ ଲାଭଦାୟକ ହୋଇଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି । ଶ୍ରୀ ଗୌରୀଶଙ୍କର ସାମନ୍ତରାୟଙ୍କ ଏହି ପ୍ରୟାସ ଦ୍ୱାରା ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଶିକ୍ଷାର ମହତ୍ତ୍ୱ ବୁଝିବାରେ ସଫଳ ହୋଇପାରିଛି ।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଫୁଲବାଣୀ,୨୩।୫ (ସଂଚାର ବ୍ୟୁରୋ):** ଫୁଲବାଣୀ ଭିଜିଲାନ୍ସ ବିଚାରପତି ଏକ ଭିଜିଲାନ୍ସ ମାମଲାର ବିଚାରଣା କରି ଘଟଣାର ୧୯ ଜଣଙ୍କର ସାକ୍ଷ୍ୟ ପ୍ରମାଣ ଗ୍ରହଣ ଆଧାରରେ ମାମଲାର ଅଭିଯୁକ୍ତ ପିଇଓଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବୀ କୁଞ୍ଜ ବିହାରୀ ଶତପଥି ପରିଚାଳନା କରୁଥିଲେ। ଘଟଣା ଅନୁସାରେ ମକଦ୍ଦମା ବିବରଣୀରୁ ପ୍ରକାଶ ଯେ ଦାସିଙ୍ଗବାଡ଼ି ଗ୍ରାମ ପଂଚାୟତର ପିଇଓ ନାମରେ ମନରେଗା ସ୍କିମର ପୋଖରୀ ଖୋଳା ଅନିୟମିତତା ମାମଲାରେ ଫୁଲବାଣୀ ଭିଜିଲାନ୍ସ କେଶ ନମ୍ବର ୨୪/୨୫-୨୦୧୪ରେ ରଜ୍ଜୁ କରି ଏବଂ ତଦନ୍ତ ଅନୁସାରେ ଚାର୍ଜସିଟ ଫାଇଲ ହୋଇଥିଲା। ଫୁଲବାଣୀ ଭିଜିଲାନ୍ସ ଅଦାଲତରେ ଜିଆର-୮/୨୦୧୪ ଓ ୯/୧୪ରେ କେଶ ଟ୍ରାଇଲ ଚାଲିଥିଲା । ପରେ ୧୯ ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାରକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ଅଭାବରୁ ମାନ୍ୟବର ଭିଜିଲାନ୍ସ ଅଦାଲତ ଦାସିଙ୍ଗବାଡି ପିଇଓଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

### ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି

# ପରିତ୍ୟକ୍ତ ଜାତୀୟ ଖାଦ୍ୟ ନିଗମ କାର୍ଯ୍ୟାଳୟ



**ବାଲିଆପାଳ,୨୩।୫ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ସିମୁଳିଆ ସ୍ଥିତ ଭାବଣ ପୋଡ଼ି ପଡ଼ିଆ ଠାରେ ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଜାତୀୟ ଖାଦ୍ୟ ନିଗମ କାର୍ଯ୍ୟାଳୟ ପାଇଟିଛି ଅସାମାଜିକଙ୍କ ଆଡ୍ଡାଳୀ। ବାରମ୍ବାର ଅଭିଯୋଗ ପରେ କାହାରି ଦୃଷ୍ଟି ପଡୁନାହିଁ। କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ବାଲିଆପାଳ ପୁଲିସ ଏବଂ ଅବକାରୀ ବିଭାଗ ।

ପ୍ରତ୍ୟେକ ଦିନ ଏହି ପରିତ୍ୟକ୍ତ କାର୍ଯ୍ୟାଳୟକୁ ସକାଳରୁ ରାତି ପର୍ଯ୍ୟନ୍ତ ଅଜଣା ଲୋକ ଅବା ଗାଡ଼ି ଯାତାୟାତ କରୁଛି। ଭିତରେ ମଦ୍ୟପ, ଜୁଆଡି ଓ ଗଞ୍ଜେଇ ସେବନକାରୀଙ୍କ ଆଡ୍ଡା ଜମୁଥିବାରୁ ସ୍ଥାନୀୟ ଅଂଚଳର ବାସିନ୍ଦା ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ପରିତ୍ୟକ୍ତ କୋଠ ସମ୍ମୁଖରେ ଥିବା ଘରୋଇ ବିଦ୍ୟାଳୟକୁ ପ୍ରତ୍ୟେକ ଦିନ ଶହ ଶହ ପିଲା ପାଠପଢ଼ିବା ପାଇଁ ଆସୁଛନ୍ତି । ଅଗ୍ନିଶମ ବିଭାଗ, ଆରଡି, ଆତ୍ମା ଅଫିସକୁ ଆସୁଥିବା ଲୋକେ ଭୟଭୀତ ହେଉଛନ୍ତି। ଆଗରୁ ଆଖ ପାଖର ଲୋକ ଏଠାରେ ଗୋରୁ, ଛେଳି ଚରାଉଥିଲେ। ବିଷାକ୍ତ ସାପ, ଜୋକ, ଗୋଧିକା ଡରରେ କେହି ଭିତରକୁ ପ୍ରବେଶ କରୁ ନାହାନ୍ତି। ଯେବେଠାରୁ ଏଠାରେ ନିଶା କାରବାର ଚାଲିଛି, ଲୋକମାନେ ମଧ୍ୟ ଭୟରେ ତା ଭିତରକୁ ଯାଉନାହାନ୍ତି ।

କେବଳ ଏତିକି ନୁହେଁ ବାଲିଆପାଳ ଅଂଚଳରେ ଦିନକୁ ଦିନ ଧଳା ଜହରର କାରବାର ବଢ଼ୁଛି। ତେଣୁ ଏଠାରେ ଧଳା ହଳର କାରବାର ଚାଲୁଥିବାର ସନ୍ଦେହ କରାଯାଉଛି । ପଶ୍ଚିମବଙ୍ଗରୁ ବିଭିନ୍ନ ଉପାୟରେ ଧଳା ଜହର ଆସୁଥିବା ବେଳେ ଏହାର ଚେର ଏହି ପରିତ୍ୟକ୍ତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲମ୍ବିଛି ବୋଲି ଲୋକେ କଥାବାର୍ତ୍ତା ହୋଉଛନ୍ତି । ଯାହା ଫଳରେ ଏହାର ଶିକାର ହେଉଛନ୍ତି ଯୁବ ଗୋଷ୍ଠୀ। କମ୍ ବୟସର ପିଲାମାନେ ଏହି ନିଶା ଦ୍ରବ୍ୟ ସେବନ ପାଇଁ ଅର୍ଥ ନପାଇବାରୁ ଚୋରି, ଚିନ୍ତାଇ ମଧ୍ୟ କରୁଛନ୍ତି । ଏହି ନିଶା ଦ୍ରବ୍ୟର ସେବନ ଓ କାରବାରକୁ ବନ୍ଦ କରିବ କରିବା ପାଇଁ ପୁଲିସ ଏବଂ ଅବକାରୀ ବିଭାଗ ସକ୍ରିୟ ନଥିବାରୁ ଏହା ବୃଦ୍ଧି ପାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ଏହି ପରିତ୍ୟକ୍ତ କାର୍ଯ୍ୟାଳୟରେ ତାଲା ପକାଇ ଏହାର ରକ୍ଷଣାବେକ୍ଷଣ କରିବା ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି ସ୍ଥାନୀୟ ଲୋକେ । ବାଲିଆପାଳ, ଖଗଡାପାଳ, କାଳିପଦା, ଲଙ୍ଗଳେଶ୍ୱର, ରଡାଇ ବସ୍ତି ପ୍ରମୁଖ ସ୍ଥାନରେ ଏହି ସବୁ କାରବାର ବନ୍ଦ ପାଇଁ ଦାବି କରିଛନ୍ତି ଜନନୀ ପରିବାର ମୁଖ୍ୟ ରାଣୀ ମହାରି, ସମାଜସେ ସେବୀ ତପସ୍ୱିନୀ କର, ଝରଣା ରାଉତ, ସୁଭଦ୍ରା ରାଉତ, ସ୍ନେହ ଲତା ବେହେରା, ଯମୁନା ମଲ୍ଲିକ, ସୂଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର, ଯୁବ କଂଗ୍ରେସ ନେତା ତୀର୍ଥ କୁମାର ନାଗ, ବାଲିଆପାଳ ସ୍ୱାଭିମାନ ମଂଚର ସଭାପତି ସତ୍ୟକାମ ମହାନ୍ତି । ପୁଲିସର ୨୦୧ ପେଟ୍ରୋଲିଙ୍ଗ ପାଇଁ ମଧ୍ୟ ଦାବି ହୋଇଛି ।

## ପ୍ରହସନ ପାଲଟିଛି ମହିଳା ବୟନ କେନ୍ଦ୍ର




**ତାଲା ଝୁଲୁଛି, ମନ ହେଲେ ଖୋଲା ଯାଉଛି**

**ଆନନ୍ଦପୁର,୨୩।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ବାତୋ ପଞ୍ଚାୟତ ଅତା ଗ୍ରାମରେ ପୂର୍ବ ସରକାରଙ୍କ ପକ୍ଷରୁ ବହୁ ଆଡମ୍ବର ସହିତ ଏହି ମହିଳା ବୟନ ଓ ହସ୍ତଶିଳ୍ପ କେନ୍ଦ୍ର ନିର୍ମାଣ ହୋଇଥିଲା। ସେତେବେଳେ କୁହାଯାଇଥିଲା ଯେ ଏହି କେନ୍ଦ୍ର ମାଧ୍ୟମରେ ଅଞ୍ଚଳର ମହିଳାମାନେ ବୁଣା କାମ, ହସ୍ତଶିଳ୍ପ ଓ ବିଭିନ୍ନ କୁଟୀର ଶିଳ୍ପ ସହ ଜଡିତ ହୋଇ ରୋଜଗାର ପାଇବେ। ଗାଁର ମହିଳାମାନେ ସ୍ୱାବଲମ୍ବୀ ହେବେ, ସେମାନଙ୍କ ଆର୍ଥିକ ସ୍ଥିତି ବଦଳିବ ଓ ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ନୂଆ ଦିଗ ମିଳିବ।

କିନ୍ତୁ ସରକାରୀ ଯୋଜନା ଓ ଭାଷଣ ଯେଉଁଠାରେ ଶେଷ ହେଲା, ସେଠାରୁ ଆରମ୍ଭ ହେଲା ଅବହେଳାର କାହାଣୀ। ଆଜି ଏହି ବୟନ କେନ୍ଦ୍ରରେ ନା କୌଣସି ବୁଣା କାମ ଚାଲୁଛି, ନା କୌଣସି ମହିଳା ଏଠାକୁ ଆସୁଛନ୍ତି। କେବଳ କୋଠା ଭିତରେ ଧୂଳି, ମଳ କୁଡ଼ ଓ ଭଙ୍ଗା ଅବସ୍ଥା ଦେଖିବାକୁ ମିଳୁଛି। ବାହାର ପରିବେଶ ମଧ୍ୟ ଅବ୍ୟବସ୍ଥାରେ ଭରିଯାଇଛି। ଦେଖିଲେ ଲାଗୁଛି ଯେ ବର୍ଷ ବର୍ଷ ଧରି ଏଠାରେ କେହି ପାଦ ରଖିନାହାନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି କେନ୍ଦ୍ର ଅଧିକାଂଶ ସମୟ ବନ୍ଦ ରହୁଛି। କେବେ କେବେ ମନ ହେଲେ ଖୋଲାଯାଉଛି, ତାପରେ ପୁଣି ତାଲା ପଡ଼ିଯାଉଛି। ଯେଉଁ ପ୍ରକଳ୍ପ ଗାଁର ମହିଳାମାନଙ୍କ ଭବିଷ୍ୟତ ବଦଳାଇବା ପାଇଁ ତିଆରି ହୋଇଥିଲା, ସେହି ପ୍ରକଳ୍ପ ଆଜି ଅବହେଳା ଓ ଦୁର୍ନୀତିର ପ୍ରତୀକ ପାଲଟିଛି। ପ୍ରଶାସନର ଦାୟିତ୍ୱହୀନତା ପାଇଁ ସମସ୍ତ ଯୋଜନା କାଗଜପତ୍ରରେ ହିଁ ସୀମିତ ରହିଗଲା।

ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ଯେ ପ୍ରଶାସନ ତୁରନ୍ତ ଏହି ବୟନ କେନ୍ଦ୍ର ପ୍ରତି ଦୃଷ୍ଟି ଦିଅନ୍ତୁ। କେନ୍ଦ୍ର କାହିଁକି ବନ୍ଦ ରହିଛି, କୋଟି କୋଟି ଟଙ୍କା ଖର୍ଚ୍ଚ ପରେ କାହିଁକି କାର୍ଯ୍ୟକ୍ରମ ଚାଲୁନି, ତାହାର ତଦନ୍ତ ହେଉ।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର - ୨୦୨୫ ପାଇଁ ମନୋନୟନ ପତ୍ର ଆହ୍ୱାନ

**ଯାଜପୁର,୨୩।୫ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ବିଭିନ୍ନ କ୍ରୀଡ଼ା ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର- ୨୦୨୫ ପାଇଁ ମନୋନୟନ ପତ୍ର ଆହ୍ୱାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନଙ୍କ ଅବଦାନକୁ ସ୍ୱୀକୃତି ସହ ସମ୍ବର୍ଦ୍ଧନା ଦେବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଏ। ଆବେଦନ କିମ୍ବା ମନୋନୟନର ଶେଷ ତାରିଖ ୧୦ ଜୁନ୍ ୨୦୨୬ ଅପରାହ୍ଣ ୫ ଘଟିକା ଯାଏଁ ଧାର୍ଯ୍ୟ କରାଯାଇଛି। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ୨୯ ଅଗଷ୍ଟରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ।

କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡାବିତ, କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡାବିତ, ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡାବିତ ଏବଂ ବର୍ଷର ଶ୍ରେଷ୍ଠ କ୍ରୀଡା ବୈଷୟିକ ଅଧିକାରୀ/ ସହକାରୀ କର୍ମକର୍ତ୍ତା ଭଳି ୮ଟି ବର୍ଗରେ ମନୋନୟନ ପାତ୍ର ଆହ୍ୱାନ କରାଯାଇଛି। ବିଭିନ୍ନ ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ସବିଶେଷ ମାର୍ଗଦର୍ଶିକା, ପୁରସ୍କାର ରାଶି, ଆବେଦନ ପାଇଁ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟରେ ଉପଲବ୍ଧ ଅଛି।

କ୍ରୀଡ଼ା ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ ଜାରି ନୋଟିଫିକେସନ୍ ଅନୁଯାୟୀ, ଆବେଦନକାରୀ ଅଫଲାଇନ ପଦ୍ଧତିରେ ମନୋନୟନ ପତ୍ର ଦାଖଲ କରୁଥିଲେ ମନୋନୟନ ପତ୍ର ଓ ସମସ୍ତ ସମ୍ପର୍କିତ କାଗଜପତ୍ର ସହିତ "ନିର୍ଦ୍ଦେଶକ, କ୍ରୀଡ଼ା, କ୍ରୀଡ଼ା ଓ ଯୁବସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨" ଠିକଣାରେ ଡାକ କିମ୍ବା କୋରିଅର ସେବା ଯୋଗେ ପ୍ରେରଣ କରିପାରିବେ। ଯାଜପୁର ଜିଲ୍ଲାର ଇଚ୍ଛୁକ ଆବେଦନକାରୀ କ୍ରୀଡାବିତଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସମ୍ବନ୍ଧୀୟ ସୂଚନା ଦିଆଯାଇଛି।

### ଚମ୍ପାଗୁଡାରେ ମଶାଣି ବିବାଦ

## ପ୍ରଶାସନର ମଧ୍ୟସ୍ଥତାରେ ହେଲା ସମାଧାନ

**ଏକମତ ହେଲେ ଦୁଇ ସମ୍ପ୍ରଦାୟ**



**କୋରାପୁଟ,୨୩।୫ (ସଂଚାର ବ୍ୟୁରୋ):** କୋରାପୁଟ ପୌର ପରିଷଦ ଅନ୍ତର୍ଗତ ଚମ୍ପାଗୁଡା ଗ୍ରାମରେ ଦୀର୍ଘଦିନ ଧରି ମଶାଣିକୁ କେନ୍ଦ୍ର କରି ଲାଗି ରହିଥିବା ବିବାଦର ଶେଷରେ ସମାଧାନ ହୋଇଛି। ପ୍ରଶାସନର ସକ୍ରିୟ ହସ୍ତକ୍ଷେପ, ଗ୍ରାମବାସୀଙ୍କ ସହଯୋଗ ଓ ଉଭୟ ସମ୍ପ୍ରଦାୟ ମଧ୍ୟରେ ଆଲୋଚନା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଶନିବାର ଚମ୍ପାଗୁଡ଼ା ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ଅନ୍ତିମ ସଂସ୍କାରକୁ ନେଇ ପୁଣିଥରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ମତଭେଦ ସୃଷ୍ଟି ହୋଇଥିଲା। ମଶାଣି ବ୍ୟବହାରକୁ ନେଇ ପୂର୍ବରୁ ମଧ୍ୟ ଦୁଇ ପକ୍ଷ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜିର ଘଟଣା ପରେ ପରିସ୍ଥିତି ଉତ୍ତେଜନାମୂଳକ ହୋଇପଡିଥିଲା। ଉଭୟ ପକ୍ଷ ମଧ୍ୟରେ ଆଲୋଚନା ସତ୍ତ୍ୱେ କୌଣସି ସମାଧାନ ବାହାରିନଥିବାରୁ ପ୍ରଶାସନ ଘଟଣାରେ ହସ୍ତକ୍ଷେପ କରିଥିଲା। କୋରାପୁଟ ତହସିଲଦାର କାର୍ଯ୍ୟାଳୟରେ ଦୁଇ ସମ୍ପ୍ରଦାୟର ବରିଷ୍ଠ ବ୍ୟକ୍ତି, ଗ୍ରାମର ମୁରବି ଓ ସ୍ଥାନୀୟ ପ୍ରତିନିଧିମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ତହସିଲଦାର ସଏଦ ଶବୀର ଶାହା, ଏସଡିପିଓ ସଞ୍ଜୟ ମଣ୍ଡଳ ଓ ଟାଉନ୍ ଆଇଆଇସି ସତ୍ୟାନନ୍ଦ ପାତ୍ର ଉପସ୍ଥିତ ରହି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିଥିଲେ। ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ କୌଣସି ଅପ୍ରୀତିକର ପରିସ୍ଥିତି ନ ସୃଷ୍ଟି ହେଉ ତାହାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଦୀର୍ଘ ସମୟ ଧରି ଆଲୋଚନା ପରେ ଶେଷରେ ଉଭୟ ପକ୍ଷ ଏକମତ ହୋଇଥିଲେ। ପରେ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଘଟଣାସ୍ଥଳକୁ ଯାଇ ମଶାଣି ସ୍ଥାନ ଚିହ୍ନଟ କରିଥିଲେ। ସମସ୍ତଙ୍କ ଉପସ୍ଥିତିରେ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରାଯାଇଥିଲା। ପ୍ରଶାସନ ଚିହ୍ନଟ କରିଥିବା ସ୍ଥାନରେ ମୃତ ମହିଳାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ଏହାପରେ ଗ୍ରାମରେ ପରିସ୍ଥିତି ସ୍ୱାଭାବିକ ଥିବା ସହ ଦୀର୍ଘଦିନ ଧରି ଚାଲିଆସୁଥିବା ଏହି ସମ୍ବେଦନଶୀଳ ବିବାଦରେ ପୂର୍ଣ୍ଣଚ୍ଛେଦ ପଡିଥିବା କୁହାଯାଉଛି।

## ଜିନ୍ଦଲ ଷ୍ଟିଲ ପରିସରରେ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଯାଜପୁର,୨୩।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଜିନ୍ଦଲ ଷ୍ଟେନଲେସ କାରଖାନା କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ମୃତ କର୍ମଚାରୀ କୁଆଖିଆ ଅଞ୍ଚଳର ଉମାକାନ୍ତ ପାତ୍ର ବୋଲି ଯଖପୁରା ପୋଲିସ ଠାରୁ ସୂଚନା ମିଳିଛି। ଯେ ଏସ ଏଲ ପରିସରରେ ଏଭଳି ଘଟଣା ଘଟିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ଖାନାରେ ତାଙ୍କର ମୃତ୍ୟୁ ଘଟିଛି । ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କାରଖାନା ଶ୍ରମିକ - କର୍ମଚାରୀଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଛି। ଏପରିକି ଉତ୍ତେଜିତ ଶ୍ରମିକ - କର୍ମଚାରୀମାନେ ମୃତକଙ୍କ କ୍ଷତିପୂରଣ ଦାବି କରିଛନ୍ତି ।

## ପୃଥକ ମାମଲାରେ ୨୦ ଜଣଙ୍କୁ ଆଜୀବନ କାରାଦଣ୍ଡ

**ନବରଙ୍ଗପୁର/ଉମରକୋଟ, ୨୩।୫ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଆଜି ଦୁଇଟି ପୃଥକ ପୃଥକ ମାମଲାରେ ୨୦ ଜଣଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଗତ ୧୬/୦୭/୨୦୧୬ ତାରିଖ ଦିନ ବାଉଁଶବେଢ଼ା ଗ୍ରାମରେ ଜମି ଜମା ମାମଲାକୁ ନେଇ ଗୋଷ୍ଠି ସଂଘର୍ଷ ହୋଇଥିଲା ଏଥିରେ ତିନି ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣା କ୍ରମରେ ବାଉଁଶବେଢା ଗ୍ରାମ ନିକଟରେ ପ୍ରାୟ ସାତ ଏକରର ସରକାରୀ ଜମି ଥିଲା ଯାହାକି ସେହି ଗ୍ରାମର ବଳରାମ ହରିଜନଙ୍କ ଦଖଲରେ ଥିଲା। ଆଖପାଖ ଗ୍ରାମର କିଛି ଲୋକ ବନବିଭାଗ ସହାୟତାରେ ଏହି ଜମିରେ ବନୀକରଣ କରିଥିଲେ ଯାହାକୁ ବଳରାମଙ୍କ ଗୋଷ୍ଠିର ଲୋକ ଉପାଡି ଦେଇଥିଲେ। ଏହିଥିରୁ ବିବାଦ ଘନେଇଲା, ଆଖପାଖ ଗ୍ରାମର ଲୋକ ଏକଜୁଟ ହୋଇ ବଳରାମ ଘରକୁ ପଚାରିବାକୁ ଯିବା ସମୟରେ, ବଳରାମ ଗୁରୁବାରୁ ଭତ୍ରାଙ୍କୁ ଆକ୍ରମଣ କରିଥିଲେ। ଗୁରୁବାରୁଙ୍କୁ ଉମରକୋଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ଗଣପତି ଏକ ଖଣ୍ଡା ସାହାଯ୍ୟରେ ଫଗୁଣୁ ଭତ୍ରାଙ୍କୁ ଆକ୍ରମଣ କରିଥିଲେ ଫଳରେ ଘଟଣା ସ୍ଥଳରେ ଫଗୁଣୁ ମୃତ୍ୟୁବରଣ କରିଥିଲେ। ଏହା ପରେ ଉତ୍ୟକ୍ତ ଲୋକ ବଳରାମଙ୍କ ଘର ଜାଳିଦେବା ସହ ବଳରାମଙ୍କୁ ପିଟିପିଟି ମାରି ଦେଇଥିଲେ। ଏହାପରେ ଉଭୟ ପକ୍ଷରୁ ଦୁଇଟି ପୃଥକ ପୃଥକ ୨୫୮/୧୬ ଓ ୨୫୯/୧୬ରେ ମାମଲା ରୁଜୁ ହୋଇଥିଲା। ଯାହା ଆଜି ଫଇସଲା ହୋଇଥିଲା। ଏବଂ ୨୫୮/୧୬ରେ ଗଣପତିଙ୍କୁ ଓ ୨୫୯/୧୬ ମାମଲାରେ ଅନ୍ୟ ୧୮ ଜଣଙ୍କୁ ଆଜୀବନ କାରାଦଣ୍ଡଦେଶ ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଶୁଣାଇଛନ୍ତି।

### ସମ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ରକ୍ତ କର୍କଟ ଦିବସ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ରକ୍ତ କର୍କଟ ଆଉ ଦୁରାରୋଗ୍ୟ ନୁହେଁ, ଏହାକୁ ପରାସ୍ତ କରିହେବ




**ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ):** ରକ୍ତ କର୍କଟ ଆଉ ଦୂରାରୋଗ୍ୟ ହୋଇ ରହିନାହିଁ। ଏହାର ଚିକିତ୍ସା ସମ୍ଭବ ଓ ଏହାକୁ ପରାସ୍ତ କରିବା ସହ ରୋଗୀ ସୁସ୍ଥ ଜୀବନ ଶୈଳୀରେ ବଞ୍ଚିପାରିବ ବୋଲି କହିଛନ୍ତି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡାକ୍ତର) ମାନସ ରଞ୍ଜନ ସାହୁ।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଅନ୍ତର୍ଗତ କ୍ଲିନିକାଲ୍ ହେମାଟୋଲୋଜି, ହେମାଟୋଅଙ୍କୋଲୋଜି ଓ ଷ୍ଟେମ୍ ସେଲ ଟ୍ରାନ୍ସପ୍ଲାଂଟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ସାହୁ ସମ ହସ୍ପିଟାଲ୍‌ର ସ୍ୱତନ୍ତ୍ର ବିଭାଗ ପକ୍ଷରୁ ରକ୍ତ କର୍କଟ ରୋଗୀଙ୍କ ଚିକିତ୍ସାକୁ ନେଇ ଉଚ୍ଚ ପ୍ରଶଂସା କରିବା ସହ ଏହି ବିଭାଗ ଦ୍ୱାରା ୧୦୦ଟି ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟ କରାଯାଇଥିବା ନେଇ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ କ୍ଲିନିକାଲ୍ ହେମାଟୋଲୋଜି ବିଭାଗ ପକ୍ଷରୁ ସଫଳତାର ସହ ୧୦୦ ରୁ ଅଧିକ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟ ସମ୍ପନ୍ନ କରାଯିବା ନେଇ ସମ୍ପୃକ୍ତ ବିଭାଗକୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ରକ୍ତ କର୍କଟ ବ୍ୟାଧିରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ କୁଳପତି କହିଥିଲେ ଯେ କର୍କଟ ରୋଗ କେବଳ ରୋଗୀକୁ ନୁହେଁ ସମଗ୍ର ପରିବାରକୁ କଷ୍ଟ ଦେଇଥାଏ ତେଣୁ ରୋଗୀଟି ସୁସ୍ଥ ହେବା ପରିବାର ପାଇଁ ଏକ ଆଶ୍ୱସ୍ତିର ବିଷୟ।

କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ରକ୍ତ କର୍କଟ ରୋଗରେ ରୋଗୀଙ୍କ ସେବା ଓ ଯତ୍ନ ନିହାତି ଜରୁରୀ। ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟ ନେଇ ସଫଳ ପଦକ୍ଷେପ ନିଆଯାଉଥିବା ପ୍ରଫେସର ମହାପାତ୍ର କହିଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା, ମରାମତି ଦାବିରେ ଧାରଣା






**କାକଟପୁର/ଅସ୍ତରଙ୍ଗ, ୨୩।୫ (ସଂଚାର ବ୍ୟୁରୋ):** ଗମନାଗମନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଭଲ ରାସ୍ତା ନିର୍ମାଣ କରୁଛନ୍ତି । ହେଲେ ଦୀର୍ଘ ମାସ ହେବ ୩ଟି ଜିଲ୍ଲାକୁ ସଂଯୋଗ କରିବା ସହ ମଙ୍ଗଳା ପୀଠରୁ ଶାରଳା ପୀଠକୁ ସଂଯୋଗ କରୁଥିବା ରାସ୍ତା ଜନସାଧାରଣଙ୍କ ପାଇଁ ପାଲଟିଛି ମରଣଯନ୍ତା। ରାସ୍ତା ସାରା ବିରାଟ ବିରାଟ ଗର୍ତ୍ତ ହେବା ସହ ଖାଲରେ ଜମି ରହିଛି ପାଣି । ଚାଲିବା ଦୂରର କଥା, ଗାଡି ମୋଟର ଯିବା କଷ୍ଟକର ।

ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅଧିନ ନୟାହାଟରୁ ଶିଖରଘାଟ ରାସ୍ତା ପାଲଟିଛି ମୃତ୍ୟୁର ପଥ । ପାଦେ ପାଦେ ବିପଦ। ରାସ୍ତାରେ ସୃଷ୍ଟି ହୋଇଛି ବଡ଼ ବଡ଼ ଗର୍ତ୍ତ । ଟିକିଏ ଅସାବଧାନତା ହେଲେ ଦୁର୍ଘଟଣା ସୁନିଶ୍ଚିତ। ଆଣ୍ଠୁଏ ଉଚ୍ଚର ହୋଇଛି ଗର୍ତ୍ତ। ଏହି ରାସ୍ତା ହେଉଛି ରାଜ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଘରକୁ ସଂଯୋଗ କରୁଥିବା ତଥା ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ନୟାହାଟରୁ ଶିଖରଘାଟ ସଂଯୋଗ କରୁଥିବା ଏହି ରାସ୍ତାର ଅବସ୍ଥା। ଏହି ରାସ୍ତାଟି ପୁରୀ,ଜଗତସିଂହପୁର ଓ କଟକ ଜିଲ୍ଲାକୁ ସଂଯୋଗ କରୁଥିବା ଲାଇଫ୍ ଲାଇନ୍ ରୋଡ। କାକଟପୁର ନିର୍ବାଚନ ମଣ୍ଡଳୀ ନୟାହାଟରୁ ଧୂମାଳ, ନରସିଂହପୁର, ବେତଣ୍ଡା ଦେଇ ଶିଖରଘାଟ ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ଅବସ୍ଥା। ଲୋକେ ଜୀବନକୁ ବାଜି ଲଗାଇ ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟୁଛି । ତେବେ ଏ ଅଂଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରଶାସନକୁ ବାରମ୍ବାର କହିବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ଦୃଷ୍ଟି ନା ଦେବାରୁ ଧୂମାଳ ପଞ୍ଚାୟତର ବୁଦ୍ଧିଜିବୀ ସମେତ ସ୍ଥାନୀୟ ନେତୃବୃନ୍ଦ ଶନିବାର ପୂର୍ବାହ୍ନ ସମୟରେ ଅସ୍ତରଙ୍ଗରୁ ଭୁବନେଶ୍ୱର ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନୟାହାଟ ନିକଟରେ ଫ୍ଲାକକାଡ଼ ଧରି ରାସ୍ତାରୋକ କରିଥିଲେ। ସମାଜ ସେବୀ ମହମଦ ସମସୁଲ ଆରେବିନ କହିବା ମୁତାବକ ଏହି ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ଗାଡି ଯାତାୟତ କରୁଥିବା ବେଳେ ମୁଖ୍ୟତଃ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପୀଠରୁ ଜଗତସିଂହପୁର ମା' ଶାରଳା ପୀଠକୁ ଏହି ରାସ୍ତା ସଂଯୋଗ କରୁଛି। ରାସ୍ତାର ଏଭଳି ଦୟନୀୟ ଅବସ୍ଥା ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ସରକାର ତୁରନ୍ତ ଏହି ରାସ୍ତାର ପୁନଃ ଉଦ୍ଧାର ନକରନ୍ତି ତେବେ ଆଗାମୀ ଦିନରେ ତୀବ୍ର ବିରୋଧ ହେବା ସହ ଆନ୍ଦୋଳନ କରିବେ ବୋଲି କହିଛନ୍ତି ।

ଅନ୍ୟ ପଟେ ରାସ୍ତା ଦୟନୀୟ ଅବସ୍ଥା ପାଇଁ ଶତାଧିକ ଲୋକ ରାସ୍ତା ରୋକ କରିଥିବା ବେଳେ ପୂର୍ତ୍ତ ବିଭାଗ ବିଭାଗୀୟ ଅଧିକାରୀ ରାସ୍ତା ନିର୍ମାଣ ପ୍ରତିଶୃତି ଫୋନ ମାଧ୍ୟମରେ ଦେବା ପରେ ରାସ୍ତା ରୋକ ପ୍ରତ୍ୟାହାର ହୋଇଥିଲା।

## ବିଜେପି ମହିଳା ମୋର୍ଚ୍ଚାର ଜନ ଆକ୍ରୋଶ ସମାବେଶ




**ବୋରିଗୁମ୍ମା, ୨୩।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଜୋନ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ ଆଜି ବୋରିଗୁମ୍ମା ମଣ୍ଡଳ ଅଞ୍ଚଳରେ ଏକ ବିଶାଳ ଜନ ଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳା ବିଲକୁ ବିରୋଧୀ ଦଳ ବିରୋଧ କରାଯାଇଥିବା ପ୍ରସଙ୍ଗକୁ ନେଇ ଭାଜପା ପକ୍ଷରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରୁ ପଦଯାତ୍ରା ଆରମ୍ଭ ହୋଇ ଟ୍ରାଫିକ ଛକ ପର୍ଯ୍ୟନ୍ତ ପଦଯାତ୍ରା ବାହାରିଥିଲା। ପଦଯାତ୍ରାରେ ମହିଳା ମୋର୍ଚ୍ଚାର ଶତାଧିକ କର୍ମୀ ଓ ନେତୃ ସାମିଲ ହୋଇ ବିରୋଧୀ ଦଳଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ ମହିଳା ବିଲକୁ ବିରୋଧ କରି ମହିଳାମାନଙ୍କ ସ୍ୱାଭିମାନକୁ କଂଗ୍ରେସ ଓ ବିଜେଡ଼ି ଦ୍ୱାରା ଆଘାତ କରାଯାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋ କରାଯାଇଥିଲା। ଏହି ସମାବେଶରେ ମହିଳା ମୋର୍ଚ୍ଚା ନେତ୍ରୀ ଦୀପାଞ୍ଜଳୀ ପଣ୍ଡା, ବାସନ୍ତୀ ଶତପଥୀ, ଅଞ୍ଜଳୀ ମିଶ୍ର, ସ୍ୱାତି ହୋତା, ସୀମା କରଣ, ଭବାନୀ ରେଡ଼ି ଓ ଅନ୍ୟ ଭାଜପା ନେତ୍ରୀ ପ୍ରମୁଖ ଉପସ୍ଥିତ ସ୍ଥିତ ରହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୋରିଗୁମ୍ମା ମଣ୍ଡଳ ସଭାପତି ବିଘ୍ନେଶ୍ୱର ଷଡ଼ଙ୍ଗୀ, ରାଜ ସିଂ, ଶ୍ରୀନିବାସ ରାଓ, ଚକ୍ର ଗାଦ, ସିମାଞ୍ଚଳ ମହାରଣା, ରଞ୍ଜନ ମିଶ୍ର,ସରଭ ଦୋରାଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଡ୍ରଗ୍ ସ୍ମଗଲିଂ ଗ୍ୟାଙ୍ଗ୍‌ର ୮ ସଦସ୍ୟ ଗିରଫ



**ରାଉରକେଲା,୨୩।୫(ସଂଚାର ବ୍ୟୁରୋ):** ରାଉରକେଲାରେ ଆଜି ପୁଲିସ୍‌କୁ ମିଳିଛି ବଡ଼ ଧରଣର ସଫଳତା। ଏଠାରେ ସକ୍ରିୟ ଥିବା ମହିଳା ଡ୍ରଗ୍ ସ୍କଗଲିଂ ଗ୍ୟାଙ୍ଗ୍‌ର ୮ ଜଣ ସଦସ୍ୟଙ୍କୁ ଆଜି ସ୍ଥାନୀୟ ପୁଲିସ୍ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ଦୁଇ କୋଟି ଟଙ୍କାର ବ୍ରାଉନସୁଗର ବି ଜବତ କରାଯାଇଛି। ରାଉରକେଲାରେ ପ୍ଲାଣ୍ଟ ସାଇଡ ଥାନାଞ୍ଚଳରେ ମହିଳା

## ୨ କୋଟି ଟଙ୍କାର ବ୍ରାଉନ୍‌ସୁଗର୍ ଜବତ

ଡ୍ରଗ୍ସ ସ୍ମଗଲରଙ୍କ ଉପରେ ହୋଇଛି ପୁଲିସ୍‌ର ଏହି ବଡ଼ଧରଣର ଚଢ଼ାଉ। ପ୍ଲାଣ୍ଟ ସାଇଡ ଏରିଆରୁ ସମ୍ପୂର୍ଣ୍ଣ ରାଉରକେଲାକୁ ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ବ୍ରାଉନସୁଗର ଯୋଗାଇ ଆସୁଥିଲେ। ତେବେ ପୁଲିସ୍ କବଳରୁ ବର୍ତ୍ତିବା ପାଇଁ ଏହି ମହିଳା ସ୍ମଗଲିଂ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଚଳାଇଥିଲେ ଅପରେସନ। ପ୍ଲାଣ୍ଟ ସାଇଡ ଥାନାଞ୍ଚଳର ମିନାପଡ଼ାରେ ଚଢ଼ାଉ କରି ସକ୍ରିୟ ଲେଡି ବ୍ରାଉନସୁଗର ପେଡଲର ନେଟୱର୍କକୁ ଧରାଶାୟୀ କରିଛି ରାଉରକେଲା ପୁଲିସ। ନିଶାମୁକ୍ତ ଓଡ଼ିଶା ପାଇଁ ରାଉରକେଲା ପ୍ଲାଣ୍ଟସାଇଡ଼ ଥାନାର ଏହି ବଡ଼ ପଦକ୍ଷେପ। ଏହି ସ୍ପେଶାଲ ଅପରେସନ ବେଳେ ପୁଲିସ ହାତରେ ଧରାପଡ଼ିଥିବା ସଦସ୍ୟଙ୍କ ମଧ୍ୟରେ ୬ ଜଣ ମହିଳା ଓ ୨ ଜଣ ପୁରୁଷ ରହିଛନ୍ତି। ପୁଲିସ୍ ଏହି ଚଢ଼ାଉ ସମୟରେ ପ୍ରାୟ ୨୨୦ ଗ୍ରାମର ବ୍ରାଉନସୁଗର ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ଦୁଇ କୋଟି ଟଙ୍କା ହେବ। ଏଥିସହ ନଗଦ ୨ ଲକ୍ଷ ୭୦ ହଜାର ୨୪୦ ଟଙ୍କା ଓ ୩ଟି ମୋବାଇଲ ଜବତ କରାଯାଇଛି। ତେବେ ଏହି ବେଆଇନ ନିଶା କାରବାରର ମୁଖ୍ୟ ଚେର କେଉଁଠି ଓ ଏହା ପଛରେ ଆଉ କେଉଁମାନେ ଜଡ଼ିତ ଅଛନ୍ତି, ତା' ଜାଣିବା ସକାଶେ ପୁଲିସ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

### ପୁଲିସ୍ ଏସ୍‌ଆଇ ସ୍କାମ୍

# ୧୭ ଅଭିଯୁକ୍ତଙ୍କ ଜାମିନ୍ ଖାରଜ

**କଟକ,୨୩।୫(ସଂଚାର ବ୍ୟୁରୋ):** ପୁଲିସ ଏସଆଇ ପ୍ରଶ୍ନପତ୍ର ଲିକ୍ ଓ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ସମ୍ପର୍କିତ ଚର୍ଚ୍ଚିତ ମାମଲାରେ ଓଡ଼ିଶା ହାଇକୋର୍ଟ ୧୭ ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ଭଳି କାର୍ଯ୍ୟ କେବଳ ଆଇନ ଭଙ୍ଗ ନୁହେଁ, ବରଂ ଯୋଗ୍ୟ ଓ ମେଧାବୀ ପ୍ରାର୍ଥୀଙ୍କ ଭବିଷ୍ୟତକୁ କ୍ଷତିଗ୍ରସ୍ତ କରି ସମାଜରେ ଖରାପ ପ୍ରଭାବ ପକାଇଥାଏ। ଅଭିଯୁକ୍ତମାନେ ଲକ୍ଷ ଲକ୍ଷ ଟଙ୍କା ନେଇ ପ୍ରଶ୍ନପତ୍ର ଲିକ୍ କରିଥିବା ଅଭିଯୋଗ ଥିବାରୁ ଏହା ଏକ ଗୁରୁତର ସାମାଜିକ ଓ ଆର୍ଥିକ ଅପରାଧ ବୋଲି ହାଇକୋର୍ଟ ମତ ପ୍ରକାଶ କରିଛନ୍ତି। ମାମଲାର ତଦନ୍ତ ଏବେ ମଧ୍ୟ ଜାରି ରହିଥିବା ବେଳେ ସିବିଆଇ ସମ୍ପ୍ରତି ଏକ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରିଛି। ତେଣୁ ଅଭିଯୁକ୍ତମାନଙ୍କୁ ଜାମିନ ଦେବା ପାଇଁ ଏହି ପର୍ଯ୍ୟାୟରେ କୌଣସି ଯୁକ୍ତିସଙ୍ଗତ କାରଣ ନ ଥିବା ହାଇକୋର୍ଟ କହିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ଅନ୍ତରୀଣ ଜାମିନରେ ଥିବା ଅଭିଯୁକ୍ତ ମୁନା ମହାନ୍ତିଙ୍କ ଜାମିନ ଅବଧିକୁ ମଧ୍ୟ ବୃଦ୍ଧି କରାଯାଇନାହିଁ। ଅସ୍ତ୍ରୋପଚାର ପରେ ଦୁଇ ସପ୍ତାହ ବିଶ୍ରାମ ନେଇ ୨୧ ଦିନ ମଧ୍ୟରେ ତାଙ୍କୁ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ପକ୍ଷରୁ ଏହି ମାମଲା ଆଇନଜୀବୀ ସାର୍ଥକ ନାୟକ ପରିଚାଳନା କରୁଛନ୍ତି।

### ଇବୋଲା ସଂକ୍ରାନ୍ତ ସମୀକ୍ଷା ବୈଠକ

# ଦେଶରେ ସନ୍ଦିଗ୍ଧ ମାମଲା ଚିହ୍ନଟ ହୋଇନି



**ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ):** ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ, ଏଥିପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଆବଶ୍ୟକ ଚିକିତ୍ସା ସୁବିଧା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ୍ ୱାର୍ଡର ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ବୈଠକରେ ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରଚାର କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା।

ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଯେକୌଣସି ସମ୍ଭାବ୍ୟ ଜରୁରୀ ସ୍ୱାସ୍ଥ୍ୟ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଓ ଲୋକମାନଙ୍କୁ ଅଯଥା ଭୟଭୀତ ନ ହୋଇ ସଚେତନ ରହିବାକୁ ଅନୁରୋଧ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା ଡ. ବୃନ୍ଦା ଡି., ସ୍ୱତନ୍ତ୍ର ସଚିବ ଡ. ବିଜୟ ମହାପାତ୍ର ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।



### ବିବାହକୁ ମାସେ ପୂରିନି

# ଶାଶୂଘରେ ନବବଧୂକୁ ହତ୍ୟା ଅଭିଯୋଗ

**ଟାଙ୍ଗୀ,୨୩।୫(ସଂଚାର ବ୍ୟୁରୋ):** ନବବଧୂକୁ ହତ୍ୟା ଅଭିଯୋଗ। ବିବାହକୁ ମାସେ ପୂରି ନଥିବା ବେଳେ ଶାଶୂଘରେ ନବବଧୂର ମୃତ୍ୟୁ ଘଟିଥିବା ବେଳେ ପରିବାର ଲୋକେ ଏହାକୁ ପରିବାର ଲୋକେ ଯୌତୁକଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧୀନସ୍ଥ ତାରାପି ଗାଁରୁ ଏପରି ଏକ ଅଭିଯୋଗ ଆସିଛି। ମୃତ ପୂର୍ଣ୍ଣିମା ତରାଇ ତାରାପି ଗାଁର ଗୁରୁଚରଣ ତରାଇଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ସେ ଆଜି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୂଘର ଲୋକେ କହିଛନ୍ତି। କିନ୍ତୁ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ପୂର୍ଣ୍ଣିମାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଟାଙ୍ଗୀ ପୁଲିସ ସହ ଖୋର୍ଦ୍ଧାରୁ ଆସିଥିବା ସାଇଣ୍ଟିଫିକ ଟିମ୍ ମଧ୍ୟ ତଦନ୍ତ ଜାରି ରଖିଛନ୍ତି। ତେବେ ଏପରି ଏକ ଅଘଟଣ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। ପୁଲିସ୍ ମାମଲାର ସଠିକ ତଦନ୍ତ କରି ଦୋଷୀକୁ କଠୋର ଦଣ୍ଡ ଦେବା ସକାଶେ ପୂର୍ଣ୍ଣିମାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଦାବି କରିଛନ୍ତି।



# ଶିଶୁକୁ ଝୁଣି ପକାଇଲେ କୁକୁରପଲ, ମୁଣ୍ଡରେ ଶକ୍ତ ଆଘାତ

**ଦିଗପହଣ୍ଡି,୨୩।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ସାନକୋଳୁଣ୍ଡି ବ୍ଲକ୍ ମହାନଳା ଗ୍ରାମ ସାଙ୍ଗେ ବିହାର ଛକ ନିକଟରେ ଏକ ଭଡ଼ାଘରେ ରହୁଥିବା ଦିଗପହଣ୍ଡି ବ୍ଲକ୍‌ର ସହଦେବ ଟିକରପଡ଼ା ଗ୍ରାମର ବିଶିକେଶନ ଗୌଡ଼ଙ୍କ ଏକମାତ୍ର ପୁଅ ଆରୁଷ କୁମାର ଗୌଡ଼ (୬)ଙ୍କୁ କେତେକ କୁକୁର ଝୁଣି ପକାଇଛନ୍ତି। ଆରୁଷ ମାମୁଘର ଗାଁ ମହାନଳା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ବେଳେ ତାଙ୍କୁ ୬ଟି ବୁଲା କୁକୁର ଝୁଣି ଖଣ୍ଡିଆଖାବରା କରି ପକାଇଛନ୍ତି। ତାଙ୍କ ଉପରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଆବଶ୍ୟକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ଆରୁଷଙ୍କୁ ବ୍ରହ୍ମପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବେଳେ ମୁଣ୍ଡରେ ପ୍ଲାଷ୍ଟିକ ସର୍ଜରୀ କରାଯିବ ବୋଲି ଡାକ୍ତର କହିଥିବା ଆରୁଷଙ୍କ ମାମୁ ଜାଗେଲା ମହାଙ୍କୁଡ଼ କହିଛନ୍ତି। ମୁଣ୍ଡ ସହ ଆରୁଷଙ୍କ ମୁହଁ, ପିଠି ଓ ଶରୀରର ବିଭିନ୍ନ ଭାଗରେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି। ଆରୁଷ ତାଙ୍କ ସମ୍ପର୍କୀୟ ଭାଇ ଆୟୁଷ ଓ ସୌମ୍ୟଜିତଙ୍କ ସହ ମିଶି ଦାଣ୍ଡରେ ସାଇକେଲ ଚଳାଇ ଖେଳୁଥିଲେ। ସୌମ୍ୟଜିତ ସାଇକେଲ ନେଇ ପାଣି ଆଣିବାକୁ ଯାଇଥିବା ସମୟରେ ଆରୁଷ ଓ ଆୟୁଷଙ୍କୁ କୁକୁରପଲ ଗୋଡ଼ାଇଥିଲେ। ଆରୁଷ ଦୌଡ଼ି ନ ପାରି ତଳେ ପଡ଼ିଯିବାରୁ କୁକୁର ପଲ ତାଙ୍କୁ କାମୁଡ଼ି ଚାଲିଲେ। ପାଖରେ ଥିବା ଜଣେ ରାଜମିସ୍ତ୍ରି ସୁଶାନ୍ତ ସାହୁ ଓ ତାଙ୍କ ସ୍ତ୍ରୀ କୁକୁରମାନଙ୍କୁ ଘଉଡ଼ାଇବାରୁ ସେମାନେ ଚାଲିଯାଇଥିଲେ। ପରେ ଆରୁଷଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଅଭିଭାବକମାନେ ନିଜ ପିଲାଙ୍କୁ କୁକୁରଠାରୁ ସୁରକ୍ଷିତ ରଖିବାକୁ ବୁଦ୍ଧିଜୀବୀମାନେ ପରାମର୍ଶ ଦେଉଛନ୍ତି।



ରାଜ୍ୟ ସରକାର ଖର୍ଚ୍ଚ କାଟ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଶନିବାର ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ତାଙ୍କ ନିର୍ବାଚନମଣ୍ଡଳୀକୁ ବସ୍ ଯୋଗେ ଯାଇଛନ୍ତି।

# ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ



**ଫୁଲବାଣୀ,୨୩।୫(ସଂଚାର ବ୍ୟୁରୋ):** ସଦର ଥାନା ପୁଲିସ ଏକ ଦେଶୀ ବନ୍ଧୁକ ଜବତ କରିବା ସହ ଅଭିଯୁକ୍ତ ସୁଡ୍ରୁକୁମ୍ପା ପଞ୍ଚାୟତ ତାଡ଼ାମେରୁ ଗ୍ରାମର ସରୋଜ ମଲ୍ଲିକଙ୍କୁ ଗିରଫ କରିଛି। ସରୋଜ ଦେଶୀ ବନ୍ଧୁକ ଧରି ସୁଡ୍ରୁକୁମ୍ପା ଅଞ୍ଚଳରେ ବୁଲୁଥିବା ନେଇ ସଦର ପୁଲିସ ଖବର ପାଇଥିଲା। ତୁରନ୍ତ ପୁଲିସ ସେଠାରେ ପହଞ୍ଚି ବନ୍ଧୁକ ଜବତ କରିବା ସହ ସରୋଜକୁ ଗିରଫ କରିଛି। ତେବେ ସଦର ଥାନାଞ୍ଚଳରେ ପ୍ରଥମ ଥର ପାଇଁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି। ଏନେଇ ସଦର ଥାନାରେ ମାମଲା ରୁଜୁ କରାଯିବା ସହ ସରୋଜକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ସବ୍‌ଇନ୍ସପେକ୍ଟର ସମ୍ବିତ ବେହେରା ସୂଚନା ଦେଇଛନ୍ତି।

### ନଦୀରେ ଗାଧୋଇବା ହେଲା କାଳ

# ଇଞ୍ଜିନିୟରିଂ ଛାତ୍ରଙ୍କ ସଲିଳ ସମାଧି

**ନରଣପୁର,୨୩।୫(ସଂଚାର ବ୍ୟୁରୋ):** କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଗୋପାଳପୁର ନିକଟ କାଳୀନଝର ନଦୀରେ ଗାଧୋଇବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି ଜନୈକ ଇଞ୍ଜିନିୟରିଂ ଛାତ୍ର। ସେ ହେଉଛନ୍ତି ଆଦିତ୍ୟ ମହାନ୍ତ ଓରଫ କାହ୍ନା (୨୧ ବର୍ଷ)। ସେ ସରକାରୀ ଡିଗ୍ରୀ ଇଞ୍ଜିନିୟରିଂ କଲେଜରେ ମାଇନିଂ ବିଭାଗରେ ପାଠ ପଢୁଥିଲେ। ସେ ବୁଡ଼ିଯିବା ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କାହ୍ନାଙ୍କ ମୃତଦେହ ନଦୀରୁ ଉଦ୍ଧାର କରିଛି। ମିଳିଥିବା ସୂଚନାନୁସାରେ, କାହ୍ନା ସାଙ୍ଗମାନଙ୍କ ସହ ଖେଳିବାକୁ ଯାଇଥିବା ବେଳେ ନଦୀକୁ ଗାଧୋଇବା ସକାଶେ ଯାଇଥିଲେ। କିନ୍ତୁ ସେ ପାଣିରେ ପଶିବାର କିଛି ସମୟ



ପରେ ଅସାବଧାନତାବଶତଃ ଗଭୀର ଜଳକୁ ଚାଲିଯାଇଥିଲେ। ପହଁରା ଜାଣି ନ ଥିବାରୁ କାହ୍ନା ସେଠାରେ ବୁଡ଼ିଯାଇଥିଲେ। ସେମାନଙ୍କ ସହ ଥିବା ପିଲାମାନେ ମଧ୍ୟ ପହଁରା ଜାଣି ନ ଥିବାରୁ କାହ୍ନାଙ୍କୁ ଉଦ୍ଧାର କରିପାରି ନ ଥିଲେ। କିନ୍ତୁ ସେମାନେ ତୁରନ୍ତ କାହ୍ନାଙ୍କ ଘର ଲୋକ ଓ ଅନ୍ୟ ସାଙ୍ଗମାନଙ୍କୁ ଫୋନ ଯୋଗେ ଜଣାଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପରେ କାହ୍ନାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ଖବର ପାଇ କେନ୍ଦୁଝର ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଦର ତହସିଲଦାର ଶୁଭେନ୍ଦୁ ସାହୁ ଘଟଣା ସମ୍ପର୍କରେ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ। କାହ୍ନାଙ୍କ ବାପା ଜଗବନ୍ଧୁ ମହାନ୍ତ ପହଞ୍ଚିବା ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ନିଆଯାଇଥିଲା। କାହ୍ନାଙ୍କ ଘର ମାଗୁରଗଡ଼ିଆରେ ହୋଇଥିବା ବେଳେ ସେ ବାପା-ମା'ଙ୍କର ଏକମାତ୍ର ପୁତ୍ର ଥିଲେ। ପରିବାର ଉପରେ ଦୁଃଖର ପାହାଡ଼ ଖସିପଡ଼ିଥିବା ବେଳେ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ସଦର ଥାନାଧିକାରୀ ଅମିତ ଭୂୟାଁ କହିଛନ୍ତି।

### ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ

# ବିଦ୍ୟୁତ ଉତ୍ପାଦନ ଠପ୍, ଫସିଛନ୍ତି ୪ କର୍ମଚାରୀ

**ଜୟପୁର,୨୩।୫(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଘଟିଛି ଭୟାବହ ଅଗ୍ନିକାଣ୍ଡ।

- ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି କ୍ଷତି
- ସହକାରୀ ଯନ୍ତ୍ରୀ ଆହତ



ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟାଳୟ କୋଠା ପରିସରରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିବା ସୂଚନା ମିଳିଛି। ଖବର ପାଇ ଲମତାପୁଟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ଏହି ଅଗ୍ନିକାଣ୍ଡରେ ୪ ଜଣ କର୍ମଚାରୀ ଫସିଥିବା ଜଣାପଡ଼ିଛି। ପୂର୍ବରୁ ବି ଏହି କାର୍ଯ୍ୟାଳୟ ପରିସରରେ ମଧ୍ୟ ଏପରି ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଏବେ ଏହି ଅଗ୍ନିକାଣ୍ଡ ଯୋଗୁଁ ବିଦ୍ୟୁତ ଉତ୍ପାଦନକୁ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ସୂଚନାଯୋଗ୍ୟ ଯେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଦୈନିକ ୧୨୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି। ପ୍ରାୟ ୨୦୦ କର୍ମଚାରୀ ସେଠାରେ କାମ କରୁଛନ୍ତି। ଆଜି ଅଗ୍ନିକାଣ୍ଡ ଘଟିଥିବା ବେଳେ ବିଦ୍ୟୁତ ଉତ୍ପାଦନ ଗୁରୁତରଭାବେ ପ୍ରଭାବିତ ହୋଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଅଗ୍ନିକାଣ୍ଡରେ ଫସି ରହିଥିବା ୪ ଜଣ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା। ଖବର ଲେଖାଯିବା ପର୍ଯ୍ୟନ୍ତ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଆଜିର ଦୁର୍ଘଟଣାରେ ନଷ୍ଟ ହୋଇଥିବା ବୈଦ୍ୟୁତିକ ଉପକରଣର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ନିଆଁ ଲିଭାଇବାକୁ ଯାଇ ଜଣେ ସହକାରୀ ଯନ୍ତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ଗତ ୨୦୦୮ରେ ଜଳ ବିଦ୍ୟୁତ୍ କେନ୍ଦ୍ରରେ ସମାନ ଅଗ୍ନିକାଣ୍ଡ ଘଟିଥିଲେ ହେଁ ଚଳିତ ଥରର ଅଗ୍ନିକାଣ୍ଡରେ ପ୍ଲାଣ୍ଟରେ ବିପୁଳ କ୍ଷତି ହୋଇଛି। ଏହା ଆଗକୁ ବିଦ୍ୟୁତ୍ ଯୋଗାଣକୁ ମଧ୍ୟ ପ୍ରଭାବିତ କରିବ ବୋଲି ଅନୁମାନ କରାଯାଉଛି।

# ରଥଯାତ୍ରା ପୂର୍ବରୁ ସରିବ ଗୁଣ୍ଡିଚା ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

**ପୁରୀ,୨୩।୫(ସଂଚାର ବ୍ୟୁରୋ):** ଆସନ୍ତା ଜୁଲାଇ ୧୬ରେ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ରତ୍ନବେଦୀ ଛାଡ଼ି ଜନ୍ମବେଦୀ ଗୁଣ୍ଡିଚା ଘରକୁ ଆସିବେ ମହାପ୍ରଭୁ। ଭାଇଭଉଣୀଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରା କରିବେ



ମହାପ୍ରଭୁ। ଗୁଣ୍ଡିଚା ଘରେ ଭକ୍ତଙ୍କ ଗହଣରେ ମହାପ୍ରଭୁ ଲୀଳାଖେଳା କରିବାକୁ ଥିବାରୁ ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନମୂଳକ କାର୍ଯ୍ୟ ଏବେ ବେଶ୍ ଜୋରସୋରରେ ଆଗେଇ ଚାଲିଛି। ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ଗୁଣ୍ଡିଚା ଘରର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନମୂଳକ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରହିଛି ବୋଲି ଆଜି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ସେ କହିଛନ୍ତି ଯେ ମହାପ୍ରଭୁଙ୍କ ରଥଯାତ୍ରା ପାଖେଇ ଆସୁଥିବାରୁ ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଜୋରସୋରରେ ଆଗେଇ ନିଆଯାଉଛି। ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ଓ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ

### ସୂଚନା ଦେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରର ସମସ୍ତ କାର୍ଯ୍ୟ ବେଶ୍ ସୁରୁଖୁରୁରେ କରାଯାଉଛି। ତେବେ ଟୁଣିଆ ମହଲ, ବଲ୍ଲଭ ଘର ଓ ରୋଷଶାଳାର କରାଯାଉଥିବା କାର୍ଯ୍ୟ ସନ୍ତୋଷଜନକ ରହିଛି। ଉତ୍ତର ପାର୍ଶ୍ୱ ଗୁମୁଟର ନବୀକରଣ ବି କରାଯାଇଛି। ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଥିବା ପ୍ରାଚୀରରେ ଖଣ୍ଡୋଲାଇଟ୍ ପଥର ସ୍ଥାପନା କରାଯାଇଛି ବୋଲି ଡ. ପାଢ଼ୀ କହିଛନ୍ତି।

# ଉତ୍ତରପ୍ରଦେଶରୁ ଦାଦନ ଶ୍ରମିକ ଉଦ୍ଧାର



**ଫୁଲବାଣୀ,୨୩।୫(ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶର ସାହାରନପୁରରୁ କନ୍ଧମାଳ ଜିଲ୍ଲାର ଚକାପାଦ ଥାନା ଅନ୍ତର୍ଗତ ଘାଟିଗୁଡ଼ା ଅଞ୍ଚଳର କୈଳାସ କହଁରଙ୍କ ସହ ଆଉ ଦୁଇ ଜଣଙ୍କୁ ଉକ୍ତ ଅଞ୍ଚଳର ଜନୈକ ବ୍ୟକ୍ତି କାମ ଯୋଗାଇଦେବା ପାଇଁ ଗତବର୍ଷ ଡିସେମ୍ବରରେ ରାଜସ୍ଥାନ ନେଇ ଯାଇଥିଲେ। ସେଠାରେ ଏକ ସଂସ୍ଥାରେ ସେମାନଙ୍କୁ ଛାଡ଼ିଦେଇ ସେ ଚାଲି ଆସିଥିଲେ। ସେଠାରେ ସେମାନଙ୍କୁ ନିର୍ଯାତନା ଦିଆଯିବାରୁ ଦୁଇ ଜଣ ଖସି ପଳାଇ ଆସିଥିଲେ ହେଁ କୈଳାସ ସେଠାରେ ରହିଯାଇଥିଲେ। ତାଙ୍କ ସ୍ତ୍ରୀ ସେବତୀ କହଁର ସ୍ଥାନୀୟ ଚକାପାଦ ଥାନାରେ ଏତଲା ଦେଇଥିବା ବେଳେ ଉତ୍ତର ପ୍ରଦେଶର ସାହାରାନପୁର ଅଞ୍ଚଳରେ କୈଳାସ ଥିବା ଜଣାପଡ଼ିବା ପରେ ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚାର ସଦସ୍ୟ ଆଦିତ୍ୟ କହଁର କନ୍ଧମାଳ ସାଂସଦଙ୍କ ସହାୟତାରେ ଉତ୍ତର ପ୍ରଦେଶ ପୁଲିସ ସହ ଯୋଗାଯୋଗ କରି ଆଦିତ୍ୟ ନିଜେ ଯାଇ ଉତ୍ତର ପ୍ରଦେଶ ପୁଲିସ ସହାୟତାରେ ତାଙ୍କୁ ଉଦ୍ଧାର କରିଛନ୍ତି।

# ଆମ୍ବ ଗୋଟାଇବାକୁ ଯାଇଥିଲେ, ବଜ୍ରପାତରେ ଜୀବନ ଚାଲିଗଲା

**ଲାଞ୍ଜିଗଡ଼,୨୩।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ଜଙ୍ଗେରଗୁଡ଼ା ଗ୍ରାମର ଜନୈକ ନାବାଳକ ବଜ୍ରାଘାତରେ ଗତକାଲି ଅପରାହ୍ନରେ ମୃତ୍ୟୁବରଣ କରିଛନ୍ତି। ମୃତ ନାବାଳକ ଜଣଙ୍କ ହେଲେ ପ୍ରଶାନ୍ତ ମାଝୀ।

ମିଳିଥିବା ସୂଚନାନୁସାରେ, ଗତକାଲି ଅପରାହ୍ନ ସାଢ଼େ ୩ଟା ବେଳେ ଜଙ୍ଗେରଗୁଡ଼ା ଗ୍ରାମର ସୁବାସ ମାଝୀଙ୍କ ପୁତ୍ର ପ୍ରଶାନ୍ତ ଗାଁ ପିଲାଙ୍କ ସହ ନିକଟସ୍ଥ ଆମ୍ବତୋଟାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିଲେ ସେହି ସମୟରେ ଘଡ଼ଘଡ଼ି ସହ ବିଜୁଳି ମାରିଥିଲା ଓ ଉକ୍ତ ବିଜୁଳି ଆଘାତରେ ପ୍ରଶାନ୍ତ ବେହୋସ ହୋଇ ତଳେ ପଡ଼ିଯାଇଥିଲେ। ତୁରନ୍ତ ତାଙ୍କ ସହ ଥିବା ପିଲାମାନେ ପରିବାର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଶାନ୍ତଙ୍କୁ ଘରକୁ ଆଣି ପରେ ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବର ଡାକ୍ତରଖାନାରେ ପୁଲିସ୍ ଟିମ୍ ସହ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ ଲାଞ୍ଜିଗଡ଼ ପଠାଇଥିଲେ। ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ଆଜି ସକାଳେ ବ୍ୟବଚ୍ଛେଦ ପରେ ପ୍ରଶାନ୍ତଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଘରୋଇ ବ୍ୟାଙ୍କର ଓଡ଼ିଆ ମାରଣ ନୀତି

**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ସାରା ଦେଶରେ ଘରୋଇ ବ୍ୟାଙ୍କରେ କର୍ମଚାରୀଙ୍କ ଉପରେ ଦିଆଯାଉଥିବା ମାନସିକ ଚାପକୁ ନେଇ ବିବାଦ ଲାଗି ରହିଥିବା ବେଳେ ଓଡ଼ିଶାରେ ଏକ୍ସିସ ବ୍ୟାଙ୍କରେ ଉଦ୍ଦେଶ୍ୟମୂଳକ ଭାବେ କେବଳ ଓଡ଼ିଆ କର୍ମଚାରୀଙ୍କୁ ଛଟେଇ କରାଯାଉଥିବା ଅଭିଯୋଗ ହୋଇଛି। ଏକ୍ସିସ ବ୍ୟାଙ୍କର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବରିଷ୍ଠ ଓଡ଼ିଆ ଅଧିକାରୀଙ୍କୁ ବାହାର କରିବା ଯୋଜନାରେ ଲାଗିଛନ୍ତି। ସଅଳ ଅବସର ଯୋଜନା (ଇଆର୍‌ଓ) ନାମରେ ବରିଷ୍ଠ ଓଡ଼ିଆ ଅଧିକାରୀଙ୍କୁ ଶୋଷଣ କରାଯାଉଛି। ଏହି ବ୍ୟବସ୍ଥା ଗତ ଆର୍ଥିକ ବର୍ଷଠାରୁ ଆରମ୍ଭ ହୋଇଛି।

ଯଦି କୌଣସି ଓଡ଼ିଆ ଅଧିକାରୀ ୫୦ ବର୍ଷ ବୟସରୁ ଅଧିକ ଓ ସେ ଭାଇସ ପ୍ରେସିଡେଣ୍ଟ କିମ୍ବା ତଦୂର୍ଦ୍ଧ୍ୱ ପଦରେ କାମ କରୁଛନ୍ତି, ସେମାନଙ୍କୁ ଡାକି ଏହି ସଅଳ ଅବସର ଯୋଜନା (ଇଆର୍‌ଓ) ଗ୍ରହଣ କରିବାକୁ ବାଧ୍ୟ କରାଯାଉଛି। ଯଦି କେହି ଏହି ଯୋଜନା ଗ୍ରହଣ କରିବାକୁ ମନା କରୁଛନ୍ତି, ତେବେ ତାଙ୍କୁ ସେମାନଙ୍କର ପିଏମ୍‌ଏସ ସ୍କୋର୍ ବା ବାର୍ଷିକ କାର୍ଯ୍ୟଦକ୍ଷତା ମାନଦଣ୍ଡକୁ କମ୍ କରି ଦିଆଯାଉଛି। ଯାହା ଫଳରେ ବ୍ୟାଙ୍କ୍ ସେମାନଙ୍କୁ ୧୫ଦିନିଆ

### ସଅଳ ଅବସର ଯୋଜନା ନାଁରେ ଶୋଷଣ

ନୋଟିସ ଦେଇ ଚାକିରିରୁ ବରଖାସ୍ତ କରିପାରିବ। ପୂର୍ବ ଭାରତରେ ଏକ୍ସିସ୍ ବ୍ୟାଙ୍କର ଅନ୍ୟ କୌଣସି ରାଜ୍ୟରେ ଏହି ବ୍ୟବସ୍ଥା ଲାଗୁ ହୋଇ ନ ଥିବା ବେଳେ ଓଡ଼ିଆ ଅଧିକାରୀମାନଙ୍କୁ ଏଥିପାଇଁ ଟାର୍ଗେଟ କରାଯାଉଛି।

ଶୋଷଣର ଶିକାର ହୋଇଥିବା କିଛି ବ୍ୟାଙ୍କ ଅଧିକାରୀ ନିଜ ନାମ ଗୋପନ




ରଖି କହିଛନ୍ତି ଯେ ଗତ ଆର୍ଥିକ ବର୍ଷରେ ବ୍ୟାଙ୍କ୍ ୪ ଜଣ ଦକ୍ଷ ଅଧିକାରୀଙ୍କୁ ବିଦା କରିଥିଲା। ଚଳିତ ବର୍ଷ ଅଦ୍ୟାବଧି ୭ ଜଣ ଅଧିକାରୀଙ୍କୁ ବିଦା କରାଯାଇସାରିଲାଣି। ରାଜ୍ୟର ଦୁଇ ସର୍କଲ ମୁଖ୍ୟ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ସେମାନଙ୍କ ଜାଗାରେ ଦୁଇ ଜଣ ଅଣଓଡ଼ିଆ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ଏହାବାଦ୍ ଛତିଶଗଡ଼ରେ ଥିବା ୩ ଜଣ ବରିଷ୍ଠ ଓଡ଼ିଆ ଅଧିକାରୀଙ୍କ ପିଏମ୍‌ଏସ ସ୍କୋର୍ କମାଯାଇ ସେମାନଙ୍କୁ ଏକପ୍ରକାର ଚାକିରି ଛାଡ଼ିବାକୁ ବାଧ୍ୟ କରାଯାଇଛି। ବ୍ୟାଙ୍କର ପୂର୍ବ ଭାରତ-୨ର ଜୋନାଲ ମୁଖ୍ୟ ଓ ଏଚ୍‌ଆର୍ ମୁଖ୍ୟ ଏହି ଓଡ଼ିଆ ମାରଣ ନୀତି ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ପୂର୍ବ ଭାରତର ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ବେଙ୍ଗଲ, ଆସାମ ଆଦି ରାଜ୍ୟରେ ଏହି ସଅଳ ଅବସର ଯୋଜନା ବ୍ୟବସ୍ଥା ଲାଗୁ ହେଉନାହିଁ। ସୂଚନାନୁଯାୟୀ, କିଛି ଓଡ଼ିଆ ଅଧିକାରୀ ଅଦାଲତର ଆଶ୍ରୟ ନେଇଛନ୍ତି ଓ ଅଦାଲତ ଏହି ଛଟେଇ ଉପରେ ରହିତାଦେଶ ଦେଇଛନ୍ତି।

ବ୍ୟାଙ୍କ୍ ସଅଳ ଅବସର ଯୋଜନା (ଇଆର୍‌ଓ) ଅଧୀନରେ କର୍ମଚାରୀଙ୍କୁ କୌଣସି ଲୋଭନୀୟ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁନାହିଁ। କେବଳ ଏକକାଳୀନ ୩ ମାସର ଦରମା ବ୍ୟତୀତ ଅନ୍ୟ କୌଣସି ଅର୍ଥ ପ୍ରଦାନ କରୁନାହିଁ। ଏହି ଯୋଜନା ଏହା ଇଚ୍ଛାଧୀନ ନ ହୋଇ ବାଧ୍ୟତାମୂଳକ ଭାବେ କିଛି ନିର୍ଦ୍ଦିଷ୍ଟ ବରିଷ୍ଠ ଅଧିକାରୀଙ୍କ କ୍ଷେତ୍ରରେ ଲାଗୁ କରାଯାଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଓଡ଼ିଆ କର୍ମଚାରୀମାନେ ଦାବି କରିଛନ୍ତି। ଏଥିସହିତ ଏହି ଚକ୍ରାନ୍ତ ବାବଦରେ ରିଜର୍ଭ ବ୍ୟାଙ୍କ ତଥା ଅର୍ଥ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ପେଟ୍ରୋଲ-ଡିଜେଲରେ ଭାଟ୍ କମାଇପାରନ୍ତି ରାଜ୍ୟ



ନୂଆଦିଲ୍ଲୀ,୨୩।୫ଃ ରାଜ୍ୟଗୁଡ଼ିକ ସହ ମିଳିତ ହୋଇ ପେଟ୍ରୋଲ୍-ଡିଜେଲ୍ ଦର ଶସ୍ତା କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ପେଟ୍ରୋଲ୍-ଡିଜେଲ୍ ଉପରେ ଲାଗୁଥିବା ଭାଲ୍ୟୁ ଆଡେଡ୍ ଟାକ୍ସ (ଭାଟ୍) କମାଇବାକୁ କେନ୍ଦ୍ର ସରକାର ଶୀଘ୍ର ରାଜ୍ୟଗୁଡିକୁ ଅନୁରୋଧ କରିପାରନ୍ତି। ଗଣମାଧ୍ୟମ ରିପୋର୍ଟ ମୁତାବକ, ବିଜେପି ଶାସିତ ୨୨ ରାଜ୍ୟରେ ଭାଟ୍ କମିବାର ସମ୍ଭାବନା ରହିଛି। ବର୍ତ୍ତମାନ ଡିଜେଲ ମୂଲ୍ୟ ନିୟନ୍ତ୍ରଣ କରିବା ଗୁରୁତ୍ୱପୂର୍ଣ୍ଣ। ଏହାର ସିଧାସଳଖ ପ୍ରଭାବ ପରିବହନ, କୃଷି ଏବଂ ଉଦ୍ୟୋଗ କ୍ଷେତ୍ର ଉପରେ ପଡ଼ିଛି। ଆମେରିକା-ଇରାନ ଯୁଦ୍ଧ ଯୋଗୁ ଅଶୋଧିତ ତେଲ ଦର ଉପରମୁହାଁ ହୋଇଚାଲିଛି। ଶୁକ୍ରବାର ବ୍ରେଣ୍ଟ ବର୍ଗରେ ଅଶୋଧିତ ତେଲ ୧.୯% ବୃଦ୍ଧି ହୋଇ ବ୍ୟାରେଲ ପିଛା ୧୦୪.୦୨ ଡଲାର ଛୁଇଁଛି। ଏଭଳି ସ୍ଥିତିରେ ଲୋକଙ୍କୁ ଦରଦାମ ଚାପରୁ ଆଶ୍ୱସ୍ତି ଦେବା ଲାଗି ଗତ ମାସରେ ସରକାର ପେଟ୍ରୋଲ-ଡିଜେଲ ଉପରୁ ଉତ୍ପାଦ ଟିକସ ହ୍ରାସ କରିଥିଲେ। ଅଶୋଧିତ ତେଲ ଯୋଗାଣ ଏବଂ ମୂଲ୍ୟକୁ ନେଇ ସଚିବଙ୍କୁ ନେଇ ଏକ ଜରୁରି ବୈଠକ ହୋଇଥିଲା। ଦରଦାମ ହ୍ରାସ କରିବା ନେଇ ଭ୍ୟାଟ୍ କମାଇବା ଜରୁରି ବୋଲି ଏଠାରେ ଆଲୋଚନା ହୋଇଥିଲା। ଜଣେ ଅଧିକାରୀ କହିଛନ୍ତି, ବିଜେପି ଶାସିତ ରାଜ୍ୟଗୁଡିକ ସ୍ତରରେ ପ୍ରଥମେ ଡିଜେଲ ଉପରେ ଟିକସ କମ୍ କରିବା ଲାଗି ବିଚାର କରାଯାଉଛି। ଦେଶରେ ପ୍ରତିବର୍ଷ ଡିଜେଲ ଚାହିଦା ୯.୪୭ କୋଟି ଟନ୍ ରହିଛି। ଯାହା ଅନ୍ୟ କୌଣସି ପେଟ୍ରୋଲିୟମ ଉତ୍ପାଦଠାରୁ ଅଧିକ ରହିଛି। କେନ୍ଦ୍ର ସରକାର ଡିଜେଲ ଉପରେ ଉତ୍ପାଦ ଟିକସ ଗତ ମାସ ଲିଟର ପିଛା ୧୦ ଟଙ୍କା ହ୍ରାସ କରି ଏହାକୁ ଶୂନ କରିଦେଇଥିଲେ। ପେଟ୍ରୋଲ ଉପରେ ୩ ଟଙ୍କାର ଟିକସ ହ୍ରାସ କରାଯାଇଥିଲା। ରାଜ୍ୟଗୁଡିକ ମଧ୍ୟ ନିଜ ଆଡୁ ଟିକସ କମାନ୍ତୁ ବୋଲି କେନ୍ଦ୍ର ସରକାର ଚାହୁଁଛନ୍ତି।

ଏପ୍ରିଲ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୪୧ ମାସର ସର୍ବୋଚ୍ଚ ସ୍ତର ୮.୩% ଛୁଇଁଛି। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ସଦସ୍ୟ ଗୌରବ ବଲ୍ଲଭ କହିଛନ୍ତି, ଯୁଦ୍ଧ ଯୋଗୁଁ ଅଶୋଧିତ ତେଲ ୫୦%ରୁ ଅଧିକ ବଢ଼ିଛି। ପେଟ୍ରୋଲ-ଡିଜେଲ ଦର ୪% ବଢ଼ିଛି। କେନ୍ଦ୍ର ସରକାର ଉତ୍ପାଦ ଟିକସ ୧୦ ଟଙ୍କା କମାଇଛନ୍ତି। ଏବେ ରାଜ୍ୟଗୁଡିକ ନିଜ ସ୍ତରରେ ଭାଟ୍ କମାଇବା ଉଚିତ। ତେଲଙ୍ଗାନା ପେଟ୍ରୋଲ ଓ ଡିଜେଲ ଉପରେ ସର୍ବାଧିକ ୩୫.୨୦% ଏବଂ ୨୭% ଭ୍ୟାଟ ଲଗାଉଛି। ଓଡ଼ିଶାରେ ଏହା ୨୮% ଏବଂ ୨୪%।

ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରକୁ ଝଟକା

# ଗୋଟିଏ ସପ୍ତାହରେ ୮ ବିଲିୟନ ଡଲାର ହ୍ରାସ

ମୁମ୍ବାଇ, ୨୩।୫ଃ ବୈଶ୍ୱିକ ଅନିଶ୍ଚିତତା ଓ ପଶ୍ଚିମ ଏସିୟା ସଂକଟ ମଧ୍ୟରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାରକୁ ବଡ଼ ଝଟକା ଲାଗିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ଦ୍ୱାରା ଜାରି ତାଜା ତଥ୍ୟ ଅନୁସାରେ ୧୫ ମେ ୨୦୨୬ରେ ସମାପ୍ତ ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୮.୦୯ ବିଲିୟନ ଡଲାର ହ୍ରାସ ହୋଇ ୬୮୮.୮୯ ଡଲାର ହୋଇଯାଇଛି। ତେବେ ଏହାର ପୂର୍ବ ସପ୍ତାହରେ ମୁଦ୍ରାଭଣ୍ଡାର ବେଶ୍ ବୃଦ୍ଧି ହାସଲ କରିଥିଲା। ସେତେବେଳେ ୬.୨୯ ବିଲିୟନ ଡଲାର ବଢି ୬୯୬.୯୯ ବିଲିୟନ ଡଲାରକୁ ଛୁଇଁଥିଲା। ଯଦି ଆମେ କିଛି ସମୟ ପୂର୍ବରୁ ତଥ୍ୟ ଉପରେ ନଜର ପକାଇବା ପଶ୍ଚିମ ଏସିୟା ଯୁଦ୍ଧ ଆରମ୍ଭ ପୂର୍ବରୁ ୨୭ ଫେବୃଆରୀ ୨୦୨୬ରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୭୨୮.୪୯ ବିଲିୟନ ଡଲାରର ସର୍ବକାଳୀନ ଉଚ୍ଚତମ ସ୍ତରରେ ଥିଲା। ହେଲେ ଏହା ପରଠାରୁ ଲଗାତାର ହ୍ରାସ ହେବାରେ ଲାଗିଛି। ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ସୁଧାରିବା ପାଇଁ ଆରବିଆଇ ଲଗାତାର ହସ୍ତକ୍ଷେପ କରୁଛନ୍ତି। ଟଙ୍କାକୁ ସାହାରା ଦେବାକୁ କେନ୍ଦ୍ରୀୟ ବ୍ୟାଙ୍କ ବିପୁଳ ପରିମାଣରେ ଡଲାର ବିକ୍ରି କରୁଛନ୍ତି। ଏଣୁ ବୈଦେଶିକ ମୁଦ୍ରାଭଣ୍ଡାର ହ୍ରାସର ସମ୍ମୁଖୀନ ହେଉଛି। ଏହା ଛଡା ଯୁଦ୍ଧ ଯୋଗୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳା ଉପରେ ପ୍ରଭାବ ପଡୁଛି ଏଣୁ ଏଣୁ ବୈଦେଶିକ ମୁଦ୍ରାର ଆଉଟ୍ ଫ୍ଲୋ ବଢ଼ିଛି। ପରିସ୍ଥିତିର ଜଟିଳତାକୁ ନଜରରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧ ମେ ୨୦୨୬ରେ ଦେଶବାସୀଙ୍କୁ ବିଶେଷ ନିବେଦନ କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବିଦେଶ ଗସ୍ତ କମ୍ କରିବାକୁ ପରାମର୍ଶ ଦେଇଥିବା ବେଳେ ଇନ୍ଧନ ଖର୍ଚ୍ଚ ହ୍ରାସ କରିବା, ବର୍ଷେ ପର୍ଯ୍ୟନ୍ତ ସୁନା କ୍ରୟ ନ କରିବା ଆଦି ନିବେଦନ କରିଛନ୍ତି। ଏହା ଦ୍ୱାରା ବିଦେଶୀ ମୁଦ୍ରା ଯେପରି ଦେଶରୁ ବାହାରକୁ ନ ଯାଏ ଓ ଅଶୋଧିତ ତୈଳ ଆମଦାନୀ ହ୍ରାସ ହୁଏ ସେଥି ପାଇଁ ଦେଶବାସୀଙ୍କୁ ସତର୍କ କରିଥିଲେ।

# ସୋମବାର, ମଙ୍ଗଳବାର ଖୋଲା ରହିବ ଏସବିଆଇ

ନୂଆଦିଲ୍ଲୀ, ୨୩।୫ଃ ଚଳିତ ମାସ ୨୫ ଏବଂ ୨୬ ତାରିଖରେ ସାରା ଦେଶରେ ଏସବିଆଇ କର୍ମଚାରୀମାନେ ଧର୍ମଘଟ ଡାକରା ଦେଇଥିଲେ। ଅଲ ଇଣ୍ଡିଆ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଷ୍ଟାଫ୍ ଫେଡେରେସନ, ୧୬ ଦଫା ଦାବି ନେଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲା। ତେବେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ସଫଳ ହେବା ଯୋଗୁ ପ୍ରସ୍ତାବିତ ଧର୍ମଘଟକୁ ସଂଘ ସ୍ଥଗିତ ରଖିଛି। ଫଳରେ ଗ୍ରାହକମାନେ ସୋମବାର ଏବଂ ମଙ୍ଗଳବାର ବ୍ୟାଙ୍କ ସେବାରେ କୌଣସି ସମସ୍ୟା ସାମ୍ନା କରିବେ ନାହିଁ। ସ୍ୱାଭାବିକ ଭାବେ ଗ୍ରାହକ ସେବା ଉପଲବ୍ଧ ବୋଲି ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। କର୍ମଚାରୀଙ୍କ ଅଧିକାର ରକ୍ଷା, କାମ କରିବା ସ୍ଥିତିକୁ ଉନ୍ନତ କରିବା ଏବଂ ଗ୍ରାହକଙ୍କ ହିତକୁ ଧ୍ୟାନରେ ରଖି ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ବିଶେଷ କରି କିରାଣୀ ଏବଂ ଅନ୍ୟ ବର୍ଗର କର୍ମଚାରୀ ଏହି ଧର୍ମଘଟରେ ସାମିଲ ଯୋଜନା ଥିଲା। ଫଳରେ ଚେକ୍ କ୍ଲିୟରିଂ, କ୍ୟାସ୍ କାଉଣ୍ଟର ଏବଂ ପାସବୁକ ଅପଡେଟ ଭଳି ସମସ୍ୟା ନେଇ ଆଶଙ୍କା ରହିଥିଲା। ହେଲେ ଏହି ଆଶଙ୍କା ଏବେ ଟଳିଛି। ୨୩ରେ ୪ର୍ଥ ଶନିବାର ଏବଂ ୨୪ରେ ରବିବାର , ୨୭ ମେ'ରେ ଦେଶର ଅଧିକାଂଶ ପ୍ରାନ୍ତରେ ଇଦ୍ ଯୋଗୁ ବ୍ୟାଙ୍କ ଛୁଟି ରହିବ। କିଛି ସ୍ଥାନରେ ମେ ୨୮ ମେ'ରେ ଏହି ଛୁଟି ରହିବ।

# ଜୁନ୍ ୧୪ ଯାଏଁ ମାଗଣାରେ ଅପଡେଟ କରିପାରିବେ ଆଧାର କାର୍ଡ

ନୂଆଦିଲ୍ଲୀ, ୨୩।୫ଃଆଜିକାଲି ସବୁକିଛି ପାଇଁ ଆଧାର କାର୍ଡ ଆବଶ୍ୟକ। ଭାରତୀୟ ନାଗରିକଙ୍କ ପାଇଁ ଆଧାର କାର୍ଡ ରଖିବା ବାଧ୍ୟତାମୂଳକ। ଆଧାର କାର୍ଡ ସାହାଯ୍ୟରେ, ଆପଣ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲିପାରିବେ ଏବଂ ଅନେକ କାର୍ଯ୍ୟ କରିପାରିବେ। ଏହାର ଅର୍ଥ ହେଉଛି ପ୍ରାୟ ପ୍ରତ୍ୟେକ କାର୍ଯ୍ୟ ପାଇଁ ଆଧାର କାର୍ଡ ରହିବା ଜରୁରୀ ହୋଇଗଲାଣି। ତେଣୁ, ଏହାକୁ ଅପଡେଟ୍ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯଦି କୌଣସି ବିବରଣୀ ପୁରୁଣା କିମ୍ବା ଭୁଲ୍ ଥାଏ, ତେବେ ଏହା ଆପଣଙ୍କ କାମରେ ବାଧା ସୃଷ୍ଟି କରିପାରେ। ତେଣୁ, **UIDAI** ଅପଡେଟ୍ ତାରିଖ ବୃଦ୍ଧି କରିଛି।

**UIDAI** ଅନୁଯାୟୀ, ମାଗଣା ଆଧାର କାର୍ଡ ଅପଡେଟ୍ ସେବାକୁ ୧୪ ଜୁନ୍, ୨୦୨୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆପଣ **myAadhaar** ପୋର୍ଟାଲ୍ ମାଧ୍ୟମରେ ଅପଡେଟ୍ କଲେ ହିଁ ଏହି ସୁବିଧା ପାଇପାରିବେ। ପ୍ରାୟ ସବୁକିଛି ଏବେ ଅନଲାଇନ୍ ହୋଇଥିବାରୁ, ସରକାର ଆଧାର ଅପଡେଟ୍ କରିବାର ପ୍ରକ୍ରିୟାକୁ ମଧ୍ୟ ଅନଲାଇନ୍ କରିଛନ୍ତି। ଯଦି ଆପଣ ମଧ୍ୟ ଆପଣଙ୍କର ଆଧାର ଡକ୍ୟୁମେଣ୍ଟ ଅପଡେଟ୍ କରିବାକୁ ଚାହାଁନ୍ତି, ତେବେ ନିଶ୍ଚିତ ରୁହନ୍ତୁ। ଆପଣ ଏବେ କୌଣସି ଶୁଳ୍କ ବିନା ମାଗଣାରେ ଆପଣଙ୍କର ପରିଚୟ ଏବଂ ଠିକଣା ଡକ୍ୟୁମେଣ୍ଟ ଅପଲୋଡ୍ ଏବଂ ଯାଞ୍ଚ କରିପାରିବେ। ଆପଣ ସହଜରେ ଆପଣଙ୍କର ଠିକଣା, ମୋବାଇଲ୍ ନମ୍ବର କିମ୍ବା ବ୍ୟକ୍ତିଗତ ବିବରଣୀ ଅପଡେଟ୍ କରିପାରିବେ। ଆପଣ **myAadhaar** ପୋର୍ଟାଲ୍ ପରିଦର୍ଶନ କରି ଘରେ ବସି ସହଜରେ ଆପଣଙ୍କର ଆଧାର କାର୍ଡ ଅପଡେଟ୍ କରିପାରିବେ।

ଆପଣଙ୍କର ଆଧାର କାର୍ଡକୁ ଅପଡେଟ୍ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ବିନା, ଆମର ଅନେକ କାର୍ଯ୍ୟ କଷ୍ଟକର ହୋଇପାରେ, ଯେପରିକି ବ୍ୟାଙ୍କ କିମ୍ବା ଡିମାଟ୍ ଆକାଉଣ୍ଟ ଖୋଲିବାରେ ବିଳମ୍ବ ହୋଇପାରେ | ମ୍ୟୁଚୁଆଲ୍ ଫଣ୍ଡ କିମ୍ବା ବୀମା କିଣିବା ସମୟରେ ମଧ୍ୟ **KYC** ଖାରଜ ହୋଇପାରେ। ପ୍ୟାନ୍ ଏବଂ ଆଧାର ଲିଙ୍କିଂ/ପ୍ରମାଣୀକରଣ ସମସ୍ୟାଜନକ ହୋଇପାରେ। ପେନସନ୍ କିମ୍ବା ସବସିଡି ସମ୍ବନ୍ଧୀୟ ସେବା ମଧ୍ୟ ବିଳମ୍ବ ହୋଇପାରେ। ଆପଣଙ୍କୁ ସରକାରୀ ଯୋଜନା ପାଣ୍ଠି (**DBT**) ପାଇବାରେ ଅସୁବିଧା ହୋଇପାରେ।




# କେନ୍ଦ୍ର ସରକାରଙ୍କୁ ଆରବିଆଇ ଦେବ ୨.୮୭ ଲକ୍ଷ କୋଟି ଲାଭାଂଶ

ନୂଆଦିଲ୍ଲୀଃ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସରାକାରଙ୍କୁ ରେକର୍ଡ ୨.୮୭ ଲକ୍ଷ କୋଟି ଟଙ୍କା ଡିଭିଡେଣ୍ଡ ଦେବାକୁ ଘୋଷଣା କରିଛି ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆରବିଆଇ)। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାର ବସିଥିବା କେନ୍ଦ୍ରୀୟ ନିର୍ଦ୍ଦେଶକ ମଣ୍ଡଳୀର ୬୨୩ ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନାଥାଉକି, ଆର୍ଥିକ ବର୍ଷ ୨୦୨୪-୨୫ରେ ଏହି ଡିଭିଡେଣ୍ଡ ୨.୬୯ ଲକ୍ଷ କୋଟି ଟଙ୍କା ଥିଲା। ଯାହା ୨୦୨୩-୨୪ ତୁଳନାରେ ୨୭.୪ ପ୍ରତିଶତ ଅଧିକ ଥିଲା। ଏହା ପୂର୍ବରୁ ଆରବିଆଇ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୨.୧ ଲକ୍ଷ କୋଟି ଟଙ୍କା ଏବଂ ୨୦୨୨-୨୩ ପାଇଁ ୮୭, ୪୧୬ କୋଟି ଟଙ୍କା ସରକାରଙ୍କୁ ଟ୍ରାନ୍ସଫର କରିଥିଲା। ମଧ୍ୟପ୍ରାଚ୍ୟରେ ଜାରି ତିକ୍ତତା କାରଣରୁ ଗ୍ଲୋବାଲ ମାର୍କେଟରେ ଅଶୋଧିତ ତେଲ ଦାମ୍ ଅସ୍ଥିର ରହିଛି। ଭାରତ ନିଜ



ଆବଶ୍ୟକତାର ଅଧିକାଂଶ ତେଲ ଆମଦାନୀ କରୁଛି। ଫଳରେ ସରକାରୀ ରାଜକୋଷ ଉପରେ ବଢୁଛି। ଏମିତିରେ ଆରବିଆଇଠାରୁ ମିଳିଥିବା ଏହି ଅର୍ଥ କେନ୍ଦ୍ର ସରକାରଙ୍କ ପାଇଁ ଏକ ସୁରକ୍ଷା କବଚ ଭଳି କାମ କରିବ। ଏହାଦ୍ୱାରା ସରକାରଙ୍କୁ ସାର ଏବଂ ଇନ୍ଧନ ଉପରେ ଦିଆଯାଉଥିବା ସବସିଡିର ବଢୁଥିବା ଖର୍ଚ୍ଚକୁ ସମ୍ଭାଳିବାରେ ସାହାଯ୍ୟ ମିଳିବ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହା ମଧ୍ୟ କୁହାଯାଇଛି ଯେ, ଗତ ବର୍ଷ ତୁଳନାରେ ମୋଟ ଆୟରେ ପ୍ରାୟ ୨୬% ବୃଦ୍ଧି ହୋଇଛି। ତଥାପି ବ୍ୟାଙ୍କର ଖର୍ଚ୍ଚରେ ପ୍ରାୟ ୨୮% ବୃଦ୍ଧି ମଧ୍ୟ ଦେଖିବାକୁ ମିଳିଛି। RBIର ବାଲାନ୍ସ ସିଟ୍ ଏବେ ୨୦% ବଢ଼ି ପ୍ରାୟ ୯୨ ଲକ୍ଷ କୋଟି ଟଙ୍କା ହୋଇଛି। ତେବେ ଯଦି ବ୍ୟାଙ୍କର ଶୁଦ୍ଧ ଲାଭ କଥା କହିଲେ ଏହି ବର୍ଷ RBI ୩.୯୫ ଲକ୍ଷ କୋଟି ଟଙ୍କା ଆୟ କରିଛି। ଯାହା ଗତ ବର୍ଷ ୩.୧୩ ଲକ୍ଷ କୋଟି ଟଙ୍କା ତୁଳନାରେ ବେଶ୍ ଅଧିକ।

# ଶେଷ ହେଲା ୬୦ ଦିନର ଭିସା ଫ୍ରି ଏଣ୍ଟ୍ରି

ନୂଆଦିଲ୍ଲୀ, ୨୩।୫ଃଥାଇଲ୍ୟାଣ୍ଡ ଯିବାର ସ୍ୱପ୍ନ ଦେଖୁଥିବା ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଏକ ବଡ଼ ଖବର। ସେଠାରେ ଯାତ୍ରା କରିବା ଆଉ ପୂର୍ବ ପରି ସହଜ ହେବ ନାହିଁ। ଥାଇଲ୍ୟାଣ୍ଡ ସରକାର ଭାରତୀୟଙ୍କ ସମେତ ୯୩ଟି ଦେଶ ପାଇଁ ୬୦ ଦିନିଆ ଭିସା-ଫ୍ରି ଏଣ୍ଟ୍ରି ସ୍କିମକୁ ଶେଷ କରିଛନ୍ତି। ଏହି ନିଷ୍ପତ୍ତି ପରେ, ଭାରତୀୟ ପର୍ଯ୍ୟଟକମାନେ ଆଉ ଭିସା ବିନା ଥାଇଲ୍ୟାଣ୍ଡରେ ଏଣ୍ଟ୍ରି କରିପାରିବେ ନାହିଁ। ସରକାର କହିଛନ୍ତି ଯେ, ସୁରକ୍ଷା, ଅବୈଧ ରୋଜଗାର ଏବଂ ବଢୁଥିବା ଆନ୍ତଃଦେଶୀୟ ଅପରାଧ ପାଇଁ ନୂଆ ନିୟମ ପ୍ରଚଳନ କରାଯାଇଛି।

ନୂଆ ନିୟମ କାର୍ଯ୍ୟକାରୀ ହେବା ପରେ, ଭାରତୀୟ ନାଗରିକମାନଙ୍କୁ ବର୍ତ୍ତମାନ **Visa on Arrival** ମାଧ୍ୟମରେ ଏଣ୍ଟ୍ରି କରିବାକୁ ପଡ଼ିବ। ଯାତ୍ରୀମାନଙ୍କୁ ଏୟାରପୋର୍ଟ କିମ୍ବା ନିର୍ଦ୍ଦିଷ୍ଟ ଇମିଗ୍ରେସନ୍ ଚେକ୍‌ପଏଣ୍ଟରେ ଆବଶ୍ୟକୀୟ କାଗଜପତ୍ର ଉପସ୍ଥାପନ କରି ଥାଇଲ୍ୟାଣ୍ଡରେ ପହଞ୍ଚିବା ପରେ ଭିସା ନେବାକୁ ପଡିବ। ଏହି ଭିସା ଭାରତୀୟ ପର୍ଯ୍ୟଟକଙ୍କୁ ସର୍ବାଧିକ ୧୫ ଦିନ ପାଇଁ ଥାଇଲ୍ୟାଣ୍ଡରେ ରହିବାକୁ ଅନୁମତି ଦେବ। ପୂର୍ବରୁ, ଭାରତୀୟ ନାଗରିକମାନେ ଭିସା ବିନା ୬୦ ଦିନ ପର୍ଯ୍ୟନ୍ତ ରହିପାରୁଥିଲେ, ଆବଶ୍ୟକ ହେଲେ ଭିସାକୁ ଆଉ ୩୦ ଦିନ ବୃଦ୍ଧି ମଧ୍ୟ କରାଯାଉଥିଲା।




ଥାଇଲାଣ୍ଡ ସରକାର ଏହି ସ୍କିମ୍, ପର୍ଯ୍ୟଟନକୁ ବୃଦ୍ଧି କରିବା ଏବଂ ଅର୍ଥନୀତିକୁ ମଜବୁତ୍ କରିବା ପାଇଁ ଆରମ୍ଭ କରିଥିଲେ। କିନ୍ତୁ ପରେ ସରକାରଙ୍କୁ ସୁରକ୍ଷା ଏବଂ ଅବୈଧ କାର୍ଯ୍ୟକଳାପକୁ ନେଇ ଚିନ୍ତା ବଢ଼ିବାକୁ ଲାଗିଲା। ରିପୋର୍ଟ ଅନୁଯାୟୀ, କିଛି ଲୋକ ବହୁତ ଦିନ ପର୍ଯ୍ୟନ୍ତ ରହି ଅବୈଧ କାମ, ଅବୈଧ ବ୍ୟବସାୟ ଏବଂ ଠକେଇପୂର୍ଣ୍ଣ ନିଯୁକ୍ତିରେ ସାମିଲ୍ ଅଛନ୍ତି। ତେଣୁ ଏହି କାରଣରୁ ସରକାର ଭିସା ନିୟମରେ ବଡ଼ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଲେ। ଥାଇଲ୍ୟାଣ୍ଡ ଏବେ ଗୋଟିଏ ଦେଶ, ଗୋଟିଏ ଭିସା- ନୀତି ଲାଗୁ କରୁଛି। ଏହି ନୀତି ଅନୁଯାୟୀ, ପ୍ରତ୍ୟେକ ଦେଶ କେବଳ ଗୋଟିଏ ପ୍ରକାରର ଭିସା ସୁବିଧା ପାଇବେ। ସରକାର ଅନେକ ଦେଶର ଭିସା କଟୋଗୋରୀରେ ପରିବର୍ତ୍ତନ କରିଛନ୍ତି। ବର୍ତ୍ତମାନ, ୩୦ ଦିନର ଭିସା-ଫ୍ରି ସୁବିଧା କେବଳ ୫୪ ଦେଶକୁ ମିଳିବ, ଯେତେବେଳେ ଭାରତ ସମେତ କିଛି ଦେଶକୁ **Visa on Arrival** କାଟାଗୋରୀରେ ରଖାଯାଇଛି। ଯେଉଁ ଯାତ୍ରୀମାନେ ପୂର୍ବରୁ ଥାଇଲ୍ୟାଣ୍ଡରେ ଅଛନ୍ତି କିମ୍ବା ନୂଆ ନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ପହଞ୍ଚିଛନ୍ତି, ସେମାନଙ୍କ ଉପରେ ତୁରନ୍ତ ପ୍ରଭାବ ପଡିବ ନାହିଁ। ସେମାନଙ୍କର ବର୍ତ୍ତମାନର ପରମିଟ୍ ଶେଷ ନହେବା ପର୍ଯ୍ୟନ୍ତ ସେମାନେ ସେଠାରେ ରହିପାରିବେ। ଭାରତରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଥାଇଲ୍ୟାଣ୍ଡ ପରିଦର୍ଶନ କରନ୍ତି। ଶସ୍ତା ଯାତ୍ରା, ସୁନ୍ଦର ବେଳାଭୂମି ଏବଂ ସହଜ ଏଣ୍ଟ୍ରି ନିୟମ ସହିତ, ଥାଇଲ୍ୟାଣ୍ଡ ଦୀର୍ଘ ଦିନ ଧରି ଭାରତୀୟମାନଙ୍କ ପାଇଁ ଏକ ପ୍ରିୟ ଗନ୍ତବ୍ୟସ୍ଥଳ ହୋଇ ରହିଛି। କିନ୍ତୁ, ବର୍ତ୍ତମାନ ନୂଆ ନିୟମ ସହିତ, ଦୀର୍ଘ ଛୁଟି ପ୍ଲାନ୍ କରୁଥିବା ଯାତ୍ରୀମାନଙ୍କୁ ଅଧିକ ପ୍ରସ୍ତୁତି ଏବଂ ଡକ୍ୟୁମେଣ୍ଟେସନ୍ ଆବଶ୍ୟକ ହେବ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୦,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬, ୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନଶ୍ୱେରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୦,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୬, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୦,୦୯୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୦,୨୪୦ ଟଙ୍କା ଓ ୨୨ କ୍ୟାରେଟ ୧,୪୬,୯୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୩,୦୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୦,୦୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି।

# ଥର୍ମୋକୋଲ୍ ପ୍ଲେଟରେ ପରସାଯାଉଛି ଟିଫିନ ଓ ଖାଦ୍ୟ

**ଜଳଖିଆ ପ୍ଲେଟ୍‌ରେ ବିଷ**

**ଯାଞ୍ଚ କରୁନାହାନ୍ତି ଖାଦ୍ୟ ସୁରକ୍ଷା ବିଭାଗ**

**ଜଳଖିଆ ଦୋକାନରେ ବ୍ୟାପକ ବ୍ୟବହାର**

**ରୋକିପାରୁନି ପ୍ରଶାସନ**



**କାକଟପୁର/ଅସ୍ତରଙ୍ଗ,୨୩।୫ (ସଂଚାର ବ୍ୟୁରୋ):** ଆପଣ ସକାଳେ କିମ୍ବା ସନ୍ଧ୍ୟାରେ ଜଳଖିଆ ଖାଉଛନ୍ତି କି ? ନଚେତ କୌଣସି ଭୋଜି ରେ ଧଳା ରଙ୍ଗର ଥର୍ମୋକୋଲ ପ୍ଲେଟ (ସୋଲ) ଭୋଜି ଖାଉଛନ୍ତି କି? ତେବେ ସଜାଗ ହୁଅନ୍ତୁ। ଆପଣ ଯେଉଁଥିରେ ଜଳଖିଆ ଖାଉଛନ୍ତି ତାହା ପ୍ଲାଷ୍ଟିକରେ ତିଆରି ହୋଇଛି। ଏହା ସୁରକ୍ଷିତ ନୁହେଁ। ଏଥିରେ ଖାଇବା ଦ୍ୱାରା କ୍ୟାନସର ସମେତ ବିଭିନ୍ନ ରୋଗରେ ପୀଡିତ ହେବାର ସମ୍ଭାବନା ଅଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳର ଅଧିକାଂଶ ଉଠା ଦୋକାନୀ ଅବା ସ୍ଥାୟୀ ଟିଫିନ ସେଣ୍ଟର ଏହି ପ୍ଲାଷ୍ଟିକ ପ୍ଲେଟ ବ୍ୟବହାର କରୁଥିବା ବେଳେ ସବୁ ଜାଣିଶୁଣି ଖାଦ୍ୟ ସୁରକ୍ଷା ବିଭାଗ ନିରବ ରହିବା ସମସ୍ତଙ୍କୁ ଚକିତ କରିଛି।

ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଛତୁ ଫୁଟିଲା ଭଳି ବିଭିନ୍ନ ଗାଁ ହେଉ ଅବା ବଜାରରେ ଫାଷ୍ଟ ଫୁଡ, ଉଠା ଜଳଖିଆ ଦୋକାନ ଖୋଲାଯାଇଛି। ସକାଳେ ଓ ସଞ୍ଜରେ ଏଠାରେ ଭିଡ଼ ଜମୁଛି। ମାତ୍ର ଏହି ଜଳଖିଆ କେତେ ସୁରକ୍ଷିତ ତାହା ଉପରେ କେହି ନଜର ଦେଉନାହାନ୍ତି। ଖାଦ୍ୟ ପ୍ଲେଟ ରେ ଜଳଖିଆ ନୁହେଁ, ଗ୍ରାହକ ଙ୍କୁ ବିଷ ପରସା ଯାଉଛି।

ଏବେ ବିଭିନ୍ନ ଫୁଡ ଷ୍ଟଲ୍ କିମ୍ବା ଜଳଖିଆ ଦୋକାନରେ ଗ୍ରାହକଙ୍କୁ ଯେଉଁ ପ୍ଲେଟରେ ଖାଦ୍ୟ ପରସା ଯାଉଛି, ତାହା ହେଉଛି ଅନେକ ସ୍ଥାନରେ ଥର୍ମୋକୋଲ ପ୍ଲେଟ ସହ ଅଦରକାରୀ ପ୍ଲାଷ୍ଟିକରେ ତିଆରି ପ୍ଲେଟ। ଅଦରକାରୀ ପ୍ଲାଷ୍ଟିକକୁ ପୁନଃ ପ୍ରକ୍ରିୟାକରଣ କରି ଏହି ବିପଜ୍ଜନକ ପ୍ଲେଟ ତିଆରି କରାଯାଉଛି। ଏଥିରେ ଗରମ ଖାଦ୍ୟ ରଖିଲେ କିମ୍ବା ଗରମ ଖାଦ୍ୟ ଏହା ସଂସ୍ପର୍ଶରେ ଆସିଲେ ଏଥିରେ ଥିବା ବିଷାକ୍ତ ରାସାୟନିକ ପଦାର୍ଥ ଖାଦ୍ୟରେ ମିଶିଯାଏ। ଏହି ଖାଦ୍ୟ ଖାଇବା ଦ୍ୱାରା ପେଟ ରୋଗଠାରୁ ଆରମ୍ଭ କରି କ୍ୟାନସର ଭଳି ମାରାତ୍ମକ ରୋଗ ସୃଷ୍ଟି ହେବାର ଆଶଙ୍କା ରହୁଛି।

ଏ ନେଇ ପୁରୀ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କିଛି ମଧ୍ୟ ତଦନ୍ତ କି କାର୍ଯ୍ୟାନୁଷ୍ଠାନ କରାଯାଉନି। କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳ ବଜାର ହେଉ ଅବା ଗାଁ ମାନଙ୍କ ରେ ଖାଦ୍ୟ ଷ୍ଟଲ୍ ଗୁଡିକ ଖୋଲାଯାଇଛି । କେଉଁଠି ଏହି ଖାଦ୍ୟ ଷ୍ଟଲ୍ ଗୁଡିକ ନର୍ଦ୍ଦମା ଉପରେ ତ ଆଉ କେଉଁଠି ପୁତିଗନ୍ଧମୟ ଅଂଚଳରେ ଖୋଲାଯାଇଛି। ଆଉ କେଉଁଠି ଅପରିଷ୍କାର ସ୍ଥାନରେ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ବିକ୍ରି କରାଯାଉଛି।

ପ୍ରତିଦିନ ଟଙ୍କା ଦେଇ ସ୍ଥାନୀୟ ଅଂଚଳବାସୀଙ୍କ ଜୀବନ ସହ ଖେଳୁଥିବା ବେଳେ ଜିଲ୍ଲା ପ୍ରଶାସନ, ଖାଦ୍ୟ ସୁରକ୍ଷା ବିଭାଗ ଚୁପ୍ ବସିଯିବା ସମସ୍ତ ଙ୍କୁ ଚକିତ କରୁଛି। ଏମିତିକି ଖାଦ୍ୟ ସୁରକ୍ଷା ବିଭାଗ ଜିଲ୍ଲାରେ ଥିବା ଭଳି ଲାଗୁନି। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଅଦରକାରୀ ପ୍ଲାଷ୍ଟିକ ରୁ ପ୍ରସ୍ତୁତ ପ୍ଲେଟ କିମ୍ବା ଧଳା ଥର୍ମୋକୋଲ (ସୋଲ ପ୍ଲେଟ )ଲୋକେ ଜଳଖିଆ ଖାଉଥିଲେ ହେଁ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଖାଦ୍ୟ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ଯତ୍ନବାନ ହେବା ସହ ବିଭିନ୍ନ ସ୍ଥାନରେ ଅଚାନକ ଯାଞ୍ଚ କରିବାକୁ ସ୍ଥାନୀୟ ଅଂଚଳବାସୀ ଦାବୀ କରିଛନ୍ତି।

## ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



**ବାଲିପାଟଣା,୨୩।୫ (ସଂଚାର ବ୍ୟୁରୋ):** ବାଲିପାଟଣାଠାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଶିକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାରଦା ପ୍ରସାଦ ଶତପଥୀ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ଶିକ୍ଷକ ନେତା ବିଜୟ କୁମାର ବେହେରା, ପ୍ରଭାକର ମଲ୍ଲିକ, ଦୀନକୃଷ୍ଣ ସାହୁ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ପ୍ରଧାନଶିକ୍ଷୟିତ୍ରୀ ସୁଷମା ରାଣୀ ମହାପାତ୍ର, ସତ୍ୟଭାମା ଦାଶ ଏବଂ ଏବିଇଓ ବିଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ମେଧାବୀ ଛାତ୍ର ଅଂଶୁମାନ ଦାସଙ୍କ ସହ ଏ୧ ଗ୍ରେଡ୍ ପାଇଥିବା ସମସ୍ତ ୮ ଜଣ ଛାତ୍ରଛାତ୍ରୀ, ଏ୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୫୪ ଜଣ ଶିକ୍ଷାର୍ଥୀ, ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ମନ୍ତ୍ରୀ ଦ୍ୱାରା ମାନପତ୍ର ଓ ଉପହାର ଦେଇ ପୁରସ୍କୃତ କରିଥିଲେ ।

## +୨ ପରୀକ୍ଷାରେ ଫିଜିକ୍ସ ଏକାଡେମୀର ଛାତ୍ରଛାତ୍ରୀଙ୍କ ସଫଳତା




**ଯାଜପୁର ରୋଡ୍,୨୩।୫ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ଦଳା ସ୍ଥିତ ଫିଜିକ୍ସ ଏକାଡେମୀ ଛାତ୍ର ଛାତ୍ରୀମାନେ ଚଳିତ ବର୍ଷ +୨ ପରୀକ୍ଷାରେ ସତ ପ୍ରତିଶତ ସଫଳତା ଅର୍ଜନ କରିଛନ୍ତି । ଦୁଇ ବର୍ଷ ଧରି ପ୍ରତିଷ୍ଠିତ ହୋଇଥିବା ଏହି ଅନୁଷ୍ଠାନଟି ପ୍ରତିବର୍ଷ ପିଲାମାନଙ୍କୁ ଉର୍ନତମାନର ଶିକ୍ଷାପ୍ରଦାନ କରି ଆସୁଥିବାରୁ ପିଲାମାନଙ୍କ ଭବିଷ୍ୟତ ଉଜ୍ଜଳ ହେବା ସହ ପିଲାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଆଗକୁ ବଢ଼ି ଚାଲିଛନ୍ତି। ଏମଡି ଶୁଭଶ୍ରୀ ପଣ୍ଡା,ଚେୟାରମ୍ୟାନ ହୃଷିକେଶ ତ୍ରିପାଠୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିରନ୍ତର ପ୍ରୟାସ, ପିଲାମାନଙ୍କ ପ୍ରତି ରହିଥିବା ଭଲ ପାଇବା ଓ ସ୍ନେହ ଶ୍ରଦ୍ଧା ପାଇଁ ଆଜି ଏହି ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନେ ନିଜର ସଫଳତା ହାସଲ କରିଥିବା କହିଥିଲେ। ଚଳିତ +୨ ପରୀକ୍ଷାରେ ଇନ୍‌ଷ୍ଟିଚ୍ୟୁଟର ୨୦ ଜଣ ଛାତ୍ର ଛାତ୍ରୀ ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସେମାନଙ୍କ ମଧ୍ୟରୁ ରୋଜାଲିନ ଖିଲାର ୮୦ ପ୍ରତିଶତ ନମ୍ବର ରଖି ପ୍ରଥମ ସୁପ୍ରିୟା କୁମାରୀ ୭୯ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ରାକସେଣ୍ଡା କ୍ୱାମାର ୭୫ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ନେଇ ଡାଇରେକଟର ସୂଚନା ଦେଇଥିଲେ। ଆଜିର ଏହି ସଫଳତାର ବିଜୟ ଉତ୍ସବ କ୍ୟାମ୍ପସରେ ପାଳନ କରାଯାଇଥିବା ବେଳେ ଅନୁଷ୍ଠାନ ତରଫରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଉତ୍ତରୀୟ ଓ ମିଷ୍ଟାନ ଖୁଆଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ମା' ତାରିଣୀ କଲେଜର ଛାତ୍ରଛାତ୍ରୀଙ୍କ ବାଜିମାତ



**ଯାଜପୁର ରୋଡ୍,୨୩।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କୁଆଖିଆ ସାରଙ୍ଗପୁର ଠାରେ ଅବସ୍ଥାପିତ ସାଇ ଗ୍ରୁପ ଅଫ ଇନ୍‌ସଚ୍ୟୁଟ ଦ୍ୱାରା ପରିଚାଳିତ ମା' ତାରିଣୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ଅଭୁତପୁର୍ବ ସଫଳତା ହାସଲ କରିଥିବା ଦେଖିବାକୁ ମିଳିଛି ।ଚଳିତ ବର୍ଷ ଶିକ୍ଷାନୁଷ୍ଠାନର ୫୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ଜଣ ୯୦ପ୍ରତିଶତରୁ ଉର୍ଦ୍ଧ ନମ୍ବର ରଖି କଲେଜ ପାଇଁ ଗୌରବ ଆଣିଥିବା ବେଳେ ଏହି ଅନୁଷ୍ଠାନଟି ପ୍ରତିବର୍ଷ ପିଲାମାନଙ୍କୁ ଉର୍ନତ ମାନର ଶିକ୍ଷା ପ୍ରଦାନ କରି ଆସୁଥିବାରୁ ପିଲାମାନଙ୍କ ଭବିଷ୍ୟତ ଉଜ୍ଜଳ ହେବା ସହିତ ପିଲାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜେ ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିବେ ବୋଲି ଚେୟାରମ୍ୟାନ ଚନ୍ଦ୍ର ଶେଖର ନାୟକ ପ୍ରକାଶ କରିଥିଲେ । ଏଥି ସହିତ ଚଳିତ ବର୍ଷ ବିଜ୍ଞାନ ପରୀକ୍ଷାରେ ସମସ୍ତ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉର୍ତିନ ହୋଇଥିବା ବେଳେ ୮୦ପ୍ରତିଶତରୁ ଉର୍ଦ୍ଧ ୨୪ଜଣ, ୭୦ରୁ ଉର୍ଦ୍ଧ ୧୬ଜଣ ଓ ୬୦ରୁ ଉର୍ଦ୍ଧ ୧୦ଜଣ ଛାତ୍ର ଛାତ୍ରୀ ସଫଳତା ଅର୍ଜନ କରିଥିବା ନେଇ ଅଧ୍ୟକ୍ଷ ନଦିୟାମୋହନ ପଟ୍ଟନାୟକ ସୂଚନା ଦେଇଥିଲେ । କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ କଲେଜ କ୍ୟାମ୍ପସ ପରିସରରେ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ ଉତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଂଗେ ବିଜୟ ଉତ୍ସବ ପାଳନ କରିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ



**ଯାଜପୁର, ୨୩।୫ (ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାରଖାନା ପରିସରର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପରିବେଶର ସୁରକ୍ଷା ଏବଂ ସବୁଜିମା ବୃଦ୍ଧି କରିବା ପାଇଁ କମ୍ପାନୀର ଏହି ନିରନ୍ତର ପ୍ରୟାସ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏହି ଅବସରରେ କମ୍ପାନୀ କର୍ମଚାରୀ ଏବଂ ଠିକା କର୍ମଚାରୀମାନଙ୍କ ସମେତ ୨୦୦ ରୁ ଅଧିକ ଲୋକ ଉତ୍ସାହର ସହ ସ୍ୱେଚ୍ଛାକୃତ ଭାବେ ଏଥିରେ ସାମିଲ ହୋଇ ବିଭିନ୍ନ ପ୍ରଜାତିର ୫୦୦ ରୁ ଅଧିକ ଦେଶୀ କିସମର ଚାରା ରୋପଣ କରିଥିଲେ।

ଟାଟା ଷ୍ଟିଲ୍ କଳିଙ୍ଗନଗରର ପରିବେଶ ବିଭାଗ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖିବା ସହ ଜୈବ ବିବିଧତାକୁ ବୃଦ୍ଧି କରିବା ପାଇଁ କମ୍ପାନୀ ଯେଉଁ ବଡ଼ ଯୋଜନା କରିଛି, ଏହା ସେହି ଯୋଜନାର ଏକ ଅଂଶ ଅଟେ।

ନିଜର କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀ ମାନଙ୍କୁ ଏଥିରେ ସାମିଲ କରି ଟାଟା ଷ୍ଟିଲ୍ କଳିଙ୍ଗନଗର ଏକ ଦୀର୍ଘସ୍ଥାୟୀ ପରିବେଶ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ଶିଳ୍ପ ଅଭିବୃଦ୍ଧି ଏବଂ ପ୍ରକୃତି ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପ୍ରକ୍ରିୟାକୁ ଜାରି ରଖିଛି।

## ବିପର୍ଯ୍ୟୟ ପରିଚାଳନା କମିଟିର ପ୍ରସ୍ତୁତି ବୈଠକ



**ଫୁଲବାଣୀ, ୨୩।୫ (ସଂଚାର ବ୍ୟୁରୋ):** ଆସନ୍ତା ୨୦୨୬ ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆଜି କନ୍ଧମାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ (ପଞ୍ଚାୟତ ଭବନ) ଠାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଉମାଚରଣ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ଆସନ୍ତା ମୌସୁମୀ ଋତୁରେ ବନ୍ୟା ସ୍ଥିତି ଉପରେ ନଜର ରଖିବା ପାଇଁ ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ସକ୍ରିୟ କରାଯିବା ସହିତ ଦୁର୍ଗମ ଅଞ୍ଚଳରେ ଆଗୁଆ ଖାଦ୍ୟ ଓ ସୁରକ୍ଷିତ ପାନୀୟ ଜଳ ମହଜୁଦ ରଖାଯିବ। ଏହା ସହିତ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ସହ ଉଦ୍ଧାର କାର୍ଯ୍ୟ ପାଇଁ ଡଙ୍ଗା ଓ ପାୱାର ବୋଟ୍ ମୁତୟନ, ଆଶ୍ରୟସ୍ଥଳୀଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପରିମଳ ସେବା ଏବଂ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯିବ। ବିଶେଷ କରି ଓଡିଆର୍‌ଏଏଫ୍, ଏନ୍‌ଡିଆର୍‌ଏଫ୍, ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ଏବଂ ସ୍ଥାନୀୟ ପ୍ରତିନିଧିମାନଙ୍କ ସହ ପ୍ରଶାସନିକ ସମନ୍ୱୟ ରକ୍ଷା କରି ସମସ୍ତ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ବୈଠକରେ ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆପାତକାଳୀନ ଅଧିକାରୀ ବିରଞ୍ଚି ଧାରୁଆ ପରିଚାଳନା କରିଥିଲେ।

ଏହି ଅବସରରେ ଫୁଲବାଣୀ ଉପ-ଜିଲ୍ଲାପାଳ ଭିକାରୀ ସାହୁ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଯୁଧିଷ୍ଠିର ମେହେର, ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ଆଜି ଆମ ଆଦମୀ ପାର୍ଟିର ପ୍ରସ୍ତୁତି ବୈଠକ




**କେନ୍ଦ୍ରାପଡ଼ା, ୨୩।୫ (ସଂଚାର ବ୍ୟୁରୋ):** ଆମ୍ ଆଦମୀ ପାର୍ଟି ପକ୍ଷରୁ ସହରର ଖଡିଅଙ୍ଗସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାର୍ଟିର ଉପସଭାପତି ବାନାମ୍ବାର ସାହୁ ଯୋଗଦେଇ କହିଲେ ଆମ୍ ଆଦମୀ ପାର୍ଟି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍ରିୱାଲଙ୍କ ନିର୍ଦ୍ଦେଶରେ ଓଡ଼ିଶାରେ ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପଞ୍ଚାୟତ ଏବଂ ପୌରପରିଷଦ ନିର୍ବାଚନ ପାଇଁ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରରେ ଚଳିତମାସ ୨୪ ତାରିଖ (ରବିବାର) ଦିନ ଅନୁଷ୍ଠିତ ହେବାକୁ ଯାଉଛି । ଏହି ସମ୍ମିଳନୀକୁ ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂ ଏବଂ ଓଡ଼ିଶା ପ୍ରଭାରୀ ଦିଲ୍ଲୀ କ୍ୟାର ବିଧାୟକ ବୀରେନ୍ଦ୍ର ସିଂ କାଡିଆନ୍ ସମ୍ବୋଧିତ କରିବେ ।

ଉକ୍ତ ପ୍ରସ୍ତୁତି ବୈଠକରେ ଆଗାମୀ ଦିନରେ ସଂଗଠନକୁ ବୁଥ୍ ଲେବେଲ୍ ପର୍ଯ୍ୟନ୍ତ ନେବା ପାଇଁ ରଣନୀତି ପ୍ରସ୍ତୁତ ହେବା ସହିତ ପଞ୍ଚାୟତ ଏବଂ ପୌରପରିଷଦ ସ୍ତରରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ସ୍ଥିରୀକୃତ ହେବ । ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାରେ ଜନସାଧାରଣଙ୍କ ପାଇଁ ଆମ୍ ଆଦମୀ ପାର୍ଟିକୁ ଏକ ଶକ୍ତିଶାଳୀ ବିକଳ୍ପ ଭାବରେ ପ୍ରସ୍ତୁତ କରିବା ପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ କେଜ୍ରିୱାଲ ସ୍ପଷ୍ଟ ନିର୍ଦ୍ଦେଶ ଦେବା ସହିତ କେନ୍ଦ୍ରୀୟ ନେତୃତ୍ୱ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଆପ୍ ଓଡ଼ିଶାର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଏଥିପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ସମସ୍ତ ନେତୃ ମଣ୍ଡଳୀଙ୍କୁ ସାଧୁବାଦ୍ ଜଣାଇବା ସହିତ ଓଡ଼ିଶାର ଦେବତୁଲ୍ୟ କାର୍ଯ୍ୟକର୍ତାଙ୍କୁ ଉତ୍ସାହ ଏବଂ ସମର୍ପଣ ଭାବ ସହିତ କାମ କରିବା ନିମନ୍ତେ ଆହ୍ୱାନ ଜଣାଇଛନ୍ତି ।

କେନ୍ଦ୍ରୀୟ ନେତୃତ୍ୱଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଗାମୀ ତିନି ମାସ ମଧ୍ୟରେ ସଂଗଠନ ନିର୍ମାଣ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବା ପାଇଁ ଆଗାମୀ ୨୪ ତାରିଖରେ ପ୍ରସ୍ତୁତ ହେଉଥିବା ରଣନୀତିକୁ ସ୍ୱାଗତ କରିଛନ୍ତି । ଆସନ୍ତା ୨୪ ତାରିଖ ଭୁବନେଶ୍ୱର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଶତାଧିକ କାର୍ଯ୍ୟକର୍ତା ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## ପ୍ରତିଭା ମହାନ୍ତିଙ୍କ ୧୮ତମ ବାର୍ଷିକ ଉତ୍ସବ ପାଳିତ



**ଯାଜପୁର ରୋଡ୍, ୨୩।୫ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରପାଳିକାର ପ୍ରଥମ ମହିଳା ପାରିଷଦ ସ୍ୱର୍ଗତ ପ୍ରତିଭା ମହାନ୍ତିଙ୍କ ୧୮ତମ ବାର୍ଷିକ ଉତ୍ସବ ଯାଜପୁର ରୋଡ଼ ସିଭିଲ ସୋସାଇଟି ପକ୍ଷରୁ ସ୍ଥାନୀୟ ରୟାଲ କଳିଙ୍ଗ ହୋଟେଲ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଞ୍ଜଳି, ଆଲୋଚନା ଓ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଂଚଳର ସୁନାମଧନ୍ୟ ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ନେତୃତ୍ୱ ଓ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ କୋରେଇ ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାସନଗର ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷା ଶ୍ରୀମତୀ ସବିତା ରାଉତ, ଶ୍ରୀମତୀ ବନ୍ଦିତା ପରିଡ଼ା, ରସାନନ୍ଦ ମହାନ୍ତି, ଶ୍ରୀମତୀ ସସ୍ମିତା ସ୍ୱାଇଁ, ପ୍ରଫୁଲ୍ଲ ନାୟକ, ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ବ୍ୟାସନଗର ମାଟିର ଅନେକ ପ୍ରତିଭାଙ୍କ ସମେତ ନାରୀ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅତିଥି ଓ ବକ୍ତାମାନେ ବ୍ୟାସନଗରର ପ୍ରଥମ ମହିଳା ପାରିଷଦ ସ୍ୱର୍ଗତ ପ୍ରତିଭା ମହାନ୍ତିଙ୍କର ଏଇ ସହର ପ୍ରତି ରହିଥିବା ଅତୁଳନୀୟ ଅବଦାନ ଏବଂ ତାଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ। ଅଂଚଳର ଶିକ୍ଷାବିତ୍, ସାମ୍ବାଦିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଲେଖକ, ଲେଖିକା, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ବିଭିନ୍ନ ବର୍ଗର ଜନସାଧାରଣ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ ଲେଖିକା ବ୍ରଜେଶ୍ୱରୀ ସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନାରୀ ଅଧିକାରକୁ ନେଇ ବିଜେଡିର ପଦଯାତ୍ରା




**ବାରିପଦା, ୨୩।୫ (ସଂଚାର ବ୍ୟୁରୋ):** ନାରୀ ଅଧିକାର କୁ ସମ୍ମାନ ଜଣାଇ ଆଜି ବାରିପଦା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାଣ୍ଡି ଙ୍କ ନେତୃତ୍ୱ ରେ ଆୟୋଜିତ ଏହି ନାରୀ ଅଧିକାର ଲଢେଇ ପଦଯାତ୍ରା ରେ ବହୁତ ସଂଖ୍ୟାରେ ମହିଳା ଯୋଗ ଦେଇ କେନ୍ଦ୍ର ସରକାରଙ୍କର ଦୋ ମୁହାଁ ନୀତିକୁ ନିନ୍ଦା କରିଥିଲେ। ବିଜୁ ଭବନ ଠାରୁ ଏହି ବିଶାଳ ପଦଯାତ୍ରା ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ ଠାରେ ପହଂଚି ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକ ସଭା ସାନନ୍ଦ ମାଣ୍ଡିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରିୟବ୍ରତ ମାଝୀ ଓ ଭାରତୀ ସିଂଙ୍କ ସମେତ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସୁଦାମ ମାଣ୍ଡି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ମୟୁରଭଞ୍ଜ ସଦର ସଭାପତି ଡ଼. ଦେବାଶିଷ ମାଣ୍ଡି, ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ଦୀପକ ମଢୁଆଲ, ଉପନଗରପାଳ ସୀମା ଦାସ, ମହିଳା ଜୋନାଲ ସଭାପତି ପ୍ରୀତିନନ୍ଦା କାନୁନଗୋ, ମହିଳା ରାଜ୍ୟ ସମ୍ପାଦକ ଶ୍ରାବଣୀ ଦାସ, କାଉନସିଲର ସୁକେଶିନି ସେଠୀ, ଅନୁରାଧା ମହାନ୍ତି, ରାଜ ଗୁପ୍ତା, ପୂଜା ତୋରେଇଙ୍କ ସମେତ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ଥିଲେ ।

**ଗୋଲଡେନ ସ୍ପୋର୍ଟ୍ସ କ୍ଲବ୍‌ର ଅନ୍ତଃଜିଲ୍ଲା ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ**

# ଆରବିକେ କଲୋନୀକୁ ହରାଇ ଚଣାଲିମା ଚାମ୍ପିଅନ୍

**ଲାଞ୍ଜିଗଡ଼,୨୩।୫ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ନିୟମଗିରି ବେଦାନ୍ତ ନଗର ଖେଳପଡ଼ିଆଠାରେ ଗୋଲଡେନ ସ୍ପୋର୍ଟ୍ସ କ୍ଲବ ଏବଂ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ଼ ମିଳିତ ଆନୁକୂଲ୍ୟରେ ୧୧ ତମ ଅନ୍ତଃଜିଲ୍ଲା ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ମ୍ୟାଚ୍ ଆରବିକେ କଲୋନୀ ଓ ଚଣାଲିମା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆରବିକେ କଲୋନୀ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭର ବିନିମୟରେ ସମସ୍ତ ଉଇକେଟ୍ ହରାଇ ୧୪୧ ରନ୍ କରିଥିଲେ। ଏହାର ଜବାବରେ ଚଣାଲିମା ଦଳ ୧୨ ଓଭର ୪ ବଲ ବିନିମୟରେ ୫ ଉଇକେଟ୍ ହରାଇ ୧୪୪ ରନ୍ ସଂଗ୍ରହ କରି ଆରବିକେ ଦଳ ଠାରୁ ବିଜୟ ଲାଭ କରି ଚାମ୍ପିଅନ ହେଇଥିଲା।




ଉକ୍ତ ଫାଇନାଲ ମ୍ୟାଚରେ ଜିତେନ୍ ମାଝୀ ଓ ବିଶାଳ ପାଣି ଖେଳ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ଦିଲ୍ଲୀପ ମାଝୀ ଓ ଶ୍ରୀମୁଖି ଅଗସ୍ତି ସହଯୋଗ କରିଥିଲେ। ସେହିପରି ସ୍କୋର ବୋର୍ଡରେ ବିରଞ୍ଚି ମାଝୀ ସହଯୋଗ କରିଥିଲେ। ଏହି ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ଼ ବାହ୍ୟ ବ୍ୟାପାର ବିଭାଗର ମୁଖ୍ୟ ପ୍ରବୀଣ କୁମାର ଦାସ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ସିଏସ୍ ଆର ମୁଖ୍ୟ ଶିଶିର ତରଫଦାର, ଜଗନ୍ନାଥ ପୁର ସମିତି ସଭ୍ୟ ପ୍ରଦୀପ ମାଝୀ, ଲାଞ୍ଜିଗଡ଼ ସିଆରସିସି ଜଳନ୍ଦର ମାଝୀ, ପୁଙ୍ଗରି ମାଝୀ,ଦଶରଥ ମାଝୀ, ଶିକ୍ଷକ ମଧୁସୂଦନ ବାଗ, ତିରନ୍ଦାଜ କୋଚ ଶୀମାଞ୍ଚଳ କାତ୍ରାକା, ବେଦାନ୍ତ ପକ୍ଷରୁ ଭଗବାନ ହୋତା, ଶାନ୍ତାନୁ ବିଶି,କୀରଣ ପଟ୍ଟନାୟକ, ଶ୍ରୀମୁଖି ଅଗସ୍ତି, ସୁଶମ୍ଜିତ ବୁଢ଼ିଆ, , ସାମ୍ବାଦିକ କ୍ଷମାନିଧି ମହାଖୁଡ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ପ୍ରତିଯୋଗିତା ଗତ ମେ ୧୧ ତାରିଖରେ ଆରମ୍ଭ ହୋଇ ଗୁରୁବାର ଫାଇନାଲ ମ୍ୟାଚ ଖେଳା ଯାଇଥିବା ବେଳେ ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ବିଜେତାଙ୍କୁ ଟ୍ରଫି, ମେଡାଲ ସହ ୫୫,୫୫୫ ଟଙ୍କା ଏବଂ ଉପ ବିଜେତାଙ୍କୁ ଟ୍ରଫି, ମେଡାଲ ସହ ୩୩,୩୩୩ ଟଙ୍କାର ପୁରସ୍କାର ରାଶି ଚେକ ଦ୍ୱାରା ପ୍ରଦାନ କରାଗଲା।

## ବ୍ୟାସନଗର ପ୍ରେସ ଫୋରମର ସାଧାରଣ ପରିଷଦ ବୈଠକ ଓ ବାର୍ଷିକ ପ୍ରସ୍ତୁତି ଖସଡ଼ା




**ଯାଜପୁର ରୋଡ଼, ୨୩।୫ (ସଂଚାର ବ୍ୟୁରୋ):** ବ୍ୟାସନଗର ପ୍ରେସ ଫୋରମର ସାଧାରଣ ପରିଷଦର ବୈଠକ ଓ ବାର୍ଷିକ କାର୍ଯ୍ୟପନ୍ଥା ନେଇ ପ୍ରସ୍ତୁତି ଖସଡା ଅନୁଷ୍ଠିତ ହୋଇଥଲା । ଏନେଇ ଆଜି ଜେମ୍ସ ସ୍କୁଲ ପରିସରରେ ଥିବା ଫୋରମ କାର୍ଯ୍ୟାଳୟରେ ସଭାପତି ଡଃ ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନର ମୁଖ୍ୟ ପରାମର୍ଶ ଦାତା ଉଦୟ ନାଥ ଖଣ୍ଡାଇ ଗତ ବାର୍ଷିକ ଉତ୍ସବ ସଂପର୍କରେ ସମୀକ୍ଷା କରିଥିଲେ । ଆସନ୍ତା ବର୍ଷଲାଗି ଫୋରମର କାର୍ଯ୍ୟପନ୍ଥା ସଂପର୍କରେ ସଂପାଦକ ମଳୟ କୁମାର ମଲ୍ଲିକ ସୂଚନା ଦେଇଥିଲେ ଯେ ଜୁଲାଇ ମାସ ୧୫ତାରଖରେ ବୃକ୍ଷରୋପଣ, ନଭେମ୍ବର ମାସରେ ବ୍ୟାସ ମିଡ଼ିଆ କପ ଓ ଡିସେମ୍ବର ମାସରେ ମହିଳା ମାନଙ୍କ ଦ୍ୱାରା ପିଠା ପ୍ରତିଯୋଗିତା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଚିତ୍ରାଙ୍କନ ପ୍ରତିଯୋଗିତ ଅନୁଷ୍ଠିତ ହେବ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ଜାନୁଆରୀ ୧୦ ତାରିଖରେ ହେବାକୁ ଥିବା ଫୋରମର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବା ନେଇ ଉପସ୍ଥାପନା କରିଥିଲେ ।

ଏହି ଅବସରରେ ଫୋରମର ନୂତନ ସଦସ୍ୟ ଲାଗି ଆବେଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ସଭାପତି ଡକ୍ଟର ପତି ଅନୁମୋଦନ କରିଥିଲେ । ଏଥି ସହିତ ପ୍ରତିବର୍ଷପରି ଚଳିତ ବର୍ଷ ମଧ୍ୟ ଫୋରମ ପକ୍ଷରୁ ପଖାଳ ଭୋଜିର ଆୟୋଜନ କରାଯାଇଥିଲା ।

ସଂଚାର SANCHAR
ରବିବାର ୨୪ ମେ ୨୦୨୬

# ସ୍ୱାସ୍ଥ୍ୟ




# ଗର୍ଭାବସ୍ଥାରେ ହିମୋଗ୍ଲୋବିନ୍ ଯାଞ୍ଚ ସ୍ୱାସ୍ଥ୍ୟ ପାଇଁ ଜରୁରୀ

ହିମୋଗ୍ଲୋବିନ ହେଉଛି ଆମ ଲୋହିତ ରକ୍ତ କଣିକା (ଆରବିସି)ରେ ମିଳୁଥିବା ଏକ ପ୍ରୋଟିନ୍। ଏହାର ପ୍ରାଥମିକ କାର୍ଯ୍ୟ ହେଉଛି ଫୁସ୍‌ଫୁସ୍‌ରୁ ଶରୀରର ପ୍ରତ୍ୟେକ ଅଂଶକୁ ଅମ୍ଳଜାନ ପରିବହନ କରିବା ଏବଂ କାର୍ବନ ଡାଇଅକ୍ସାଇଡ୍ ବାହାର କରିବା। ଶରୀରରେ ପର୍ଯ୍ୟାପ୍ତ ପରିମାଣର ହିମୋଗ୍ଲୋବିନ ରହିବା ଶକ୍ତିକୁ ବଜାୟ ରଖେ, ଥକ୍କାପଣ କମ୍ କରେ ଏବଂ ଅଙ୍ଗଗୁଡ଼ିକୁ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରେ। ଏହା ବ୍ୟତୀତ ହିମୋଗ୍ଲୋବିନ ଶରୀରରେ ରକ୍ତର ସଠିକ୍ ପରିମାଣ ଏବଂ ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରେ। ଏହା ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ ଶିଶୁର ବିକାଶ ସମ୍ପୂର୍ଣ୍ଣ ଭାବରେ ମା'ଙ୍କ ରକ୍ତ ଏବଂ ପୁଷ୍ଟିସାର ଉପରେ ନିର୍ଭର କରେ। ତେଣୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ହିମୋଗ୍ଲୋବିନ ଲେଭଲ୍ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହିମୋଗ୍ଲୋବିନ ଅଭାବ, କିମ୍ବା ରକ୍ତହୀନତା, ଶରୀରରେ ଅମ୍ଳଜାନ ଅନାହାର ସୃଷ୍ଟି କରେ, ଯାହା ଥକ୍କାପଣ, ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧା ଏବଂ ଦୁର୍ବଳତା ସୃଷ୍ଟି କରେ। ଗୁରୁତର ଅଭାବ ହାର୍ଟ ଏବଂ ଫୁସ୍‌ଫୁସ୍ ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିପାରେ। ଏହା ଧ୍ୟାନ ଏବଂ କାର୍ଯ୍ୟଦକ୍ଷତାକୁ ମଧ୍ୟ ପ୍ରଭାବିତ କରେ। ଦୀର୍ଘକାଳୀନ ହିମୋଗ୍ଲୋବିନ ଅଭାବ ଶରୀରର ଅଙ୍ଗ ଏବଂ ମାଂସପେଶୀକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ପାଇବାରୁ ବାଧା ଦେଇପାରେ, ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ତେଣୁ ନିୟମିତ ଭାବରେ ହିମୋଗ୍ଲୋବିନ ଲେଭଲ୍ ଯାଞ୍ଚ କରିବା ଏବଂ ଅଭାବ ଚିହ୍ନଟ ହେଲେ ସମୟୋଚିତ ଏବଂ ଉପଯୁକ୍ତ ପଦକ୍ଷେପ ନେବା ଗୁରୁତ୍ୱପୂର୍ଣ୍ଣ। ଜାଣନ୍ତୁ ପ୍ରେଗ୍‌ନାନ୍ସି ସମୟରେ ହିମୋଗ୍ଲୋବିନ ପରୀକ୍ଷା କାହିଁକି ଗୁରୁତ୍ୱପୂର୍ଣ୍ଣ...

ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, ଗର୍ଭାବସ୍ଥାରେ, ମା' ଏବଂ ଶିଶୁ ଉଭୟଙ୍କ ପାଇଁ ପର୍ଯ୍ୟାପ୍ତ ପୁଷ୍ଟି ଏବଂ ଅମ୍ଳଜାନ ସୁନିଶ୍ଚିତ କରିବା ପାଇଁ ଜଣେ ମହିଳାଙ୍କ ରକ୍ତ ପରିମାଣ ବୃଦ୍ଧି ପାଏ। ତଥାପି ଏହି ସମୟରେ ହିମୋଗ୍ଲୋବିନ ଲେଭଲ୍ ପ୍ରାୟତଃ ହ୍ରାସ ପାଏ କାରଣ ରକ୍ତରେ ଲୋହିତ ରକ୍ତ କଣିକା ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଏ ନାହିଁ। ଗର୍ଭାବସ୍ଥାରେ କମ୍ ହିମୋଗ୍ଲୋବିନ ଲେଭଲ୍ ମା'ଙ୍କଠାରେ ଥକ୍କାପଣ, ଦୁର୍ବଳତା ଏବଂ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ। ଯଦି ଅଭାବ ଗୁରୁତର ହୁଏ, ତେବେ ଏହା ହାର୍ଟ ଏବଂ ଫୁସଫୁସ ଉପରେ ଅଧିକ ଚାପ ପକାଇପାରେ ଏବଂ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିପାରେ। ଏହା ବ୍ୟତୀତ, କମ ହିମୋଗ୍ଲୋବିନ ଶିଶୁର ବିକାଶକୁ ପ୍ରଭାବିତ କରିପାରେ ଏବଂ ପ୍ରସବ ଜଟିଳତା, ଯେପରିକି ଅତ୍ୟଧିକ ରକ୍ତସ୍ରାବ କିମ୍ବା ସମୟ ପୂର୍ବରୁ ପ୍ରସବ ହେବାର ବିପଦ ବଢ଼ାଇପାରେ। ନିୟମିତ ଯାଞ୍ଚ ଆପଣଙ୍କ ଡାକ୍ତରଙ୍କୁ ଉପଯୁକ୍ତ ଖାଦ୍ୟ, ପରିପୂରକ ଏବଂ ଚିକିତ୍ସା ସୁପାରିଶ କରିବାରେ ସାହାଯ୍ୟ କରିପାରିବ, ଯାହା ମା ଏବଂ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବ।

- ପାଳଙ୍ଗ, ସବୁଜ ପନିପରିବା, ଡାଲି ଏବଂ ବାଦାମ ଭଳି ଆଇରନ ଯୁକ୍ତ ଖାଦ୍ୟ ଖାଆନ୍ତୁ
- ଭିଟାମିନ 'ସି'ଯୁକ୍ତ ଫଳ ଖାଆନ୍ତୁ
- ଡାକ୍ତରଙ୍କ ପରାମର୍ଶ ବିନା ସପ୍ଲିମେଣ୍ଟ କିମ୍ବା ଔଷଧ ଖାଆନ୍ତୁ ନାହିଁ
- ଦୃଢ଼ ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ନିଦ ଏବଂ ବିଶ୍ରାମ ନିଅନ୍ତୁ
- ଯଦି ଆପଣ ଦୁର୍ବଳ, ମୁଣ୍ଡ ବୁଲାଉଥିବା କିମ୍ବା କ୍ଳାନ୍ତ ଅନୁଭବ କରୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ରସୁଣ ଅନେକ ରୋଗର ରାମବାଣ

ସୁସ୍ଥ ରହିବାକୁ କିଏ ବା ନ ଚାହେଁ। ବର୍ତ୍ତମାନ ସମୟରେ ସୁସ୍ଥ ରହିବାକୁ ମଣିଷ ବହୁତ ପ୍ରକାରର କାର୍ଯ୍ୟ କରୁଛି। ଏଥି ସହ ଏପରି କିଛି ଲୋକ ଅଛନ୍ତି, ଯେଉଁମାନେ ଜିମ୍ ଯାଇ ନିଜକୁ ସୁସ୍ଥ ରଖୁଛନ୍ତି ତ ଆଉ କିଏ ମର୍ଣ୍ଣିଂ ୱାକ୍, ସାଇକେଲ୍ ରେସ୍ ଏପରି ସବୁ କରି ନିଜକୁ ଫିଟ୍ ରଖୁଛନ୍ତି। ତେବେ ଆସନ୍ତୁ ଜାଣିବା ଏକ ମସଲା ଜାତୀୟ ଦ୍ରବ୍ୟ ବିଷୟରେ ଯାହାକୁ ଆପଣାଇଲେ ଆମେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବା। ଏହି ମସଲା ଜାତୀୟ ଦ୍ରବ୍ୟର ନାମ ହେଉଛି ରସୁଣ। ରସୁଣ କେବଳ ଖାଦ୍ୟକୁ ସୁଆଦିଆ କରିଥାଏ ତାହା ନୁହଁ ବରଂ ଶରୀରକୁ ସୁସ୍ଥ ମଧ୍ୟ ରଖିଥାଏ। ଏହା ଘରୋଇ ଔଷଧ ଭାବେ ବହୁ ଉପକାରୀ ସାବ୍ୟସ୍ତ ହୋଇଥାଏ। ରସୁଣରେ ଥଣ୍ଡା, କାଶ, ରକ୍ତଚାପ ସହିତ କ୍ୟାନ୍ସରରୁ ରକ୍ଷା ପାଇବା ପାଇଁ ଅନେକ ତତ୍ତ୍ୱ ଭରପୁର ରହିଛି। ତେବେ ଆସନ୍ତୁ ଜାଣିବା ରସୁଣର ବିଭିନ୍ନ ଉପକାରିତା ବିଷୟରେ। ବିଭିନ୍ନ ଔଷଧୀୟ ଗୁଣରେ ଭରା ରସୁଣ। ଏଥିରେ ପ୍ରୋଟିନ୍, ଭିଟାମିନ୍ ଏ, ବି, ସି , ଭରପୁର ମାତ୍ରାରେ ରହିଥାଏ। ରସୁଣ ଖାଇବା ଦ୍ୱାରା ଶରୀରରେ ରୋଗପ୍ରତିଶୋଧକ କ୍ଷମତା ବଢ଼ିଥାଏ। ଏଥି ସହ ରସୁଣରେ ଥିବା ଆଲିସିନ୍ ନାମକ ଅଣ୍ଟିବାୟୋଟିକ୍ ଶରୀରକୁ ବିଭିନ୍ନ ରୋଗରୁ ମୁକ୍ତ ରଖିଥାଏ। ଏଥି ସହ ଜାଣିରଖନ୍ତୁ ଯେ, ଆୟୁର୍ବେଦରେ ରସୁଣକୁ ବିଭିନ୍ନ ରୋଗର ଔଷଧ ଭାବରେ ବ୍ୟବହାର କରାଯାଏ। ରସୁଣରେ ଆଣ୍ଟିସେପ୍ଟିକ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ପ୍ରଚୁର ପରିମାଣରେ ରହିଥାଏ। ରସୁଣ ଆମକୁ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ ମଧ୍ୟ କରିଥାଏ। ରସୁଣର ନିୟମିତ ସେବନ ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ବହୁ ମାତ୍ରାରେ କମ ହୋଇଥାଏ। ନିକଟରେ ହୋଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଏହା ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ୩୦-୪୦ ପ୍ରତିଶତ କମ ହୋଇଥାଏ। ଏଥିସହ ଉଚ୍ଚରକ୍ତଚାପକୁ ଦୂର କରିବାରେ ମଧ୍ୟ ରସୁଣ ବହୁ ଲାଭଦାୟକ ହୋଇଥାଏ। ଦୈନିକ ରସୁଣ ଖାଇବା ଦ୍ୱାରା କୋଲେଷ୍ଟ୍ରଲ କମ ହେବା ସହ ହୃଦଜନିତ ରୋଗର ସମ୍ଭାବନା ମଧ୍ୟ କମ ହୋଇଥାଏ। ଏଥି ସହ ଆପଣମାନେ ଜାଣିରଖନ୍ତୁ ଯେ, ରସୁଣ ଖାଇବା ଦ୍ୱାରା ଆମ ଶରୀର ସବୁବେଳେ ଗରମ ରହିଥାଏ, ଯାହା ଫଳରେ ଥଣ୍ଡା, କାଶ ଏବଂ ଛିଙ୍କ ଆଦିରୁ ରକ୍ଷା ପାଇବା ପାଇଁ ଏହା ବହୁ ଲାଭକାରୀ ପ୍ରମାଣିତ ହୋଇଥାଏ। ଏଥିରେ ଉପସ୍ଥିତ ଆଣ୍ଟିବ୍ୟାକ୍ଟେରିଆଲ ତତ୍ତ୍ୱ ଦାନ୍ତ ଏବଂ ମାଢ଼ି ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେଇଥାଏ।

ଦୈନିକ ରସୁଣ ଖାଉଥିବା ବ୍ୟକ୍ତିଙ୍କ ନିକଟରେ ରକ୍ତହିନତା ଦେଖାଯାଇ ନଥାଏ। ଏଥି ସହ ଏହା ବିଭିନ୍ନ ପ୍ରକାରର ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମଧ୍ୟ ରସୁଣ ଦ୍ୱାରା ଶୀଘ୍ର ଉପଶମ ମଳିଥାଏ। ରସୁଣ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ଏହା ଧମନୀରେ ଅବରୋଧକୁ ଦୂର କରିବାରେ ସାହାଯ୍ୟ କରିଥାଏ। ରସୁଣ ଖାଇବା ହାର୍ଟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏଥି ସହ ଜାଣିରଖନ୍ତୁ ଯେ, ଲିଭରକୁ ସୁସ୍ଥ ରଖିବା ପାଇଁ ରସୁଣ ଖାଇବା ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଆପଣ ଜାଣିଛନ୍ତି କି ରସୁଣ ହଜମ ଏବଂ ଗ୍ୟାସ୍ ସମସ୍ୟାକୁ ବହୁତ ମାତ୍ରାରେ କମ୍ କରିଥାଏ। ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ରସୁଣ ଖାଇବା ଲାଭଦାୟକ ବୋଲି ବିବେଚନା କରାଯାଏ। ମଧୁମେହ ରୋଗୀଙ୍କ ପାଇଁ କଞ୍ଚା ରସୁଣ ଖାଇବା ହିତକର ହୋଇପାରେ। କାରଣ ଏହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରେ। ଏଥି ସହ ଯଦି ଆପଣ ପ୍ରତ୍ୟେକ ଦିନ ଆପଣଙ୍କ ଖାଦ୍ୟରେ ରସୁଣକୁ ସାମିଲ୍ କରନ୍ତି, ତେବେ ଅନେକ ପ୍ରକାରର ସମସ୍ୟାରୁ ରିଲାକ୍ସ ପାଇପାରିବେ।



# ତକିଆ ବି ଡାକିଆଣେ ରୋଗ



ଅଧିକାଂଶ ଲୋକ ତକିଆ ବ୍ୟବହାର କରିଥାନ୍ତି। ଭଲ ନିଦ ଓ ବେକର ଆରାମ ପାଇଁ ଏହାର ବ୍ୟବହାର ହୋଇଥାଏ। କିଛିଲୋକ ବହୁ ଦିନ ଧରି ସମାନ ତକିଆକୁ ବ୍ୟବହାର କରିଥାନ୍ତି। ତେବେ ଆପଣ ଜାଣନ୍ତି କି, ଗୋଟିଏ ତକିଆକୁ ମୋଟାମୋଟି କେତେ ଦିନ ବ୍ୟବହାର କରିବା ଉଚିତ। କାରଣ ଉପରେ ସଫାସୁତରା ଲାଗୁଥିଲେ ବି ଏହା ଭିତରେ ଧୂଳି, ଝାଳ, ଆଲର୍ଜି ସୃଷ୍ଟିକାରୀ ଉପାଦାନ ଓ ବ୍ୟାକ୍ଟେରିଆ ଜମା ହୋଇଥାନ୍ତି, ଯାହା ଆପଣଙ୍କ ନିଦ ସହ ଦେହ ଖରାପର କାରଣ ହୋଇପାରେ। ରାତିରେ ଶୋଇବା ସମୟରେ ଦେହରୁ ନିର୍ଗତ ହେଉଥିବା ଝାଳ, ଆମେ ମୁଣ୍ଡରେ ବ୍ୟବହାର କରୁଥିବା ତେଲ ଓ ଚର୍ମର ମୃତ କୋଷିକା ତକିଆରେ ଜମା ହୋଇଯାଇଥାନ୍ତି। କିଛିଦିନ ପରେ ଏଥିରେ ଧୂଳିକଣା ଓ କୀଟାଣୁ ସୃଷ୍ଟି ହୋଇ ପାରନ୍ତି। ଏହାଯୋଗୁଁ ଆପଣଙ୍କ ତକିଆ ଆଲର୍ଜି, ବେକ ବଥା ଓ ବିଭିନ୍ନ ଚର୍ମ ସମସ୍ୟାର କାରଣ ହୋଇପାରେ। କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ସକାଳୁ ଉଠୁ ଉଠୁ ଅତ୍ୟଧିକ ଛିଙ୍କ ସହ ମୁଣ୍ଡବଥା ହୋଇଥାଏ। ଏହାର କାରଣ ସେହି ତକିଆ ହିଁ ହୋଇପାରେ। ସମୟ ଗଡ଼ିବା ସହ ଆପଣଙ୍କ ତକିଆର ତୁଳା ବି ଖରାପ ହୋଇଯାଇଥାଏ।

ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ତକିଆକୁ ପ୍ରତି ବର୍ଷେ ବା ଦୁଇ ବର୍ଷ ଭିତରେ ବଦଳାଇବା ଦରକାର। ତକିଆ କେଉଁ ଉପାଦାନରେ ତିଆରି ଓ ଏହାର କେତେ ବ୍ୟବହାର ହେଉଛି, ତା' ଉପରେ ଏହା ନିର୍ଭର କରିଥାଏ। ତୁଳା ଓ ଫାଇବର୍ ତକିଆ ଶୀଘ୍ର ଖରାପ ହୋଇପାରେ। ତେବେ ଫୋମ୍ ବା ଲାଟେକ୍‌ସ ତକିଆ ଟିକେ ଅଧିକ ସମୟ କାମରେ ଆସିଥାଏ। ଏହାବାଦ୍ ତକିଆକୁ ଦବାଇଲେ ଯଦି ଏହା ତା'ର ପୁରୁଣା ଆକାରକୁ ଆସୁନାହିଁ, ତେବେ ତାକୁ ବଦଳାଇବା ଦରକାର। ସେହିପରି ତକିଆ ଭିତରେ ଗଣ୍ଠି ପଡ଼ିବା ଅନୁଭୂତ ହେଲେ, ଶୋଇଲା ବେଳେ ବେକ ଓ କାନ୍ଧରେ ଦରଜ ହେଲେ, ଏହାର ବ୍ୟବହାର ବେଳେ ଅତ୍ୟଧିକ ଛିଙ୍କ ହେଲେ ବା ଦୁର୍ଗନ୍ଧ ବାହାରିଲେ ତକିଆକୁ ତୁରନ୍ତ ବଦଳାଇବା ଭଲ। ତକିଆକୁ ନିୟମିତ ସଫା କରିବା ସହ ଏହାର ଖୋଳକୁ ଦୁଇରୁ ତିନି ଦିନ ଭିତରେ ବଦଳାନ୍ତୁ। ଏଥିସହିତ ତକିଆକୁ ସପ୍ତାହରେ ଥରେ ନିଶ୍ଚୟଖରାରେ ଦିଅନ୍ତୁ।

# ଖରାଦିନେ ଖାଆନ୍ତୁ ଜାମୁକୋଳି

ପ୍ରତ୍ୟେକ ଫଳରେ କିଛି ନା କିଛି ଔଷଧୀୟ ଗୁଣ ରହିଛି। ବର୍ତ୍ତମାନ ସମୟରେ ପିଜା, ବର୍ଗର ଏବଂ ଜଙ୍କ୍ ଫୁଡ୍ ଭଳି ଖାଦ୍ୟକୁ ସମସ୍ତେ ଖାଇବାକୁ ଖୁବ୍ ପସନ୍ଦ କରୁଛନ୍ତି। କିନ୍ତୁ ଦେହକୁ ହିତକାରୀ ଫଳ ଖାଇବାକୁ ଅଣଦେଖା କରୁଛନ୍ତି। ସେହିପରି ଜାମୁକୋଳି ଏଭଳି ଏକ ଫଳ। ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। ବିଶେଷ କରି ଏହି ଫଳ ଖରାଦିନ ପାଇଁ ଖୁବ୍ ଗୁଣକାରୀ ବୋଲି ସାବ୍ୟସ୍ତ ହୋଇଛି। ଏହା ଆଖିକୁ ଯେତିକି ସୁନ୍ଦର ଦିଶିଥାଏ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭକାରୀ ହୋଇଥାଏ। ଆୟୁର୍ବେଦରେ ଏହାକୁ ଔଷଧ ଭାବେ ବିବେଚନା କରାଯାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଫସଫରସ୍, କ୍ୟାଲସିୟମରେ ଭରପୂର। ଏଥିରେ ଶରୀର ପାଇଁ ଆବଶ୍ୟକ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମଧ ରହିଛି। ଯାହା ଅନେକ ସମସ୍ୟାକୁ ରୋକିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଏହାକୁ ଖରାଦିନେ ଖାଇବା ଦ୍ୱାରା କେଉଁ ସବୁ ଲାଭ ମିଳିଥାଏ ସେ ସମ୍ପର୍କରେ ଜାଣିବା। ଡାଇବେଟିସ୍ ରୋଗୀଙ୍କ ପାଇଁ ଜାମୁକୋଳି ବରଦାନ ସଦୃଶ ହୋଇଥାଏ। ଏଥିରେ ଜାମ୍ବୋଲାଇନ୍ ନାମକ ଏକ ତତ୍ତ୍ୱ ଥାଏ। ଯାହା ଷ୍ଟାର୍ଚକୁ ସୁଗାରରେ ପରିଣତ କରିବାକୁ ରୋକିଥାଏ। କେବଳ ଫଳ ନୁହେଁ ବରଂ ଏହାର ମଞ୍ଜିର ପାଉଡର ମଧ ସୁଗାର ଲେବଲକୁ ନିୟନ୍ତ୍ରଣରେ ରଖିଥାଏ। ଖରାଦିନେ ସାଧାରଣତଃ ପାଚନ ପ୍ରକ୍ରିୟା କମ୍ ହୋଇଥାଏ। ଫଳରେ ଗ୍ୟାସ୍, ବଦହଜମୀ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଦିଏ। ଜାମୁକୋଳିରେ ଫାଇବର ଏବଂ କପର ଥିବାରୁ ଏହା ପାଚନ କ୍ରିୟାକୁ ମଜବୁତ କରେ। ଡାଇରିଆ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ଜାମୁକୋଳିରେ ପ୍ରଚୁର ପରିମାଣର ଭିଟାମିନ୍ C ଏବଂ ଆଣ୍ଟି ଅକ୍ସିଡାଣ୍ଟ ଥାଏ। ଯାହା ଖରା ଗରମରୁ ସୂର୍ଯ୍ୟର କ୍ଷତିକାରକ ରଶ୍ମିରୁ ରକ୍ଷା କରି ନ୍ୟାଚୁରାଲ ଗ୍ଲୋ ଦେଇଥାଏ। ଏଥିସହ ଏହା ଖାଇବା ଦ୍ୱାରା ରକ୍ତକୁ ସଫା ରଖେ। ତେଣୁ ବ୍ରଣ, ଦାଗ ଦୂର କରି ମୁହଁରେ ନ୍ୟାଚୁରାଲ ଗ୍ଲୋ ଆଣିବାରେ ସାହାଯ୍ୟ କରେ। ଏଥିରେ ପୋଟାସିୟମ୍ ଭରପୂର ଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ। ନିୟମିତ ଏହାକୁ ଖାଇବା ଦ୍ୱାରା ଧମନୀକୁ ସୁସ୍ଥ ରଖିବା ସହିତ ହାର୍ଟ ଷ୍ଟ୍ରୋକର ଆଶଙ୍କାକୁ କମ୍ କରିଥାଏ। ଗରମ ଯୋଗୁଁ ଆମେ ଶୀଘ୍ର ଦୁର୍ବଳତାର ଶିକାର ହୋଇଥାଏ। ତେଣୁ ଇମ୍ୟୁନିଟି ପାୱାରକୁ ବଢାଇବା ପାଇଁ ଜାମୁକୋଳି ଖୁବ୍ ଭଲ ବିକଳ୍ପ। ଏଥିରେ ଥିବା ଆଇରନ୍ ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରେ। ଯାହା ରକ୍ତହୀନତା ଦୂର କରିବାରେ ସାହାଯ୍ୟ କରେ। ଏହା ସହିତ, ଏହାର ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ।



# ଡାଳିମ୍ବ ଖାଇଲେ ରକ୍ତହୀନତା ରୋଗ ଦୂରହୁଏ

ଆପଣ ମାନେ ତ ଜାଣିଥିବେ ଆଜିକାଲି ସମସ୍ତେ ନିଜକୁ ଫିଟ୍ ଓ ସୁସ୍ଥ ରଖିବା ପାଇଁ ବିଭିନ୍ନ ପ୍ରକାରର ସବୁଜ ପନିପରିବା ଓ ଫଳ ଖାଇଥାନ୍ତି। ସେଥିମଧ୍ୟରୁ ଡାଳିମ୍ବ ହେଉଛି ଅନ୍ୟତମ। ଲୋକଙ୍କ ଅନୁସାରେ ଡାଳିମ୍ବରେ ଆଇରନ୍ ରହିଥାଏ। ଯାହା ଶରୀରରେ ରକ୍ତର ମାତ୍ରାକୁ ବଢାଇଥାଏ। ଲୋକ କିଛି ବି ଖାଦ୍ୟ ପଦାର୍ଥକୁ ଅତି ସହଜରେ ମନେ ରଖିବା ପାଇଁ ଶରୀରର ବିଭିନ୍ନ ଅଙ୍ଗ ସହ ଜଡିତ କରିଦିଅନ୍ତି। ଯେମିତିକି କିଡନୀ ପାଇଁ ବିନ୍ସ, ମସ୍ତିସ୍କ ପାଇଁ ଅଖରୋଟ ଓ ରକ୍ତ ପାଇଁ ଡାଳିମ୍ବର ଆବଶ୍ୟକତା ଥାଏ। ଗୁଡଗାଓଁର କ୍ଲିନିକାଲ୍ ନ୍ୟୁଟ୍ରିସନ୍ ମୁଖ୍ୟ ଡକ୍ଟର ଦୀପ୍ତି ଖାଟୁଜାଙ୍କ କହିବା ଅନୁସାରେ, ଡାଳିମ୍ବ ସ୍ୱାସ୍ଥ୍ୟ ପାଇଁ ଭଲ। ଏହା ଆଣ୍ଟିଅକ୍ସିଡେଣ୍ଟ ଇମ୍ୟୁନିଟି ବଢେଇବାରେ ସାହାଯ୍ୟ କରିଥାଏ। ବେଳେ ବେଳେ ଏମିତି ହୋଇଥାଏ କି ଡାଳିମ୍ବର ରଙ୍ଗ ସହ ମଧ୍ୟ ଯୋଡାଯାଇଥାଏ, ଯେମିତିକି ଡାଳିମ୍ବ ଲାଲ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତର ମାତ୍ରା ବଢିଥାଏ। କିନ୍ତୁ ବାସ୍ତବରେ ଏମିତି ହୋଇନଥାଏ। ଡାଳିମ୍ବରେ ଆଣ୍ଡିଓକ୍ସିଡାନ୍ସ, ପଲିଫେନୋଲିକ୍ ଯୌଗିକ ସହ ପୁନିକାଲାଜିନ୍ସ, ଆନ୍ଥୋସାୟାନିସ୍ ଓ ହାଇଡ୍ରୋଲାଇଜାବୁଲ ଟାନିସ୍ ଭରପୁର ପରିପାଣରେ ଥାଏ। ଯାହାକି ଆପଣଙ୍କର କୋଷଗୁଡିକୁ ମୁକ୍ତ କଣିକା ସଂକ୍ରମଣରୁ ରକ୍ଷା କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଡାଳିମ୍ବରେ ଥିବା ଯୌଗିକଗୁଡିକରେ କର୍କଟ ବିରୋଧୀ ଗୁଣ ଥାଏ। ଏହା ଦ୍ୱାରା ଯକୃତ କର୍କଟ ରୋଗର ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୍ୟୁମର ବୃଦ୍ଧିକୁ ହ୍ରାସ କରିବା ସହ ରକ୍ତଚାପ, ପ୍ଲାଜମା, ଛାତିର ଯନ୍ତ୍ରଣାକୁ କମାଇଥାଏ।



## ପେଟ ପାଟଣା ଆଗରେ ହାର ମାନିଛି ତାତି
### ଲୁହାକୁ ଦେଉଛନ୍ତି ନୂଆ ରୂପରେଖ



କାକଟପୁର/ଅସ୍ତରଙ୍ଗ, ୨୩।୫(ସଂଚାର ବ୍ୟୁରୋ): ସେତେବେଳେ ପେଟ ଭୋକ, ମଣିଷ କୁ କନ୍ଦାଏ। ଅଭାବ ସାରା ଦିନ ଆଉଟୁ ପାଉଟୁ କରେ ସେତେବେଳେ ଜୀବନକୁ କୌଣସି ପ୍ରକାରୁ ନେବାକୁ ପ୍ରସ୍ତୁତ ଥାଏ ମଣିଷ। କମାର ଶାଳର ନିଆଁ ସହିତ ଖେଳୁଥିବା ଏମାନେ ଜଣେ ଜଣେ ସୁଦକ୍ଷ କାରିଗର। ନିଆଁର ଝାସକୁ ସହିଯାଇ ଦେହର ଝାଳକୁ ନିଜ ପିଣ୍ଡାବସ୍ତ୍ରରେ ପୋଛି ଏମାନେ ଜଣେ କାରିଗର। ଏମାନେ ପ୍ରତିଦିନ ଗରମ ଲୁହାକୁ ଭିନ୍ନ ଏକ ରୂପ ଦିଅନ୍ତି। ଏଠି ହାତୁଡ଼ି ରେ ପାହାର ପଡିଲେ ସେଠି ଘରେ ଚୁଲି ଜଳେ। ଏଠି ନିଆଁ ସହ ସମୟ ବିତାଇଲେ ସେଠି ପରିବାର ଚଳେ। ପ୍ରଚଣ୍ଡ ଖରା, ଶୁନଶାନ ରାସ୍ତାଘାଟ ଭିତରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ସାପ୍ତାହିକ ହାଟ ମଧ୍ୟରେ କମାର ଶାଳ। ସେପଟେ ବାହାର ଗରମକୁ ଖାତିରି ନ କରି ପରିବାର ପାଇଁ ପାହାର ପଡୁଥିଲା ଲୁହା ଉପରେ। ନିଜର ବର୍ଷ ବର୍ଷର ବୃତ୍ତି ଆଗରେ ସବୁ କଷ୍ଟକୁ ସ୍ୱୀକାର କରିଛନ୍ତି କମାର। ଜ୍ୱଳନ୍ତ ଅଙ୍ଗାର ନିଆଁରେ ଗରମ ଲୁହାକୁ ହାତୁଡିରେ ପିଟି ତିଆରି କରୁଛନ୍ତି କୋଦାଳ, ଦାଆ, କୋଡ଼ି ସହ ଅନ୍ୟାନ୍ୟ ଲୁହା ସାମଗ୍ରୀ। କାରଣ ଗ୍ରାହକଙ୍କୁ ଜବାବ ଦେଇଛନ୍ତି ଠିକ ସମୟରେ ଜିନିଷ ଦେବେ। ପୂର୍ବ ପୁରୁଷରୁ ପରମ୍ପରା କ୍ରମେ କମାର ଶାଳ ବୃତ୍ତି କରି ଆସୁଛନ୍ତି ଅସ୍ତରଙ୍ଗ ଅଞ୍ଚଳର ଅନେକ କାରିଗର। ଏମାନେ କୁହନ୍ତି ବୃତ୍ତି ଆମ ପୋଷେ କୁଟୁମ୍ବ। ଚଳିତ ବର୍ଷ ରୋଦ୍ରତାପ କମାର ଶାଳର କଷ୍ଟକୁ ଦ୍ୱିଗୁଣିତ କରିଛି। ସରକାରୀ ସ୍ତରରେ ସହାୟତା ମିଳିଲେ କମାର ଶାଳରେ ଜୀବିକା ନିର୍ବାହ କରୁଥିବା କାରିଗରଙ୍କ କଷ୍ଟ କିଛି ମାତ୍ରାରେ ଲାଘବ ହୁଅନ୍ତା।

## ଦୁଷ୍କର୍ମ ଅଭିଯୋଗରେ ଯୁବକକୁ କୋର୍ଟ ଚାଲାଣ

ବୈଶିଙ୍ଗା, ୨୩।୫ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କୁ ଅପହରଣ କରି ଜୋର ଜବରଦସ୍ତ ଶାରିରୀକ ସମ୍ପର୍କ ରଖିଥିବା ଅଭିଯୋଗରେ ଯୁଗପୁରା ଅଞ୍ଚଳର ରାଜେଶ ମହାରଣା ନାମକ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି ବୈଶିଙ୍ଗା ପୁଲିସ। ଅଭିଯୋଗରୁ ପ୍ରକାଶ ଯେ ପିଡିତା ଯୁବତୀ ଜଣଙ୍କ ବିବାହ କରିବା ପରେ ତାଙ୍କ ବାପ ଘରକୁ ଆସିଥିଲେ। ତେବେ ସେ କିଣାକିଣି କରିବା ପାଇଁ ବୈଶିଙ୍ଗା ବଜାର ଆସିଥିବା ବେଳେ ଅଭିଯୁକ୍ତ ତାଙ୍କୁ ଅପହରଣ କରି ନେଇ ବାଲେଶ୍ୱର ଜିଲ୍ଲାର ବସ୍ତା ଅଞ୍ଚଳରେ ଏକ ହୋଟେଲରେ ଯୋର ଜବରଦସ୍ତ ଶାରିରୀକ ସମ୍ପର୍କ ରଖିଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ପୋଲିସ ପକ୍ଷରୁ ୨୬୬ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ମାତ୍ର ଯୁବକଙ୍କ ପତ୍ତା ମିଳୁନଥିଲା। ତେବେ ଶନିବାର କୈଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି।

## ସନ୍ଦେହ ଘେରରେ ମହିଳାଙ୍କ ମୃତ୍ୟୁ



ଫୁଲବାଣୀ, ୨୩।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ସଦର ଥାନା ଅଞ୍ଚଳରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡିଛି ।କିନ୍ତୁ ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ସାଲୁଙ୍କୀ ସାହିର ଅନୁପମା ପ୍ରଧାନ। ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଦିଆଯାଇଥିବା ଏତଲା ଅନୁଯାୟୀ, ଅନୁପମା ପ୍ରଧାନ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ବିଶିପଡ଼ାର ପୁଅ ଜାଦବ ସାହାଣୀଙ୍କ ପୁଅ ସୁବେଶ ସାହାଣୀଙ୍କୁ ପ୍ରେମ କରି ବିବାହ କରିଛନ୍ତି ଏବଂ ୨୦୨୪ ମସିହାରୁ ତାଙ୍କ ଘରେ ଶାନ୍ତିପୂର୍ଣ୍ଣ ଭାବରେ ରହୁଛନ୍ତି। ସେବେଠାରୁ ତାଙ୍କ ଝିଅର ଶ୍ୱଶୁର ଘର ସହିତ କୌଣସି ପାରିବାରିକ ସମ୍ପର୍କ ନଥିଲା କାରଣ ସେମାନେ ଅନ୍ୟ ସମ୍ପ୍ରଦାୟର। ତାଙ୍କ ସ୍ୱାମୀ ଅନ୍ୟ ଏକ ଝିଅ ସହିତ ଅବୈଧ ସମ୍ପର୍କ ରଖୁଛନ୍ତି ଯାହା ପାଇଁ ସେ ତାଙ୍କ ଝିଅକୁ ୬ ରୁ ୭ ମାସ ଧରି ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିଲେ। ତାଙ୍କ ଶ୍ୱଶୁର ଘର ଲୋକେ ଯୌତୁକ ଦାବି କରିବାରୁ ତାଙ୍କ ଝିଅକୁ ନିର୍ଯାତନା ଦେଇଥିବା ଅନୁପମାଙ୍କ ବାପା ଅଭିଯୋଗ କରିଛନ୍ତି। ଅପରପକ୍ଷେ,୨୧.୦୫.୨୦୨୬ ରେ ତାଙ୍କ ସ୍ୱାମୀଙ୍କ ଜନ୍ମଦିନ ପାଳନ କରାଯାଉଥିଲା କିନ୍ତୁ ଆଜି ଅର୍ଥାତ୍ ୨୨.୦୫.୨୦୨୬ ସକାଳ ପ୍ରାୟ ୬.୦୦ ଟା ସମୟରେ ସେ ତାଙ୍କ ଝିଅର ମୃତ୍ୟୁ ସମ୍ପର୍କରେ ସୂଚନା ପାଇଲେ। ସ୍ୱାମୀଙ୍କ ଅନ୍ୟ ଜଣେ ମହିଳାଙ୍କ ସହିତ ସମ୍ପର୍କ ଥିବା ନେଇ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ରହିଥିଲା ବୋଲି ମଧ୍ୟ ବାପା ଅଭିଯୋଗ କରିଛନ୍ତି । ଏଥି ସହିତ ମଧ୍ୟାହ୍ନରେ ଶଶୁର ଘର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଝିଅର ମୃତ୍ୟୁ ଖବର ପାଇ ପରିବାର ଲୋକ ପହଞ୍ଚି ଥିଲେ। ଏହାପରେ ଝିଅକୁ ହତ୍ୟା କରାଯାଇଥିବା ନେଇ ବାପା ସଦର ଥାନାରେ ଏତଲା ଦେଇଥିଲେ।

## ମିତ୍ରପୁର ଅଞ୍ଚଳରେ ଖଣି ବିଭାଗର ଚଢ଼ାଉ, ୨ ଗାଡ଼ି ଜବତ

ନୀଳଗିରି, ୨୩।୫(ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ୪ଟା ସମୟରେ ଜୁନିୟର ମାଇନିଂ ଅଧିକାରୀ ଜଗନ୍ନାଥ ବେହେରା ଓ ସମ୍ବିତ ମାଣିକ ଅଚାନକ ମିତ୍ରପୁର ଅଞ୍ଚଳରେ ଏକ ପଡ଼ିଆ ରେ ମୋରମ ଷ୍ଟକଥିବା ମାଲିକ ଉପରେ ୨୩,୪୫୦ଟଙ୍କା ଫାଇନ କରି ଥିବା ବେଳେ ମୋରମ ଷ୍ଟକ ନିକଟରେ ଥିବା ଓଡି୦୧ଏମ୍୪୪୫୧ଏକ ପଥର ବୋଝେଇ ଟିପର ଗାଡ଼ିଟିକୁ ସିଜ କରି ଥିଲେ । ଅପରପକ୍ଷରେ ଚଣ୍ଡିପୁର ଜଙ୍ଗଲ ରୁ ଆସୁଥିବା ଏକ ପ୍ରକ୍ଲିନ କୁ ଜବତ କରି ନୀଳଗିରି ଥାନରେ ଜିମା ଦେଇଛନ୍ତି।ସୋମବାର ଦିନ ଅଫିସ ଖୋଲିଲେ ଗାଡି ଗୁଡିକ ରେ ଫାଇନ କରାଯିବା ସହ ଥାନାରେ ଅଭିଯୋଗ କରାଯିବବୋଲି ଜୁନିୟରଖଣିଅଧିକାରୀ ଶ୍ରୀ ବେହେରା କହିଛନ୍ତି।ଉକ୍ତ ଚଢ଼ାଉ ରେ ଅତିରିକ୍ତ ଏସପି ତଥା ଭାରପ୍ରାପ୍ତ ନୀଳଗିରି ଏସ୍ ଡିପିଓ ପ୍ରମୋଦ କୁମାର ମଲ୍ଲିକ, ନିଳଗିରିଆଇଆଇସି ଗୋବର୍ଦ୍ଧନ ନାୟକ, ନୀଳଗିରି ତହସିଲଦାର ସୋନମ ଦାସ ଓ ଏପିଆର ଫୋର୍ସ ସାମିଲ ଥିବା ଦେଖି ବାକୁ ମିଳିଛି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବୈଶିଙ୍ଗା, ୨୩।୫(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଧିନ ଯୁଗଳ ପଞ୍ଚାୟତର ଯୁଗଳ ଉପକଣ୍ଠ ଶାଳବଣି ଜଙ୍ଗଲ ରାସ୍ତା ପାର୍ଶ୍ୱ ଏକ ଜାମୁକୋଳି ଗଛରୁ ଜୈନିକ ଅଚିହ୍ନା ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ୍ କରିଛି ବୈଶିଙ୍ଗୀ ପୁଲିସ।

ସୂଚନା ମୁତାବକ ଶନିବାର ସକାଳେ ଏହି ଗ୍ରାମର ଜଙ୍ଗଲ ରାସ୍ତା ଦେଇ ଯାଉଥିବା ଲୋକେ ରାସ୍ତା ପାର୍ଶ୍ୱରେ ଥିବା ଏକ ଜାମୁକୋଳି ଡାଳରେ ଜୈନିକ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ । ପରେ ଗ୍ରାମରେ ଖବର ଦେବା ପରେ ଘଟଣାସ୍ଥଳରେ ଭିଡ ଜମାଇଥିଲେ ଗ୍ରାମବାସୀ।ଯୁବତୀଙ୍କୁ ଚିହ୍ନିବାକୁ ଚେଷ୍ଟା କରିଥିଲେ ମଧ୍ଯ ଚିହ୍ନି ପାରିନଥିଲେ। ପରେ ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେଇଥିଲେ।ଖବର ପାଇ ବୈଶିଙ୍ଗା ଥାନାର ଏକ ଟିମ ପହଞ୍ଚି ଶବ ଜବତ କରି ଯୁବତୀଙ୍କ ପରିଚୟ ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲା। ତେବେ ଯୁବତୀ ଜଣଙ୍କର କୌଣସି ପରିଚୟ ମିଳିପାରି ନ ଥିବା ବେଳେ ଯୁବତୀ ଜଣକ ଇନଷ୍ଟାଗ୍ରାମରେ ପ୍ରେମ କରି ଏଠାକୁ ଆସି ଜୀବନ ହାରିଥିବା ନେଇ ଚର୍ଚ୍ଚା ହେଉଛି।ତେବେ ଯୁବତୀ ଜଣକ କିଏ ? ଓ କେଉଁ ପରିସ୍ଥିତିରେ ଏଠାକୁ ଆସି ଜୀବନ ହାରିଛି ନା କିଏ ଯୁବତୀଙ୍କୁ ମାରି ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦେଉଛି ଏହି ସବୁକୁ ତଦନ୍ତ କରୁଛି ପୁଲିସ। ଯୁବତୀ ଜଣକ ଜିନ୍ସ ପ୍ୟାଣ୍ଟ ଓ ସମ୍ବଲପୁରୀ କୁର୍ତ୍ତୀ ପିନ୍ଧିଥିବା ବେଳେ ଯୁବତୀଙ୍କ ମୃତଦେହ ନିକଟରୁ ଏକ ବ୍ୟାଗ୍‌କୁ ପୁଲିସ ଜବତ କରିଛି। ବ୍ୟାଗରେ ଶାଢ଼ୀ,ନାଲି ରଙ୍ଗର ଶୀତ ଦିନିଆ ଜ୍ୟାକେଟ୍ ଓ ପାଉଡର କୁ ମଧ୍ଯ ଜବତ୍ କରିଛି।ତେବେ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତକୁ ବ୍ୟାପକ କରିଥିବା ଜଣାପଡିଛି। ଏ ନେଇ ୨୫/୨୦୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ବରିଷ୍ଠ ଜାତୀୟ ଯୁବ ପ୍ରତିଭା ବୃତ୍ତି ପାଇଲେ ନୃତ୍ୟଶିଳ୍ପୀ ସମ୍ପୂର୍ଣ୍ଣାଇନ୍ଦୁ ପାଣି

ପଟ୍ଟାମୁଣ୍ଡାଇ, ୨୩।୫(ସଂଚାର ବ୍ୟୁରୋ): ଓଡ଼ିଶାର ସର୍ବପୁରାତନ ପଞ୍ଚ-କଳା-କେନ୍ଦ୍ର ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର(ଗଡମେକର)ରେ ନୃତ୍ୟଶିଳ୍ପୀ ସମ୍ପୂର୍ଣ୍ଣାଇନ୍ଦୁ ପାଣି (ସିଲ୍ଲନ) କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆରଟି ବରିଷ୍ଠ ଜାତୀୟ ଯୁବ ପ୍ରତିଭା ବୃତ୍ତି ଲାଭ କରିଛନ୍ତି। ସୁପ୍ରସିଦ୍ଧ ନୃତ୍ୟଗୁରୁ ଲିଙ୍ଗରାଜ ପ୍ରଧାନଙ୍କ ପ୍ରଗାଢ଼ ଶିକ୍ଷାଦାନ ସହିତ ଗଡମେକର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ କୁମାର ପାଣି ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଜେନାଙ୍କ ମାର୍ଗଦର୍ଶନରେ ଏଭଳି ବିରଳ ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ମୁମ୍ବାଇସ୍ଥ ନୀତା-ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ଠାରୁ ଆରମ୍ଭ କରି ଆନ୍ତର୍ଜାତୀୟ କୋଣାର୍କ ନୃତ୍ୟ ମହୋତ୍ସବ ପର୍ଯ୍ୟନ୍ତ ସର୍ବତ୍ର ନିଜ ଧୂରୀଣ କଳାପାଟବତା ପ୍ରଦର୍ଶନ କରିଥିବା ସମ୍ପୂର୍ଣ୍ଣାଇନ୍ଦୁ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଜଣେ ସ୍ୱୀକୃତିପ୍ରାପ୍ତ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ। ନିଜ କୃତୀତ୍ୱର ନିଦର୍ଶନ ସ୍ୱରୂପ ସମ୍ପୂର୍ଣ୍ଣାଇନ୍ଦୁ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ଧଉଳି-କଳିଙ୍ଗ ନୃତ୍ୟ ମହୋତ୍ସବ, କୋଣାର୍କ ନୃତ୍ୟ-ସଙ୍ଗୀତ ମହୋତ୍ସବ, ନୂଆଦିଲ୍ଲୀ ବିଶ୍ୱ ବାଣିଜ୍ୟ ମେଳା ଓ ବିଶ୍ୱ ସାଂସ୍କୃତିକ ମହୋତ୍ସବ, ଗୌହାଟୀ ଓଡ଼ିଶା ପର୍ବ, କୋଲକାତା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ତଥା ଉତ୍କଳା ରଥଯାତ୍ରା ମହୋତ୍ସବ, ଟାଟାନଗର ଓ ବରୋଦା ଉତ୍କଳ ଦିବସ ସମାରୋହ ଆଦି ସହିତ ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲା ଓ ସୁପ୍ରସିଦ୍ଧ ଜିଲ୍ଲା ମହୋତ୍ସବମାନଙ୍କରେ ନୃତ୍ୟ ପରିବେଷଣ କରି ସୁନାମଧନ୍ୟା।

ବଡ଼ ମୂଳବସନ୍ତ ପଞ୍ଚାୟତ ନସିପୁର ନିବାସୀ ଲବ୍ଧପ୍ରତିଷ୍ଠ ସାଂସ୍କୃତିକ ବ୍ୟକ୍ତିତ୍ୱ ପିତା ସୁଶାନ୍ତ କୁମାର ପାଣି ଏବଂ ଓଡ଼ିଶୀ ସଙ୍ଗୀତ ବିଶାରଦା ମାତା ଅଞ୍ଜଳି ପାଣିଙ୍କ ସୁଯୋଗ୍ୟା କନ୍ୟା ସିଲ୍ଲନ ସମ୍ପୂର୍ଣ୍ଣା ମାତ୍ର ଛଅବର୍ଷ ବୟସରେ ପଶ୍ଚିମବଙ୍ଗ ରିଶଡାଠାରେ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ



ଜନ୍ମ ଶତବାର୍ଷିକୀରେ ଚମତ୍କାର ନୃତ୍ୟ ପରିବେଷଣ କରି ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର)ରେ ଏବଂ ପରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ବିଗତ ଦୁଇ ଦଶନ୍ଧି ଧରି ନିରବଚ୍ଛିନ୍ନ ନୃତ୍ୟଶିକ୍ଷାଲାଭ ସହିତ ମଞ୍ଚରେ ପରିବେଷଣ କରି ସେ ଆଜି ସୁନାମଧନ୍ୟା। ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରୁ "ନୃତ୍ୟଶାସ୍ତ୍ରୀ" ଓ ପ୍ରାଚୀନ କଳା କେନ୍ଦ୍ର(ଚଣ୍ଡିଗଡ଼)ରୁ "ନୃତ୍ୟ ବିଶାରଦ" ଉପାଧି ସହିତ ସୁଶ୍ରୀ ସମ୍ପୂର୍ଣ୍ଣାଇନ୍ଦୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ବିପିଏ ଡିଗ୍ରୀ ପ୍ରାପ୍ତ।

ପୂର୍ବରୁ ଓଡ଼ିଶାର ସୁପ୍ରସିଦ୍ଧ ନୃତ୍ୟଗୁରୁ କଞ୍ଚୁରୀ ଚରଣ ବେହେରା, ବିଜୟ କୁମାର ଦାଶ, ପଙ୍କଜ କୁମାର ପ୍ରଧାନ ପ୍ରମୁଖଙ୍କ ଠାରୁ ନୃତ୍ୟ ଶିକ୍ଷାପ୍ରାପ୍ତ ସମ୍ପୂର୍ଣ୍ଣାଇନ୍ଦୁ ଭବିଷ୍ୟତରେ ଜଣେ ବରେଣ୍ୟା ନୃତ୍ୟଶିଳ୍ପୀ ହେବାର ଲକ୍ଷ୍ୟ ରଖିଛନ୍ତି।

# ଏନଟିପିସି ଦର୍ଲିପାଲିରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

ସୁନ୍ଦରଗଡ, ୨୩।୫ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମେ ୨୨ ତାରିଖ ଶୁକ୍ରବାର ଦିନ ଏନଟିପିସି ଦର୍ଲିପାଲି ଗସ୍ତ କରିଥିଲେ । ଏହି ଅବସରରେ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନର୍ବାସ, ସିଏସଆର ଏବଂ ପରିବେଶ ପରିଚାଳନା ସହିତ ଜଡିତ ବିଭିନ୍ନ ପଦକ୍ଷେପ ଗୁଡ଼ିକର ସମୀକ୍ଷା କରି ଥିଲେ।

ଧଉଳିଗିରି ଅତିଥି ଭବନରେ ପହଞ୍ଚିବା ପରେ, ମନ୍ତ୍ରୀଙ୍କୁ ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ ସ୍ୱାଗତ କରିଥିଲେ ଏବଂ ସିଆଇଏସଏଫ ଦ୍ୱାରା ଗାର୍ଡ ଅଫ୍ ଅନର ସହିତ ସ୍ୱାଗତ କରାଯାଇଥିଲା। ଏହି ଗସ୍ତରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର, ଉପ- ଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଏବଂ ସୁନ୍ଦରଗଡ଼ର ପୂର୍ବତନ



ବିଧାୟିକା ଶ୍ରୀମତୀ କୁସୁମ ଟେଟେ ଉପସ୍ଥିତ ଥିଲେ।

ପ୍ରକଳ୍ପ ଅଞ୍ଚଳରେ ଭୂମି,ଗବେଷଣା, ସଂସ୍କାର ଏବଂ ସିଏସଆର ପଦକ୍ଷେପ ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ସମୟରେ, ମନ୍ତ୍ରୀ ପରିବେଶ ପ୍ରଦୂଷଣ ରୋକିବା ପାଇଁ ପ୍ରଭାବଶାଳୀ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପାଉଁଶ ବ୍ୟବହାର କାର୍ଯ୍ୟକଳାପକୁ ତୀବ୍ର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସ୍ଥାୟୀ ଉପାୟରେ ପାଉଁଶ ବ୍ୟବହାର ପାଇଁ ବିକଳ୍ପ ଉପାୟ ଅନୁସନ୍ଧାନ କରିବାକୁ ଏନଟିପିସି ଏବଂ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ। ପରିଦର୍ଶନ ସମୟରେ, ଶ୍ରୀ ପୂଜାରୀ କୋଣାର୍କ ଅଡିଟୋରିୟମରେ ବାଳିକା ସଶକ୍ତିକରଣ ମିଶନ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଅଂଶଗ୍ରହଣ କାରୀଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷା, ଆତ୍ମବିଶ୍ୱାସ ନିର୍ମାଣ ଏବଂ ଦକ୍ଷତା ବିକାଶ ପଦକ୍ଷେପ ମାଧ୍ୟମରେ ଯୁବତୀ ମାନଙ୍କୁ ସଶକ୍ତ କରିବା ପାଇଁ ଏନଟିପିସି ଦର୍ଲିପାଲିର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ, ଯାହା କି ପରିବେଶଗତ ସ୍ଥିରତା ଏବଂ ସବୁଜ ବିକାଶ ପଦକ୍ଷେପର ଗୁରୁତ୍ୱକୁ ଆହୁରି ଦୃଢ଼ କରିଥିଲା। ଏହି ଅବସରରେ ଏନଟିପିସି ଦର୍ଲିପାଲିର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ଏବଂ ପ୍ରକଳ୍ପ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ବିକାଶମୂଳକ, ସିଏସଆର ଏବଂ ପରିବେଶଗତ ପଦକ୍ଷେପ ବିଷୟରେ ସମ୍ମାନିତ ବ୍ୟକ୍ତିମାନଙ୍କୁ ଅବଗତ କରାଇଥିଲେ।

## ଟାଟା ପାୱାର ମନମୁଖୀ କାର୍ଯ୍ୟକୁ ନେଇ ତିଳକଣା ପଞ୍ଚାୟତବାସୀ ଚିନ୍ତାରେ



ନିଶ୍ଚିନ୍ତକୋଇଲି, ୨୩।୫(ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତରଗତ ତିଳକଣା ପଞ୍ଚାୟତର ଚିତ୍ରପ୍ଳା ଲୁଣା ନଦୀ ମୁହାଁଣରେ ଥିବା କଦମ ମୂଳ ଠାରେ ଟାଟା ପାୱାର ର ମନମୁଖୀ ନଦୀବନ୍ଧ ଖୋଳି କେବୁଲ ତାର ଟାଣିବା ନେଇ କିଛିଦିନ ତଳେ ତଳକଣା ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଥିଲେ,କିନ୍ତୁ ବିଗତ ୨ମାସ ବିତିଗଲାଣି ହେଲେ ପ୍ରଶାସନ କି ଟାଟା ପାୱାର ର ଅଧିକାରୀ ମାନେ ଏଥି ପ୍ରତି ଧ୍ୟାନ ଦେଉନାହାନ୍ତି,ଆଗାମୀ ଦିନରେ ମୌସୁମୀ ଆସିଯିବ ବିଗତ ଦିନରେ ଏହି ଅଞ୍ଚଳରେ ନଦୀବନ୍ଧ ଭାଙ୍ଗି ଘାଇ ହୋଇଥିଲା ଯାହାଫଳରେ ଅନେକ ଗାଁ ଜଳମଗ୍ନ ହେବାସହ ବହୁ ଧନ ଜୀବନ ନଷ୍ଟ ହୋଇଥିଲା ଆଗକୁ ବର୍ଷା ଦିନ ଆସୁଛି ବଢ଼ି ହବାର ସମ୍ଭାବନା ଥିବାବେଳେ ସ୍ଥାନୀୟ ବାସିନ୍ଦା ଭୟଭିତ ଓ ଆତଙ୍କିତ ଥିବାର ଦେଖିବାକୁ ମିଳୁଛି ତେଣୁ ଏ ପର୍ଯ୍ୟନ୍ତ କଣ ପାଇଁ ପ୍ରଶାସନିକ ଅଧିକାରୀ ମାନେ କୌଣସି ପଦକ୍ଷେପ ନେଉନାହାନ୍ତି ତାହା ସମସ୍ତଙ୍କ ମନରେ ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି ଯଦି ତୁରନ୍ତ ଏହାର ସମାଧାନ ନହୁଏ ତାହେଲେ ଆଗାମୀ ଦିନରେ ସମସ୍ତ ଗ୍ରାମବାସୀ ରାଜରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ନବରଙ୍ଗପୁରରେ ଦ୍ରୁତ ଗତିରେ ନଷ୍ଟ ହେଉଛି ଜଙ୍ଗଲ

ନବରଙ୍ଗପୁର, ୨୩।୫(ସଂଚାର ବ୍ୟୁରୋ): ଅସହ୍ୟ କରୁଛି ଗରମ ଦିନବେଳେ ତାପମାତ୍ରା ଚାଳିଶି ଡିଗ୍ରୀ ଛୁଉଛି, ବଢୁଥିବା ତାପମାତ୍ରା ସହ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ସାରିଲାଣି। ଗ୍ରୀଷ୍ମ ଋତୁରେ ଫ୍ୟାନ ଦରକାର ପଡୁନଥିଲା ଏସି, କୁଲରର ଆବଶ୍ୟକ ପଡ଼ିଲାଣି ଏମିତି ପରିସ୍ଥିତି ଏବେ ନବରଙ୍ଗପୁର ଜିଲ୍ଲାର। ନବରଙ୍ଗପୁର ଜିଲ୍ଲାରେ



ଜଙ୍ଗଲ ଦ୍ରୁତ ଗତିରେ ନଷ୍ଟ ହେଉଥିବା ଯୋଗୁଁ ପରିବେଶ ଉପରେ ଏହାର ପ୍ରଭାବ ଗୁରୁତର ଭାବେ ପଡିଛି। ବିଗତ ପାଞ୍ଚ ବର୍ଷ ରେ ଜଳବାୟୁର ବିଶେଷ ପରିବର୍ତ୍ତନ ହେଇଛି ଏହି ପରିବର୍ତ୍ତନର କାରଣ ଜଙ୍ଗଲ କ୍ଷୟକୁ ଇଙ୍ଗିତ କରୁଛନ୍ତି ସ୍ଥାନୀୟ ବାସିନ୍ଦା। ଥିବା ଜଙ୍ଗଲ କୁ ସଂରକ୍ଷଣ କରାନଗଲେ ଆଗାମୀ ଦିନ ପରିସ୍ଥିତି ଭୟାଭୟ ହେବ ବୋଲି ଚେତାବନୀ ଦେଇଛନ୍ତି।

ନବରଙ୍ଗପୁର ଜିଲ୍ଲା ପୂର୍ବଘାଟ ପାର୍ବତମାଳାର ଏକ ମାଳ ଅଂଚଳ ସମୁଦ୍ର ପତନ ଠାରୁ ୧୮୦୦ ଫୁଟ ଉଚ୍ଚତରେ ଅବସ୍ଥିତି, ଭୌଗଳିକ ସ୍ଥିତି ରେ ଦେଖିଲେ ଏହିଠାର ଜଳବାୟୁ ନା ଅତି ଉଷ୍ଣ ନା ଅତି ଶୀତ। ଶୀତ ଦିନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୧୧ ରୁ ୧୨ ଡିଗ୍ରୀ ସେଲସିୟସ ରହୁଥିବା ବେଳେ ଗ୍ରୀଷ୍ମ ଋତୁରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଯାଏ କିନ୍ତୁ ବିଗତ କିଛି ବର୍ଷ ହେଲା ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପାରଦ ପହଁଚୁଛି। ସ୍ଥାନୀୟ ଜନସାଧାରଣଙ୍କ ମତରେ ଏହାର ପ୍ରମୁଖ କାରଣ ଜଙ୍ଗଲ ହ୍ରାସ।

ନବରଙ୍ଗପୁର ଜିଲ୍ଲାରେ ଯଦିଓ କଳକାରଖାନା ନାହିଁ କିନ୍ତୁ ରାସ୍ତା ନିର୍ମାଣ ପାଇଁ ହଜାର ହଜାର ସଂଖ୍ୟାରେ ଗଛ କଟାଯାଉଛି, ଜଙ୍ଗଲ ଜମି ଅଧିକାର ଆଇନକୁ ଆଢୁଆଳ କରି ଶହ ଶହ ଏକର ଜଙ୍ଗଲ ନଷ୍ଟ କରି ମକା ଚାଷ କରାଯାଉଛି। ଚନ୍ଦାହାଣ୍ଡି କଳାହାଣ୍ଡି ସୀମାନ୍ତରେ ଥିବା ସାହାଜାଖୋଲ ଜଙ୍ଗଲ ଉତ୍ତର ଓଡିଶା ଓ ମଧ୍ୟ ଭାରତରୁ ଆସୁଥିବା ଉଷ୍ମ ବାୟୁକୁ ଶୋଷି ଶୀତଳ ବାୟୁ ଛାଡିଥାଏ କିନ୍ତୁ ଜଙ୍ଗଲ ମାଫିଆଙ୍କ ଯୋଗୁଁ ଜଙ୍ଗଲ ପଦା ହେଇଗଲାଣି ଏଣୁ ଜିଲ୍ଲାରେ ଗରମ ପ୍ରତିବର୍ଷ ନୂଆ ରେକର୍ଡ ସୃଷ୍ଟି କରୁଛି। ପ୍ରତି ବର୍ଷ ବଢୁଥିବା ତାପମାତ୍ରା କୁ ନେଇ ଜିଲ୍ଲାବାସୀ ଏବେ ଚିନ୍ତାରେ ବନ ବିଭାଗ ଜଙ୍ଗଲ କ୍ଷୟ ରକିବା ଓ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଯେତିକି ଦୃଷ୍ଟି ଦେବା କଥା ଦେଉ ନାହାନ୍ତି, ଆଇନ ସେମିତି କଡାକଡି ନାହିଁ ଯାହା ଫଳରେ କାଠ ମାଫିଆ ଅବାଧରେ ଜଙ୍ଗଲ ନଷ୍ଟ କରୁଛନ୍ତି ଯାହାର ସିଧାସଳଖ ପ୍ରଭାବ ପରିବେଶ ଉପରେ ପଡୁଛି, ବର୍ତ୍ତମାନ ଠାରୁ ଠସ ପଦକ୍ଷେପ ନନେଲେ ଆଗାମୀ ଦିନରେ ଜିଲ୍ଲାରେ ମରୁଭୂମି ଭଳି ଗରମ ଅନୁଭବ ହେବ।

## ଗ୍ଲାମ ଇଣ୍ଡିଆରେ ଚମକିଲେ କଳାହାଣ୍ଡିର ଝିଅ



କଳାହାଣ୍ଡି, ୨୩।୫ (ସଂଚାର ବ୍ୟୁରୋ): କଳାହାଣ୍ଡି ଭବାନୀପାଟଣାର ଝିଅ ଆସ୍ଥା ସବୃଦ୍ଧି ପଣ୍ଡା ସମ୍ମାନଜନକ ଗ୍ଲାମ ଇଣ୍ଡିଆରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଦ୍ୱିତୀୟ ରନର୍ସ ଅପ୍ ହେବା ସହ ଟେଲେଣ୍ଟ କ୍ରାଫ୍ଟ ହାସଲ କରି ଚମକିଛନ୍ତି । ଭୁବନେଶ୍ୱର ଏଚଏଚଆଇ ହୋଟେଲରେ ଅନୁଷ୍ଠିତ ଚଳିତ ବର୍ଷର ଗ୍ଲାମ୍ ଇଣ୍ଡିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟାନା ରାଉତରାୟ ଏବଂ ଜ୍ୟୋତି ମହାପାତ୍ର ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଆନ୍ତର୍ଜାତୀୟ ଫେସନ କୋଚ୍ ଲିୟନ ପ୍ରିନ୍ସ, ପୂର୍ବତନ ମିସ୍ ଓଡ଼ିଶା ଦିବ୍ୟଦର୍ଶୀ ମିଶ୍ର, ଫେମିନା ମିସ୍, ଓଡ଼ିଶା ଫେମ୍ ମିସ୍ କେ ଆର ସନ୍ତୋସିନୀ,ପ୍ରଖ୍ୟାତ ଡିଜାଇନର ଜିତ୍ ଜଗଜିତ, ସୋମ୍ୟରଞ୍ଜନ ରାଉତ ରାଜ୍ୟ ନିର୍ଦ୍ଦେଶକ ପ୍ରମୁଖ ଜୁରି ଭାବେ ଯୋଗ ଦେଇଥିଲେ। ସେହିପରି ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏବଂ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ସୁକାନ୍ତି ଏକାଡେମୀଠାରେ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




ସୁବର୍ଣ୍ଣପୁର, ୨୩।୫ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ର ଅଗ୍ରଣୀ ଅନୁଷ୍ଠାନ ସୁକାନ୍ତି ଏକାଡେମୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧିତ ସଭା ଅନୁଷ୍ଠିତ ହୋଇଯାଇଛି । ଗତ ତା. ୨୦/୦୫/୨୦୨୬ ରିଖ ରେ ପ୍ରକାଶିତ ଦ୍ୱାଦଶ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳ ରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୯୮ ପ୍ରତିଶତ ରଖି ସୁବର୍ଣ୍ଣପୁର ଜିଲ୍ଲା ଟପ୍ପର ହୋଇଥିବା ଆଦ୍ୟାର୍ଥ ଶେଖର ରଥ ସମେତ ୫୦୦ ମାର୍କ ରୁ ଅଧିକ ରଖିଥିବା କୃତି ଛାତ୍ର ଛାତ୍ରୀ ଏବଂ ଅଭିଭାବକ ଅଭିଭାବିକା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ଏ. ଡି.ଏମ୍, ସୁବର୍ଣ୍ଣପୁର ଯୋଗ ଦେଇଥିବା ବେଳେ ଡ. ସୌମ୍ୟାରୁପା ରଥ, ଉପଜିଲ୍ଲାପାଳ, ସୁବର୍ଣ୍ଣପୁର , ଶ୍ରୀଯୁକ୍ତ ଘନଶ୍ୟାମ ମେହେର ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସୁବର୍ଣ୍ଣପୁର ଏବଂ ଡ. ଦେବାଶିଷ ପାଣ୍ଡିଆ ,ଅଧ୍ୟକ୍ଷ, ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ଉଲୁଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ ।

# ଗୀତାଞ୍ଜଳି ସାହୁ ପାଇଲେ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

ବୈଶିଙ୍ଗା, ୨୩।୫ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଜୟଦେବ ଭବନ ପରିସରରେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲ ପକ୍ଷରୁ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୩୫ତମ ଶ୍ରାଦ୍ଧ ଦିବସରେ ଓଡ଼ିଶାର କୋଣ ଅନୁକୋଣରରୁ ଜାତୀୟ ସେବା ଯୋଜନା, ଯୁବ ରେଡ୍ କ୍ରସ୍, ଭାରତ ସ୍କାଉଟ୍ ଗାଇଡ୍, ଏନ୍ସିସି, କଳା, ସଙ୍ଗୀତ, ସାହିତ୍ୟ, ବିଜ୍ଞାନ ଓ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ମାନଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ -୨୦୨୬ ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ, ସନ୍ତରାଗଡିଆ, ବାଲେଶ୍ୱରର ଆଗ ଧାଡ଼ିର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଗୀତାଞ୍ଜଳି ସାହୁଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ୨୦୨୬ ରେ ସମ୍ବର୍ଦ୍ଧିତ କରାଯାଇଥିଲା ।



ସୂଚନା ଯୋଗ୍ୟଯେ ଗୀତାଞ୍ଜଳି ବାଲେଶ୍ୱର ଜିଲ୍ଲା , ସୋର ବ୍ଲକ୍, ମାଣତ୍ରୀ ଗ୍ରାମର ପିତା ଘନଶ୍ୟାମ ସାହୁ ଓ ମାତା କୌଶଲ୍ୟା ସାହୁଙ୍କ କନିଷ୍ଠା କନ୍ୟା, ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ, ସନ୍ତରାଗାଡିଆ, ବାଲେଶ୍ୱର ରେ ଅଧ୍ୟାପନା ସହିତ ସେ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ରକ୍ତଦାନ, ନିଶା ନିବାରଣ, ସ୍ୱାସ୍ଥ୍ୟ ସେବା ଭଳି ଅନେକ ଜନହିତକର କାର୍ଯ୍ୟମାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରହରି ଜେନା ଓ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀହରି ଶଙ୍କର ପାଣଗ୍ରାହୀଙ୍କ ମାର୍ଗଦର୍ଶନରେ କରନ୍ତି। ଏହି ପୁରସ୍କାର ପାଇବା ପରେ ତାଙ୍କୁ ଅନେକ ଆଡୁ ଶୁଭେଚ୍ଛାର ସୁଅ ଛୁଟିଛି।

ଗୀତାଞ୍ଜଳିଙ୍କ ଏହି ସଫଳତା ପାଇଁ ଫକୀରମୋହନ ବିଶ୍ୱୱିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, ବାଲେଶ୍ୱର ଜିଲ୍ଲାର ଜାତୀୟ ସେବା ଯୋଜନା ସଂଯୋଜକ ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ, ପୂର୍ବତନ ଓ ବର୍ତ୍ତମାନର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା ଓ ପ୍ରତିମା ପ୍ରଧାନ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ସ୍ୱାସ୍ଥ୍ୟ ସଚେତନତା ପୁସ୍ତିକା 'ମମତା ଦିବସ ବିଷୟରେ କିଛି ଜାଣିବା କଥା' ଉନ୍ମୋଚିତ

କେନ୍ଦ୍ରାପଡ଼ା, ୨୩।୫ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ଓ ଯୁଗ୍ମ ବୈଠକରେ ସ୍ୱାସ୍ଥ୍ୟ ସଚେତନତା ଭିତ୍ତିକ ପୁସ୍ତିକା "ମମତା ଦିବସ ବିଷୟରେ କିଛି ଜାଣିବା କଥା"ର ଶୁଭ ଉନ୍ମୋଚନ କରାଯାଇଛି। ଏହି ପୁସ୍ତିକାକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏହି ପୁସ୍ତିକାର ରଚୟିତା କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡ଼. ସୁକାନ୍ତ କୁମାର ପ୍ରଧାନ ହୋଇଥିବା ବେଳେ, ଏହାର ପ୍ରକାଶକ ହେଲେ ମହାକାଳପଡ଼ା ଓ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର



ଭାରପ୍ରାପ୍ତ ଚିକିତ୍ସକ ଡ଼. ନିରଞ୍ଜନ କର। ଏହି ପୁସ୍ତିକାଟି ଗୋଷ୍ଠୀ ସ୍ତରରେ କାର୍ଯ୍ୟରତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କ ପାଇଁ ଗୁଣାତ୍ମକ ମମତା ଦିବସ ପରିଚାଳନା ସହ ଫଳପ୍ରଦ ପରାମର୍ଶ ସେବା ପ୍ରଦାନରେ ସହାୟକ ହେବ ଏବଂ ଏହା ସ୍ୱାସ୍ଥ୍ୟ ସେବାର କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବ ବୋଲି ଡ଼. ମନୋରଞ୍ଜନ ରାଉତ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଇନ୍-ଚାର୍ଜ) ଡ଼. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମଓ (ମେଡିକାଲ) ତଥା ଓମ୍ସାର ରାଜ୍ୟ ସଭାପତି ଡ଼. କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଫାଇନାନ୍ସିଆଲ୍ ଅଧିକାରୀ ଆଶୁତୋଷ ତ୍ରିପାଠୀ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡ଼. ମନୋରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ାଙ୍କ ସହ ସମସ୍ତ ମେଡିକାଲ ଅଫିସର-ଇନ୍-ଚାର୍ଜ, ସିଡିପିଓ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ଓ ବ୍ଲକ ସ୍ତରୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଶେଷରେ ଉପସ୍ଥିତ ସମସ୍ତ ଅତିଥି ଏହି ପ୍ରୟାସ ପାଇଁ ପୁସ୍ତକର ଲେଖକ ଓ ପ୍ରକାଶକଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିରେ ଏହାର ସଫଳତା କାମନା କରିଥିଲେ।